

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ କଲେ | ୬

କାନ୍ସରେ ଦେଶୀ ଲୁକ୍‌ରେ ଐଶ୍ୱର୍ଯ୍ୟା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୫୨ Vol. 22 No-52 23 MAY 2025 FRIDAY, BHUBANESWAR ଶୁକ୍ରବାର, ୨୩ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## କଳିଙ୍ଗନଗରରେ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ସୀମାହୀନ ସୁଯୋଗର ଭୂମି




- ମୋଟ ୧ଲକ୍ଷ ୧୫ ହଜାର କୋଟିର ଶିଳ୍ପ ପ୍ରକଳ୍ପ
- ସୃଷ୍ଟି ହେବ ୩୬ହଜାର ନିଯୁକ୍ତି ସୁଯୋଗ
- ୬୬ ହଜାର କୋଟି ଟଙ୍କାର ଭିତ୍ତିପ୍ରସ୍ତର
- ୪୯ହଜାର କୋଟିର ଲୋକାର୍ପଣ
- ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ

ଭୁବନେଶ୍ୱର,୨୨।୫(ଭାସ୍କର ନ୍ୟୁଜ): ଓଡିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯାଜପୁରର କଳିଙ୍ଗନଗର ଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ, ଗୁରୁବାର ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଯାଜପୁର ଜିଲ୍ଲାରେ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି କାର୍ଯ୍ୟକ୍ରମ, ଶିଳାନ୍ୟାସ ନୁହେଁ, କି ଉଦ୍‌ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ଏକ ସଂଖ୍ୟା ନୁହେଁ । ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡ଼ିବ ନାହିଁ । ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି କଳିଙ୍ଗ ନଗର ଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା । ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ । କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ । ଆଜି ଆମ ସରକାର ନିଜର ଦୃଢ ଇଚ୍ଛା ଶକ୍ତିର ନିଦର୍ଶନ ଦେଖାଇଛନ୍ତି । ସେ କହିଥିଲେ ଯେ, ମାତ୍ର ୧୧୩ ଦିନ ମଧ୍ୟରେ • ପୃଷ୍ଠା ୫ ଦେଖନ୍ତୁ

## ୩ ବର୍ଷ ପରେ ଓଡ଼ିଶାକୁ ଫେରିଲା କରୋନା

# ରାଜଧାନୀରେ ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୨୨।୫(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ କରୋନାର ନୂଆ ଲହରକୁ ନେଇ ସାରା ଦେଶରେ ଜୋରଦାର ଚର୍ଚ୍ଚା ଧରିବା ତଥା ଦେଶରୁ ୨୫୭ଜଣ ଆକ୍ରାନ୍ତ ଚିହ୍ନଟ ହେବା ଘଟଣା ସବୁ ମହଲରେ ଆଲୋଡନ ସୃଷ୍ଟି କରିଥିବାବେଳେ ଦୀର୍ଘ ୩ ବର୍ଷ ପରେ ଓଡ଼ିଶାକୁ ପୁଣିଥରେ କରୋନା ଫେରିଥିବା ସୂଚନା ମିଳିଛି। ରାଜଧାନୀ ଭୁବନେଶ୍ୱରରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେ ନିକଟରେ ଦିଲ୍ଲୀରୁ ଫେରିଥିଲେ। ଆକ୍ରାନ୍ତ ଜଣକ ଏବେ ହୋମ୍ କ୍ୱାରେଣ୍ଟାଇନରେ ଥିବା ସୂଚନା ମିଳିଛି। ଏ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମଧ୍ୟ

### ସ୍ୱାସ୍ଥ୍ୟ ବିଭାଗ କହିଲା, ଭୟଭୀତ ହୁଅନାହିଁ

ସେ କରୋନା ଆକ୍ରାନ୍ତ ବୋଲି ନିଶ୍ଚିତ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଏଭଳି ସ୍ଥିତିରେ ରାଜ୍ୟବାସୀ ଭୟଭୀତ ନ ହୋଇ ଶାନ୍ତ ରୁହନ୍ତୁ। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ସଚିବ • ପୃଷ୍ଠା ୫ ଦେଖନ୍ତୁ

## ବିକାନେରରେ ଗର୍ଜିଲେ ମୋଦୀ

# ସିନ୍ଦୂର ଶକ୍ତିଶାଳୀ ଭାରତର ରୌଦ୍ର ରୂପ



ଜୟପୁର,୨୨।୫: ପାକିସ୍ତାନ ହେଉଛି ଆତଙ୍କବାଦର ଜନକ। ଗତ ଏପ୍ରିଲ ୨୨ରେ ପହଲଗାମ ନରସଂହାରର ପ୍ରତିଶୋଧ ନେଲା ଅପରେସନ ସିନ୍ଦୂର। ଯେତେବେଳେ ସିନ୍ଦୂର ବାରୁଦରେ ପରିଣତ ହୁଏ, ସେତେବେଳେ କ'ଣ ହୁଏ ତାହା ସାରା ଦୁନିଆ ଦେଖିଲା। ସିନ୍ଦୂର ହେଉଛି ଶକ୍ତିଶାଳୀ ଭାରତର ରୌଦ୍ର ରୂପ। ପହଲଗାମରେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ହେଲେ ସେହି ଗୁଳି ୧୪୦କୋଟି ଦେଶବାସୀଙ୍କ ଛାତିରେ ବାଜିଲା। ଦେଶବାସୀ ଏକଜୁଟ ହୋଇ ଆତଙ୍କବାଦୀଙ୍କ ମୂଳପୋଛ ପାଇଁ ସଂକଳ୍ପ ନେଲେ। ସରକାର ମଧ୍ୟ ତିନି ସେନାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଲେ। ତିନିସେନା ମିଶି ଏମିତି ଚକ୍ରବ୍ୟୁହ କଲେ ଯେ ପାକିସ୍ତାନ ମୁଣ୍ଡ ନୁଆଁଇବା ପାଇଁ ମାଧ୍ୟ ହେଲା ବୋଲି ଗୁରୁବାର ରାଜସ୍ଥାନର ବିକାନେରରେ ଆୟୋଜିତ ଏକ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଡ଼ୋଶୀ ପାକିସ୍ତାନ ଉପରେ ବର୍ଷିବା ସହ ଏହି ମନ୍ତବ୍ୟ ରଖିଛନ୍ତି। ସେ କହିଥିଲେ ଆତଙ୍କବାଦ ପାଇଁ ଏବେ ପାକିସ୍ତାନ ସେନା ଓ ପାକିସ୍ତାନ ଅର୍ଥ ବ୍ୟବସ୍ଥା ତା'ର ମୂଲ୍ୟ ଦେବ। ଏବେ ପାକିସ୍ତାନ ସହ ଆଲୋଚନା କିମ୍ବା ବାଣିଜ୍ୟ କାରବାର କିଛି ବି ହେବ ନାହିଁ। ଯଦି କେବେ ବି ଆଲୋଚନା ହୁଏ, ତେବେ ଗୋଟିଏ ପ୍ରସଙ୍ଗରେ ହେବ, ତାହା ହେଉଛି ପାକ୍ ଅଧିକୃତ କାଶ୍ମୀର ଓ ଆତଙ୍କବାଦର ବିଲୋପ। ଭାରତୀୟଙ୍କ ହକ୍‌ର ପାଣି ନେଇ ଭାରତୀୟଙ୍କ ରକ୍ତରେ ହୋଲି ଖେଳିବା ପାକିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। • ପୃଷ୍ଠା ୫ ଦେଖନ୍ତୁ

## ପାକ୍ ପ୍ରାୟୋଜିତ ଆତଙ୍କବାଦ ବିରୁଦ୍ଧରେ ଭାରତର ଅଭିଯାନ

# ବିଶ୍ୱସ୍ତରୀୟ ପ୍ରଚାରକୁ ୟୁଏଇ, ଜାପାନର ସମର୍ଥନ

ନୂଆଦିଲ୍ଲୀ,୨୨।୫: ଆତଙ୍କବାଦ ବିରୋଧରେ ବିଶ୍ୱସ୍ତରୀୟ ପ୍ରୟାସ, ଅପରେସନ ସିନ୍ଦୂରର ଏକ ଅଂଶ ଭାବରେ ଭାରତୀୟ ପ୍ରତିନିଧିଦଳ ବିଭିନ୍ନ ଦେଶକୁ ଯାଇ ପାକିସ୍ତାନର ମୁଖା ଖୋଲିବା ନେଇ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି କ୍ରମରେ ଜେଡି(ୟୁ) ସାଂସଦ ସଞ୍ଜୟ ଝା ଏବଂ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଏକ ଟିମ୍ ଜାପାନ ଓ ୟୁଏଇରେ ପହଞ୍ଚିଛନ୍ତି। ସେଠାରେ ଏହି ଟିମ୍ ପାକିସ୍ତାନ କିଭଳି ଦୀର୍ଘବର୍ଷ ଧରି ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ ଯୋଗାଇ ହିଂସାକାଣ୍ଡ ଘଟାଉଛି ସେ ନେଇ ଅବଗତ କରାଇଥିଲେ। ଗୁରୁବାର ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଗଠିତ ଟିମ୍ ୟୁଏଇ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଅଲ୍ଲି ରସିଦ ଅଲ ନୁଆଇମି ଏବଂ ସହନଶୀଳତା ମନ୍ତ୍ରୀଙ୍କ ସହ ଅନ୍ୟ କେତେକ ଅଧିକାରଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଫଳପ୍ରଦ ହୋଇଥିବା ସୂଚନା ଦିଆଯାଇଛି। ୟୁଏଇ ପ୍ରଥମ ଦେଶ ଭାବେ ପହଲଗାମ ଆକ୍ରମଣକୁ କଡ଼ା ନିନ୍ଦା କରିଥିଲା। ଭାରତର ଏକ ପ୍ରମୁଖ ସହଯୋଗୀ ଭାବରେ ତା'ର ଭୂମିକାକୁ ମଧ୍ୟ ସୁଦୃଢ଼ କରିଥିଲା। ଅନ୍ୟପକ୍ଷରେ ସଞ୍ଜୟ ଝାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧିମଣ୍ଡଳୀ ଜାପାନର ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଟିମ୍ ଆତଙ୍କବାଦ ବିରୋଧରେ ଭାରତର ପଦକ୍ଷେପ ନେଇ ଅବଗତ କରାଇଥିଲେ। ଜାପାନ ଆତଙ୍କବାଦ ବିରୋଧରେ ଭାରତର ଲଢେଇକୁ ଦୃଢ ସମର୍ଥନ କରିଥିଲା ଏବଂ ନୂଆଦିଲ୍ଲୀର ସଂଯମତାକୁ ମଧ୍ୟ ପ୍ରଶଂସା କରିଥିଲା। ଆତଙ୍କବାଦୀଙ୍କୁ ଦଣ୍ଡିତ କରିବା ପାଇଁ ଆହ୍ୱାନ ଦେବା ସହ ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଲଢିବା ପାଇଁ ସେ ତାଙ୍କର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ। ଗଠନ କରାଯାଇଥିବା ଟିମ୍‌ଗୁଡ଼ିକ ପରବର୍ତ୍ତୀ ପର୍ଯ୍ୟାୟରେ ଦକ୍ଷିଣ କୋରିଆ, ମାଲେସିଆ, ଇଣ୍ଡୋନେସିଆ, ସିଙ୍ଗାପୁର, କଙ୍ଗୋ, ଲାଇବେରିଆ ଏବଂ ସିଏରାଲିଓନ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।


ଓଡ଼ିଶା ସରକାର T-26

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା **26/05/2025** ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR 09014/11/0124/2526







ଜଲେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଜଲେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଲେଶ୍ୱର ସହରରେ ଠାକୁରଙ୍କ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆୟୋଜିତ "ପରାକ୍ରମ ଶୋଭାଯାତ୍ରା"ରେ ଭାରତୀୟ ଜନତା ପାର୍ଟିର ବହୁ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ସାମିଲ ହୋଇଥିଲେ। 'ଅପରେସନ ସିନ୍ଦୁର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି।ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସେନା ପାକିସ୍ତାନରେ ଥିବା ଆତଙ୍କବାଦୀ ଘାଟି ଉପରେ ଆକ୍ରମଣ କରି ତାଙ୍କ ପ୍ରୟାସ ଦେଖେଇଥିଲା। ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିଛି। ଆଜିର ଏହି ଶୋଭାଯାତ୍ରାରେ ବିଭିନ୍ନ ବର୍ଗର ଜନସାଧାରଣଙ୍କ ବିପୁଳ ସମାଗମ ପ୍ରତିଟି ଭାରତୀୟଙ୍କ ଅଗାଢ଼ ଦେଶପ୍ରେମ ଏବଂ ସେନା ପ୍ରତି ଥିବା ସମ୍ମାନକୁ ଦର୍ଶାଉଛି। ଆମର ଏହି ଏକତା ଏବଂ ଜାତୀୟତା ଭାବ ହିଁ ସେନାର ମନୋବଳକୁ ଆହୁରି ସୁଦୃଢ଼ କରିବ। ପରାକ୍ରମ ଶୋଭାଯାତ୍ରା ଭାବ ଏବଂ ଅଭିଯାନକୁ ଆହୁରି ବିସ୍ତୃତ କରିବା ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ ସେତେବେଳେ ବିଶ୍ୱର କୌଣସି ଦୁଷ୍ଟ ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ। ଏହି ତ୍ରିରଙ୍ଗା ଯାତ୍ରାରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବା ବିଜେପିର ଜଲେଶ୍ୱର ନିର୍ବାଚନ ମଣ୍ଡଳୀ ନେତା ମୁକେଶ ଦାସ, ପ୍ରଣବ ପ୍ରକାଶ, ଯୁବନେତା ଶ୍ରୀକାନ୍ତ ମହାନ୍ତି, ପ୍ରଦୀପ ପ୍ରଧାନ, ଯଦୁନାଥ ସାଙ୍ଗ ସମେତ ଅନେକ କାର୍ଯ୍ୟକର୍ତ୍ତା ଦାସ, ଅଶୋକ ଦାସ, ରଞ୍ଜନ ପାତ୍ର, ଜଳଧର ଦାସ, ରାଜେଶ ଖୁଣ୍ଟିଆ, ବିଶ୍ୱଜିତ ଦାସ, ସୁବ୍ରତ ରଣା, ସୁରେଶ ଦାସ, ସେକ ହସିବୁଲ, ସ୍ୱପ୍ନ କର, ଦିଲୀପ ଦାସ, ଲିପି ମିଶ୍ର, ଅନନ୍ତ ଦାସ, ଦେବଯାନୀ ଅଧିକାରୀ, ଶ୍ରୀମନ୍ତ ଘୋଷ, ନିମାଇଁ ଚରଣ ପ୍ରଧାନଙ୍କ ସମେତ ଅନେକ ସାମିଲ ହୋଇଥିଲେ।

# ଦିଗହରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

କାକଟପୁର(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଗମନା ଗମନକୁ ଦୃଷ୍ଟିରେ ରଖି ଗ୍ରାମ ରାସ୍ତାକୁ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ , ଜିଲ୍ଲା ସଦର ମହକୁମା ଓ ସହରାଞ୍ଚଳ ସହିତ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଣୟନ କରାଯାଇଥିଲା। ଏହି ଯୋଜନାରେ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତିକରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଅନୁଦାନ ରାଶି ମିଳୁଥିବା ବେଳେ ଅଧିକାଂଶ ସ୍ଥାନରେ ଏହି ଯୋଜନାର ସୁଫଳ ଲୋକଙ୍କୁ ବର୍ଷ ବର୍ଷ ଧରି ମିଳୁନଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଓ ଠିକାଦାର ପ୍ରୀତି ଯୋଗୁଁ ସରକାରୀ ଅର୍ଥ ବାଟମାରଣା ସାଙ୍ଗକୁ ବର୍ଷ ବର୍ଷ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନଥିବା କୁହାଯାଉଛି । ଯାହାରକି (ଜ୍ୱଳନ୍ତ) ଉଦାହରଣ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟ ମାନଙ୍କରେ ଦେଖିବାକୁ ମିଳୁଛି। ଏହି ସବ୍‌ଡ଼ିଭିଜନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଦିଗହରା ହୋଇ ପଡ଼ିଥିବା ବେଳେ ଅଧିକାଂଶ ରାସ୍ତାର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଏଯାବତ୍ ପୂର୍ଣ୍ଣାଙ୍ଗ ହୋଇ ପାରୁନଥିବା ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି । ଅଭିଯୋଗରୁ ଆହୁରି ପ୍ରକାଶଯେ ଠିକାଦାର ରାସ୍ତା କାର୍ଯ୍ୟ ଶେଷ କରୁନଥିବା ବେଳେ ରାସ୍ତାରେ ବିଛାଯାଇଥିବା ଗୋଡି ଯାନବାହାନ ଚଳାଚଳ ବେଳେ ଛିଟିକି ପଥଚାରୀଙ୍କ ଦେହରେ ମାଡ଼ ହେଉଛି। ସେହିଭଳି ରାସ୍ତାରେ ପଡ଼ିଥିବା ଡଷ୍ଟ ଗୁଣ୍ଡ ଉଡି ଲୋକଙ୍କ ଘର (ଦ୍ୱାର)ରେ ପଶୁଛି। ରାସ୍ତା କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ

## ଅବଧି ସରିଲାଣି ରାସ୍ତା କାର୍ଯ୍ୟ ସରୁନି

ବ୍ୟବହାର କରାଯାଉଥିବା ବେଳେ କେତେକ ସ୍ଥାନରେ ଦଦରା ପୋଲ ଉପରେ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ହେଉଛି କ୍ଷ କେଉଁଠି ନିର୍ମାଣ ହୋଇଥିବା ଗାର୍ଡ ( ୱାଲ )ରୁ ସିମେଣ୍ଟ ବାଲି ଛାଡିଲାଣିତ ଆଉ କେଉଁଠି ରାସ୍ତାରେ ବିଛା ଯାଇଥିବା ନିମ୍ନମାନର ଓ କମ ଗୋଡ଼ିର ଫଳରେ ପଥଚାରୀ ଓ ଯାନବାହାନ ଚାଳକଙ୍କ ପାଇଁ ଘାତକ ସାଜିଛି କ୍ଷ କାକଟପୁର ଗ୍ରାମ୍ୟଉନ୍ନୟନ ବିଭାଗ ସବଡ଼ିଭିଜନ ଅଧିନରେ କାକଟପୁର ନଂ ୧ କାକଟପୁର ନଂ ୨ ଅସ୍ତରଙ୍ଗ ନଂ ୧ ଅସ୍ତରଙ୍ଗ ନଂ ୨ ମୋଟ ୪ ଗୋଟି ସେକ୍ସନ ଥିବା ବେଳେ ଏହି ସବୁ ସେକ୍ସନ ଅଧିନରେ ୧୫ ରୁ ଉର୍ଦ୍ଧ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟ ଚାଲିଛି। ଏଥିମଧ୍ୟରୁ ୨ (କିମ୍ବା) ୩ ଟି ରାସ୍ତା କାର୍ଯ୍ୟକୁ ଛାଡି ଦେଲେ ଅବଶିଷ୍ଟ ରାସ୍ତା କାର୍ଯ୍ୟର ଅବଧି ଶେଷ ହୋଇ ଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ବିଭିନ୍ନ କାରଣରୁ ଶେଷ ହୋଇ ପାରୁନଥିବା କୁହାଯାଉଛି । ଏଥିପାଇଁ ବିଭାଗ ପକ୍ଷରୁ ଠିକାଦାରକୁ କାରଣ ଦର୍ଶାଅ ନୋଟିସ ( କିମ୍ବା ) ଠିକାଦାର ଉପରେ ପେନାଲିଟି କରିବାର କ୍ଷମତା ବିଭାଗର ରହିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଅସଂପୂର୍ଣ୍ଣ ଭାବେ ପଡିରହିଥିବା ଏବଂ ସଂପୃକ୍ତ କାର୍ଯ୍ୟକୁ ଠିକାନେଇଥିବା ଏଠାକାର ଠିକାଦାରମାନେ ଓଲଟି ପ୍ରତିମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରୁଛନ୍ତି ଆମକୁ ରାସ୍ତାର ସୀମା ନିର୍ଦ୍ଧାରଣ କରି ଯାଗା ଦେଖାଇ ଆମେ ରାସ୍ତା କାର୍ଯ୍ୟ ଶେଷ କରିବୁ । ଠିକାଦାର ଠାରୁ ଚିଠି ପାଇ ବିଭାଗ ନିରବଦ୍ରଷ୍ଟା ସାଜିଛି। କାରଣ ଏକାଧିକ ନିର୍ମାଣଧୀନ ମୁଖ୍ୟମନ୍ତ୍ରୀ ସଡ଼କ ପ୍ରକଳ୍ପରେ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ, ଜଙ୍ଗଲ କିସମ ଜମି ଓ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତି ସାଙ୍ଗକୁ ଜଳସେଚନ ବିଭାଗ ଠାରୁ ଅନୁମତି ନଆଣି ଏକାଧିକ କେନାଲ ବନ୍ଧକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ହେଉଥିବାରୁ କେନାଲଗୁଡିକ ସଂକୁଚିତ ହେବା କାରଣରୁ ସ୍ଥାନୀୟ ଚାଷୀ ମଧ୍ୟ ବିରୋଧ କରୁଛନ୍ତି । ରାସ୍ତା କାର୍ଯ୍ୟରେ ନାନାଦି ପ୍ରତିବନ୍ଧକ ଥିବାରୁ ଠିକାଦାର କାର୍ଯ୍ୟ ଆଗେଇ ପାରୁନଥିବା କୁହାଯାଉଛି । ଗ୍ରାମ୍ୟଉନ୍ନୟନ ବିଭାଗ ରାସ୍ତାର ଏଷ୍ଟିମେଣ୍ଟ ପ୍ରସ୍ତୁତି ପୂର୍ବରୁ ରାସ୍ତାର ସ୍ଥିତି ଆଉ ଅବସ୍ଥିତି କଣ ରହିଛି ତାହାକୁ ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଲୋକଙ୍କ ମତାମତ ନେଇ ଯଦି ଠିକ ଭାବେ ସର୍ଭେ କରି ପ୍ରକଳ୍ପ ଅନୁମୋଦନ ପରେ ଟେଣ୍ଡର ଡାକନ୍ତା ତେବେ ଠିକାଦାରକୁ ରାସ୍ତା କାର୍ଯ୍ୟରେ ନାନାଦି ପ୍ରତିବନ୍ଧକର ସାମ୍ନା କରିବାକୁ ପଡନ୍ତାନାହିଁ ବୋଲି ଅଞ୍ଚଳର ବହୁ ନିର୍ବାଚିତ ଓ ପୂର୍ବତନ ଲୋକ ପ୍ରତିନିଧି ଓ ବୁଦ୍ଧିଜୀବୀ ମାନେ ମତଦେବା ସହ ବିଗତ ୨ ବର୍ଷ ମଧ୍ୟରେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡ଼ିଭିଜନରେ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ଅନୁଦାନ ରାଶି ମିଳିଛି ଏବଂ ତାହା କିପରି କେଉଁ ସ୍ଥାନରେ ବ୍ୟୟ କରାଯାଇଛି ସେଥିପାଇଁ ଜିଲ୍ଲା ଭିଜିଲାନ୍ସ ତଦନ୍ତ ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ, ସୁରକ୍ଷା ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ସମେତ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି ।

# ନୂତନ ତହସିଲଦାରଙ୍କ ଯୋଗଦାନ



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଯୋଗ ଦେଇଛନ୍ତି ତାରିଣୀ ରଞ୍ଜନ ରାଏ। ଶ୍ରୀ ରାଏ ପୂର୍ବରୁ ଜଗତସିଂହପୁର ଜିଲ୍ଲା ଜଗତସିଂହପୁର ତହସିଲ ରେ କାର୍ଯ୍ୟରତ ଥିଲେ। ନିଆଳିର ପୂର୍ବତନ ତହସିଲଦାର ଲାଲନ ପ୍ରସାଦ ସାହୁଙ୍କ ବଦଳି ହେବାପରେ ତାଙ୍କ ସ୍ଥାନରେ ଶ୍ରୀ ରାଏ ଯୋଗଦେଇଛନ୍ତି। ରାଏ ଯୋଗ ଦେଉ ଦେଉ ନୂତନ ଭାବରେ ନିଆଳି କମିଟି ଗଢ଼ାଯାଇଥିବା କୁରାମ ବଣ୍ଟା ବଜାର କମିଟିର ସଭାପତି ଚିତ୍ତ ରଞ୍ଜନ ବେହେରା, ଉପସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ ସୁମନ୍ତ ସିଂ, ସୁମନ୍ତ ନାୟକଙ୍କ ନେତୃତ୍ୱରେ ଶତାଧିକ ଦୋକାନୀ ଉପଭୋକ୍ତା ଓ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ନିଆଳି ତହସିଲ କାର୍ଯ୍ୟାଳୟର କର୍ମଚାରୀ ବିଭିନ୍ନ ସଂଗଠନ ପକ୍ଷରୁ ରାଏଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ନିଆଳିର ପୂର୍ବତନ ତହସିଲଦାର ଶ୍ରୀ ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା କରାଯାଇଥିଲା। ନୂତନ ଭାବେ ଯୋଗ ଦେଇଥିବା ତହସିଲଦାରଙ୍କ ପାଇଁ ନିଆଳି ବଜାର ର ଉନ୍ନତି ନିମନ୍ତେ ସରକାରୀ ଜାଗା ଉଚ୍ଛେଦ ମୁଖ୍ୟ ସମସ୍ୟା ପାଲଟିବ। ତହସିଲଦାରଙ୍କୁ ସ୍ୱାଗତ ସମୟରେ ଉପସ୍ଥିତ ରହିଥିବା ପ୍ରଦୀପ୍ତ ଦଶ, ମୁରଲୀଧର ମିଶ୍ର, ଜୟନ୍ତ ବିଶ୍ୱାଳ, ଶୁଭ୍ରତ ସିଂ, ଅମ୍ୟ ରଞ୍ଜନ ମହାନ୍ତି, ନମିତା ସେଠି, ମାଧବ ସାହୁ, ସଞ୍ଜୟସାହୁ, ଅନୁୟାର ଅହମଦ ଖାନ, ସକିଲ ଖାନ, ଉପସ୍ଥିତ ରହିଥିଲେ।

# ଜଳାଶୟ ଉପରେ ଠିକାଦାରଙ୍କ ଲୋଲୁପ ଦୃଷ୍ଟି

## କୁକୁରଗାଡ଼ିଆ ବେଆଇନ ପୋତେଇ ଅଭିଯୋଗ

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ପଞ୍ଚାୟତ ରେ ଥିବା କୁକୁର ଗାଡିଆକୁ ବେଆଇନ ଭାବେ ପୋତେଇ ନେଇ ଅଭିଯୋଗ ହୋଇଛି। ଖାତା ନମ୍ବର ୧୭୧ପ୍ଲଟ ନମ୍ବର ୩୨୭ କିସମ ଜଳାଶୟ ଥିବାବେଳେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ପୋଖରୀକୁ ବେଆଇନ ଭାବେ ପୋତେଇ କରୁଛନ୍ତି। ଖରାଦିନେ ଏହି ପୋଖରୀରୁ ଗ୍ରାମବାସୀ ସମେତ ସ୍ଥାନୀୟ ଅଞ୍ଚଳ ର ଗୋରୁଗାଈ ଏହି ଜଳାଶୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରୁ ରକ୍ଷା ପାଇବା ପାଇଁ ଗାଧୋଇବା ସହ ପଶୁମାନେ ପାଣି ପିଉଥିଲେ। କିନ୍ତୁ କିଛି ପ୍ରଭାବଶାଳୀ ଲୋକ ୧୫ଦିନ ପୂର୍ବରୁ ଜଳାଶୟ ଶୁଖାଇବା ସହିତ ମାଟିପକାଇ ପୋତିଦେଉଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ନିଆଳି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବା ସହିତ ତହସିଲଦାରଙ୍କ ନିକଟରେ ଅଭିଯୋଗ ନକଲପତ୍ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଓ ଜିଲ୍ଲାପାଳଙ୍କ ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି। ଜଳାଶୟ କିସମରେ କୌଣସି କାର୍ଯ୍ୟ କରିଯାଇ ପାରିବନାହିଁ ନିୟମ ଥିବାବେଳେ ମହଙ୍ଗଡା ପଞ୍ଚାୟତରେ ଏଭଳି ବେନିୟମ କାର୍ଯ୍ୟ କରାଯାଉଛି। ଗ୍ରାମବାସୀଙ୍କ ପକ୍ଷରୁ ନିର୍ମଳ ଜେନା, ଅଭିମନ୍ୟୁ ଜେନା, ମାନକେତନ ଜେନା, ବୈରାଗୀ ମୁଦୁଲି, ନାଳମଣି ଜେନା, ହଂସନାଥ ସାହୁ, ସୁରେନ୍ଦ୍ର ଜେନା ସମେତ ୫୦ ଉର୍ଦ୍ଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି।



# ଶୀତଳା ଠାକୁରାଣୀ ମହାବିଦ୍ୟାଳୟ ଯୁକ୍ତଦୁଇ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ସଫଳତା

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଯୁକ୍ତ ଦୁଇ ପରୀକ୍ଷା ଫଳାଫଳ ବୁଧବାର ଦିନ ପ୍ରକାଶ ପାଇଛି ।ଉକ୍ତ ପରୀକ୍ଷାରେ ଖୁଲୁଡ଼ା ସ୍ଥିତ ଶୀତଳା ଠାକୁରାଣୀ ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଆନନ୍ଦର ଲହରୀ ଖେଳିଯାଇଛି । ବିଜ୍ଞାନରେ ସର୍ବାଧିକ ୪୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି ।୪୦ ଜଣ ପିଲାଙ୍କ ମଧ୍ୟରୁ ୨୯ ଜଣ ପ୍ରଥମ ଶ୍ରେଣୀରେ ଓ ୧୫ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କୌଣସିବି ଛାତ୍ରଛାତ୍ରୀ ତୃତୀୟ କିମ୍ବା ଅକୃତକାର୍ଯ୍ୟ ହୋଇ ନାହାନ୍ତି ।ଉକ୍ତ ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅଞ୍ଜନ କୁମାର ପାଳ, ପଦାର୍ଥ ବିଜ୍ଞାନର ଅଧାପକ ଦୁର୍ଗେଶ କୁମାର ନାୟକ, ନାରାୟଣ ଚନ୍ଦ୍ର ପରିଡା, ଯତୀନ କୁମାର ମିଶ୍ର, ଶୈଳେଶ ଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ କୁମାର ମିଶ୍ର, ହରେନ୍ଦ୍ର କୁମାର ସିଂ ଓ ସମୀର କୁମାର ପରିଡା, ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେବା ସହ ସେମାନଙ୍କ ଉତ୍ତରୋତ୍ତର ଭବିଷ୍ୟତ କାମନା କରିଛନ୍ତି ।

# କଳିଙ୍ଗ ପେଷାଦାର ସାମ୍ବାଦିକ ସଂଘର ବୈଠକ





କଣାସ(ଭାସ୍କର ନ୍ୟୁଜ୍): କଳିଙ୍ଗ ପେଷାଦର ସାମ୍ବାଦିକ ସଂଘର ବୈଠକ ନିରଞ୍ଜନପୁର ଗ୍ରାମର ଓଁ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ସଂଘର ସଭାପତି ମନୋଜ ଦାଶଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଯାଇଛି । ସର୍ବେ ପ୍ରଥମେ ଦୁଇଜଣ ସାମ୍ବାଦିକ ନୀଳମଣ ସାହୁ ଓ ବିକ୍ରମ ରାଓ ଙ୍କର ପରଲୋକ ହୋଯାଇଥିବାରୁ ଆମ୍ଭାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂପାଦକ ରାଜ କିଶୋର ସ୍ୱାଇଁ ସାମ୍ବାଦିକ ମାନଙ୍କ ସମସ୍ୟା ସଂପର୍କରେ ବୈଠକରେ ଉପସ୍ଥାପନ କରିଥିବା ବେଳେ ରାଜ୍ୟ ସରକାର ସଂଘକୁ ସ୍ୱୀକୃତି ପ୍ରଦାନ କରିଥିବା ସଂପାଦକ ଶ୍ରୀ ସ୍ୱାଇଁ ବୈଠକରେ ପ୍ରକାଶ କରିବା ପରେ ବୈଠକରେ ଉପସ୍ଥିତ ଥିବା ସମସ୍ତ ସାମ୍ବାଦିକ ବନ୍ଧୁମାନେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ସଂଘର ସଭାପତି , ସଂପାଦକ ଉପସଭାପତି ଓ କେତେକ କର୍ମକର୍ତ୍ତା ଦୁଇଥର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସାମ୍ବାଦିକଙ୍କ ସମସ୍ୟା ସଂପର୍କରେ ଦାବି ପତ୍ର ପ୍ରଦାନ କରିଥିଲେ । ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ସଭାରେ ଉପସଭାପତି ବିନାୟକ ମିଶ୍ର,ଚିତରଞ୍ଜନ ମହାନ୍ତି, ବିଭୂତିଭୂଷଣ ତ୍ରିପାଠୀ, ହେମନ୍ତ କୁମାର ମହାରଥୀ, ଅକ୍ଷୟ ରାଉତ, ଅଜୟ ନାୟକ,ଜୟସନ ପରିଡା,ଶାନ୍ତି ରଥ,ଦିବାକର ପ୍ରଧାନ.ଚନ୍ଦ୍ର ମାଧବ ମିଶ୍ର.ପ୍ରଶାନ୍ତ କୁମାର ଦିକ୍ଷିତ,ସୁଧିର କୁମାର,ଗଙ୍ଗାଧର ସାହୁ,ସୁବାଷ ସ୍ୱାଇଁ, କ୍ଷେତ୍ରମୋହନ ଦାଶ,ସତ୍ୟଜିତ ଦାଶ, ମାନସ ସାମଲ, ମନ୍ମଥ ମହାରଣା ଓ ବସନ୍ତ କୁମାର ପଲାଇ ପ୍ରମୁଖ ୫୦ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ ।

# ବସଷ୍ଟାଣ୍ଡରେ ନାହିଁ ସୁଲଭ ଶୌଚାଳୟ , ମହିଳାଯାତ୍ରୀ ହନ୍ତସନ୍ତ

ବୋଲଗଡ(ଭାସ୍କର ନ୍ୟୁଜ୍): ଗତ ରାଜ୍ୟ ସରକାର ଜନ ସାଧାରଣ ଓ ଯାତ୍ରୀ ମାନଙ୍କର ଗମନା ଗମନ ଓ ବିଶ୍ରାମ ପାଇଁ ବିଭିନ୍ନ ସ୍ଥାନରେ ଯାତ୍ରୀ ବିଶ୍ରାମ ଗାର ଏବଂ ସୁଲଭ ଶୌଚାଳୟ ଲକ୍ଷାଧୀକ ଟଙ୍କା ବ୍ୟୟରେ ନିର୍ମାଣ କରିଅଛନ୍ତି। ରାଜସୁନାଖଳା ବଜାର ୫୭ନମ୍ବର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଅବସ୍ଥିତ ରାଜସୁନାଖଳା ବଜାର ହେଉଛି ଏକ ମୁଖ୍ୟ ବାଣିଜ୍ୟ ପେଣ୍ଠସ୍ଥଳୀ। ରାଜସୁନାଖଳା ବଜାରକୁ ସଂଯୋଗ କରୁ ଅଛି ନୟାଗଡ ଜିଲ୍ଲା,ଖୋର୍ଦ୍ଧା ଜିଲ୍ଲା, ରଣପୁର ବ୍ଲକ ଓ ଭାପୁର ବ୍ଲକ। ଫଳରେ ପ୍ରତିଦିନ ବହୁ ବ୍ୟବସାୟୀ, ଛାତ୍ର ଛାତ୍ରୀ, ଯୁବଗୋଷ୍ଠୀ ଓ ଲୋକମାନେ ରାଜସୁନାଖଳା ବଜାର କୁ ଛୋଟ ବଡ ଯାନବାହାନ ମାଧ୍ୟମରେ ଯାତାୟାତ କରିଥାନ୍ତି। ଦୁଃଖ ଓ ଅନୁତାପର ବିଷୟ ରାଜସୁନାଖଳା ବଜାର ରେ ଯାତ୍ରୀ ମାନଙ୍କ ବିଶ୍ରାମ ପାଇଁ କୌଣସି ସରକାରୀ ବିଶ୍ରାମଗାର ନାହିଁ ।ବସ୍ ଗୁଡିକରେ ପ୍ରତିଦିନ ଯାତାୟତ କରୁଥିବା ପୁରୁଷ ଓ ମହିଳା ଯାତ୍ରୀମାନେ ଶୌଚ ଯିବା ପାଇଁ ଓ ପାନୀୟ ଜଳ ବ୍ୟବହାର କରିବାପାଇଁ ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଫଳରେ ମହିଳା ଯାତ୍ରୀ ମାନେ ଓ ଶିଶୁ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି। ସୁଲଭ ଇଣ୍ଟରନେସନାଲ ସଂସ୍ଥା ମାଧ୍ୟମରେ ରାଜସୁନାଖଳା ବଜାର ଠାରେ ସମସ୍ତ ଯାତ୍ରୀ, ବ୍ୟବସାୟୀ ଓ ଲୋକମାନଙ୍କ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣବେକ୍ଷଣ ଓ ମରାମତି ଅଭାବରୁ ସୁଲଭ ଶୌଚାଳୟ ଟି ଭଗ୍ନଅବସ୍ଥାରେ ପଡ଼ିରହିଛି ।ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପରିବେଶ ସୁରକ୍ଷା ପାଇଁ ସ୍ୱଚ୍ଛ ଭାରତ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ତାହା ରାଜସୁନାଖଳା ବଜାର ରେ ବିଫଳ ହୋଇଛି ।ତେଣୁ ଖୋର୍ଦ୍ଧା ଜିଲ୍ଲା ପାଳ ଚଞ୍ଚଳ ରାଣା ଏହାକୁ ଦୃଷ୍ଟି ଦେଇ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଗୋଟିଏ ଯାତ୍ରୀ ବିଶ୍ରାମ ଗାର ଓ ଗୋଟିଏ ସୁଲଭ ଶୌଚାଳୟ ସ୍ଥାପନ କରିବାକୁ ସମସ୍ତ ଶିକ୍ଷାବିତ, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ରାଜ ସୁନାଖଳା ଜନସାଧାରଣମାନେ ଦୃଢ ଦାବି କରିଅଛନ୍ତି।

# ଅସ୍ତରଙ୍ଗରେ ମନକିଣୁଛି ଶିବଭାଇଙ୍କ ଚା’

## ■ ଦିନକୁ ୫ଶହ କପ୍‌ରୁ ଉର୍ଦ୍ଧ୍ୱ ବିକ୍ରି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଯେଉଁଠି ଦିନରୁ ରାତି ଚା’ କେଟଲି ଥଣ୍ଡା ହୁଏନି। ହାଣ୍ଡି ନୁହେଁ ହଣ୍ଡାଏ ହଣ୍ଡାଏ ଚା’ କୁ ଢକ ଢକ କରି ପିଇ ଯାଆନ୍ତି ଲୋକେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଯେଉଁଠି ଆଖି ବୁଲାଇବେ ସେଠି ଚା 'ଦୋକାନ। ୭ଟଙ୍କା, ୧୦ଟଙ୍କା ଓ ୧୫ଟଙ୍କାର କପେ ଚା 'ର ବେପାର। କର୍ମ କ୍ଲାନ୍ତ ଜୀବନରେ କପେ ଚା 'ଆଣେ ତାଜା ପଣ। ସକାଳୁ ନିଦରୁ ଉଠି ହେଉ ବା ସନ୍ଧ୍ୟା ଗଡ଼ିବା କ୍ଷଣି ଚା 'ଟିକେ ପାଟିରେ ବାଜିଲେ ପ୍ରସନ୍ନତାର ଆହାଃ... ପଦେ ବାହାରି ପଡେ। ଚା’ପିଇବା ଅନେକଙ୍କ ପାଇଁ ଏକ ଆରାମ ଦାୟକ ଅଭ୍ୟାସ, ଯାହା ମାନସିକ ଚାପ କମାଇଥାଏ। ଅତିଥିଙ୍କୁ ଚା 'ଦେବା ଏକ ସୌଜନ୍ୟତା ହୋଇଥିବା ବେଳେ ବନ୍ଧୁଙ୍କ ମେଳରେ ଚା’ଖଟି ମନକୁ ହାଲୁକା କରିଦିଏ। ଭାଇଚାରା ଅସ୍ତରଙ୍ଗରେ ଶିବ ଭାଇ ଚା’ ଦୋକାନ ଦୀର୍ଘ ବର୍ଷ ହେଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଭିଡ଼ ଜମେ। ବୟସ ଅଳ୍ପ ହେଲେ ମଧ୍ୟ ଗ୍ରାହକଙ୍କୁ ସୁମଧୁର ସମ୍ପର୍କ ସାଙ୍ଗକୁ ସ୍ନେହଭରା କଥା ସାଙ୍ଗକୁ ଅସ୍ତରଙ୍ଗ ଅଞ୍ଚଳ ଲୋକଙ୍କ ଚା 'ଖଟି ଜମିଥାଏ। ଶିବ ମୁଦୁଲି କିନ୍ତୁ ଶିବ ଭାଇ ଚା’ଦୋକାନ କହିଲେ ସମସ୍ତେ ଜାଣନ୍ତି। ଏଠି ସସପେନ କି ଡିସି ନୁହେଁ ବରଂ ପିତଳ ବଡ଼ ହଣ୍ଡା ଅବା ବିରାଟ ଷ୍ଟିଲ ସାମଗ୍ରୀ ବସେ। ଅନେକ ସମୟରେ କାଠଚୁଲିରେ ମଧ୍ୟ ଫୁଟୁଥିବା କ୍ଷୀରକୁ ଚା 'କରି ଗ୍ରାହକଙ୍କୁ ବଢ଼ାଇ ଦିଅନ୍ତି ଶିବ ଭାଇ। ଆବଶ୍ୟକ ପଡିଲେ ସମୟ ଅଭାବ ସମୟରେ ଗ୍ୟାସ ବ୍ୟବହାର କରିଥାନ୍ତି। କୁହାଯାଏ ଶିବ ଭାଇ ଙ୍କ ଚା 'ପିଇଲେ ପାଟିକୁ ଗୁଆଘିଅ ଭଳି ସ୍ୱାଦ ଲାଗେ। ଯେହେତୁ ଘଣ୍ଟା ଘଣ୍ଟା ଧରି କ୍ଷୀର ଫୁଟୁଥାଏ ତେଣୁ ସ୍ୱାଦରେ ଶିବ ଭାଇ ଙ୍କୁ କେହି ମାତ୍ ଦେଇପାରନ୍ତି ନାହିଁ।

# ଜଳେଶ୍ୱରରେ ନିର୍ମାଣ ହେବ ସନ୍ତରଣାଗାର

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏସିଡିସି ବୈଠକରେ ନଗରପାଳ ପ୍ରଦୀପ କୁମାର ପ୍ରଧାନ ଜଳେଶ୍ୱର ସହରରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ମଧ୍ୟରେ ଏକ ସନ୍ତରଣାଗାର(ସୁଇମିଂ ପୁଲ୍) ନିର୍ମାଣର ଆବଶ୍ୟକ ବାବଦରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବକୁ ବିଧାୟକ ଶ୍ରୀ ପାତ୍ର ଗୁରୁତ୍ୱ ଦେଇ ବୈଠକରେ ଉପସ୍ଥିତ ଥିବା ଉପଜିଲ୍ଲାପାଳ ବାଲେଶ୍ୱରଙ୍କୁ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ ।ପରବର୍ତ୍ତୀ ସମୟରେ ଜଳେଶ୍ୱର ପୌରପାଳିକାର ୨୫ତମ ସାଧାରଣ ବୈଠକ ତାରିଖ ୮/୫/୨୦୨୫ ରିଖରେ ସନ୍ତରଣାଗାର (ସୁଇମିଂ ପୁଲ୍) ନିର୍ମାଣର ଆବଶ୍ୟକତାକୁ ଉପଲବ୍ଧି କରି ପରିଷଦ



ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନେବା ସହ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପତ୍ର ଲେଖିବା ପାଇଁ ଦାୟିତ୍ୱ ପ୍ରଦାନ କରିଥିଲା ।ତଦନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି। ପ୍ରକାଶ ଥାଉ କି ଉକ୍ତ ସନ୍ତରଣାଗାର (ସୁଇମିଂ ପୁଲ୍) ନିର୍ମାଣ ପାଇଁ ବିଧାୟକ ଶ୍ରୀ ପାତ୍ରଙ୍କ ପରାମର୍ଶ ଏବଂ ନଗରପାଳ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ଆଜି ବାଲେଶ୍ୱର ଉପଜିଲ୍ଲାପାଳ ଜଳେଶ୍ୱର ଗସ୍ତରେ ଆସି ଇଣ୍ଡୋର ଷ୍ଟାଡିୟମ୍ ମଧ୍ୟରେ ଥିବା ସ୍ଥାନ ପରିଦର୍ଶନ କରିଥିଲେ ।ଏହା ସହ ବିଧାୟକ ଶ୍ରୀ ପାତ୍ର ଆଜି ଅପରାହ୍ନରେ ଜିଲ୍ଲାପାଳ ବାଲେଶ୍ୱରଙ୍କୁ ଭେଟି ଏହି ସନ୍ତରଣାଗାର (ସୁଇମିଂ ପୁଲ୍) ନିର୍ମାଣ ପାଇଁ ପ୍ରସ୍ତାବ ରଖିବା ସହ ନିଜ ବିଧାୟକ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବେ ବୋଲି ଲିଖିତ ସ୍ୱୀକୃତି ଦେଇଥିବା ପୌର ଅଧକ୍ଷ ଶ୍ରୀଯୁକ୍ତ ପ୍ରଧାନ ସୂଚନା ଦେଇଛନ୍ତି।

# ଭତ୍ତା ସହାୟତାକୁ ଅନେଇ ବସିଛି ସାଧବାଣୀ



ପୁଅ ଯାଇଛି ଦାଦନ ଖଟି

କେନ୍ଦୁଝର(ଭାସ୍କର ନ୍ୟୁଜ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ନନ୍ଦରା ଗ୍ରାମରେ ରହନ୍ତି ସାଧବାଣୀ ନାୟକ। ସ୍ୱାମୀ ଅର୍ଜୁନ ନାଏକଙ୍କ ମୃତ୍ୟୁ ପରେ ପୁଅ କାମ ଧନ୍ଦା ନପାଇ ଟଙ୍କା ରୋଜଗାର ପାଇଁ ଦାଦନ ଖଟିବା ପାଇଁ ତାମିଲନାଡୁ ଚାଲିଯାଇଛି। ଘରେ ବୋହୂ ଓ ତିନି ବର୍ଷର ନାତିକୁ ନେଇ ପଡି ରହିଛି ସାଧବାଣୀ। ବୟସ ବଢ଼ିବା ସହିତ ଅଣ୍ଟା ନଇଁଗଲାଣି। ଆଶା ବାଡ଼ି ଖଣ୍ଡେ ନ ଧରିଲେ ଆଉ ଚାଲି ହେଉନାହିଁ। ଶୌଚ କରିବା ବି କଷ୍ଟ ହୋଇ ପଡୁଛି। ଆଉ ଗାଁ ନିକଟସ୍ଥ ଜଙ୍ଗଲ ଯାଇ ଜଙ୍ଗଲଜାତ ଦ୍ରବ୍ୟ ଆଣି ପାରୁଛି ନା ଘର ଚଳେଇ ପାରୁଛି। ଏବେ କେବଳ ସରକାରୀ ସହାୟତା ପାଇଁ ଅନେଇ ବସିଛି। ଭତ୍ତା ପାଇବା ପାଇଁ ପଞ୍ଚାୟତ ଓ ବ୍ଲକ ଅଫିସ ଯିବା ପାଇଁ ଆଉ ଟଙ୍କା ନାହିଁ। କହିବ କାହାକୁ ଆଉ ଗୁହାରି ବା ଶୁଣିବ କିଏ ? ବହୁ କାକୁତିମିନତି କରି ନିଜ ଅକ୍ଷମତା ପାଇଁ ଘର ପାଇଁ ଖର୍ଚ୍ଚ ଜୁଟାଇ ପାରୁନାହିଁ। ବୋହୂ ଯାହା ଏପଟ ସେପଟ କରି ଘର ଚଳାଉଛି। ହେଲେ ଅଣ୍ଟା ସଳଖ କରିବା ପାଇଁ ଚିକିତ୍ସା ସହାୟତା ପାଇଁ ଅର୍ଥ ଅଣ୍ଟୁନି। ଭତ୍ତା ହେଇଗଲେ କିଛି ଚିକିତ୍ସା ପାଇଁ ଡାକ୍ତରଖାନା ଯିବା ଆସିବା ଖର୍ଚ୍ଚ ହେଇଯିବ ବୋଲି କହିଛି ସାଧବାଣୀ। ଏ ସମ୍ବନ୍ଧରେ ହରିଚନ୍ଦନପୁର ବ୍ଲକରେ ପଚରାଉଚରା କରିବାରେ ସେମାନେ କେନ୍ଦୁଝର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଟକିଥିବା କହିଥିବା ବେଳେ ଏହାକୁ ଖୁବ ଶୀଘ୍ର କରାଯିବ ବୋଲି ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ କହିଛନ୍ତି।

# ନିଶାକୁ ନା, ନିର୍ମଳ ଜଳରେ ବିବାହ ସମ୍ପନ୍ନ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣୀ ପଞ୍ଚାୟତ ସୁନାରୀପୋଷି ଗ୍ରାମର ସୁନୀଲ କୁମାର ମୁର୍ମୁଙ୍କ ସହ ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତ ବାଘିଆ ଗ୍ରାମର ପୁନଗୀ ହେମ୍ବ୍ରମଙ୍କ ବିବାହ (ସିନ୍ଦୂର ଦାନ) ହୋଇଯାଇଛି । ହାଣ୍ଡିଆ ନିଶାକୁ ବ୍ୟବହାର ନକରି ନିର୍ମଳ ଜଳରେ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଜଣାଯାଇଛି ।ଆଦିବାସୀ ସେଙ୍ଗେଲ ଅଭିଯାନ(ଆସା)ର ରାଷ୍ଟ୍ରୀୟ ଅଧକ୍ଷ ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ବିଚାରଧାରା ଓ ଆହ୍ୱାନ କ୍ରମେ ଆଦିବାସୀ ମାଝୀ ପାରଗାନା( ସୁଶାସନ) ବ୍ୟବସ୍ଥାରେ ସମ୍ବିଧାନ ବିରୋଧି ନିଶା ସମାଜରେ ସୁଧାର ଆସିବା ସହ ଶାନ୍ତି, ପ୍ରଗତି ଓ ଏକତା ପ୍ରତିଷ୍ଠା ଉଦ୍ୟମ ସଫଳ ହୋଇଥିବା ନେଇ ଆସା ପକ୍ଷରୁ ପ୍ରକାଶ । ଉକ୍ତ ବିବାହ କାର୍ଯ୍ୟକ୍ରମରେ ଆସାର ପାଞ୍ଚପୀଢ ଉପଖଣ୍ଡ କମିଟିର ସଭାପତି ପିଥ ମାଝୀଙ୍କ ନେତୃତ୍ୱରେ କରଞ୍ଜିଆ ପ୍ରଭାରୀ ମେଘରାୟ ସୋରେନ, ବ୍ଲକ ସଭାପତି ଶାଂଖାଇ ହେମ୍ବ୍ରମ, ବ୍ଲକ ପାରଗାନା ଶ୍ରୀଧର ଟୁଡୁ, ଗୋବିନ୍ଦ ହେମ୍ବ୍ରମ, ଦେହୁରୀ ହରିହର ସୋରେନ,ସୁପାଇ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ସୁରେନ୍ଦ୍ର ସୋରେନ ଓ ବନ୍ଧୁ ବାନ୍ଧବ ପ୍ରମୁଖ ଉପସ୍ଥିତ ଥିଲେ।

# ଅସ୍ତରଙ୍ଗ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୯୯ପ୍ରତିଶତ, ବାଣିଜ୍ୟ ୯୦ ଓ କଳାରେ ୯୫ ପ୍ରତିଶତ ପାସ୍

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଯୁକ୍ତ ଦୁଇ ପରୀକ୍ଷାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ପାସହାର ୯୯ ପ୍ରତିଶତ, ବାଣିଜ୍ୟ ୯୦ ପ୍ରତିଶତ ଓ କଳାରେ ୯୫ପ୍ରତିଶତ ଚଳିତ ବର୍ଷ ଫଳାଫଳ ହୋଇଛି । ଖବର ମୁତାବକ ବୁଧବାର ଯୁକ୍ତ ଦୁଇ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ବିଜ୍ଞାନରେ ୫୨ଜଣ ଛାତ୍ର, ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧ଜଣ ପାସ ହୋଇଥିବା ବେଳେ ବିଜ୍ଞାନ ପାସ ହାର ୯୯ ପ୍ରତିଶତ ରହିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟ ରେ ୪୧ଜଣ ଛାତ୍ର, ଛାତ୍ରୀ

**ଯୁକ୍ତ ୨ ପରୀକ୍ଷା ଫଳ**

ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୦ଜଣ ହୋଇଥିବା ବେଳେ ବାଣିଜ୍ୟ ପାସ ହାର ୯୦ ପ୍ରତିଶତ ରହିଛି। ଯୁକ୍ତ ଦୁଇ କଳା ରେ ୧୧୮ଜଣ ଛାତ୍ର, ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ରେ ୧୨ଜଣ ହୋଇଥିବା ବେଳେ କଳାରେ ୯୫ ପ୍ରତିଶତ ରହିଛି। ସମସ୍ତ କୃତି ପ୍ରତିଭାମାନଙ୍କୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ହରିଶ ଚନ୍ଦ୍ର ସ୍ୱାଇଁଙ୍କ ସହ କଲେଜ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇବା ଶହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ଛାତ୍ର, ଛାତ୍ରୀଙ୍କ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ପ୍ରତିବର୍ଷ ବିଦ୍ୟାଳୟରେ ସଫଳତା ମିଳୁଛି। ଅଭିଭାବକ ମାନେ ଏଥିପାଇଁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବିଶାଳ ପରାକ୍ରମ ଶୋଭାଯାତ୍ରା



କାଳିଆପାଣି (ଭାସ୍କର ନ୍ୟୁଜ୍): ଭାରତୀୟ ସେନାର ଜୟଯାତ୍ରା ସମ୍ମାନାର୍ଥେ ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଁସୋଲ ପଞ୍ଚାୟତ କୁସୁମୁଣ୍ଡିଆ ଠାରୁ ଚିଙ୍ଗୁଡ଼ିପାଳ ପଞ୍ଚାୟତ ରଗଡା ପର୍ଯ୍ୟନ୍ତ ବିଶାଳ ପରାକ୍ରମ ଶୋଭାଯାତ୍ରା ବୁଧବାର ଦିନ ସକାଳ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ମାଇନିଂ ୱାର୍କର୍ଷ ୟୁନିଅନର ସଭାପତି ସବ୍ୟସାଚୀ ବଳସାମନ୍ତଙ୍କ ନେତୃତ୍ୱରେ ଭାଜପା ଦଳର ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇ ହାତରେ ତ୍ରିରଙ୍ଗା ଧରି ଏକ ମଟର ସାଇକେଲ ରାଲିରେ ପ୍ରଦର୍ଶନ କରିଥିଲେ। ୟୁନିଅନର ସାଧାରଣ ସମ୍ପାଦକ ବିମଳେନ୍ଦୁ ବେହୁରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ ।

# ଖବର ପ୍ରକାଶନ ପରେ ପକ୍ଷୀ ସୁରକ୍ଷା ବାହିନୀ ସଜାଗ



କଣାସ(ଭାସ୍କର ନ୍ୟୁଜ୍): ଶୀତ ଋତୁ ଆଗମନ ହେଲେ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଏସିଆ ମହାଦେଶର ବୃହତମ ହ୍ରଦ ମରାଳ ମାଳିନୀ ନୀଳାମ୍ବୁ ଚିଲିକାରେ ଆସ୍ଥାନ ଜମାଇ ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି । ଶୀତ ଋତୁ ଶେଷରେ ବିଦେଶୀ ପକ୍ଷୀମାନେ ନିଜ ନିଜ ଦେଶକୁ ଫେରିଯାଆନ୍ତି । ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିଲେ ମଧ୍ୟ ହଜାର ହଜାର ବିଦେଶୀ ପକ୍ଷୀ ଚିଲିକା ଉପକୂଳବର୍ତ୍ତୀ କଣାସ ବ୍ଲକର ଜାଗୁଲାଇପଦର, ମାଳିଶାହି, କଉଡିଖଣି, ସାହସପୁର, ବଡଓରା, ସାନଓରା, ପାଇକମରା, ଗୋପୀନାଥପୁର, ଓଗାଳପୁର, କଳାପଦର ମୌଜାର ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲୁଥିବା ଅବସ୍ଥାରେ କେତେକ ବ୍ୟକ୍ତି ପକ୍ଷୀମାନଙ୍କୁ ବିଷ ଦେବା ଓ ଫାଶ ଜାଲ ବସାଇ ପକ୍ଷୀ ଗୁଡିକୁ ମାରୁଥିବା ଗତକାଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଗତ କାଲିଠାରୁ ପକ୍ଷୀ ସୁରକ୍ଷା ଦାୟିତ୍ୱରେ ଟାଙ୍ଗୀ ବନକର୍ମଚାରୀର ପାଞ୍ଚ ଛଅ ଜଣ କର୍ମଚାରୀ ରାତ୍ରରେ ଆସି ବିଭିନ୍ନ ଗ୍ରାମରେ ଜଗି ରହୁଥିବା ଦେଖିବାକୁ ମିଳିଛି । ଆଜି ସକାଳୁ ମଧ୍ୟ ବିଭିନ୍ନ ରାସ୍ତା କଡରେ ଜଗି ରହି ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟରେ ଅନୁଧ୍ୟାନ କରୁଥିଲେ ।

# ବନ୍ଦର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପାରାଦ୍ୱୀପ(ଭାସ୍କର ନ୍ୟୁଜ୍): ପାରାଦ୍ୱୀପ ବନ୍ଦରରେ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରୁଥିବା ଅକ୍ଷୟ କୁମାର ବେହେରା ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବନ୍ଦର ସହରର ଜେସି କଲୋନୀ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବନ୍ଦର ଡାକ୍ତରଖାନାର ଉପମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଦୁର୍ଗା ପ୍ରସାଦ ସେଠୀ ଯୋଗଦେଇ ଶ୍ରୀ ବେହେରାଙ୍କ ନିଷ୍ଠାପର କାର୍ଯ୍ୟ ଓ ସମୟାନୁବର୍ତ୍ତିତା ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ବନ୍ଦରରେ ଦୀର୍ଘ ୩୩ବର୍ଷ ଧରି ସେ ସେବା ଯୋଗାଇ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରଷ୍ଟି ସୁନୀଲ ଦାସ, ଡ଼ା. ରୁନୁ ସିଂ, ଡ଼ା. ବାଦଲ ସିଂ, ଶ୍ରମିକ ନେତା ଗୁଣନିଧି ଚୌଧୁରୀ, ଅବସରପ୍ରାପ୍ତ ବର୍ଥାଙ୍ଗ ମାଷ୍ଟର ଗାଲେଖ ଚନ୍ଦ୍ର ପ୍ରଧାନ, ବିସିସିଆଇ ପ୍ରଶିକ୍ଷକ ଜର୍ଜ ପଲ ରବୀନସନ, ବନ୍ଦରର ବରିଷ୍ଠ କର୍ମଚାରୀ ଧ୍ରୁବଚନ୍ଦ୍ର ତରାଇ, ଇଂ.ତନ୍ମୟ କୁମାର ଦାସ, ଇଂ. ରମାକାନ୍ତ ନାୟକ, ନିରଞ୍ଜନ ରଥ, ବିକେ ସ୍ୱାଇଁ ଓ ସାମ୍ବାଦିକା ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗଦେଇ ଶ୍ରୀ ବେହେରାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ସଭା ଶେଷରେ ତାଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବନ୍ଦର କର୍ମଚାରୀ ସାମିଲ ହୋଇଥିଲେ।




କଟକ(ଭାସ୍କର ନ୍ୟୁଜ୍): ଏକ ଘରୋଇ ବ୍ୟାଙ୍କ ଋଣ ଜାଲିଆତି ମାମଲାରେ ହାଇକୋର୍ଟ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଦାଲତଙ୍କ ସର୍ତ୍ତ ମୁତାବକ ଅଭିଯୁକ୍ତ ଜାଲିଆତି କରିଥିବା ବ୍ୟାଙ୍କ ପରିସରକୁ ୨ ମାସ ପର୍ଯ୍ୟନ୍ତ ସଫେଇ କରିବେ । ଅଭିଯୁକ୍ତ କଟକ ଲିଙ୍କରୋଡ଼ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରେ ଦୁଇମାସ ଧରି ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ବ୍ୟାଙ୍କ ସଫେଇ କରିବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ଅଭିଯୁକ୍ତ ଆବେଦନକାରୀ ମନୋଜ୍ଞାନ ପଟ୍ଟନାୟକଙ୍କ ପକ୍ଷରୁ ଆଗତ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଏସ.କେ.ପାଣିଗ୍ରାହୀଙ୍କ ଇଜିଲାସ ଉପରୋକ୍ତ ଆଦେଶ ଦେଇଛନ୍ତି । ତେବେ ଜାମିନ ସମୟରେ ଆବେଦନକାରୀ କୌଣସି ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହିବେ ନାହିଁ କି ପ୍ରମାଣ ନଷ୍ଟ ପାଇଁ କୌଣସି ପ୍ରକାର ଉଦ୍ୟମ କରିବେ ନାହିଁ। ସେହିପରି ସ୍ଥାନୀୟ ଥାନା ଅଧିକାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଅଭିଯୁକ୍ତଙ୍କ କାମ ଉପରେ ନଜର ରଖିବେ। ଏଥିସହ ଅଭିଯୁକ୍ତ ମଧ୍ୟ ତଦନ୍ତରେ ସହଯୋଗ କରିବେ।

### କରୋନାକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ

# ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କୁ କରୋନାକୁ ନେଇ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଉପଦେଶ ଦେଇଛନ୍ତି। ରାଜ୍ୟ ସରକାର କୋଭିଡ୍ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଏବଂ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ୨୦୨୦-୨୧ ମସିହାରେ କୋଭିଡ୍ ନିୟନ୍ତ୍ରଣ ପରଠାରୁ ଦେଶର ବିଭିନ୍ନ ରାଜ୍ୟରେ କାଁ ଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ଦେଖାଯାଉଛି । ଏହି



ରୋଗର ଭୟଭୟତାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇଛି । ଜନସାଧାରଣଙ୍କର ଟୀକାକରଣ ଏବଂ ନିରନ୍ତର ସରକାରୀ ପ୍ରଚେଷ୍ଟା ଯୋଗୁ ଓଡିଶାରେ କୋଭିଡ୍ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ କାଁ ଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ସାମ୍ନାକୁ ଆସୁଛି; ଏବଂ ସେସବୁ କେସ୍‌କୁ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଚିକିତ୍ସା କରାଯାଉଛି । ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନକ ଅନୁସାରେ ଏହି କେସ୍‌ଗୁଡ଼ିକ ପୂର୍ବରୁ ଜଣାଥିବା ଅପେକ୍ଷାକୃତ ଧୀର ପ୍ରଜାତିର ଭୂତାଣୁ । ଏଗୁଡିକ ଅତି ଗୁରୁତର ରୋଗ ସୃଷ୍ଟି କରନ୍ତି ନାହିଁ । ଏହିସବୁ କେସ୍‌ର ନିରୂପଣ ଏବଂ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।

## ଲାଞ୍ଚ ନେଇ ଧରା ପଡିଲେ ଏଏସ୍ଆଇ

କଟକ(ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଗୁରୁବାର କଟକ ଜିଲ୍ଲାର ତିଗିରିଆ ଥାନାରେ କାର୍ଯ୍ୟରତ ଏଏସଆଇ ପ୍ରଦୀପ କୁମାର ବେହେରାଙ୍କୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଅଭିଯୋଗକାରୀ ଓ ତାଙ୍କ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ କାରଣରୁ ଉଭୟ ପକ୍ଷରୁ ଥାନାରେ ଲିଖିତ ଭାବେ ଅଭିଯୋଗ ହୋଇଥିଲା । ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ମାଧ୍ୟମରେ ବୁଝାମଣା ହୋଇ ଯାଇଥିଲା । ହେଲେ ସଂପୃକ୍ତ ପୋଲିସ ଅଧିକାରୀ ବୁଝାମଣା ସତ୍ତ୍ୱେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏହା ପରେ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପରେ ତାଙ୍କୁ ଧରିବାକୁ ଜାଲ ବିଛା ଯାଇଥିଲା । ଆଜି ସେ ଲାଞ୍ଚ ଅର୍ଥ ନେବା ବେଳେ ଭିଜିଲାନ୍ସ ଅଧିକାରୀ ମାନେ ତାଙ୍କୁ ଧରିଛନ୍ତି । ତାଙ୍କ ଠାରୁ ଲାଞ୍ଚ ଅର୍ଥ ଜବତ କରାଯାଇଛି । ମାମଲାର ଜାଞ୍ଚ ଜାରୀ ରହିଛି ।



ରବିନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ 'ଭାନୁମତୀ' ମଣିପୁରୀ ନାଟକର ଏକ ମନୋରମ ଦୃଶ୍ୟ

## କରୋନା ମୁକାବିଲା ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱରରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପ୍ରସଙ୍ଗରେ ମେୟର ସୁଲୋଚନା ଦାସ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, କରୋନାର ମୁକାବିଲା ପାଇଁ ବିଏମସି ପ୍ରସ୍ତୁତ ଅଛି । ଯାହା ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗର ଗାଇଡ଼ ଲାଇନ ଆସିବ ସେ ଅନୁସାରେ କାର୍ଯ୍ୟ କରାଯିବ । ପୂର୍ବରୁ ମଧ୍ୟ ମହାମାରୀ କରୋନାର ସଠିକ ମୁକାବିଲା ବିଏସସି କରିଥିଲା ଏବଂ ଏଥର ମଧ୍ୟ ଆମେ ପ୍ରସ୍ତୁତ ହୋଇକି ଅଛୁ ବୋଲି ମେୟର କହିଛନ୍ତି । ଏବେ ବିଶେଷ କିଛି କେସ ଆସିନାହିଁ । ଜନସାଧାରଣ ବିଚଳିତ ନହୋଇ ଟିକେ ସତର୍କ ରୁହନ୍ତୁ ବୋଲି ସୁଲୋଚନା ଦାସ ପରାମର୍ଶ ଦେଇଛନ୍ତି ।

## ସୁଧାକର ବୁର୍ଗି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ଅଧକ୍ଷ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ସୁଧାକର ବୁର୍ଗିଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ(ଓଏସଏସସି)ର ଅଧକ୍ଷ ଭାବରେ ନିଯୁକ୍ତ କରାଯାଇଛି।ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁଧାକର ବୁର୍ଗି ବର୍ତ୍ତମାନ ଓଏସଏସସିର ସଦସ୍ୟ ଅଛନ୍ତି। ପୂର୍ବତନ ଓଏସଏସସି ଅଧକ୍ଷ ତଥା ପୂର୍ବତନ ଡିଜିପି ଅଭୟଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ଥିଲା। ଅଭୟ ଗତ ୧୯ ତାରିଖରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଅଭୟଙ୍କ ଇସ୍ତଫା ପତ୍ରକୁ ଭଲ ଭାବରେ ବିଚାର କରିବା ପରେ, ସରକାର ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ ତାଙ୍କ ଇସ୍ତଫାପତ୍ରକୁ ତୁରନ୍ତ ଗ୍ରହଣ କରିଥିବା ନେଇ ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ବିଜ୍ଞପ୍ତିରେ ଆହୁରି କୁହାଯାଇଛି, ଅବସରପ୍ରାପ୍ତ ଆଇଏଏସ ସୁଧାକର ବୁର୍ଗିଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତେ ତାଙ୍କ ନିଜସ୍ୱ ଦାୟିତ୍ୱ ସହିତ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ ଅଧକ୍ଷ ଭାବରେ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରାଯାଉଛି।

## 'ସୁସ୍ଥ ପୃଥିବୀ ପାଇଁ ପ୍ରକୃତି ସହ ସ୍ଥାୟୀ ସମ୍ପର୍କ ସୃଷ୍ଟି ଜରୁରି'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟବାସୀଙ୍କୁ ଉତ୍ତମ ଗୁଣବତାସମ୍ପନ୍ନ ଜୀବନ ପ୍ରଦାନ କରିବା ପାଇଁ ପ୍ରକୃତି ସହିତ ସମନ୍ୱୟ ଜରୁରୀ ଏବଂ ଆମକୁ ରାଜ୍ୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମୃଦ୍ଧ ଜୈବବିବିଧତାକୁ ସୁରକ୍ଷା ଦେବାକୁ ପଡିବ। ଜମି, ଜଳ, ଜୀବ ଏବଂ ଜଙ୍ଗଲ ସମେତ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଓ ଭବିଷ୍ୟତ ପିଢ଼ି ପାଇଁ ସେମାନଙ୍କର ଉପଲବ୍ଧତା ସୁନିଶ୍ଚିତ କରିବା ଆମର ପରମ କର୍ତ୍ତବ୍ୟ । ଏ ସମ୍ବନ୍ଧରେ ପାଠ୍ୟକ୍ରମରେ ବିଭିନ୍ନ ସ୍ଥାୟୀ ବ୍ୟବହାର ଅଭ୍ୟାସ ଅନ୍ତର୍ଭୁକ୍ତ କରାଯାଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ଆବଶ୍ୟକ । ଏହି ନୀତିଗୁଡ଼ିକୁ ଆପଣେଇ ଏବଂ ସମୁଚିତ କାର୍ଯ୍ୟପନ୍ଥା ଗ୍ରହଣ କରି, ଆମେ ପ୍ରକୃତି ସହିତ ଏକ ଅଧିକ ସ୍ଥାୟୀ ଏବଂ ସୁସଂହତ ସମ୍ପର୍କ ସୃଷ୍ଟି କରିପାରିବା, ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିପାରିବା ବୋଲି





ଜଙ୍ଗଲମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି । ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଜୈବବିବିଧତା ବୋର୍ଡ ପକ୍ଷରୁ ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ ବିସ୍ତୃତ ଜୈବବିବିଧତାକୁ ସଂରକ୍ଷଣ କରିବା ଏବଂ ଏଗୁଡ଼ିକୁ ସ୍ଥାୟୀ ଓ ପୋଷଣୀୟ ଭାବରେ ବ୍ୟବହାର କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହି ଆଇନର ତିନୋଟି ଉଦ୍ଦେଶ୍ୟ ହାସଲ କରିବାରେ ବିଏମ୍‌ସିଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରେମ କୁମାର ଝା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ତୃଣମୂଳ ସ୍ତରରେ ଲୋକଙ୍କ ମଧ୍ୟରେ ଜୈବ ବିବିଧତା ଉପରେ ସଚେତନତା ସୃଷ୍ଟି ପାଇଁ ବୋର୍ଡର ପ୍ରୟାସ ପ୍ରଶଂସନୀୟ । ଅତିଥିମାନେ ଓଡ଼ିଶାର ସବୁଠାରୁ ବିପଦପୂର୍ଣ୍ଣ ଛଅଟି ଉଦ୍ଭିଦକୁ ଜଳ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବିଭିନ୍ନ ଅଂଶୀଦାରଙ୍କ ପାଇଁ ବୋର୍ଡ ଦ୍ୱାରା ପ୍ରକାଶିତ ଚାରୋଟି ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବର୍ତ୍ତମାନର ଏବଂ ଅବସରପ୍ରାପ୍ତ ଅଧିକାରୀ, ରାଜ୍ୟର ସମସ୍ତ ୩୦ ଜିଲ୍ଲାର ଜୈବ ବିବିଧତା ପରିଚାଳନା କମିଟି ସଦସ୍ୟ ଏବଂ ଅନ୍ୟାନ୍ୟ ବିଭିନ୍ନ ଅଂଶୀଦାରଙ୍କ ସହ ଅଂଶଗ୍ରହଣ କରିଥିଲେ।

## ୭୩.୬୨ ଲକ୍ଷ ଟଙ୍କାର ସାଇବର ଠକେଇ, ଜଣେ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଡିଜିଟାଲ୍ ଗିରଫ କରିବାକୁ ଧମକ ଦେଇ ଜଣେ ବ୍ୟକ୍ତିଙ୍କ ଠାରୁ ୭୩.୬୨ ଲକ୍ଷ ଠକେଇ କରିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚ, ଓଡିଶାର ସାଇବର କ୍ରାଇମ୍ ୟୁନିଟ୍ ପଶ୍ଚିମବଙ୍ଗର ହାୱଡ଼ାରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ରୋହିତ କୁମାର ଜୟସୱାଲ। ଅଭିଯୁକ୍ତ ନିକଟରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହାସହ ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରାଯାଇଛି । ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମେ ୧୫ ତାରିଖରେ ପାରାଦ୍ୱୀପ ଅଞ୍ଚଳର ଜଣେ ବ୍ୟକ୍ତି ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରୋହିତ ନିଜକୁ ସିବିଆଇ ଏବଂ ଦିଲ୍ଲୀ ପୋଲିସ କର୍ମଚାରୀ ବୋଲି ପରିଚୟ ଦେଇଥିଲା। ଏହାସହ ତାଙ୍କ ନାମରେ ବୁକ୍ ହୋଇଥିବା ଏକ ପାର୍ସଲକୁ ଦିଲ୍ଲୀ କଷ୍ଟମ୍ସ ବିଭାଗ ଜବତ କରିଛି ବୋଲି ସୂଚନା ଦେଇଥିଲା। ସେହି ପାର୍ସଲରେ ଏଟିଏମ୍ କାର୍ଡ, ୧୫ଟି ଭାରତୀୟ ପାସପୋର୍ଟ, ୨ଟି ଲାପଟପ୍, ୪ କିଲୋଗ୍ରାମ କପଡା ଏବଂ ଡ୍ରଗ୍ସ ରହିଛି ବୋଲି କହିଥିଲା। ଉକ୍ତ ପାର୍ସଲକୁ ନୂଆଦିଲ୍ଲୀର ଚାନ୍ଦନୀ ଚୌକରୁ ସଂଘାଇ (ଚୀନ୍) ପଠାଯିବାର ରହିଛି ବୋଲି ଭୟଭୀତ କରିଥିଲା। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ଟଙ୍କା ପଠାଇବାକୁ କହିଥିଲା ନ ହେଲେ ଡିଜିଟାଲ ଗିରଫ କରାଯିବ ବୋଲି ଧମକ ଦେଇଥିଲା। ଅଭିଯୋଗକାରୀ ଜଣକ ଭୟଭୀତ ହୋଇ ୭୩ ଲକ୍ଷ ୬୨ ହଜାର ଟଙ୍କା ଉକ୍ତ ଠକର ବିଭିନ୍ନ ଆକାଉଂଟକୁ ପଠାଇଥିଲା। କିଛିଦିନ ପରେ ଅଭିଯୋଗକାରୀ ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ଜାଣିବାକୁ ପାଇଥିଲେ।

## ଓର୍‌ମାସ୍ ପକ୍ଷରୁ ଓଡିଆ ପାରମ୍ପରିକ ଖାଦ୍ୟ ଓ ହସ୍ତଶିଳ୍ପ ସମ୍ଭାର





କଟକ(ଭାସ୍କର ନ୍ୟୁଜ୍): ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ କାର୍ଯ୍ୟକ୍ରମ ଅଧୀନରେ ଗୁରୁବାର କଟକ ରେଳଷ୍ଟେସନରେ ଦୁଇଟି ଷ୍ଟଲର ଶୁଭ ଉଦଘାଟନ କରାଯାଇଛି । ଏହି ଷ୍ଟଲରେ ସ୍ୱତନ୍ତ୍ର ଭାବେ ଓଡିଶାର ପାରମ୍ପରିକ କାକରା, ମଣ୍ଡା, ଆରିସା ଆଦି ପିଠା ସହ ମାଣ୍ଡିଆ ଜାତୀୟ ଶସ୍ୟରୁ ପ୍ରସ୍ତୁତ ସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀ ଯେପରିକି ଲଡ୍ଡୁ, ମୁଡୁକି, ନିମିକି ଆଦି ବିକ୍ରୟ ସହିତ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଯେପରିକି ଟେରାକୋଟା ଓ ତାରକସୀ ଏବଂ କଟକୀ, ମାଣଆବନ୍ଧ, ଖଣ୍ଡୁଆ ଆଦି ଶାଢୀ ବିକ୍ରୟ କରାଯାଉଛି । ଓରମାସର ଏହି ଅଭିନବ ପ୍ରୟାସ ଦ୍ୱାରା ଏହି ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୁନ ୩୦ ଜଣ ସଭ୍ୟାଙ୍କ ସହିତ ଅନ୍ୟ ଗ୍ରାମାଂଚଳ ଗୋଷ୍ଠୀର ଉତ୍ପାଦକମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିପିନ ବିହାରୀ ରାଉତ ମତବ୍ୟକ୍ତ କରିଛନ୍ତି । ମାଆ କାଳୀ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମାଆ ସନ୍ତୋଷୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଏହି ଷ୍ଟଲର ପରିଚାଳନା କରିବେ । କଟକ ରେଳଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ଏହି ଷ୍ଟଲଗୁଡିକ ଖୋଲାଯାଇଛି । କାର୍ଯ୍ୟକ୍ରମ ଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ସଶକ୍ତ ହେବା ସହ ଷ୍ଟେସନରେ ଓଡିଶାର ହସ୍ତଶିଳ୍ପ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ତଥା ବିକ୍ରୟ ପାଇଁ ଏକ ଉପଯୁକ୍ତ ସ୍ଥାନ ମିଳିପାରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ବନ୍ଦେ ଭାରତ ଟ୍ରେନରେ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଯାତ୍ରୀଙ୍କୁ ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ରେଳବାଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି । ଆଜିର ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସର ଡେପୁଟି ସିଇଓ ସୋନାଲି ମଜୁମଦାର, ଶ୍ରୀକାନ୍ତ ପରିଜା, ବର୍ଷାରାଣୀ ସ୍ୱାଇଁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଦିବାସୀଙ୍କ ଜମି କିଣିବେ ସରକାର, ଖୁବ୍‌ଶୀଘ୍ର ଗଠନ ହେବ କର୍ପସ୍ ଫଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଣିକି ସରକାର କିଣିବେ ଆଦିବାସୀଙ୍କ ଜମି । ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଲୋକଙ୍କ ଜମି କିଣିବେ ରାଜ୍ୟ ସରକାର । ଏଥିପାଇଁ ଖୁବଶୀଘ୍ର ସରକାର କର୍ପସ ଫଣ୍ଡ ଗଠନ କରିବାକୁ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏଥିପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି । କମିଟିରେ ଏସସି, ଏସଟି ବିଭାଗରର ପ୍ରମୁଖ ସଚିବ, ଏସ୍‌ସି, ଏସ୍‌ଟି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ । ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ । ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି, ଏସ୍‌ଟି ବିଭାଗର ଗୃହ କମିଟି, ବିଧାୟକ ମାନଙ୍କର ପରାମର୍ଶ ମଧ୍ୟ ନିଆଯିବ । ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲାପରେ ନିଷ୍ପତି ନିଆଯିବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ । ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଏବଂ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ । ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବେ । ପରେ ଜମି ମାଲିକ ଚାହିଁଲେ ପୁଣି ସେହି ଜମି କିଣିପରିବେ । କିନ୍ତୁ ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ ଏବଂ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଜମି ସେହି ବର୍ଗର ଲୋକଙ୍କୁ ନିଲାମ କରାଯିବ ବୋଲି ସୁରେଶ ପୂଜାରୀ କହିଛନ୍ତି ।

## ଜୁନ ୧୨ ଭିତରେ ରିପୋର୍ଟ କାର୍ଡ ଦେବେ ସବୁ ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବିଜେପି ସରକାରକୁ ବର୍ଷେ ପୂରଣ ହେବ। ବର୍ଷକ ଭିତରେ କଣ କରିଛନ୍ତି ସବୁ ବିଭାଗ ଜୁନ ୧୨ ତାରିଖ ଭିତରେ ରିପୋର୍ଟ କାର୍ଡ ଦେବେ। ସବୁ ବିଭାଗକୁ ଚିଠି ହୋଇଛି। ପର୍ଯ୍ୟାୟ କ୍ରମେ ଗୋଟିଏ ଗୋଟିଏ ବିଭାଗ ନିଜ ନିଜ ରିପୋର୍ଟ କାର୍ଡ ଦେଉଛନ୍ତି । ଆମ ପରଫର୍ମାନ୍ସ ୮୦ ପ୍ରତିଶତ ରୁ ଅଧିକ ଅଛି ବୋଲି ପ୍ରତିକ୍ରିୟା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ ।



ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରଠାରେ ଓସିସିଏଲ୍‌ର ୬୩ତମ ପ୍ରତିଷ୍ଠା ଦିବସକୁ ଉଦ୍‌ଘାଟନ କରୁଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ

## ୪୦ ଗ୍ରାମ୍ ବ୍ରାଉନ୍ ସୁଗର ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୈତ୍ରି ବିହାର ଥାନା ଅଞ୍ଚଳରୁ ୪୦ଗ୍ରାମର ବ୍ରାଉନ ସୁଗର ଜବତ କରିଛି କମିଶନରେଟ୍ ପୋଲିସ୍ । ଏହି ମାମଲାରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସ୍କୁଟି ଓ ମୋବାଇଲ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଚନ୍ଦନ ବେଉରିଆ, ଡି ରାଜା, କିଶୋର ଲେଙ୍କା ଓ ହରବନ୍ଧୁ ପ୍ରଧାନ । ଗିରଫ ଅଭିଯୁକ୍ତ ମାନଙ୍କ ନାଁରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ମାମଲା ରହିଛି ।ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି ଅଭିଯୁକ୍ତମାନେ ଭୁବନେଶ୍ୱରର ବିଭିନ୍ନ ବସ୍ତି ଅଂଚଳରେ ବ୍ରାଉନ ସୁଗର ବିକ୍ରି କରିବା ପାଇଁ ଆଣିଥିଲେ । କିନ୍ତୁ ତା ପୂର୍ବରୁ ସୂଚନା ପାଇଁ ପୋଲିସ ସେମାନଙ୍କୁ ଚଢାଉ କରି ଧରିପାରିଛି ।

## ସୁପର ସ୍ପେଶାଲିଟି ଓପିଡ଼ିର ଶୁଭାରମ୍ଭ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଏସଆଇ ହସ୍ପିଟାଲ, ଭୁବନେଶ୍ୱରରେ ଗୁରୁବାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଚ୍ଚ ବିଶେଷଜ୍ଞ ବହିବିଭାଗ (ସୁପର ସ୍ପେଶାଲିଟି ଓପିଡ଼ି ) ଚିକିତ୍ସାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି ସେବା ହାଇ-ଟେକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱରଙ୍କ ସହଭାଗିତାରେ କାର୍ଯ୍ୟକାରୀ ହେବ । ଏଥିରେ ଉଚ୍ଚ ବିଶେଷଜ୍ଞ ଚିକିତ୍ସା ଯଥା ଇଉରୋଲୋଜି, କାର୍ଡିଓଲୋଜି, ଅଙ୍କୋଲୋଜି, ନ୍ୟୁରୋସର୍ଜରୀ, ନେଫ୍ରୋଲୋଜି, ନିଉରୋଲୋଜି ଏବଂ ଏଣ୍ଡୋକ୍ରାଇନୋଲୋଜିର ସୁବିଧା ରହିଛି। କର୍ମଚାରୀ ରାଜ୍ୟ ବୀମା ଯୋଜନା ଏକ ବହୁମୁଖୀ ସ୍ୱାସ୍ଥ୍ୟ ବୀମା ଓ ସାମାଜିକ ସୁରକ୍ଷା ଯୋଜନା ଯେଉଁଥିରେ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ । ଏହି ଯୋଜନା ଓଡ଼ିଶାରେ ୧୯୬୦ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି । ବର୍ତ୍ତମାନ ଏହି ଯୋଜନାରେ ଓଡ଼ିଶାରେ ୪ ଗୋଟି ହସ୍ପିଟାଲ ଓ ୫୩ଟି ଡିସପେନ୍ସାରୀ ମାଧ୍ୟମରେ ପ୍ରାୟତଃ ୧୦ ଲକ୍ଷ ବୀମାଭୁକ୍ତ କର୍ମଚାରୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି । ଏତଦ୍ ବ୍ୟତୀତ ଆଉ ୫ଟି ନୂତନ ଡାକ୍ତରଖାନା ଖୋଲାଯିବାର ପ୍ରସ୍ତାବ ରହିଛି। ହିତାଧିକାରୀମାନଙ୍କୁ ସମ୍ପୂର୍ଣ ଚିକିତ୍ସା ସେବା ଯୋଗାଇଦେବା କର୍ମଚାରୀ ରାଜ୍ୟ ବୀମା ଯୋଜନାର ମୂଳ ଲକ୍ଷ୍ୟ । ନିକଟରେ ପ୍ରଥମ କରି ଭୁବନେଶ୍ୱରରେ କର୍ମଚାରୀ ରାଜ୍ୟ ବୀମା ( ଇଏସ୍ଆଇ) ହସ୍ପିଟାଲରେ ଡ଼ାଏଲେସିସ ୟୁନିଟ ଖୋଲାଯାଇଛି ।

## ସଂରକ୍ଷଣ ଦାବିରେ କଂଗ୍ରେସର ଗଣଧାରଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ପାଇଁ ନାର୍ଯ୍ୟ ଆରକ୍ଷଣ ଦାବିରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଗୁରୁବାର ଦିବା ୧୦ ଘଟିକାରୁ ୨୪ ଘଣ୍ଟିଆ ଧାରଣା ଦିଆଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଧାରଣା ସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ କେନ୍ଦ୍ର ସରକାର ତରବରିଆ ଭାବେ ଭୟରେ ଜାତି ଜନଗଣନା କରିବାପାଇଁ ଯେଉଁ ନିଷ୍ପରି ଗ୍ରହଣ କରିଛନ୍ତି ଏହାର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କର । ଓବିସି ବର୍ଗ ପାଇଁ ମଣ୍ଡଳ କମିଶନ ଯେଉଁ ରିପୋର୍ଟ ଦେଲେ ସେଥିରେ ନିଯୁକ୍ତି ଏବଂ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯିବାପାଇଁ ମନମୋହନ ସିଂ ସରକାର ଧାର୍ଯ୍ୟ



କରିଥିଲେ । ୨୦୦୫ ମସିହାରେ ସମ୍ବିଧାନର ୯୩ତମ ସଂଶୋଧନ କରି ମନମୋହନ ସିଂ ସରକାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସି ମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କଲେ । ଯାହାଫଳରେ ଏମ୍‌ସ, ଆଇଆଇଟି, ଆଇଆଇଏମ୍ ଏବଂ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣର ସୁଯୋଗ ପାଇଲେ । ଓଡ଼ିଶାର ମୋହନ ସରକାର ଏହି ବର୍ଗକୁ ଉପେକ୍ଷା କରି ସାଧାରଣ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରଖିଛନ୍ତି । ରାଜ୍ୟରେ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ମେଡିକାଲ ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମରେ ମାତ୍ର ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଛି । ଏହା ଦୁର୍ଭାଗ୍ୟଜନକ। କଂଗ୍ରେସ ଦାବି କରିଛି ଓବିସି ଏବଂ ଏସିବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ଆରକ୍ଷଣ ଏବଂ ଏହି ବର୍ଗର ବେକାର ଯୁବକ ଯୁବତୀ ମାନଙ୍କପାଇଁ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ। ସ୍ଥାନ ସଂରକ୍ଷଣର ସୁଯୋଗ ହରାଇଥିବା ଓବିସି ଓ ଏସିବିସି ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ଏହାର କ୍ଷତି ଭରଣା କରାଯାଉ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସହ ପ୍ରଭାରୀ ରୋଜାଲିନା ତିର୍କି, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ଶିବାନନ୍ଦ ରାୟ, ଅମର ପ୍ରଧାନ, ସୁରେଶ କୁମାର ରାଉତରାୟ, ରାମଚନ୍ଦ୍ର ଖୁଂଟିଆ, ଅନନ୍ତ ପ୍ରସାଦ ସେଠୀ, ସମୀର ରାଉତରାୟ, ଅଶୋକ ଦାସ, ରମେଶ ଜେନା, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ମଙ୍ଗୁ ଖୁଲ, ପ୍ରଫୁଲ ପ୍ରଧାନ, ଡ. ଲଲାଟେନ୍ଦୁ ମହାପାତ୍ର, ସନ୍ତୋଷ ସିଂ ସାଲୁଜା, ଉଦିତ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗ ଦେଇଥିଲେ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ମାଓହିଂସା ଉପରେ ଅନ୍ତିମ ପ୍ରହାର

## ସର୍ବୋଚ୍ଚ ନେତାଙ୍କ ନିପାତ ପରେ ମୁରବିଶୂନ୍ୟ ସଂଗଠନ

ହିଂସାତ୍ମକ ବିପ୍ଲବରେ ବିଶ୍ୱାସୀ ନକ୍ସଲ ବା ମାଓବାଦୀ ମୁରବିଶୂନ୍ୟ ହୋଇପଡ଼ିଛନ୍ତି । ଆମ ଦେଶରେ ମାଓ ସଂଗଠନର ସର୍ବୋଚ୍ଚ ନେତା ତଥା କେନ୍ଦ୍ରୀୟ ସଂଗଠନର ସାଧାରଣ ସମ୍ପାଦକ ଏନ୍ କେଶବ ରାଓ ଓରଫ ବାସବରାଜ୍ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ଟଳି ପଡ଼ିବା ଫଳରେ ଏହି ଉଗ୍ର ବାମ ସଂଗଠନକୁ ମିଳିଛି ଅନ୍ତିମ ପ୍ରହାର । ଏବେ ଲାଲଗଡ଼ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଥିବା ବେଳେ ସଂଗଠନର ମେରୁଦଣ୍ଡ ସମ୍ପୂର୍ଣ୍ଣ ଦୋହଲି ଯାଇଛି । ବାସବରାଜ୍‌କୁ ଧରାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କାର ପୁରସ୍କାର ଘୋଷଣା ହୋଇଥିବା ବେଳେ ବୁଧବାର ଦିନ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଏଥିରେ ୩୦ଜଣ ନକ୍ସଲ ନିପାତ ହେବା ସୁରକ୍ଷା କର୍ମୀଙ୍କ ପାଇଁ ଏକ ବଡ଼ ସଫଳତା ଆଣି ଦେଇଛି । ଏଇ ନିକଟରେ ନକ୍ସଲ ବା ମାଓବାଦୀଙ୍କ ହିଂସାତ୍ମକ କାର୍ଯ୍ୟକଳାପ ବିରୋଧରେ ଅନ୍ୟଏକ ଅଭିଯାନରେ ଛତିଶଗଡ଼-ତେଲେଙ୍ଗାନା ସୀମାର କୁରାଗୁଟାଲୁ ଜିଲ୍ଲାରେ ୩୧ଜଣ କୁଖ୍ୟାତ ମାଓକ୍ୟାଡରଙ୍କୁ ନିପାତ କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ନିଜେ ଏକ ଟ୍ୱିଟ୍ ମାଧ୍ୟମରେ ଏହି ସୂଚନା ଦେବା ସହିତ ସୁରକ୍ଷାବାହିନୀର ଯବାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରା ଭାରତକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଯେଉଁ ସଂକଳ୍ପ ନେଇଛନ୍ତି, ଏହି ଦୁଇଟି କାର୍ଯ୍ୟାନୁଷ୍ଠାନ ପରେ ତାହା ସତ୍ୟ ପ୍ରମାଣିତ ହେବାକୁ ଯାଉଛି । ଗତ କିଛିଦିନ ଧରି ମାଓ ଅଧ୍ୟୁଷିତ ଛତିଶଗଡ଼ ଓ ଅନ୍ୟ କେତେକ ରାଜ୍ୟରେ 'ମାଓବାଦୀ ନିପାତ ଅଭିଯାନ' ଜୋରଦାର ହେବା ପରେ ସେମାନେ ଭୟଭୀତ ହୋଇପଡିଥିବା ଭଳି ମନେହେଉଛି । ସଶସ୍ତ୍ର ବିପ୍ଳବ ଓ ହିଂସାକାଣ୍ଡ ଜରିଆରେ ଶାସନ କ୍ଷମତା ଦଖଲ କରିବା ନକ୍ସଲବାଦ୍ କିମ୍ବା ମାଓବାଦ୍‌ର ମୂଳ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ ନିମନ୍ତେ ନକ୍ସଲପନ୍ଥୀମାନେ ଗତ ଅନେକ ବର୍ଷ ଧରି ଆମ ଦେଶର ବିଭିନ୍ନ ସ୍ଥାନରେ ହିଂସା, ରକ୍ତପାତ ଓ ଅରାଜକତା ସୃଷ୍ଟି କରିଚାଲିଛନ୍ତି । ୧୯୬୭ ମସିହାରେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗର ଶିଲିଗୁଡ଼ି-ଦାର୍ଜିଲିଂ ଅଞ୍ଚଳର ଏକ ଛୋଟ ଗ୍ରାମ ନକ୍ସଲବାଡ଼ିରୁ ମୁଣ୍ଡ ଟେକିଥିବା ଏହି ହିଂସାତ୍ମକ ଚାଷୀ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଦେଶର ବହୁ ରାଜ୍ୟକୁ ବ୍ୟାପି ଯାଇଥିଲା । ଗୋଟିଏ ସମୟରେ ଆମ ଦେଶର ୧୯ଟି ରାଜ୍ୟରେ ନକ୍ସଲପନ୍ଥୀ ବା ମାଓବାଦୀମାନେ ସେମାନଙ୍କର ପ୍ରଭାବ ପତିଆରା ଜାହିର କରିଥିଲେ, ଯାହା ସାମଗ୍ରିକ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବଡ଼ ଆହ୍ୱାନ ରୂପେ ଦେଖାଦେଲା । କେବଳ ସୁରକ୍ଷାକର୍ମୀ ବା ଧନୀ ଜମିଦାର୍ ସେମାନଙ୍କ ହିଂସାତ୍ମକ ଆକ୍ରମଣର ଶିକାର ହେଲେ ନାହିଁ, ଇନଫର୍ମର୍ ସନ୍ଦେହରେ ଅନେକ ନିରୀହ ନାଗରିକଙ୍କ ଜୀବନ ମଧ୍ୟ ସେମାନେ ଲୁଟି ନେଇଥିଲେ । ତେବେ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଯୋଗୁ ନକ୍ସଲ ଆନ୍ଦୋଳନ ଅନେକାଂଶରେ ନିୟନ୍ତ୍ରଣାଧୀନ ହୋଇପାରିଛି । ଏବେ ଦେଶର ଅଳ୍ପ କେତୋଟି ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ସୀମିତ ରହିଛି, ଯାହା ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ ଏବଂ ଆମ ଓଡ଼ିଶାର କିଛି ଅଞ୍ଚଳ ଅନ୍ତର୍ଭୁକ୍ତ । ଏହିସବୁ ରାଜ୍ୟ ମଧ୍ୟରୁ ଛତିଶଗଡ଼କୁ ନକ୍ସଲପନ୍ଥୀଙ୍କ ଏକ ଅଭେଦ୍ୟ ଗଡ଼ ରୂପେ ବିଚାର କରାଯାଉଛି । ଏଠାରେ ସୁରକ୍ଷା କର୍ମୀଙ୍କ ସହ ସେମାନଙ୍କର ବହୁ ସମୟରେ ସଂଘର୍ଷ ଓ ଗୁଳି ବିନିମୟ ହେବାର ଦେଖାଯାଇଥାଏ । ଏହି ଦୀର୍ଘକାଳୀନ ଅଭିଯାନରେ ଉଭୟ ପକ୍ଷରୁ ଅସଂଖ୍ୟ ଜୀବନହାନି ହୋଇଛି । ଏଇ କିଛିଦିନ ହେଲା ଛତିଶଗଡ଼ରେ ମାଓ ଦମନ ଅଭିଯାନ ଖୁବ୍ ଜୋରଦାର ହେବା ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ବହୁ ସଂଖ୍ୟକ ମାଓବାଦୀ ପ୍ରାଣ ହରାଇଥିବା ଖବର ହସ୍ତଗତ ହୋଇଛି । କିଛିଦିନ ତଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ଼ର ବିଜାପୁର ଏବଂ ଦାନ୍ତେୱାଡ଼ାରେ ଯବାନ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୩୦ଜଣ ମାଓବାଦୀ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ୨୬ଜଣ ବିଜାପୁରରେ ଓ ୪ଜଣ ଦାନ୍ତେୱାଡାରେ ମରିଥିବା ବେଳେ ଜଣେ ଯବାନ୍ ଶହୀଦ ହୋଇଥିଲେ । ଏହି ଘଟଣା ପରେ ମାଓ ଦମନ ଅଭିଯାନକୁ ଆଗକୁ ଆହୁରି ଜୋରଦାର କରାଯିବ ବୋଲି ବସ୍ତର ଆଇ.ଜି ସୂଚନା ଦେଇଥିଲେ ଏବଂ ଏଯାବତ୍ ଏହା ଅବ୍ୟାହତ ରହିଛି । ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ନିକଟରେ ଏକ ବୟାନ ଜାରିକରି ସ୍ୱୀକାର କରିଥିଲେ ଯେ ଗତ ୧୫ମାସରେ ସେମାନଙ୍କର ୪ଶହ ସାଥୀ ନିପାତ ହୋଇଛନ୍ତି । ତେଣୁ ସରକାରଙ୍କ ଏହି ନିପାତ ଅଭିଯାନ ବନ୍ଦ ହେଲେ ଅସ୍ତ୍ରବିରତି କରିବାକୁ ସେମାନେ ସମ୍ମତ ଅଛନ୍ତି । ତାଙ୍କର ଏହି ସୂଚନା ଦେଶକୁ ମାଓମୁକ୍ତ କରିବା କ୍ଷେତ୍ରରେ କିଛିଟା ଆଶାର ଆଲୋକ ଦେଲା ଭଳି ମନେହେଉଛି ।

# ସାନ୍ତାଳ ସମାଜ ଓ ସାହିତ୍ୟରେ ତିନି ମହାମନିଷୀ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର
ମୋ:୯୩୩୭୪୦୪୨୫୪

ଆଦିବାସୀ ବହୁଳ ଓଡ଼ିଶା ରାଜ୍ୟରେ ୬୨ ପ୍ରକାର ଜନଜାତିର ଆଦିବାସୀ ବସବାସ କରନ୍ତି । ସେମାନଙ୍କ ମଧ୍ୟରୁ ୨୧ ଜନଜାତିଙ୍କର ଭାଷା ବଞ୍ଚିରହିଥିବା ବେଳେ ଅନ୍ୟ ଜନଜାତିଙ୍କର ଭାଷା ପ୍ରାୟ ବିଲୁପ୍ତ ମୁଖରେ କିନ୍ତୁ ସେମାନଙ୍କ ସମାଜ, କଳା ଏବଂ ସଂସ୍କୃତି ଓଡ଼ିଆ ସାହିତ୍ୟରେ ବେଶ୍ ପ୍ରତିଫଳିତ ହୁଏ, ତାହା କବିତା, ଗଳ୍ପ, ଉପନ୍ୟାସ ଏବଂ ନାଟକମାନଙ୍କରେ ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ ସେମାନଙ୍କ ଘରଦ୍ୱାର ଏବଂ ଜୀବନଶୈଳୀ କିଭଳି ଅତୀତରେ ରହିଥିଲା, ତାହା ରାଜ୍ୟ ଆଦିବାସୀ ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି । ମାତ୍ର ସାନ୍ତାଳୀ ସାହିତ୍ୟରେ ସମାଜ ଏବଂ ସଂସ୍କୃତି କିପରି ଅଗ୍ରଗତି ପଥରେ ଆଗେଇଛି, ତାହା ଅନାଲୋଚିତ । ଅନେକ ସାନ୍ତାଳୀ ଭାଷା ଅଲଚିକି ଲିପିରେ ରଚିତ ପୁସ୍ତକରେ ଲିପିବଦ୍ଧ ଅଛି । କିନ୍ତୁ ଅଲଚିକି ଲିପି ଆବିଷ୍କାର ପୂର୍ବରୁ ଓଡ଼ିଆ, ବେଙ୍ଗଲୀ, ଆସାମୀ, ରୋମାନ ଏବଂ ଦେବନାଗରୀ ଆଦି ଲିପିକୁ ବ୍ୟବହାର କରି ଅନେକ ପୁସ୍ତକ ସାନ୍ତାଳୀ ଭାଷାରେ ରଚନା କରାଯାଇ ସାନ୍ତାଳୀ ସାହିତ୍ୟ, କଳା ଏବଂ ସଂସ୍କୃତିକୁ ଉଜ୍ଜୀବିତ କରାଯାଇଛି ।

ସମସ୍ତ ଜାତିଙ୍କ ପାଇଁ ସାହିତ୍ୟ ଏକ ସମାଜର ଦର୍ପଣ କହିଲେ ଅତ୍ୟୁକ୍ତି ହେବନାହିଁ, ଯାହା ପରବର୍ତ୍ତୀ ସମୟରେ ଇତିହାସ ଗୁଣଗାନ କରିଥାଏ ଏବଂ ସେହି ଜାତିଙ୍କ ପାଇଁ ଗର୍ବ ଓ ଗୌରବ ଆଣିଥାଏ । ତେବେ ଭାରତରେ ଥିବା ବିଭିନ୍ନ ଭାଷାରେ ରଚିତ ସାହିତ୍ୟରେ ଅନେକ ରଚୟିତା ମହାମନିଷୀଙ୍କ ମଧ୍ୟରୁ ସାନ୍ତାଳୀ ଭାଷାରେ ରଚୟିତା ତିନି ମହାମନୀଷୀ ହେଲେ, ଓଡ଼ିଶାରୁ ପଣ୍ଡିତ ରଘୁନାଥ ମୁର୍ମୁ (୧୯୦୫ ରୁ ୧୯୮୨), ପଶ୍ଚିମବଙ୍ଗରୁ ସାଧୁରାମ ଚାନ୍ଦ ମୁର୍ମୁ (୧୮୯୭ ରୁ ୧୯୫୪) ଏବଂ ବିହାର (ଅଧୁନା ଝାଡ଼ଖଣ୍ଡ)ରୁ ମାଝୀ ରାମଦାସ ଟୁଡୁ (୧୮୫୪ ରୁ ୧୯୫୧)ଙ୍କ ଜାତି, ସମାଜ, ସଂସ୍କୃତି ଏବଂ କଳା ପ୍ରତି ଅବଦାନ ଅତୁଳନୀୟ । ଏମାନଙ୍କ ବହୁମୁଖି ପ୍ରତିଭା ସମଗ୍ର ବିଶ୍ୱରେ ପ୍ରତିଷ୍ଠିତ କରିପାରିଛି ।

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଡାହାରଡ଼ି (ଡାଣ୍ଡବୋଶ) ଗ୍ରାମରେ ଏକ ପ୍ରତିଷ୍ଠିତ ସମୃଦ୍ଧ ସାନ୍ତାଳୀ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିବା ପଣ୍ଡିତ ରଘୁନାଥ ମୁର୍ମୁ ହେଉଛନ୍ତି ଏକାଧାରରେ କବି, ଲେଖକ, ନାଟ୍ୟକାର, ବୈଜ୍ଞାନିକ, ଦାର୍ଶନିକ ଏବଂ ଆଦର୍ଶ ଶିକ୍ଷକ । ଗ୍ରାମ ବିଦ୍ୟାଳୟରେ ନାମ ଲେଖାଇଲେ ଏବଂ ପାଠ ପଢ଼ିଲେ କିନ୍ତୁ ସାନ୍ତାଳୀ ଭାଷାରେ ପାଠପଢ଼ା ନହେବାରୁ ମନରେ ଖୁବ୍ ଆଘାତ ହେଲା । କାରଣ ଓଡ଼ିଆ କିମ୍ବା ଇଂରାଜୀ ଭାଷା ବୁଝିବା ସହଜ ନଥିଲା । ତେଣୁ ତାଙ୍କ ମନରେ ଗୋଟାଏ ପ୍ରଶ୍ନ, ସାନ୍ତାଳୀ ଭାଷାରେ କାହିଁକି ବିଦ୍ୟାଳୟରେ ପାଠ ପଢା ହେଉନାହିଁ ? ବାରମ୍ବାର ଏ ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ୧୯୨୫ରେ ଏହି ପ୍ରଶ୍ନର ଉତ୍ତର ମିଳିଥିଲା ଏବଂ ସମଗ୍ର ଭାରତରେ 'ଅଲଚିକି ମିଶନ' ଏକଶହ ବର୍ଷ ପୂର୍ତ୍ତି ପାଳନ କରୁଛି । ପଣ୍ଡିତ ରଘୁନାଥ ମୁର୍ମୁ ହେଉଛନ୍ତି ସାନ୍ତାଳୀ ଲିପିର ଆବିଷ୍କାରକ । ସାନ୍ତାଳୀ ଭାଷା ଏବଂ ଅଲଚିକି ଲିପିର ପ୍ରଚାର ଏବଂ ପ୍ରସାର କରି ସାନ୍ତାଳୀ ସାହିତ୍ୟକୁ ଅଗ୍ରପଥରେ ନେବା ଏବଂ ସ୍ୱତନ୍ତ୍ର ସାନ୍ତାଳ ରାଜ୍ୟ ଆନ୍ଦୋଳନର ପୁରୋଧା ଥିଲେ । ଅଲଚିକି ଲିପିର ଛାପାକଳ 'ବିଦୁ ଚାନ୍ଦାନ' ପ୍ରେସ ପ୍ରତିଷ୍ଠା କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯାହାଙ୍କ ଅବଦାନ ସାନ୍ତାଳ ସମାଜ କେବେ ଭୁଲି ପାରିବ ନାହିଁ । ସେହି ସମୟରେ ଆର୍ଥିକ ପରିସ୍ଥିତି ଏତେ ସୁଦୃଢ଼ ନଥିଲେ ମଧ୍ୟ ସମାଜ ଏବଂ ସାହିତ୍ୟ ପାଇଁ ତାଙ୍କର ଯେଉଁ ସେବା, ତ୍ୟାଗ ଓ ବଳିଦାନ ତାହା ଅତୁଳନୀୟ ଏବଂ ଅବିସ୍ମରଣୀୟ । ଏହିଭଳି ମହାମନୀଷୀଙ୍କ ସମାଜ ଓ ସାହିତ୍ୟ ପ୍ରତି ଯେଉଁ ଉତ୍ସର୍ଗ, ତାହା ଚିରନମସ୍ୟ ।

ସେହିପରି ପଶ୍ଚିମବଙ୍ଗ ରାଜ୍ୟରେ ଥିବା ପଶ୍ଚିମ ମିଦିନିପୁର ଜିଲା ଅନ୍ତର୍ଗତ କାମାରବାନ୍ଦି ଗ୍ରାମରେ ୩୦ ଏପ୍ରିଲ, ୧୮୯୭ ମସିହାରେ ଜନ୍ମଗ୍ରହଣ କରିଥିବା ସାଧୁ ରାମଚାନ୍ଦ ମୁର୍ମୁ ହେଉଛନ୍ତି ଏକାଧାରାରେ ସାନ୍ତାଳୀ ସାହିତ୍ୟର କବିଗୁରୁ, ଦାର୍ଶନିକ, ଲେଖକ, ନାଟ୍ୟକାର ଏବଂ ସମାଜ ସଂସ୍କାରକ । ତାଙ୍କ ପିତାଙ୍କ ନାମ ମୋହନ ମୁର୍ମୁ ଏବଂ ମାତାଙ୍କ ନାମ କୁନି ମୁର୍ମୁ । ସାନ୍ତାଳ ଗରିବ ପରିବାରରେ ସାଧୁଙ୍କ ଜନ୍ମ ହୋଇଥିବାରୁ ଉଚ୍ଚ ପ୍ରାଥମିକ ପାଠ ପଢ଼ିସାରିବା ପରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଲେ ସୁଦ୍ଧା ଜାତି, ସମାଜ ଓ ସଂସ୍କୃତ ପ୍ରତି ତାଙ୍କର ମନୋବଳ ଭାଙ୍ଗି ନଥିଲା । ସବୁବେଳେ ତାଙ୍କ ମନରେ ଏୟା ଚିନ୍ତା ଥିଲା ଯେ, ସମାଜକୁ କିଭଳି ଭାବେ ଉନ୍ନତି ପଥରେ ନେବାକୁ ହେବ ଏବଂ ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ଶିକ୍ଷାକୁ ଆପଣାଇ ସ୍ୱଚ୍ଛ ସମାଜ ଓ ଧର୍ମ ପ୍ରତିଷ୍ଠା କରି ହେବ ସେ ଭାବନାରେ ବୁଡ଼ିରହି ଅନେକ ପୁସ୍ତକ ରଚନା କରିବାରେ ସଫଳ ହେଲେ । 'ସାରି ଧରମ୍ ସେରେଞ୍ଜ୍ ପୁଥୀ (ଭାଗ-୧, ୨ ଏବଂ ୩)', 'ଲିଟା ଗଡ଼େତ୍ (ଜମସିମ ବିନ୍ତୀ)', 'ସଂସାର୍ ଫେନ୍ଦ୍', 'ଇଶ୍ରଲ୍', 'ଅଲ୍ ଦହ୍ ଅନଲ୍‌ହେ' ଏବଂ 'ସାଧୁରାମ ଚାନ୍ଦ୍ ଅନଲ୍ ମାଲା' ଆଦି ପୁସ୍ତକ ସେ ଲେଖିଛନ୍ତି । 'ସାରି ଧରମ୍ ସେରେଞ୍ଜ୍ ପୁଥି'ରେ ୫୦ ଗୋଟି ସେରେଞ୍ଜ ମଧ୍ୟରୁ ଦଙ୍ଗ୍, ଲାଗ୍‌ଣେ, ବାହା, ସହରାୟ, କାରାମ୍, ଝାର୍ନି, ଲୁହୁରୀ, ହେଲ୍‌ହେଦ୍ ଏବଂ ପାତା ଆଦି ଗୀତକୁ ନେଇ ଲେଖିଥିବା ବେଳେ 'ଅଲ ଦହ ଅନଲହେ'ରେ ୫୧ ଗୋଟି କବିତା ରହିଛି । ସବୁ କବିତା ସମାଜର ବାର୍ତ୍ତା ବହନ କରିଛି । ନିଜେ ସଙ୍ଗୀତ ରଚନା କରି ସୁର ଦେଇ ଗାନ କରିବାକୁ ସାଧୁ ଭଲ ପାଉଥିଲେ । ଏପରିକି ଅଧ୍ୟୟନ କିମ୍ବା ଅବସର ସମୟରେ ନାଚ, ଗୀତ ଏବଂ କବିତା ରଚନା କରିବାରେ ତାଙ୍କର ପ୍ରତିଭା ବିକଶିତ ହୋଇଥିଲା । ତାଙ୍କର ଅମ୍ଳାନ କୃତିତ୍ୱ ସବୁ ସମାଜକୁ ଦିଗଦର୍ଶନ ଉପରେ ଲେଖା କିନ୍ତୁ ନିଜସ୍ୱ ଲେଖାର ଲିପି ନଥିବାରୁ ତାଙ୍କ ପ୍ରଚେଷ୍ଟାରେ 'ମଜଦାନ୍ଦେର୍ ଆଙ୍କ' ଲିପି ଆବିଷ୍କାର କରିଥିଲେ ।

ସାନ୍ତାଳ ସମାଜରେ ଜନ୍ମିତ ଇଂରେଜ ବିରୋଧରେ ପ୍ରଥମ ଲଢୁଆ ପୁଅ ବାବା ତିଲକାମାଝୀ ଜାତି ଓ ଦେଶ ମାତୃକା ପାଇଁ ସହିଦ ହେବା ପରେ ଇଂରେଜମାନଙ୍କର ଶାସନ ଭାରତରେ ମନମୁଖୀ ହେବାକୁ ଲାଗିଲା । ବିହାର ପ୍ରଦେଶରେ ଥିବା ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କୁ ଖ୍ରୀଷ୍ଟିୟାନ ଧର୍ମରେ ଦୀକ୍ଷା ନେବାକୁ ବାଧ୍ୟ କରାଯାଉଥିଲା । ଯେଉଁମାନେ ଏହାକୁ ବିରୋଧ ପ୍ରଦର୍ଶନ କଲେ, ସେମାନେ ଅମାନୁଷିକ ଯନ୍ତ୍ରଣାରେ ଶିକାର ହେଲେ । ଏଭଳି ଅକଥନୀୟ ଅତ୍ୟାଚାର ଏବଂ ମନମୁଖୀ ଶାସନ କାଳରେ ମାଝୀ ରାମଦାସ ଟୁଡୁଙ୍କ ଆବିର୍ଭାବ ହୋଇଥିଲା । ସେଦିନ ଥିଲା ୧୮୫୪ ମସିହା ଅକ୍ଟୋବର ୨ ତାରିଖ । ସିଂଭୂମ ଜିଲ୍ଲାରେ ଥିବା କାଲୁଆକାଟା ଗ୍ରାମର ମାତା ମଞ୍ଜୁଦୁରୀ ଟୁଡୁଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କଲେ ଭବିଷ୍ୟତର ଉଜ୍ଜ୍ୱଳ ଦୀପଶିଖା । ପିତା ସୀତାରାମ ଟୁଡୁ ଜଣେ ଗ୍ରାମ ମୁଖିଆ । ପିତାଙ୍କର ଆଦେଶକ୍ରମେ ରାମଦାସ ବିଦ୍ୟାଳରେ ନାମ ଲେଖାଇ ପାଠପଢ଼ିଲେ । ଯଦିଓ ଉଚ୍ଚଶିକ୍ଷାରୁ ବଞ୍ଚିତ ଥିଲେ, ତଥାପି ଇଂରେଜ ସରକାର ତାଙ୍କୁ Tax Collector ପଦବୀରେ ନିଯୁକ୍ତି କଲେ । ଇଂରେଜ ସରକାରଙ୍କ ମନମୁଖୀ ଶାସନ କିମ୍ବା ଲୋକଙ୍କ ପ୍ରତି ଯେଉଁ ଅକଥନୀୟ/ ଅମାନୁଷିକ ଅତ୍ୟାଚାର କରାଯାଉଥିଲା ସେ ଆଦୌ ପସନ୍ଦ କରୁନଥିଲେ । ଇଂରେଜମାନଙ୍କୁ ସିଧା ସଳଖ ବିରୋଧ କରି ପାରୁନଥିଲେ ସତ, କିନ୍ତୁ ଲୋକମାନଙ୍କୁ ସଚେତନ ଏବଂ ଶିକ୍ଷା ପ୍ରଦାନ କରୁଥିଲେ । ଇଂରେଜମାନଙ୍କ ଶାସନ ଭୟରେ ଅନେକ ସାନ୍ତାଳ ଲୋକମାନେ ନିଜର ଜାତି, ସମାଜ, କଳା ଓ ସଂସ୍କୃତି ଛାଡ଼ି ଇଂରେଜ ପରମ୍ପରାକୁ ଆପଣାଇ ନେଲେ । ଏସବୁ ଦେଖି ରାମଦାସ ଦୁଃଖ ପ୍ରକାଶ କଲେ । ତାଙ୍କର ଦୃଢ଼ ମନବଳ ଏବଂ ଇଚ୍ଛାଶକ୍ତି ବଳରେ ସାନ୍ତାଳ ସମାଜକୁ ପୁନଃଗଠନ କରିବାରେ ସଫଳ ହେଲେ । ତାଙ୍କର ଅନନ୍ୟ କୃତୀତ୍ୱ ୧୮୯୫ରେ 'ଖେରୱାଲ ବଂଶ ଧରମ ପୁଥୀ' ପ୍ରକାଶିତ ହେଲା । ସମାଜର ରୀତିନୀତି, ଆଚାର-ବିଚାର, ପୂଜାବିଧି, ଧରମ-କରମ, କଳା, ସଂସ୍କୃତି ଆଦି ଉପରେ ଲେଖା ପୁସ୍ତକ । ଏହି ଅମ୍ଳାନ କୃତୀତ୍ୱ ପାଇଁ କଲିକତା ବିଶ୍ୱବିଦ୍ୟାଳୟରୁ ଡ.ଖସଷ୍ଟ. ଉପାଧିରେ ଭୂଷିତ ହେଇଥିଲେ ।

ସାନ୍ତାଳ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିବା ଏହି ତିନି ମହାମନୀଷୀମାନେ ଅଜସ୍ର ସମ୍ମାନରେ ଅଧିକାରୀ । ସାହିତ୍ୟ ସାଧନା ମଧ୍ୟରେ ସେମାନଙ୍କ ଜୀବନ ଅଧିକାଂଶ ମୁହୂର୍ତ୍ତ ଅତିବାହିତ ହୋଇଛି । ସମାଜ ଓ ସାହିତ୍ୟ କ୍ଷେତ୍ରରେ ରାଜ୍ୟାନୁଯାୟୀ ସେମାନେ ପ୍ରବର୍ତ୍ତକ ଭାବରେ ପୂଜିତ କିନ୍ତୁ ସେମାନଙ୍କର ବ୍ୟକ୍ତିତ୍ୱ ଓ ସାହିତ୍ୟ ଦର୍ଶନରେ କ୍ରମାଗତ ଗଭୀର ଅନୁଶୀଳନ ସେମାନଙ୍କୁ କେବଳ ଆଧୁନିକ ଯୁଗ ନୁହେଁ ବରଂ ଯୁଗଯୁଗ ପାଇଁ ସୁପ୍ରତିଷ୍ଠିତ କରି ରଖିବ ।

# ସୁସ୍ଥତାର ମନ୍ତ୍ର



ଡାକ୍ତର ପ୍ରଫୁଲ୍ଲ କୁମାର ଦାସ
କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,
ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୨୩୪୩

ତଣ୍ଟି ପାଖରେ ଟିକେ ଦରଜ ହେଉଛି । ମୁଣ୍ଡ ଭରା ଭରା ଲାଗୁଛି । ନାଁ ଜ୍ୱର ନାହିଁ । କାଶ ବି ହେଉି । କ'ଣ କରୋନା ହୋଇଗଲା କି ? ଏହି ଭୟ ଏବେ ଆମ ସଭିଙ୍କ ମତରେ । ଘର ଭିତରେ ନିଜକୁ ଘଣ୍ଟା ଘଣ୍ଟା ଧରି ବନ୍ଦ କରି ବସି ରହିଲେ କାମ କେମିତି ହେବ ? ୱାର୍କ ଫ୍ରମ ହୋମ ସୁବିଧା ସମସ୍ତଙ୍କ ପାଖରେ ନାହିଁ । ପୁଣି ସେହି ସୁବିଧା ମିଳିଲେ ଯେ ବଜାରକୁ ଯିବାକୁ ପଡ଼ିବ ନାହିଁ ସେ କଥା ମଧ୍ୟ ଗ୍ୟାରେଣ୍ଟି ଦେଇ କହି ହେବନାହିଁ । ଠିକ ଅଛି ବଜାର ଯିବାକୁ ପଡ଼ିବ ନାହିଁ । ହୋମ ଡେଲିଭରୀରେ ଜିନିଷ ମଗାଇ ପାରିବେ । କିନ୍ତୁ ଡେଲିଭରୀ ବୟ ଯେ ସଂକ୍ରମିତ ହୋଇନଥିବ ସେ କଥା କିଏ କହିବ ? ମୋଟ ଉପରେ କହିବାକୁ ଗଲେ ଏବେ ପ୍ରତି ପଦକ୍ଷେପରେ କରୋନା ଭୟ ଆମ ସହିତ ଲାଗି ରହିଛି । କିନ୍ତୁ ଏହି ଭୟ କାରଣରୁ ଅନେକ ଲୋକ ମାନସିକ ଭାବେ ଅସୁସ୍ଥ ହୋଇପଡୁଛନ୍ତି । ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ । ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି । ତେଣୁ ଏଭଳି ପରିସ୍ଥିତିରେ ଆମ ସମସ୍ତଙ୍କୁ ଭୟ ଓ ଚାପମୁକ୍ତ ରହିବାକୁ ହେବ । ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ । ଚାପମୁକ୍ତ ରହିବା ଏକ ପ୍ରକାର କଳା । ଏହି କଳା ଆମକୁ ଆଜିଠୁ, ଏବେଠୁ ଶିଖିବାକୁ ହେବ । କରୋନା ନହୋଇ ମଧ୍ୟ କାଳେ ସଂକ୍ରମିତ ହୋଇଥିବାର ଭୟରୁ ଆମକୁ ଦୂରେଇ ରହିବାକୁ ହେବ । ଆମକୁ ସୁସ୍ଥତାର ମନ୍ତ୍ର ଜାଣିବାକୁ ହେବ । ଯଦି ଆମେ ମାନସିକ ସ୍ତରରେ ସୁସ୍ଥ ରହିପାରିବା ତେବେ ସର୍ବପ୍ରଥମେ ଆସନ୍ତୁ ଆମେ ଈଶ୍ୱରଙ୍କ ଉପରେ ଭରସା ରଖିବା ।

ଭୂତାଣୁ ଆକ୍ରମଣୁ ବଞ୍ଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ । କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା । ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସ ଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ । ପାଣି ପିଇବାରେ ଅଳସୁଆମି କରନ୍ତୁ ନାହିଁ । ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ । ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି । କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ । ଆଉ ଏକ ଅଭ୍ୟାସ ଉପରେ ଗରୁତ୍ୱ ଦେବାକୁ ଭୁଲିବେ ନାହିଁ । ତାହା ହେଉଛି ନିୟମିତ ନିଦ୍ରା । ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ । ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକମାନେ କୁହନ୍ତି । ସଠିକ ମାତ୍ରାରେ ନିଦ ନହେଲେ ଦୁର୍ବଳ ଅନୁଭବ ହୁଏ । ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ । ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଜଣାନ୍ତୁ । ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ମଧ୍ୟ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ । ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ । ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ । ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ । ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ । ଆଉ ଆପଣ ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ । ସପ୍ତାହରେ ଥରେ ଘର ଝଡ଼ା, ପୋଛା ଆଦି କରନ୍ତୁ । ଦେଖିବେ ଥକ୍କା ଲାଗିବ ନିଶ୍ଚୟ । କିନ୍ତୁ ଆପଣଙ୍କୁ ଶୋଷ ହେବ । ଭୋକ ବି ଭଲ କରି ଲାଗିବ । କାରଣ ଏସବୁ କାମ କଲାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ । ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା । ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି । ଯେଉଁ ଉପାୟଟି ଆପଣଙ୍କ ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ ।

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ । ତେଣୁ ଏହି ସମୟରେ ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ । ବଢ଼ାଇବାକୁ ହେବ ରୋଗ ପ୍ରତିରୋଧକ କ୍ଷମତା । କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବ ନାହିଁ । ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଆମକୁ ଡାଏଟ ମାନି ଚଳିବାକୁ ହେବ । ଡାଏଟିଶିଆନ ଓ ନ୍ୟୁଟ୍ରିଶନିଷ୍ଟ ମାନଙ୍କ ଅନୁସାରେ ଯେଉଁମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ । ଯଦି ଭିଟାମିନ ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ । କିନ୍ତୁ ଖାଲି ପେଟରେ ଆଦୌ ନୁହେଁ । ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ । କେବଳ ଭିଟାମିଟ ସପ୍ଲିମେଣ୍ଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ୍ତ ରହିବାକୁ ହେବ । ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ, ସି, ଡି ଏବଂ ଜିଙ୍କ ରହିଛି ସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ । ଦହି, ଫଳ ଆଦି ଦେଇ ପାନୀୟ ତିଆରି କରି ପିଇପାରିବେ । ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆ ଯାଇପାରିବ । କେବଳ ଅଧିକ ପାଣି ପିଇଦେଲେ ଚଳିବ ନାହିଁ । ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ । ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋନ ଡି, ଇଲେକ୍‌ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ । କୋଭିଡ଼ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ । ତେଣୁ ଖାଇବାରେ ସମସ୍ୟା ହୋଇଥାଏ । ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରୁହନ୍ତୁ । ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବ ।

ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ସ୍ୱୀକାର କରିଛି ଯେ ପ୍ରାକୃତିକ ଜଡ଼ିବୁଟିରେ ରହିଛି ଅନେକ ରୋଗ ପ୍ରତିରୋଧକ କ୍ଷମତା । ଅଦା, ମହୁ, ତୁଳସୀପତ୍ର, ଲବଙ୍ଗ, ଡାଲଚିନି, ମିଶ୍ରି, ତେଜପତ୍ର, ଗୋଲମରିଚ ଆଦି ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଶକ୍ତି କରିପାରିବ । ଖାଦ୍ୟ ତାଲିକାରେ ଏସବୁ ଜିନିଷ ସାମିଲ କରନ୍ତୁ । ସମ୍ଭବ ହେଲେ ଏହି ସବୁ ଜିନିଷ ମଧ୍ୟରୁ କେତୋଟିକୁ ଏକାଠି କରି ପାଣିରେ ଫୁଟାଇ ଦିନକୁ ଦୁଇରୁ ତିନିଥର ଅଳ୍ପ ଅଳ୍ପ କରି ପିଅନ୍ତୁ । ଗଳା ଦରଜ ହୋଇଥିଲେ ଉପକାର ପାଇବେ । ଏହା ସହିତ କଫ ମଧ୍ୟ କମିବ । ଏହା ବ୍ୟତୀତ ହଳଦୀର ଉପକାରିତା ବିଷୟରେ ଆପଣମାନେ ଜାଣିଥିବେ । କିନ୍ତୁ କ୍ଷୀରରେ ହଳଦୀ ମିଶାଇ ପିଇଲେ ଦେହହାତ ବିନ୍ଧାରୁ ଅନେକାଂଶରେ ଆରାମ ପାଇବେ । କ୍ଷୀର ଦେହରେ ଯାଉନଥିଲେ ଉଷୁମ ପାଣିରେ ସାମାନ୍ୟ ହଳଦୀ ଓ ମହୁ ମିଶାଇ ପିଇପାରିବେ । ପାଟିରେ ପାନ ଜାକିବା ବଦଳରେ ଛୋଟ ଅଦା ଖଣ୍ଡେ କିମ୍ବା ଅଁଳା ଜାକିବାର ଅଭ୍ୟାସ ଆଜିଠୁ ଆରମ୍ଭ କରିଦିଅନ୍ତୁ ।

ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ । ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ । ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି । ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି । ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ ସହାୟକ ହୋଇପାରିବ । ଏକଥା ମନୋବିଦମାନେ ମଧ୍ୟ ଜୋର ଦେଇ କହୁଛନ୍ତି । ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ । ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ । ପ୍ରାଣ ଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି । ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି । ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ୍ । ପ୍ରାଣଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେନାହିଁ ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢିଥାଏ । ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ । ଜିମ୍ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ । ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ଆପଣ ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ । ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ । ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ । ୟୁଟ୍ୟୁବ କିମ୍ବା ହ୍ୱାଟସଆପ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ । ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ । ଘର ଭିତରେ ହିଁ ଆପଣ ଏହି ବ୍ୟାୟାମ କରିପାରିବେ । ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ । ରିଦିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ । ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ । ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ । ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି । ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ । ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ । ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ । କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆପଣ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ । ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ । ତେଣୁ ଆପଣ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ ?

# ପ୍ଲାଷ୍ଟିକ ଜହର



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଉଭୟ ଉତ୍ପାଦନକାରୀ ଓ ବ୍ୟବହାରକାରୀଙ୍କୁ ୩ ମାସିଆ ନୋଟିସ ଦେଇ ମହାରାଷ୍ଟ୍ର ସରକାର ରାଜ୍ୟରେ ପ୍ଲାଷ୍ଟିକ ତିଆରି ସାମଗ୍ରୀକୁ ନିଷିଦ୍ଧ କରିବା ନିଶ୍ଚିତ ଭାବେ ଏକ ଚରମ ପଦକ୍ଷେପ ବୋଲି କୁହାଯାଇପାରିବ । ପ୍ଲାଷ୍ଟିକଜାତ ସାମଗ୍ରୀର ବ୍ୟବହାର ଜନଜୀବନକୁ ଏପରି ପ୍ରଭାବିତ କରି ରଖିଛି ଯେ, ଏହାକୁ ଛାଡିବା ବା ତ୍ୟାଗ କରିବା ଏକ ମୁସ୍କିଲି ବ୍ୟାପାର । କେବଳ ଏତିକି ନୁହେଁ ମହାରାଷ୍ଟ୍ର ସରକାରଙ୍କ ନିଷିଦ୍ଧାଦେଶ ଯୋଗୁଁ ପ୍ଲାଷ୍ଟିକ ଶିଳ୍ପ ମୃତ ପ୍ରାୟ ହୋଇଯାଇଥିବାବେଳେ ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଜୀବିକା ହରାଇଛନ୍ତି ଏବଂ ମହାରାଷ୍ଟ୍ର ସରକାର ଦୈନିକ ୧୨୦୦କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟରୁ ଜଣାଯାଇଛି । ପ୍ଲାଷ୍ଟିକ ବ୍ୟାଗ, ପଲିଥିନ, ପ୍ଲାଷ୍ଟିକ ଚାମଚ, କପ୍, ଗ୍ଲାସ, କଣ୍ଟେନର ଓ ବୋତଲର ବ୍ୟବହାରରେ ମଣିଷ ଆଜି ଏତେ ଅଭ୍ୟସ୍ତ ଯେ, ଏହାକୁ ଛାଡି ଚଳିବା କ୍ଷଣେ ଅସମ୍ଭବ । ବର୍ତ୍ତମାନର ସମୟକୁ ଏଇଥିପାଇଁ ପ୍ଲାଷ୍ଟିକ ଯୁଗ କୁହାଯାଇଥାଏ । ପ୍ଲାଷ୍ଟିକ ସାମଗୀ ସହଜିଆ ଓ ସୌଖିକ ହୋଇଥିବାରୁ ଏହାର ଚାହିଦା ଓ ବ୍ୟବହାର ଦିନକୁ ଦିନ ବଢିଚାଲିଛି । ମାତ୍ର ଏହାର ଅପକାରିତା ଏତେ ଭୟଙ୍କର ଯେ, ହଳାହଳ ବିଷ ଠାରୁ କୌଣସି ଗୁଣରେ କମ୍ ନୁହେଁ । ମଣିଷ ଜୀବନ ପ୍ରତି ମାରାତ୍ମକ ସାବ୍ୟସ୍ତ ହୋଇଥିବାବେଳେ ଜଳବାୟୁ, ପରିବେଶ, ଜଳ ଓ ମାଟିକୁ ବିଷାକ୍ତ କରିଦଇଛି । ଯେଉଁଥି ପାଇଁ ସାରା ବିଶ୍ୱ ଆଜି ଚିନ୍ତିତ । ପ୍ଲାଷ୍ଟିକ ମୁକ୍ତ ବିଶ୍ୱ ଗଠନ ପାଇଁ ଜାତିସଂଘ ଆହ୍ୱାନ ଦେଇଥିବାବେଳେ ଭାରତ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ସାଜିଛି । ଗତ ୨ ତାରିଖ ଦିନ ବିଶ୍ୱ ପ୍ଲାଷ୍ଟିକ ବର୍ଜନ ଦିବସ ପାଳନ ଅବସରରେ ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ପାଇଁ ରାଷ୍ଟ୍ରମୁଖ୍ୟମାନେ ଆହ୍ୱାନ ଦେଇଛନ୍ତି । ମହାରାଷ୍ଟ୍ର ସରକାର ପ୍ଲାଷ୍ଟିକ ନିଷିଦ୍ଧ କରିବାର ଦୁଇଦିନ ପରେ ବର୍ଷା ଯୋଗୁଁ ମୁମ୍ବାଇ ଜଳପ୍ଲାବିତ ହେବା ସହ ରାଜରାସ୍ତା, ଡ୍ରେନ, ଆଦିରେ କୁଢ କୁଢ ପ୍ଲାଷ୍ଟିକ ଦେଖିବାକୁ ମିଳିଛି । ପ୍ଲାଷ୍ଟିକ ଯୋଗୁଁ ଡ୍ରେନ ଅବରୋଧ ହୋଇ ଘରେ ପାଣି ପଶିବାର ମୁଖ୍ୟ କାରଣ ହୋଇଛି । କେବଳ ଏତିକି ନୁହେଁ, ମୁମ୍ବାଇ ସଂଲଗ୍ନ ସମୁଦ୍ର ମଧ୍ୟ ପ୍ଲାଷ୍ଟିକ ଯୋଗୁଁ ଦୂଷିତ ହୋଇଛି । ଯାହାକି ମୁମ୍ବାଇର ପରିବେଶ ଉପରେ ଗଭୀର ପ୍ରଭାବ ପକାଇଥିବା କୁହାଯାଇଛି । ସରକାରୀ ତଥ୍ୟରୁ ଜଣାଯାଇଛି ଯେ, ଏଠାରେ ଦୈନିକ ୨୬,୦୦୦ ମେଟ୍ରିକ ଟନ ପ୍ଲାଷ୍ଟିକ ୱେଷ୍ଟେଜ ସଂଗୃହିତ ହେଉଥିବାବେଳେ ମୁମ୍ବାଇରେ କେବଳ ୫୦୦ ମେଟ୍ରିକ ଟନ ପ୍ଲାଷ୍ଟିକ ୱେଷ୍ଟେଜ ସଂଗୃହିତ ହେଉଛି । ଦେଶରେ ଦୈନିକ ୬୦୦୦ ମେଟ୍ରିକ ଟନ ପ୍ଲାଷ୍ଟିକ ୱେଷ୍ଟେଜ ଡ୍ରେନ, ରାଜରାସ୍ତା ଏବଂ ଜମିରେ ପଡୁଛି । ଯାହାଦ୍ୱାରା ମାଟି, ପବନ, ଜଳ, ଜହରରେ ପରିଣତ ହେଉଛି ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ପ୍ଲାଷ୍ଟିକ ୱେଷ୍ଟେଜ ପାଣି, ମାଟିରେ ମିଳେଇ ଯାଏ ନାହିଁ । ଯାହା ପାଣି ଓ ମାଟି ପ୍ରତି ଘାତକ ସଦୃଶ ହୋଇଥିବାବେଳେ କ୍ୟାନସର ପରି ବହୁ ମାରାତ୍ମକ ରୋଗର ବାହାକ ସାଜିଛି । ପ୍ଲାଷ୍ଟିକ ୱେଷ୍ଟେଜର ଭୟାବହତାକୁ ଦୃଷ୍ଟିରେ ରଖି ଗତ ୨୦୧୧ ମସିହା ଫେବୃୟାରୀ ୭ତାରିଖ ଦିନ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ୪୦ ମାଇକ୍ରୋନରୁ କମ୍ ମୋଟେଇ ଥିବା ପଲିଥିନକୁ ବେଆଇନ ଘୋଷଣା କରିଥିଲେ । ସେହିପରି ୧୭ଟି ରାଜ୍ୟ ସରକାର ମଧ୍ୟ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାରକୁ ନିଷିଦ୍ଧ କରିଥିଲେ ମଧ୍ୟ ଏବେ ଯେଉଁଭଳି ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ବୃଦ୍ଧି ପାଇଛି, ନିଷେଧାଦେଶ କେବଳ କାଗଜ କଲମରେ ସୀମିତ ରହିଥିବା ମନହୁଏ । ରାଜ୍ୟ ସରକାର ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଥିଲେ ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ଥିବା ବର୍ଜ୍ୟବସ୍ତୁ ଡମ୍ପୟର୍ଡ ଗୁଡିକରେ ପଲିଥିନର ଯେପରି ପାହାଡ ଦେଖିବାକୁ ମିଳୁଛି, ଏଥିରୁ ଏହାର ଭୟାବହତା, ଅନୁମାନ କରାଯାଇପାରେ । ପୁରାଣ କାଳରେ ଅସୁରମାନେ ଯେପରି ବରପ୍ରାପ୍ତ ହୋଇ ଜଳ, ସ୍ଥଳ, ଆକାଶର ବଳୀୟାନ ହୋଇଥିବା ଏବେ ପ୍ଲାଷ୍ଟିକ ସେହିପରି ଅବତାର ନେଇଥିବା କୁହାଯାଇଛି । ଆମେ ପୂର୍ବରୁ ଉଲ୍ଲେଖ କରିଛୁ, ପାଣି, ମାଟିରେ ଏହା ମିଳେଇ ଯାଏ ନାହିଁ । ପୋଡିଲେ ସ୍ଥିତି ଅସମ୍ଭାଳ ହୋଇପଡୁଛି । ପଲିଥିନ ଧୂଆଁ ନା କେବଳ ପରିବେଶକୁ ବିଷାକ୍ତ କରୁଛି ବରଂ ଜୈବ ବିବିଧତା ପ୍ରତି ବିପଦର କାରଣ ହୋଇଛି । ମଣିଷ, ଗୋରୁଗାଈ, ପଶୁପକ୍ଷୀ କେହି ଏହାର ବିଷ ବଳୟରୁ ମୁକ୍ତ ନୁହଁନ୍ତି । ମଣିଷ ଜାଣିଶୁଣି ଧୂମ ପାନ ପରି ବିଷର ବଳୟ ସୃଷ୍ଟି କରୁଛି ବୋଲି କହିଲେ ଭୁଲ ହୋଇନପାରେ । ଏହା ସତ୍ୟ ଯେ, ପ୍ଲାଷ୍ଟିକ ନିଷିଦ୍ଧ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଆଇନର କାର୍ଯ୍ୟକାରିତା ଏକ ଜଟିଳ ବ୍ୟାପାର । ପ୍ଲାଷ୍ଟିକର ବିକଳ୍ପ ହିଁ ଏହାର ବ୍ୟବହାରକୁ ରୋକି ପାରିବ । ଯଦି ପ୍ଲାଷ୍ଟିକ ଠାରୁ ଶସ୍ତା ଓ ସହଜିଆ ବିକଳ୍ପ ଉପଲବ୍ଧ ହୁଏ, ତେବେ ପ୍ଲାଷ୍ଟିକ ତ୍ୟାଗ କରିବାକୁ କେହି କୁଣ୍ଠିତ ହେବେ ନାହିଁ । ଜୀବନ ଜଗତର ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନ ପାଇଁ ସମସ୍ତେ ସଂକଳ୍ପ ନିଅନ୍ତୁ, ଏହା ହିଁ ଆଜିର ଆହ୍ୱାନ ।



କେନ୍ଦୁଝର(ଭାସ୍କର ନ୍ୟୁଜ): ବିଜେପି ସରକାରଙ୍କ ଐତିହାସିକ ନିଷ୍ପତି ଫଳରେ ଓଡିଶାରେ ପ୍ରଥମ ଥର ପାଇଁ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ମିଳିଲା ୧୧.୨୫ ପ୍ରତିଶତ ସଂରକ୍ଷଣ । ଏନେଇ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି ଲକ୍ଷ୍ମଣ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧନ୍ୟବାଦ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ଯୋଗେନ୍ଦ୍ର ମହାନ୍ତ ,ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚର୍ଚିଲ ମହାକୁଡ ପ୍ରମୁଖ ମଞ୍ଚାସୀନ ହୋଇ ଓଡ଼ିଶାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟ ସରକାର ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଓବିସି ମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଉଚ୍ଚ ଶିକ୍ଷା କ୍ଷେତ୍ରରେ ଓବିସି ଛାତ୍ର ଛାତ୍ରୀଙ୍କୁ ଶତକଡ଼ା ୧୧.୨୫ ଉଚ୍ଚ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବାରୁ କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚା ସମେତ ସାମାଜିକ ବର୍ଗର ବିଭିନ୍ନ ବର୍ଗର ମୁଖିଆଙ୍କ ଉପସ୍ଥିତିରେ ଏହି ଐତିହାସିକ ପଦକ୍ଷେପ ପାଇଁ ଓଡିଶା ସରକାରଙ୍କୁ ଧନ୍ୟବାଦ୍ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରେ ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ରଜ୍ୟ ସରକାରଙ୍କ ଏହି ଐତିହାସିକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

## ନିମାପଡ଼ା ମୁଖ୍ୟ ରାସ୍ତାରେ ୨ ଫୁଟ୍‌ର ପାଣି, ଖେଳୁଛନ୍ତି ମୀନ



ନିମାପଡ଼ା(ଭାସ୍କର ନ୍ୟୁଜ): ସାମୁଦ୍ରିକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ବଢୁଥିବା ବେଳେ ଏହାର ପ୍ରଭାବରେ ନିମାପଡ଼ାରେ ବ୍ୟାପକ ବର୍ଷା ହେବା କାରଣରୁ ମୁଖ୍ୟ ରାସ୍ତାରେ ଲହଡ଼ି ମାରୁଛି ଦୁଇ ଫୁଟରୁ ଉର୍ଦ୍ଧ୍ୱ ପାଣି । ଯାହାକୁ ନେଇ ଜନଜୀବନ ଉପରେ ଏହାର ପ୍ରଭାବ ପକାଉଛି । ନିମାପଡ଼ାରେ ଦୀର୍ଘଦିନ ହେବ ଡ୍ରେନେଜ୍ ନିର୍ମାଣ ନାମରେ ବ୍ୟାପକ ଅର୍ଥ ବାଟମାରଣା ହେଉଥିବା ବେଳେ ଜଳ ନିଷ୍କାସନର ପଥ ବାହାରି ପାରୁ ନାହିଁ । ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବେଳେ ନିର୍ଦ୍ଦିଷ୍ଟ କର୍ମଚାରୀ ପରିଚାଳନା କରୁଛନ୍ତି ପରିଷଦକୁ । ଯାହାପାଇଁ ବିକାଶରେ ବାଧା ଉପୁଜୁଛି । ଦୋଳବେଦୀ ଛକଠାରୁ ତଳଅଣ୍ଟିଆ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କରାଯାଇଥିଲେ ମଧ୍ୟ ଜନସାଧାରଣଙ୍କ ସମସ୍ୟା ଦୂର ହେଉନାହିଁ । ସୂଚନା ଅନୁଯାୟୀ, ପାକ୍ ଲଘୁଚାପ ଜନିତ ବର୍ଷା ଦୁଇ ଘଂଟାରୁ ଉର୍ଦ୍ଧ୍ୱ ସମୟ ନିମାପଡ଼ାରେ ହୋଇଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା, ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ, ଜୟଶ୍ରୀ ଛକ ଆଦି ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଦୁଇ ଫୁଟର ପାଣି ଜମା ହୋଇଛି । ମନ ଧ୍ୟାନ ଦେଇ ଠିକାଦାର ରାସ୍ତା କରି ଥିବାରୁ ଅନେକ ସ୍ଥାନରେ ରାସ୍ତା ଉପରେ ଖାଲ ରହି ଥିବାରୁ ପାଣି କେଉଁ ଆଡ଼କୁ ନଯାଇ ରାସ୍ତା ଉପରେ ଜମା ହୋଇ ରହୁଛି । ଯାହାକୁ ନେଇ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିକାଶ ନାମରେ ବିନାଶ କରାଯାଉଥିବା ବାରି ହୋଇପଡୁଛି । ଏଠାରେ ଅଧିକାରୀ ନୀରବ ସାଜିଥିବା ବେଳେ କାହା ଇଙ୍ଗିତରେ ରାସ୍ତା କାର୍ଯ୍ୟ ଓ ଡ୍ରେନେଜ୍ କାର୍ଯ୍ୟ ଏପରି କରାଯାଇଛି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି । ଡ୍ରେନେଜ କାମ ଅଧପନ୍ତରିଆ ଭାବେ ଅଟକି ଥିବା ବେଳେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଅମଲାପଡ଼ାରେ ଡ୍ରେନେଜ ନିର୍ମାଣ ହେବା ୩ ମାସ ନ ପୁରୁଣୁ ଆପଣା ଛାଏଁ ଡ୍ରେନେଜ୍ ସ୍ଲାପ୍ ଭାଙ୍ଗି ଗଳି ପଡୁଛି । ନିମାପଡ଼ା ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ଏହି ରାସ୍ତା ଦେଇ କାକଟପୁର, ଅସ୍ତରଙ୍ଗ, କୋଣାର୍କ, ପୁରୀକୁ ପର୍ଯ୍ୟଟକମାନେ ଯାତାୟାତ କରୁଛନ୍ତି । ମାତ୍ର ସୁଧୁରୁ ନାହିଁ ରାସ୍ତା ଓ ଜଳ ନିଷ୍କାସନର ସମସ୍ୟା । ଅନେକ ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିବା ଜଣାପଡ଼ୁଛି । କ'ଣ ପାଇଁ ଏପରି ମହାଦୁର୍ନୀତି ଘଟୁଛି ତାହାର ତଦନ୍ତ କିଏ କରିବ ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ବର୍ଷାଦିନ ଆସୁଥିବା ବେଳେ ମୌସୁମୀ ବାୟୁ ସକ୍ରିୟ ହୋଇ ଓଡ଼ିଶା ଅଭିମୁଖେ ମୁହାଁଇବାର ଆଶଙ୍କା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ମାତ୍ର ତଥାପି ସରୁ ନାହିଁ ଡ୍ରେନେଜ୍ କାମ । ଏଥିପାଇଁ ଦାୟୀ କିଏ, ପ୍ରଶାସନ ନା ଠିକାଦାର? ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

## ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିଅନ୍‌ରେ ନିୟମ ଖିଲାପକାରୀଙ୍କୁ ନେଇ ବିରୋଧର ସ୍ୱର



ପାରାଦୀପ(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ପାରାଦୀପର ଏକ ପ୍ରମୁଖ ଶ୍ରମିକ ସଂଘରେ ନେତୃତ୍ୱକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି । ଏନେଇ ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନର ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଛି ବିବାଦ । ଏକ ଗୋଷ୍ଠୀ ପକ୍ଷରୁ ଗୁରୁବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର ଅଭିଯୋଗ କରିଥିଲେ କି ବନ୍ଦରର ଚାକିରୀରେ ନଥାଇ ସନାତନ ବେହେରା ନିଜକୁ ୟୁନିଅନର ସାଧାରଣ ସମ୍ପାଦକ ଭାବେ ଆସନ ମାଡିବସିଥିବା ବେଳେ କୌଣସି କାର୍ଯ୍ୟ ଶୃଙ୍ଖଳିତ ଭାବେ ହୋଇପାରୁନାହିଁ । ଏପରିକି ସଙ୍ଘରେ ଯଦି କେହି ପ୍ରତିବାଦ କରୁଛି ତେବେ ଓଲଟା ଧମକ ମିଳୁଥିବା ଅଭିଯୋଗ ଆଣିଛନ୍ତି । ଯାହାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ସନାତନ ବେହେରାଙ୍କ ନାମରେ ଅଭିଯୋଗ କରାଯାଇଥିଲା । ତେବେ ୧୫ ଦିନ ମଧ୍ୟରେ ଏ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଏକ ଚାରି ଜଣିଆ ଟିମ ଗଠନ କରି ୟୁନିଅନର ପ୍ରକୃତ କର୍ମକର୍ତ୍ତା ତଦନ୍ତ କରି ଜଣାଇବା ପର୍ଯ୍ୟନ୍ତ ୟୁନିଅନର ଉଭୟ ଗୋଷ୍ଠି ୟୁନିଅନରେ କୌଣସି ବୈଠକ କିମ୍ବା ଉପକରଣ ବ୍ୟବହାର କରିପାରିବେନି ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ହେଲେ ଏହାକୁ ଅଣଦେଖା କରି ସନାତନଙ୍କ ଗୋଷ୍ଠି ୟୁନିଅନରେ ବୈଠକ କରି ସାଧାରଣରେ ଉତ୍ତେଜନା ସୃଷ୍ଟି କରୁଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସନାତନ ବେହେରାଙ୍କ ପକ୍ଷରୁ ଆମ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ନିରଞ୍ଜନ କହିବା ସହ ଆଇନ ଉପରେ ଆମର ଭରସା ଅଛି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହିତ ପ୍ରଶାସନ ତରଫରୁ ଏହି ଘଟଣାରେ ହସ୍ତକ୍ଷେପ କରି ଯଥାଶୀଘ୍ର ଆମ ସଙ୍ଘ ବିବାଦର ସମାଧାନ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଅନୁରୋଧ କରିଛନ୍ତି ନିରଞ୍ଜନ ମହାପାତ୍ର, ୟୁନିଅନର ସଦସ୍ୟ ବିରଞ୍ଚି ନାରାୟଣ ସୁନ୍ଦରାୟ, କାଳୁ ଚରଣ ବରାଳ, ଯୁଧିଷ୍ଠିର ବିଶ୍ୱାଳ ପ୍ରମୁଖ ।

## ନିମାପଡ଼ାରୁ ବ୍ୟାପକ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ, ପ୍ରଶାସନ ନିରବ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଲଘୁ ଖଣିଜ ଦ୍ରବ୍ୟ ବ୍ୟାପକ ମାତ୍ରାରେ ଲୁଣ୍ଠନ ହେଉଥିବା ବେଳେ ପ୍ରଶାସନ ନୀରବ ସାଜିଛି । ଯାହାକୁ ନେଇ ପ୍ରତ୍ୟେକ ଦିନ ବାଲି ମାଟି ଚାଲାଣ ହେଉଛି । ସରକାରୀ ପ୍ଲଟ୍‌ରୁ ବାଲି, ମାଟି ମାଫିଆ ମାଟି ବାଲି ଚୋରି କରି ବିକ୍ରି କରୁଛନ୍ତି । କେତେକ ଠିକାଦାର ମନଇଚ୍ଛା ବାଲି ମାଟି ଚୋରି କରି ନିଜ ରାସ୍ତା କାର୍ଯ୍ୟରେ ଲଗାଉଥିବା ଜଣାପଡ଼ିଛି । ଏପରି ଘଟଣା ଘଟି ଚାଲିଥିବା ବେଳେ ଖଣି ବିଭାଗ ବା ସ୍ଥାନୀୟ ପ୍ରଶାସନ ଆଖି ବୁଜିଦେଇଛି । କ'ଣ ପାଇଁ ପ୍ରଶାସନ ନୀରବ ସାଜିଛି ନା ପ୍ରଶାସନ ଉପରେ କାହାର ଚାପ ରହିଛି ତାହା ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରେ ବ୍ୟାପକ ମାତ୍ରାରେ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଛି । ଜେସିବି ସାହାଯ୍ୟରେ କୁଶଭଦ୍ରା ନଦୀ ଗର୍ଭରୁ ବାଲି ତଡ଼ାଯାଇ ବିକ୍ରି କରାଯାଉଛି । ସେହି ନଦୀରେ ସରକାରୀ ଅନାବାଦୀ ଗୋଚର ପ୍ଲଟ୍‌ରୁ ମାଟି ତଡ଼ା ଯାଇ ବିକ୍ରି କରାଯାଉଥିଲେ ମଧ୍ୟ ଖଣି ବିଭାଗ ନୀରବ ସାଜିଛି । ସ୍ଥାନୀୟ ପ୍ରଶାସନ ମଧ୍ୟ ଏ ଦିଗରେ ଦୃଷ୍ଟି ଦେଉନାହିଁ । କଳାପାଂଚଣ ପଞ୍ଚାୟତରେ ବ୍ୟାପକ ମାତ୍ରାରେ ବାଲି ମାଟି ଲୁଣ୍ଠନ ହେଉଛି । ନିମାପଡ଼ା, ଖେଲାର, ବଳଙ୍ଗା ଆଦି ଅଞ୍ଚଳରୁ ବେଧଡ଼କ ମାଫିଆମାନେ ବାଲି ମାଟି ବିକ୍ରି କରି ମାଲେମାଲ୍ ହେଉଥିବା ବେଳେ ପ୍ରଶାସନ ଜାଣି ନ ଜାଣିଲା ପରି ଅଭିନୟ କରି ଚାଲିଛି । ଏପରି ହେବା ଦ୍ୱାରା ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ବାଟମାରଣା ହେଉଛି । କେତେକ କୁଜି ନେତା ବାଲିମାଟି ଚାଲାଣର ମଧ୍ୟସ୍ଥି ସାଜିଥିବା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବିଭିନ୍ନ ପଞ୍ଚାୟତରେ ସରକାରୀ ପ୍ଲଟ୍‌ରୁ କୁଜି ନେତାଙ୍କ ଇଙ୍ଗିତରେ ମାଟି ଚୋରାଚାଲାଣ ହେଉଥିବା ଘଟଣା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ୩ କୋର୍ଟଚାଲାଣ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅଧିନ ମହିଷାଲଣ୍ଡା ଗ୍ରାମରେ ଜନୈକ ଦଳିତ ଯୁବକକୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଏସଂକ୍ରାନ୍ତରେ ପୋଲିସ ସେହି ଗ୍ରାମର ୩ ଜଣଙ୍କୁ ଗିରଫ କରିଛି । ଆକ୍ରମଣର ଶୀକାର ହୋଇଥିବା ଯୁବକ ମହିଷାଲଣ୍ଡା ଗ୍ରାମର ଜୀବନ ସେଠୀ ଥାନାରେ କରିଥିବା ଅଭିଯୋଗ ସୂତ୍ରରୁ ପ୍ରକାଶଯେ ଗତ ବୁଧବାର ସଂଧ୍ୟାରେ ସେ ନିଜ ଗ୍ରାମ ପେଣ୍ଡାଲରେ ବସିଥିବା ବେଳେ ସେହି ଗ୍ରାମର ପବିତ୍ର ରାଉତ, ଦେବୀ ପ୍ରସାଦ ସ୍ୱାଇଁ, ମହେଶ୍ୱର ରାଉତ, ବସନ୍ତ ରାଉତ, ରସାନନ୍ଦ ରାଉତ ପ୍ରମୁଖ ସେଠାରେ ପହଞ୍ଚି ଜୀବନଙ୍କୁ ଜାତିଆଣ ଅକ୍ଷେପ କରି ଗାଳିଗୁଲଜ କରିଥିଲେ । ଏଥିରେ ସେ ପ୍ରତିବାଦ କରିବାରୁ ପବିତ୍ର ଓ ତାଙ୍କ ସହଯୋଗୀମାନେ ତାଙ୍କୁ ଦଉଡ଼ିରେ ବାନ୍ଧି ନିସ୍ତୁକ ମାଡ଼ ମାରି ଗୁରୁତର କରି ଦେଇଥିଲେ । ଏଥିସହ ଗ୍ରାମରେ ରଖେଇ ନଦେବାକୁ ସେମାନେ ଜୀବନଙ୍କୁ ଧମକ ଦେଇଥିଲେ । ଜୀବନଙ୍କ କିଛି ସାଙ୍ଗ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଆକ୍ରମଣକାରୀ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ପବିତ୍ର ରାଉତ, ମହେଶ୍ୱର ରାଉତ ଓ ବସନ୍ତ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ରାଜନୈତିକ ଶତୃତାରୁ ଏହି ଆକ୍ରମଣ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ରାଜସ୍ୱ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ନିଆଳି(ଭାସ୍କର ନ୍ୟୁଜ): ଓଡିଶାର ରାଜସ୍ୱ ମନ୍ତ୍ରୀ ଦୀପାଞ୍ଚଳରେ । ଗତକାଲି ସନ୍ଧ୍ୟାରେ ଓଡିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଏକ ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ବିଜେପି କସର୍ଦା ଶକ୍ତି କେନ୍ଦ୍ରରେ ପହଞ୍ଚି ଥିଲେ । ସେଠାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା । କସର୍ଦା ମଣ୍ଡଳ ସଭାପତି, ସିଠାଳ ମଣ୍ଡଳ ସଭାପତି, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ବରିଷ୍ଠ ସଂଗଠକ ସରୋଜ କୁମାର ସ୍ୱାଇଁ, ଗଗନ ସାହୁ, ରଜନୀକାନ୍ତ ମହାପାତ୍ର, ମଣ୍ଡଳ ମହିଳା ମୋର୍ଚ୍ଚାର ମାନୁ ଅପା, ସିଠାଳ ସରପଞ୍ଚ କବିତା ମହାପାତ୍ରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମନ୍ତ୍ରୀ ସବୁ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ସମାଧାନର ରାସ୍ତା ବାହାର କରିଥିଲେ । ମନ୍ତ୍ରୀଙ୍କ ସହ କଥା ହୋଇ ଉପସ୍ଥିତ କର୍ମକର୍ତ୍ତାମାନେ ଖୁବ୍ ଖୁସିଥିବା ଦେଖିବାକୁ ମିଳିଥିଲା ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ 'ସଂଗ୍ସ ଅଫ୍ ଦି ଫରେଷ୍ଟ' ପୁସ୍ତକ ଉନ୍ମୋଚିତ




କାଳିଆପାଣି(ଭାସ୍କର ନ୍ୟୁଜ): ପ୍ରକୃତି ଓ ଜୈବ ବିବିଧତା ନେଇ ଆଦିମ ଜନଜାତିଙ୍କ ମଧ୍ୟରେ ଅନେକ ରୋଚକ କାହାଣୀ ମାନ ରହିଛି । ତେବେ ଆଧୁନିକୀକରଣ ଓ ସମୟ ସ୍ରୋତରେ ଏସବୁ ଏବେ ମନରୁ ଲିଭିବାକୁ ବସିଛି । ଏମିତିକି ଏବେର ଯୁବବର୍ଗଙ୍କ ଏସବୁ କାହାଣୀ ବିଷୟରେ ବହୁତ୍ କମ୍ ଧାରଣା ରହିଛି । ତେବେ ଆମର ମାନସପଟରୁ ଏହି ଭାବପୂର୍ଣ୍ଣ କାହାଣୀ ଗୁଡ଼ିକ ଲିଭିଯିବା ପୂର୍ବରୁ ଏହାକୁ ବହି ମାଧ୍ୟମରେ ଆଗାମୀ ପିଢ଼ିଙ୍କ ପାଇଁ ସାଇତି ରଖିବା ଲକ୍ଷ ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ଗୁରୁବାର ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ୍ ଖଣି ପରିସରରେ ଆୟୋଜିତ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ଏସବୁ କାହାଣୀ ସଙ୍କଳନ କରି ଏକ ସୁନ୍ଦର ପୁସ୍ତକ ଉନ୍ମୋଚନ କରାଯାଇଛି । ୬୪ ପୃଷ୍ଠା ସମ୍ବଳିତ ଏହି ପୁସ୍ତକର ନାମ ରଖାଯାଇଛି ସଂଗ୍ସ ଅଫ୍ ଦି ଫରେଷ୍ଟ (ଜଙ୍ଗଲର ଗୀତ) ଆଉ ଏଥିରେ ସ୍ଥାନ ପାଇଛି ସ୍ଥାନୀୟ ଆଦିବାସୀଙ୍କ ଅନେକ ଲୋକପ୍ରିୟ ଲୋକକଥା । ଟାଟା ଷ୍ଟିଲ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକ୍ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା ଏହି ପୁସ୍ତକଟିକୁ ଉନ୍ମୋଚନ କରି କହିଛନ୍ତି ଯେ, ନଏହି ପୁସ୍ତକ ଦ୍ୱାରା ଆମେ କେବଳ ଗଳ୍ପ ହିଁ ନୁହେଁ – ଏକ ଐତିହ୍ୟ, ଜ୍ଞାନ ଓ ପୃଥିବୀ ପ୍ରତି ଆଦିବାସୀ ଦୃଷ୍ଟିକୋଣର ସଂରକ୍ଷଣ କରୁଛୁ । ଏହା ଆମକୁ ପୃଥିବୀର ଏକ ସହଯାତ୍ରୀ ହେବାର ପ୍ରେରଣା ଦେଉଛି, ଏବଂ ଏହିବର୍ଷର ବିଷୟବସ୍ତୁ ପ୍ରକୃତି ସହିତ ସମନ୍ୱୟ ଓ ଦୀର୍ଘସ୍ଥାୟୀ ବିକାଶକୁ ପ୍ରତିବିମ୍ବିତ କରୁଛି । ଏହି ଅନନ୍ୟ ପ୍ରୟାସ ମାଧ୍ୟମରେ ଆଦିବାସୀ ସମୁଦାୟ ମଧ୍ୟରେ ପିଢି ଧରି ପରମ୍ପରାଗତ ଭାବେ କଥନ ହେଉଥିବା ଲୋକକଥା, ଐତିହ୍ୟ ଓ ଗଳ୍ପକୁ ଲିପିବଦ୍ଧ କରାଯାଇଛି । ଏହି ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନର ସିଏସଆର୍ ମୁଖ୍ୟ ଡଃ ଅମ୍ବିକା ପ୍ରସାଦ ନନ୍ଦ କହିଛନ୍ତି ପୃଥିବୀ ନାନା ପ୍ରକାର ଜୀବଜନ୍ତୁ ଓ ପ୍ରଜାତିଙ୍କ ଘର । ଆମେ ସମସ୍ତେ ସମନ୍ୱୟରେ ବଞ୍ଚିବାକୁ ଶିଖିବା ଉଚିତ । ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଆମେ ଏହି ପୃଥିବୀକୁ ଏକ ସୁନ୍ଦର ସ୍ଥାନ ବନାଇପାରିବା । ସଂଗ୍ସ ଅଫ୍ ଦି ଫରେଷ୍ଟ ପୁସ୍ତକଟି ଉଭୟ ପ୍ରିଣ୍ଟ ଓ ଡିଜିଟାଲ୍ ରୂପରେ ଉପଲବ୍ଧ ଅଛି ଓ ଏହା ଏକ ସାଂସ୍କୃତିକ ଓ ପରିବେଶିକ ଜ୍ଞାନର ଭଣ୍ଡାର ଭାବେ କାମ କରିବ ବୋଲି ମତପ୍ରକାଶ ପାଇଛି । ପୁସ୍ତକଟି ଆଦିବାସୀ ସମୁଦାୟର ପ୍ରକୃତି ସହ ଥିବା ସାମଞ୍ଜସ୍ୟକୁ ଦର୍ଶାଉଛି, ଯେଉଁଥିରେ ପାରମ୍ପରିକ ସଂରକ୍ଷଣ ପ୍ରଥା, ସ୍ଥାନୀୟ ଉଦ୍ଭିଦ ଓ ପ୍ରାଣୀଜଗତ, ଏବଂ ପରିବେଶ ସହିତ ଥିବା ଆଧ୍ୟାତ୍ମିକ ସଂଯୋଗ ବର୍ଣ୍ଣିତ ଅଛି । ପରିବେଶୀୟ ଦୀର୍ଘସ୍ଥାୟୀତା ଓ ସାଂସ୍କୃତିକ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତା ସ୍ୱରୂପ, ଟାଟା ଷ୍ଟିଲ ଫାଉଣ୍ଡେସନ୍ ଏହି ବିଶେଷ ଦିବସରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରିଥିଲା, ଯେଉଁଠି ଡଃ ଅରୁଣ କୁମାର ମିଶ୍ର (ପୂର୍ବତନ ପ୍ରଧାନ ବନ ସଂରକ୍ଷକ, ଓଡ଼ିଶା ସରକାର), ଗାୟତ୍ରୀ ଦେବୀ (ପରିବେଶ ଗବେଷକ ଓ ଗ୍ରୋ ୱିଥ ନେଚର ସଂସ୍ଥାର ସଂସ୍ଥାପକ), ଡଃ ଶ୍ୱେତାଶ୍ରୀ ପୁରୋହିତ ଓ ଡଃ ଜୟନ୍ତ ତ୍ରିପାଠୀ (ୟୁନିଟ୍ ଲିଡ୍, ଟାଟା ଷ୍ଟିଲ ଫାଉଣ୍ଡେସନ, ସୁକିନ୍ଦା-ବ୍ରାହ୍ମଣୀପାଳ) ନିଜ ଅଭିଜ୍ଞତା ବାଣ୍ଟି ଦର୍ଶକଙ୍କୁ ପ୍ରେରିତ କରିଥିଲେ ।

## ଭତ୍ତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି




ଆଳି(ଭାସ୍କର ନ୍ୟୁଜ): ଦୀର୍ଘ ଦଶ ମାସ ପରେ ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଞ୍ଚାୟତର ବହୁ ଚର୍ଚ୍ଚିତ ଭତ୍ତା କେଲେଙ୍କାରୀ ବିଷୟ ପୁଣି ସତେଜ ହୋଇ ଉଠିଛି । ଗୁରୁବାର ପୂର୍ବାହ୍ନରେ ଶତାଧିକ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ବ୍ୟକ୍ତି ଓ ମହିଳାମାନେ ଆଳି ବ୍ଲକରେ ପହଞ୍ଚି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପପ୍ରଦାନ କରିଥିଲେ । ସୂଚନା ସୂତ୍ରରୁ ପ୍ରକାଶ ଯେ ଅରଗଳ ପଞ୍ଚାୟତରୁ ଆର୍ଥିକ ବର୍ଷ ୨୦୨୩-୨୪ ରେ ଅନେକ ବ୍ୟକ୍ତି ମଧୁବାବୁ ପେନ୍‌ସନ୍ ଜରିଆରେ ଆବେଦନ କରିଥିଲେ । ସେଥି ମଧ୍ୟରୁ ୩୦୯ ଯୋଗ୍ୟ ବିବେଚିତ ହୋଇ ୭ମାସ ଭତ୍ତା ନିରନ୍ତର ଭତ୍ତା ଟଙ୍କା ପାଇ ଆସୁଥିଲେ । କିନ୍ତୁ ଗତ ୧୦ ମାସ ତଳେ ଅଭିଯୋଗ ଆଧାରରେ ବ୍ଲକ ପ୍ରଶାସନ ଓ ମେଡିକାଲ ଟିମ ଦ୍ୱାରା ପୁନଃ ଯାଞ୍ଚ କରାଯାଇ ୬୫ ଜଣଙ୍କ ନାମରେ ପ୍ରଶାସନ ତରଫରୁ ଆଳି ଥାନାରେ କେଶ ରୁଜୁ ହୋଇଥିଲା ବେଳେ ତନ୍ମଧ୍ୟରୁ ୧୧ ଜଣ ଭିନକ୍ଷମ ଓ ବିଧବା ଲୋକଙ୍କୁ ଭତ୍ତା ମିଳୁଥିବା ବେଳେ ବାକି ୨୩୩ ଜଣଙ୍କ ଭତ୍ତା ସେହିଦିନଠାରୁ ସ୍ଥଗିତ ରଖାଯାଇଛି । ବନ୍ଦ ହୋଇ ରହିଥିବା ହିତାଧିକାରୀଙ୍କ ମଧ୍ୟରୁ ୪ଜଣଙ୍କ ଦେହାନ୍ତ ହୋଇ ସାରିଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ଲୋକ ଶଯ୍ୟାଶାୟୀ ତତ୍‌ସହିତ ୩ଜଣଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ ଥାଇ ମଧ ସେମାନଙ୍କର ଭତ୍ତା ଦୀର୍ଘ ୮ମାସ ହେବ ବନ୍ଦ ହୋଇ ରହିଛି । ଫଳରେ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଗୁଜୁରାଣ ମେଣ୍ଟାଇବା କଷ୍ଟ ସାଧ୍ୟ ହୋଇପଡିଛି । ସେମାନେ ଭତ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବାରୁ ସେମାନେ ଆଳି ବ୍ଲକରେ ପହଞ୍ଚି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠିଙ୍କୁ ଭେଟି ଉକ୍ତ ଘଟଣାର ସଠିକ ଯାଞ୍ଚ କରିବା ସହ ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି । ଏ ନେଇ ଅବିନାଶ ବିଶ୍ୱଜିତ ସେଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ମୁଁ ଏହାର ତଦନ୍ତ କରି ଯଥାଶୀଘ୍ର ଉପଯୁକ୍ତ ହିତାଧିକାରୀଙ୍କୁ ଭତ୍ତା ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ।

## ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଚମ୍ପୁଆରେ କେବେ ?

ଯୋଡ଼ା(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଓଡିଶାର ଏକ ପ୍ରମୁଖ ଖଣି ଅଞ୍ଚଳ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ବାହାରୁ ଆସି ଲୋକମାନେ ଏଠାରେ ବସବାସ କରୁଛନ୍ତି । ହେଲେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସି ଖଣି, କଳ କାରଖାନାରେ କର୍ମନିଯୁକ୍ତି ଓ ଛୋଟ ବଡ଼ ବେବସାୟ କରି ନିଜର ଜୀବିକା ନିର୍ବାହ କରୁଛନ୍ତି । ତେବେ ବଡ ପରିତାପର ବିଷୟ ଦେଶ ବାହାରୁ ଅନୁପ୍ରବେଶକାରୀ ଆସି ଅନାୟସରେ ଏଠି ରହି ଯାଉଛନ୍ତି, ଏଥିପ୍ରତି ପ୍ରଶାସନର ଦୃଷ୍ଟି କେବେବି ପଡ଼ିଥିବା ନଜିର ନାହିଁ । ଭାରତ ସରକାର ବାରମ୍ବାର ରାଜ୍ୟ ସରକାରଙ୍କୁ ଅବୈଧ ପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ତଡ଼ିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ବି ଏହା କାର୍ଯ୍ୟକାରୀ ହେଉ ନଥିଲା । ପେହେଲଗାଁମ୍ ଆତଙ୍କି ହାମ୍‌ଲା ପରେ ଦେଶର ସମସ୍ତ ରାଜ୍ୟ ସରକାର ସତର୍କ ହୋଇ ଯାଇଛନ୍ତି । ବିଶେଷକରି ଓଡ଼ିଶା ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରି ସମୁଦ୍ର କୁଳିଆ ଜିଲ୍ଲାଙ୍କ ସହିତ ରାଜଧାନୀ ଭୁବନେଶ୍ୱରରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପକ୍ରିୟ ଆରମ୍ଭ କରିଛନ୍ତି । ହେଲେ ରାଜ୍ୟର ବିଭିନ୍ନ ଖଣି ଓ ଶିଳ୍ପାଞ୍ଚଳ ମଧ୍ୟରୁ ଯୋଡ଼ା ଓ ବଡ଼ବିଲ ଖଣି ଅଞ୍ଚଳରେ ଅନୁପ୍ରବେକାରୀଙ୍କୁ ଚିହ୍ନଟ କରିବାକୁ ଏଯାଏ ପ୍ରଶାସନ ତତ୍ପର ହେଇନାହିଁ । ଏଥି ପୂର୍ବରୁ ବଙ୍ଗଳାଦେଶୀ ଅନୁପ୍ରବେଶକାରିଙ୍କୁ ଏହି ଅଞ୍ଚଳରେ ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ କାର୍ଡ ମଧ୍ୟ ପ୍ରଦାନ କରିବାରେ ସରକାରୀ ବାବୁମାନେ ସହଯୋଗ କରିଥିବା ଅଭିଯୋଗ ହେଇ ଆସୁଥିଲା, ଘୁସ୍ ପେଟିଆଙ୍କୁ ଚିହ୍ନଟ କରି ବାହାର କରିବା ସହିତ ସରକାରୀ କାଗଜ ଯୋଗାଇଥିବା ସରକାରୀ କର୍ମଚାରୀଙ୍କୁ କଠୋର ଦଣ୍ଡବିଧାନ ହେଉ ବୋଲି ସାଧାରଣରେ ଦାବି ହେଉଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ନିର୍ଦ୍ଦେଶ ସମସ୍ତ ରାଜ୍ୟପାଳଙ୍କୁ ହେବାପରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ଖଣି ଅଞ୍ଚଳରେ ବାଂଲାଦେଶୀ ଅନୁପ୍ରବେଶକାଙ୍କୁ ଚିହ୍ନଟ କରିବାକୁ ପ୍ରଶାସନ ଆଗଭର ହେଉନି କାହିଁକି ।

## କାଦୁଅ ପଚପଚ ନାମ୍ପୋ ଖୁଲୁଡା ଭାୟା ଆମ୍ବଡିହା ସଡ଼କ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଖାଲିନା ପଞ୍ଚାୟତ ଅନ୍ତର୍ଗତ ନାମ୍ପୋଠାରୁ ଖୁଲୁଡ଼ା ପଞ୍ଚାୟତ ପର୍ଯ୍ୟନ୍ତ ଗ୍ରାମ୍ୟ ପକ୍କା ସଡ଼କ କାଦୁଅ ପଚପଚ ହୋଇ ମରଣଯନ୍ତା ପିଲଟିଛି । ଅଞ୍ଚଳରେ ବ୍ୟାପକ ପରିମାଣରେ ହେଉଥିବା ରବି ଧାନ ଚାଷ ଅମଳ ଲାଗି ଏହି ସବୁକୁ ବ୍ୟାପକ ବ୍ୟବହାର କରାଯାଇଥାଏ । ବିଶେଷ କରି ହାରେଭେଷ୍ଟର, ଟ୍ରାକ୍ଟର ଚକା ମାଧ୍ୟମରେ କ୍ଷେତରୁ ଆସୁଥିବା କୁଡକୁଡ କାଦୁଅ ଜମାହୋଇ ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି । ସଫା କରିବାକୁ ନଥିବା ବେଳେ ତାହା ଶୁଖି ଯାଇ ସଡକରେ ଲାଗି ରହିଥିଲା । ପ୍ରାକ ମୌସୁମୀ ପ୍ରଥମ ବର୍ଷାରେ ରାସ୍ତା କାଦୁଅ ହୋଇ ଯାତାୟାତରେ ଲୋକେ ହିନସ୍ତା ହେଉଛନ୍ତି । ଅଞ୍ଚଳର ଏହା ଏକମାତ୍ର ସଡ଼କ ଥିବା ବେଳେ କାଦୁଅ ଯୋଗୁଁ ସାଇକେଲ, ମଟର ସାଇକେଲରେ ଦୁରରେ ରଖିବିକୁ ବାଧ ହେଉଛନ୍ତି । ଏପରିକି ଖାଲି ପାଦରେ ଯିବା ମଧ୍ୟ କଷ୍ଟସାଧ ହେଉଛି । ଛାତ୍ରଛାତ୍ରୀ ବିଦ୍ୟାଳୟ, କୋଚିଙ୍ଗ ସେଣ୍ଟର, ଟିୟୁସନ ଯିବାରେ ଅସୁବିଧା ହେଉଛି । ତେଣୁ ଆମ୍ବଡିଆ ଗ୍ରାମର ଜ୍ୟୋତି ପ୍ରକାଶ ଦାସ, ବାଦଲ ଦାସ, ସରୋଜ ବେହେରା, ସତ୍ୟବ୍ରତ ପ୍ରମାଣିକ ପ୍ରମୁଖ ତୁରନ୍ତ ସଡ଼କ ସଫା ପାଇଁ ପ୍ରଶାସନକୁ ଦାବି ଜଣାଇଛନ୍ତି ।

## ରଘୁନାଥପୁରରେ ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା

ରଘୁନାଥପୁର(ଭାସ୍କର ନ୍ୟୁଜ): ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି କ୍ଷଅପରେସନ ସିନ୍ଦୁରରେ ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳି ଦାନକୁ ସମ୍ମାନ ଜଣାଇ ରଘୁନାଥପୁର ମଣ୍ଡଳ ବିଜେପି ପକ୍ଷରୁ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ରଘୁନାଥପୁର ଥାନା ନିକଟସ୍ଥ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରୁ ଆରମ୍ଭହୋଇ ରଘୁନାଥପୁର ବଜାର, ଜଗନ୍ନାଥପୁର ବଜାର ପରିକ୍ରମା କରି ବ୍ଲକ ଛକରେ ପହଂଚି ଭାରତ ମାତା କି ଜୟ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଆୟୋଜିତ ଶୋଭାଯାତ୍ରା ରଘୁନାଥପୁର ବିଜେପି ମଣ୍ଡଳ ସଭାପତି ସ୍ୱରାଜ ସାମଲଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ନିର୍ମଳ ମହାପାତ୍ର, ସୁବୋଧ ବାରିକ, ସୁବାସ ଜେନା, ସରୋଜ କାନ୍ତ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ଶିବ ପ୍ରସାଦ ଜେନା, ହେମନ୍ତ କୁମାର ସାହୁ, ସୁକାନ୍ତ ସ୍ୱାଇଁ, ପ୍ରବୀର ପଟ୍ଟନାୟକ, ମନୋଜ ସାହୁ, ପ୍ରଶାନ୍ତ ମହାରଣା, ଲିଙ୍ଗରାଜ ବାରିକ, ଅକ୍ଷୟ ମିଶ୍ର, ନବକିଶୋର ମଲ୍ଲିକ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ ।

## ମାସ୍ ଏକାଡେମୀ ଅଫ୍ ସାଇନ୍ସ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର(ଭାସ୍କର ନ୍ୟୁଜ): ଯାବତୀୟ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରି ନୂତନତ୍ୱ ପ୍ରଦାନ ପୂର୍ବକ ଶିଷ୍ୟର ଜୀବନକୁ




ଧନ୍ୟ କରିଥାଏ ଗୁରୁଟିଏ ।ଶିଷ୍ୟ ମଧ୍ୟ ଗୁରୁଙ୍କ ସାନ୍ନିଧ୍ୟରେ ନିଜର ଅନ୍ତର୍ନିହିତ ଗୁଣାବଳି ପରିସ୍ଫୁଟ କରି ଦୁନିଆରେ ଶ୍ରେଷ୍ଠ ହୋଇଥାଏ ବୋଲି ଜଳେଶ୍ୱର ପୁରୁଣା କୋର୍ଟ ବଜାର ଠାରେ ୨୦୨୩ ମସିହାରେ ଗଢି ଉଠିଥିବା ମାସ ଏକାଡେମୀ ଅଫ ସାଇନ୍ସ ସ୍କୁଲର ପ୍ରଥମ ବର୍ଷର ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କ ୧୦୦ ଶତକଡା ସଫଳତା ହାସଲ ପାଇଁ ଅନୁଷ୍ଠିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ତ୍ରିଲୋଚନ ଦାସ ଅଧିକାରୀ ସଭାପତିତ୍ୱ କରିଥିଲେ । ସଂକଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ । ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏମଡି ଆଦିକନ୍ଦ ଦାସ ଅଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ତୁମର ପ୍ରଥମ ବିଜୟ ପରେ ବିଶ୍ରାମ କର ନାହିଁ, କାରଣ ଯଦି ତୁମେ ଦ୍ୱିତୀୟ ଥର ବିଫଳ ହୁଅ, ତେବେ ଅନେକ ଲୋକ ଏହା କହିବାକୁ ଅନେଇ ବସିଥିବେ ଯେ ତୁମର ପ୍ରଥମ ବିଜୟ କେବଳ ଭାଗ୍ୟ ଥିଲା ବୋଲି ହରିଶ୍ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ତ ପାତ୍ର, ଭୂପତି ଚରଣ ଜେନା, ଶଶିଧର ବେହେରା, ଅମିତ୍ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ମାସ୍ ଏକାଡେମୀ ଅଫ ସାଇନ୍ସ ସ୍କୁଲର ପ୍ରଥମ ବର୍ଷର ପ୍ରଥମ ବ୍ୟାଚରେ ମୋଟ ୨୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି । ୨୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮ ଜଣ ପ୍ରଥମ ସ୍ଥାନ ପାଇଥିବା ବେଳେ ୩ ଜଣ ଦ୍ୱିତୀୟ ସ୍ଥାନ ଓ ୩ ଜଣ ତୃତୀୟ ସ୍ଥାନ ପାଇଛନ୍ତି । ସେଥି ମଧ୍ୟରୁ ରଞ୍ଜିତା ଖଟୁଆ ମୋଟ ୬ ସହ ନମ୍ବରରୁ (୫୪୩) ଯଥା ଶତକଡା ୯୦.୫୦ ନମ୍ବର ରଖି ସ୍କୁଲରେ ଟପର ହୋଇଛନ୍ତି । ଏହା ଛଡା ଲିଜାରାଣୀ ପ୍ରଧାନ (୫୨୩), ପ୍ରିୟଙ୍କା ଖଟୁଆ (୫୨୦), ଆଦ୍ୟା ଅଭିପ୍ସା ପ୍ରଧାନ (୫୦୧) ନମ୍ବର ରଖି ସଫଳତା ହାସଲ କରିଛନ୍ତି । ଏହି ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ତରଫରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ପରିଚାଳନା କରିଥିଲେ ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଦିଗହରା, ଅବଧି ଶେଷ କିନ୍ତୁ ସରୁନି ରାସ୍ତା କାର୍ଯ୍ୟ

କାକଟପୁର(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଗମନା ଗମନକୁ ଦୃଷ୍ଟିରେ ରଖି ଗ୍ରାମ ରାସ୍ତାକୁ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ , ଜିଲ୍ଲା ସଦର ମହକୁମା ଓ ସହରାଞ୍ଚଳ ସହିତ ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପ୍ରଣୟନ କରାଯାଇଥିଲା । ଏହି ଯୋଜନାରେ ଗ୍ରାମାଞ୍ଚଳ ରାସ୍ତାର ଉନ୍ନତିକରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଅନୁଦାନ ରାଶି ମିଳୁଥିବା ବେଳେ ଅଧିକାଂଶ ସ୍ଥାନରେ ଏହି ଯୋଜନାର ସୁଫଳ ଲୋକଙ୍କୁ ବର୍ଷ ବର୍ଷ ଧରି ମିଳୁନଥିବା ଅଭିଯୋଗ ହେଉଛି । କେତେକ ସ୍ଥାନରେ ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଓ ଠିକାଦାର ପ୍ରୀତି ଯୋଗୁଁ ସରକାରୀ ଅର୍ଥ ବାଟମାରଣା ସାଙ୍ଗକୁ ବର୍ଷ ବର୍ଷ ରାସ୍ତା କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନଥିବା କୁହାଯାଉଛି । ଯାହାରକି ଉଦାହରଣ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡ଼ିଭିଜନ ପକ୍ଷରୁ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡ଼କ କାର୍ଯ୍ୟ ମାନଙ୍କରେ ଦେଖିବାକୁ ମିଳୁଛି । ଏହି ସବ୍‌ଡ଼ିଭିଜନରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଦିଗହରା ହୋଇ ପଡ଼ିଥିବା ବେଳେ ଅଧିକାଂଶ ରାସ୍ତାର ଅବଧି ଶେଷ ହୋଇଯାଇଥିଲେ ମଧ ଏଯାବତ ପୂର୍ଣ୍ଣାଙ୍ଗ ହୋଇପାରୁନଥିବା ସ୍ଥାନୀୟ ଲୋକ ଅଭିଯୋଗ



କରୁଛନ୍ତି । ଅଭିଯୋଗରୁ ଆହୁରି ପ୍ରକାଶ ଯେ ଠିକାଦାର ରାସ୍ତା କାର୍ଯ୍ୟ ଶେଷ କରୁନଥିବା ବେଳେ ରାସ୍ତାରେ ବିଛାଯାଇଥିବା ଗୋଡି ଯାନବାହନ ଚଳାଚଳ ବେଳେ ଛିଟିକି ପଥଚାରୀଙ୍କ ଦେହରେ ମାଡ଼ ହେଉଛି । ସେହିଭଳି ରାସ୍ତାରେ ପଡ଼ିଥିବା ଡ୍ରଷ୍ଟ ଗୁଣ୍ଡ ଉଡି ଲୋକଙ୍କ ଘରେ ପସୁଛି । ରାସ୍ତା କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ବେଳେ କେତେକ ସ୍ଥାନରେ ଦଦରା ପୋଲ ଉପରେ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ହେଉଛି । କେଉଁଠି ନିର୍ମାଣ ହୋଇଥିବା ଗାର୍ଡୱାଲରୁ ସିମେଣ୍ଟ ବାଲି ଛାଡିଲାଣି ତ ଆଉ କେଉଁଠି ରାସ୍ତାରେ ବିଛା ଯାଇଥିବା ନିମ୍ନମାନର ଓ କମ ଉଚ୍ଚତାର ଫେବେର ବ୍ଲକ ପଥଚାରୀଙ୍କ ପାଇଁ ଘାତକ ସାଜିଛି । କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡ଼ିଭିଜନ ଅଧିନରେ କାକଟପୁର ନଂ, ୧ କାକଟପୁର ନଂ ୨, ଅସ୍ତରଙ୍ଗ ନଂ ୧, ଅସ୍ତରଙ୍ଗ ନଂ ୨ ମୋଟ ୪ ଗୋଟି ସେକ୍ସନ ଥିବାବେଳେ ଏହି ସବୁ ସେକ୍ସନ ଅଧିନରେ ୧୫ରୁ ଉର୍ଦ୍ଧ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା କାର୍ଯ୍ୟ ଚାଲିଛି । ଏଥି ମଧ୍ୟରୁ ୨ କିମ୍ବା ୩ଟି ରାସ୍ତା କାର୍ଯ୍ୟକୁ ଛାଡି ଦେଲେ ଅବଶିଷ୍ଟ ରାସ୍ତା କାର୍ଯ୍ୟର ଅବଧି ଶେଷ ହୋଇ ଯାଇଥିଲେ ମଧ ରାସ୍ତା କାର୍ଯ୍ୟ ବିଭିନ୍ନ କାରଣରୁ ଶେଷ ହୋଇ ପାରୁନଥିବା କୁହାଯାଉଛି । ଏଥିପାଇଁ ବିଭାଗ ପକ୍ଷରୁ ଠିକାଦାରକୁ କାରଣ ଦର୍ଶାଅ ନୋଟିସ କିମ୍ବା ଠିକାଦାର ଉପରେ ପେନାଲିଟି କରିବାର କ୍ଷମତା ବିଭାଗର ରହିଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ଅସଂପୂର୍ଣ୍ଣ ଭାବେ ପଡିରହିଥିବା ଏବଂ ସଂପୃକ୍ତ କାର୍ଯ୍ୟକୁ ଠିକା ନେଇଥିବା ଠିକାଦାରମାନେ ଓଲଟି ପ୍ରତିମାସରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି କରୁଛନ୍ତି ଆମ୍ଭକୁ ରାସ୍ତାର ସୀମା ନିର୍ଦ୍ଧାରଣ କରି ଯାଗା ଦେଖାଅ, ଆମ୍ଭେ ରାସ୍ତା କାର୍ଯ୍ୟ ଶେଷ କରିବୁ । ଠିକାଦାର ଠାରୁ ଚିଠି ପାଇ ବିଭାଗ ନିରବ ଦ୍ରଷ୍ଟା ସାଜିଛି । କାରଣ ଏକାଧିକ ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଡ଼କ ପ୍ରକଳ୍ପରେ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ, ଜଙ୍ଗଲ କିସମ ଜମି ଓ ଲୋକଙ୍କ ବ୍ୟକ୍ତିଗତ ସମ୍ପତ୍ତି ସାଙ୍ଗକୁ ଜଳ ସେଚନ ବିଭାଗଠାରୁ ଅନୁମତି ନଆଣି ଏକାଧିକ କେନାଲ ବନ୍ଧକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣ ହେଉଥିବାରୁ କେନାଲଗୁଡିକ ସଂକୁଚିତ ହେବା କାରଣରୁ ସ୍ଥାନୀୟ ଚାଷୀ ମଧ୍ୟ ବିରୋଧ କରୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଏଷ୍ଟିମେଟ ପ୍ରସ୍ତୁତି ପୂର୍ବରୁ ରାସ୍ତାର ସ୍ଥିତି ଆଉ ଅବସ୍ଥିତି କ'ଣ ରହିଛି ତାହାକୁ ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ମତାମତ ନେଇ ଯଦି ଠିକ ଭାବେ ସର୍ଭେ କରି ପ୍ରକଳ୍ପ ଅନୁମୋଦନ ପରେ ଟେଣ୍ଡର ଡାକନ୍ତା ତେବେ ଠିକାଦାରକୁ ରାସ୍ତା କାର୍ଯ୍ୟରେ ନାନାଦି ପ୍ରତିବନ୍ଧକର ସାମ୍ନା କରିବାକୁ ପଡନ୍ତାନାହିଁ ବୋଲି ଅଞ୍ଚଳର ବହୁ ନିର୍ବାଚିତ ଓ ପୂର୍ବତନ ଲୋକ ପ୍ରତିନିଧି ଓ ବୃଦ୍ଧିଜୀବୀ ମତଦେଇଛନ୍ତି । ବିଗତ ୨ ବର୍ଷ ମଧ୍ୟରେ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡ଼ିଭିଜନର କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ଅନୁଦାନ ରାଶି ମିଳିଛି ଏବଂ ତାହା କିପରି କେଉଁ ସ୍ଥାନରେ ବ୍ୟୟ କରାଯାଇଛି ଏହାର ଏକ ଭିଜିଲାନ୍ସ ତଦନ୍ତ ପାଇଁ କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ, ସୁରକ୍ଷା ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ ସମେତ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।



ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ଯୁବ କଂଗ୍ରେସ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଡା ଲିପିକା ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ଜିଲ୍ଲା କଂଗ୍ରେସ ସଭାପତି ଭୁଜବଳ ମାଝି, ଅନାମୁ ଦିଆଲ, ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲ, ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ସିଂହ, ବିଧାୟକ ପାର୍ଥ୍ୱି ଦିଲ୍ଲୀପ ପ୍ରଧାନୀ, ବ୍ଲକ ଯୁବ କଂଗ୍ରେସ ସଭାପତି ପଙ୍କଜ ଖୁରା, ସୁରୋଜ ଲାଲା, ମନୋଜ ସନ୍ୟା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନବରଙ୍ଗପୁର ରକ୍ତ ଭଣ୍ଡାରରୁ ଆସିଥିବା ଏଲଟି ସରୋଜ କୁମାର ସିଂହ, ହେମନ୍ତ ରାଉତ, ବୀରେନ୍ଦ୍ର ବିଷୋୟୀ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଡା.ମହମ୍ମଦ ହୁସେନ, ଭେଷଜକ ସନ୍ତୋଷ କୁମାର ବରାଡ, ପିଏଚଇଓ ରଂଜିତା ସାମଲ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରବଳ ଗରମ ସତ୍ତ୍ୱେ ବ୍ଲକ ଯୁବ କଂଗ୍ରେସ ସଭାପତି ଶ୍ରୀ ଖୁରାଙ୍କ ନେତୃତ୍ୱରେ ପୂଜାରୀ ଗୁଡ଼ା ଗ୍ରାମର ଉତ୍ସାହୀ ଯୁବକ ମାନେ ସ୍ୱଇଛାରେ ଆସି ରକ୍ତଦାନ କରିଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କଂଗ୍ରେସ କମିଟିର ରକ୍ତଦାନ ଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଶେଷରେ ନବରଙ୍ଗପୁର ରକ୍ତ ଭଣ୍ଡାର ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



## ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ରାଜ୍ୟ ସରକାର ଚେଷ୍ଟିତ

# ପୂର୍ବରୁ ମିଳିଛି ୧୨, ୧୦ରୁ ଉର୍ଦ୍ଧ୍ୱ ପିଏମ୍ ଶ୍ରୀ ବିଦ୍ୟାଳୟ କରିବାକୁ ଯୋଜନା

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ବିଜେପି ସରକାରକୁ ଆସିଲା ପରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ବହୁ ନୂତନ ପଦକ୍ଷେପ ନେଇଛି। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ବର୍ଷକ ଭିତରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଲାଗୁ ପାଇଁ ପ୍ରସ୍ତୁତି ହୋଇଛି ବୋଲି ବିଜେପି ନେତା ଗୌତମ ରାୟ କହିଛନ୍ତି । ତାଙ୍କ ସୂଚନା ମୁତାବକ ଆମ ରାଜ୍ୟ ଏବେ ସୁଦ୍ଧା ୪୬୨ ପି ଏମ୍ ଶ୍ରୀ ବିଦ୍ୟାଳୟ ପାଇସାରିଛି। ବିଞ୍ଝାରପୁର ସମେତ ଜିଲ୍ଲାର ୧୦ ଟି ବ୍ଲକ ଓ ୨ ଟି ପୌରାଞ୍ଚଳକୁ ସମୁଦାୟ ୧୨ ପି ଏମ୍ ଶ୍ରୀ ବିଦ୍ୟାଳୟ ମିଳିଛି। ଆଗକୁ ଆହୁରି ୩୦୦ ପି ଏମ୍ ଶ୍ରୀ ବିଦ୍ୟାଳୟ ମିଳିବ



ବୋଲି କେନ୍ଦ୍ର ସରକାରଙ୍କ ଠାରୁ ପ୍ରତିଶ୍ରୁତି ମିଳିଛି। ଏମିତି ହେଲେ ଯାଜପୁର ଜିଲ୍ଲାକୁ ଅତିକମରେ ୧୦ ଟି ପି ଏମ୍ ଶ୍ରୀ ବିଦ୍ୟାଳୟ ମିଳିବ। ବିଦ୍ୟାଳୟ କାନ୍ଥ ବାଡ ରଙ୍ଗ ନବୋଲି ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଶିକ୍ଷକ ନିଯୁକ୍ତି ଭଳି କାର୍ଯ୍ୟ ଜାରି ରହିଛି। ପୂର୍ବ ସରକାର ବିଦ୍ୟାଳୟକୁ ଶିକ୍ଷକ ଦେଇପାରିନଥିଲେ । ନୂଆ ସରକାର ଆସିବା ପରେ ୧୬ ହଜାର କନିଷ୍ଠ ଶିକ୍ଷକ ଓ ପରେ ୨ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଇଛି । ଆଗାମୀ ଦିନରେ ଆବଶ୍ୟକତା ଅନୁସାରେ ଖାଲି ପଡ଼ିଥିବା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ। ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ବ୍ୟବସ୍ଥା କରାଯାଇଛି। ଗୁଣାତ୍ମକ ଶିକ୍ଷା, ଡ୍ରପ ଆଉଟ୍ ସମସ୍ୟା ରୋକିବା, ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ବୋଲି ଶ୍ରୀ ରାୟ ସୂଚନା ପ୍ରଦାନ କରିଥଲେ। ସିଂହପୁର ବିଜେପି କାର୍ଯ୍ୟାଳୟରେ ନାରୀ ନେତ୍ରୀ ବବିତା ମଲ୍ଲିକ, ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆଙ୍କ ସମେତ ଦଳର ବହୁ ଛାମୁଆଁ ନେତାଙ୍କୁ ଶ୍ରୀ ରାୟ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚିତ କରିଥିଲେ।

# ବିଜ୍ଞାନରେ ବଂଶଧାରା କଲେଜ ଛାତ୍ରୀ ଭୁନା ଅକ୍ଷୟା ଜିଲ୍ଲା ଟପ୍ପର

ଗୁଣପୁର (ଭାସ୍କର ନ୍ୟୁଜ) : ପ୍ରକାଶ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ ଫଳାଫଳରେ ଗୁଣପୁର ବଂଶଧାରା ଶିକ୍ଷାନୁଷ୍ଠାନ ପୁଣିଥରେ ବାଜିମାତ କରିଛି। ଅନୁଷ୍ଠାନ ପୂର୍ବବର୍ଷ ଗୁଡିକରେ ଜିଲ୍ଲା ଟପ୍ପର ଧାରାକୁ ବଜାୟ ରଖି ଚଳିତବର୍ଷ ମଧ କଲେଜର ଛାତ୍ରୀ ଭୁନା ଅକ୍ଷାୟା ଏ (୫୫୭/୬୦୦) ୯୨.୮୩% ପ୍ରତିଶତ ମାର୍କ ରଖି ସମଗ୍ର ରାୟଗଡ଼ା ଜିଲ୍ଲା ତଥା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଟପ୍ପର ହୋଇଛନ୍ତି। ଅନୁଷ୍ଠାନର ୧୪୬ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ



ଶ୍ରେଣୀରେ ୨୮ଜଣ ଓ ତୃତୀୟ ଶ୍ରେଣୀରେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଅନୁଷ୍ଠାନର ୯୫ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କଲେଜକୁ ଗୌରବାନ୍ୱିତ କରିଛନ୍ତି। ସେହିପରି କଳାରେ କେ ସୌମ୍ୟା ୪୮୪ ମାର୍କ ୩୦ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩ଜଣ, ଦ୍ୱିତୀୟ ଶ୍ରେଣୀରେ୯ଜଣ ଓ ତୃତୀୟ ଶ୍ରେଣୀରେ ୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନ କଳାରେ ୯୭ ପ୍ରତିଶତ ଫଳାଫଳ ହାସଲ କରିଛି। ଏହି ସଫଳତା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ମହାକୁଡ, ଉପାଧ୍ୟକ୍ଷ ଲାଡି ରାଜ କୁମାର, ସମ୍ପାଦକ ହରି କୃଷ୍ଣ ପୁରୁଷୋତ୍ତମ, ଅନୁଷ୍ଠାନର ପ୍ରିନ୍ସିପାଲ୍ ଅରୁଣ କୁମାର ପାଢ଼ୀ ଏବଂ ସମସ୍ତ ଅଧାପକ ଓ ଅଧାପିକା ବୃନ୍ଦ ଭୁନା ଅକ୍ଷୟାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଧରିତ୍ରୀ ସମ୍ମାନ ପାଇଲା ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ



ଫୁଲନଖରା, (ଭାସ୍କର ନ୍ୟୁଜ) : ରାଜ୍ୟର ଅଗ୍ରଣୀ ସାମାଜିକ ସଙ୍ଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ, ଓଡ଼ିଶା(ବିସିଟି) ନାରୀ ସେଲ୍ ବିଭାଗର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟା ତଥା ଯାଜପୁର ଜିଲ୍ଲା ବରୀ ନିବାସୀ ଆଦର୍ଶ ପ୍ରତିଭା ସନ୍ତୋଷୀ ତନୟା ନନ୍ଦଙ୍କୁ ସମାଜସେବା, ରକ୍ତଦାନ, ନାରୀ ଜାଗରଣ, ଶିକ୍ଷା, କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ରେନବୋ ଡିଜିଟାଲ ମିଡ଼ିଆ ପରିବାର ଓ ବର୍ଷା ଫାଉଣ୍ଡେସନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମା ପାରି କିଏ ହେବ' ମାଷ୍ଟାରକ୍ୟାଣ୍ଟିନ ଛକ ଭୁବନେଶ୍ୱରସ୍ଥ ବୁଲନ ଭାଇ ସେବା ଭବନ ଠାରେ ଅନୁଷ୍ଠିତ ସଭାରେ ତାଙ୍କୁ ଧରିତ୍ରୀ ସମ୍ମାନ - ୨୦୨୫ ରାଜ୍ୟ ସ୍ତରୀୟ ମର୍ଯ୍ୟାଦା ଜନକ ସମ୍ମାନ ପ୍ରଦାନ କରାଯାଇଛି । ବିଶିଷ୍ଟ ସାମ୍ବାଦିକ ସତ୍ୟବ୍ରତଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ସଦର ବିଧାୟକ ସ୍ତମ୍ଭକାର ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ବାଙ୍କୀ ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ,ସରସ୍ୱତୀ କଳା ପରିଷଦ କନ୍ଦରପୁର ସଭାପତି କବି ପ୍ରତିଭା ଶତପଥୀ, ବରିଷ୍ଠ ରୋଟାରୀଆନ ଶୁଭ୍ରାଂଶୁ ମୋହନ ତ୍ରିପାଠୀ,ଇନର ହୁଇଲ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଟ୍ରଷ୍ଟ ଅଧ୍ୟକ୍ଷା ସମାଜସେବୀ ବର୍ଷା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବୀ ସଂତୋଷୀଙ୍କୁ ସାମାଜିକ ସଂଗଠନ ଆରାଧ୍ୟା ଚାରିଟେବୁଲ ଟ୍ରଷ୍ଟ ଫୁଲନଖରା, ବିସିଟି ପକ୍ଷରୁ ଅଧ୍ୟକ୍ଷ ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ,ସମ୍ପାଦକ ସାହିତ୍ୟିକ ପ୍ରିନ୍ସ ନନ୍ଦ ତଥା ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ବଜ୍ରାଘାତରେ ଜଣେ ଶିଶୁ ମୃତ, ୨ ଗୁରୁତର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ଦଳପତିଗୁଡା ପଞ୍ଚାୟତର ମେଣ୍ଡକୁଲି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତ ନାବାଳକ ହେଲା ରାହୁଲ ମାଡ଼ି । ଗତକାଲି ମଧ୍ୟାହ୍ନରେ ପ୍ରବଳ ଘଡଘଡି ସହ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଗ୍ରାମର ତିନି ଜଣ ଶିଶୁ ଆମ୍ବ ଗୋଟାଇବାକୁ ନିକଟସ୍ଥ ତୋଟାକୁ ଯାଇଥିଲେ। ଗଛ ତଳୁ ଆମ୍ବ ଗୋଟାଉଥିବା ବେଳେ ଅଚାନକ ବଜ୍ରାଘାତ ହୋଇଥିଲା। ଯାହାଫଳରେ ଘଟଣାସ୍ଥଳରେ ହିଁ ମେଣ୍ଡକୁଲି ଗ୍ରାମର ରାମା ମାଡିଙ୍କ ପୁଅ ରାହୁଲ ମାଡି(୯)ର ମୃତ୍ୟୁ ହୋଇଯାଇଥିବା ବେଳେ ଆଉ ଜଣେ ପୁଅ ଓ ଝିଅ ଆହତ ହୋଇଥିଲେ। ତୁରନ୍ତ ସ୍ଥାନୀୟ ବାସିନ୍ଦା ତିନି ଜଣଙ୍କୁ ମାଥିଲି ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ରାହୁଲକୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇ ଜଣ ଶିଶୁ ବିପଦମୁକ୍ତ ବୋଲି କହିଛନ୍ତି। ଏହି ଖବର ଗାଁରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ଆମ୍ବ ଗୋଟାଇବାକୁ ଯାଇ ଶିଶୁର ମୃତ୍ୟୁକୁ ନେଇ ପରିବାର ଲୋକେ ବିଶ୍ୱାସ କରିପାରୁ ନାହାନ୍ତି। ପୁଅର ମୃତ୍ୟୁରେ ବାପା ମାଆଙ୍କର ଅବସ୍ଥା ସାଂଘାତିକ ହୋଇପଡିଛି। ସରକାରୀ ସହଯୋଗ ପାଇଁ ସ୍ଥାନୀୟ ବାସିନ୍ଦା ଦାବି ମଧ କରିଛନ୍ତି।

## ଚଢ଼ାଉ ବେଳେ ମଦ ଜବତ

ବେତନଟୀ, (ଭାସ୍କର ନ୍ୟୁଜ) : ବେତନଟୀ ଥାନା ଅଧୀନ ବାରମାଇଲ ଛକରେ ମଙ୍ଗଳବାର ଦିନ ବିଳମ୍ବିତ ରାତିରେ ଚଢ଼ାଉକରି ବିପୁଳ ପରିମାଣର ଚୋରା ବିଦେଶୀମଦ ଜବତ କରିବା ସହିତ ଏହି ବେଆଇନ କାରବାରେ ଜଡିତ ଜଣକୁ ଗିରଫ କରିଛି ବେତନଟୀ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଉଛି ମୋରଡା ବ୍ଲକ ଭାଲିଡିହା ପଞ୍ଚାୟତ ଅଧୀନ ଡାକଇ ଗ୍ରାମର ତ୍ରିଲୋଚନ ବେହେରା। ତ୍ରିଲୋଚନ ଜଳଖିଆ ଦୋକାନ ବାହାନରେ ଚୋରା ବିଦେଶୀ ମଦ କାରବାର କରୁଥିବାର




ଖବର ପାଇ ବେତନଟୀ ଥାନା ସବ ଇନ୍ସପେକ୍ଟର ମଦନ ମୋହନ ପରିଡା ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ତ୍ରିଲୋଚନ ଦୋକାନରୁ ବିପୁଳ ପରିମାର ବିଦେଶୀ ମଦ ଜବତ କରିବା ସହିତ ଏନେଇ ଏକ ମାମଲା ରୁଜକରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି।

## ପଡିଆ ବିଡିଓଙ୍କୁ କାଲିମେଲା ବ୍ଲକ ଅତିରିକ୍ତ ଦାୟିତ୍ୱ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : କାଲିମେଲା ବିଡିଓ ପ୍ରଦୀପ କୁମାର କରଙ୍କ ବଦଳି ଦାବିରେ କାଲିମେଲା ସହ ବ୍ଲକର ଲୋକପ୍ରତିନିଧିଙ୍କ କଂଗ୍ରେସ ଓ ବିଜେଡି ମିଶୀ ମେ ୯ ତାରିଖରେ ଆନ୍ଦୋଳନ କରିଥିଲା। ଏଥିସହିତ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ । ଏପରିକି ଶ୍ରୀ କରଙ୍କୁ ବଦଳି ନ କରିବା ପର୍ଯ୍ୟନ୍ତ ଲୋକପ୍ରତିନିଧି ମାନେ କୌଣସି କାମରେ ସହଯୋଗ କରିବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ । ଏଥି ପୂର୍ବରୁ ଏପ୍ରିଲ ୧୦ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ବିଡିଓ ପ୍ରଦୀପ କରଙ୍କ ବିରୁଦ୍ଧରେ ସଂଗୀନ ଅଭିଯୋଗ କରି ଅଭିଯୋଗ ପତ୍ର ପଠାଇଥିଲେ। ତେଣୁ ବାଧ ହୋଇ ଶ୍ରୀ କର ୯ ତାରିଖ ପରଠାରୁ ଲମ୍ବା ଛୁଟିରେ ଚାଲିଯାଇଛନ୍ତି। ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହ କୌଣସି କାମ ହୋଇପାରୁ ନଥିଲା। ତେଣୁ ପଡିଆ ବିଡିଓ ଅଶ୍ୱିନ କୁମାର ମହାପାତ୍ରଙ୍କୁ କାଲିମେଲା ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ସେ ଆଜି କାଲିମେଲା ବ୍ଲକର ସମସ୍ତ କର୍ମଚାରୀଙ୍କୁ ଡାକି ଏକ ବୈଠକ କରିଛନ୍ତି। ଶ୍ରୀ କର ଛୁଟିରୁ ଫେରିବା ପର୍ଯ୍ୟନ୍ତ ପଡିଆ ବିଡିଓ କାଲିମେଲା ବିଡିଓ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ଯଦି ଶ୍ରୀ କର କାଲିମେଲା ଫେରନ୍ତି ତେବେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକପ୍ରତିନିଧି ମାନେ ରୋକ୍ ଠୋକ୍ ଭାବେ ଚେତାବନୀ ଦେଇଥିବା ଜଣା ପଡ଼ିଛି ।

# +୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



### ବିଜ୍ଞାନରେ ଲିସା ପ୍ରଧାନ ୫୭୧ ମାର୍କ ସହ କଲେଜ ଟପ୍ପର୍

### ବାଣିଜ୍ୟରେ ଶୁଭମ ପରିଡ଼ା ୫୬୯ମାର୍କ ସହ କଲେଜ ଟପ୍ପର୍

ବରଗଡ଼, (ଭାସ୍କର ନ୍ୟୁଜ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱର, ଓଡ଼ିଶା ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳକୁ ନେଇ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ ଶାଖାରେ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ହୋଇଯାଇଛି। ଗତବର୍ଷ ଫଳାଫଳ ଅପେକ୍ଷା ଚଳିତବର୍ଷ ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧ୍ୟକ୍ଷ ନାରାୟଣ ରଥ ଚଳିତବର୍ଷର ଫଳାଫଳର ସୂଚନା ପ୍ରଦାନ କରି କହିଛନ୍ତି ଯେ, ବିଜ୍ଞାନରେ ଲିସା ପ୍ରଧାନ ୫୭୧ ମାର୍କ (୯୫.୧୬%) ଓ ବାଣିଜ୍ୟରେ ଶୁଭମ ପରିଡ଼ା ୫୬୯ ମାର୍କ (୯୪.୮୩%) ସହ କଲେଜ ଟପ୍ପର୍ ହୋଇଛନ୍ତି। ବିଜ୍ଞାନରେ ସମୁଦାୟ ୧୭ଜଣ ଏବଂ ବାଣିଜ୍ୟରେ ସମୁଦାୟ ୨ଜଣଙ୍କ ସହ ସର୍ବମୋଟ ୧୯ ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ରଖିଛନ୍ତି। ସେମାନଙ୍କ ମଧ୍ୟରେ ତୃପ୍ତିମଞ୍ଜରୀ ସାହୁ ୫୬୬ ମାର୍କ (୯୪.୩୩%), ମନୀଷ ଅଗ୍ରୱାଲ ୫୬୫ ମାର୍କ (୯୪.୧୭%), ପ୍ରତିକ୍ଷା ପ୍ରିୟଦର୍ଶିନୀ ପାଣି ୫୬୨ ମାର୍କ (୯୩.୬୭%), ଆୟୁଷ ପ୍ରଧାନ ୫୫୯ ମାର୍କ (୯୩.୧୭%), ବିବେକରାଜ ସାହୁ ୫୫୯ ମାର୍କ (୯୩.୧୭%), ପ୍ରତ୍ୟୁଷ କୁମାର ବିଶ୍ୱାସ ୫୫୯ ମାର୍କ (୯୩.୧୭%), ରିଶିକା ଛତର ୫୫୫ ମାର୍କ (୯୨.୫%), ସ୍ୱୟଂଶ୍ରୀ ଆଚାର୍ଯ୍ୟ ୫୫୪ ମାର୍କ (୯୨.୩୩%), ଲିପୁନ ସାହୁ ୫୫୧ ମାର୍କ (୯୧.୮୩%), ବବୁନ ସାହୁ ୫୪୭ ମାର୍କ (୯୧.୧୭%), କୋଶିଷ କୁମାର ବେହେରା ୫୪୭ ମାର୍କ (୯୧.୧୭%), ରାଜକୁମାର ଶାମଲ ୫୪୩ ମାର୍କ (୯୦.୫%), ସାଇସ୍ମିତା ପାଢୀ ୫୪୨ ମାର୍କ (୯୦.୩୩%), ଶୁଭଶ୍ରୀ ମେହେର ୫୪୨ ମାର୍କ (୯୦.୩୩%), ସୁବ୍ରତ ବିଶି ୫୪୨ ମାର୍କ (୯୦.୩୩%), ପ୍ରଜ୍ଞା ମେହେର ୫୪୦ ମାର୍କ (୯୦%) ଓ ଗୌରୀଶଙ୍କର ସେଠ୍ ୫୫୭ ମାର୍କ (୯୨.୮୩%) ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ଗଣିତରେ ତିନି ଜଣ, ମନିଷ ଅଗ୍ରୱାଲ, ନେହାରାଣୀ ଜୈନ ଏବଂ ନମ୍ରତା ନୀଳା ଓ ପ୍ରାଣୀ ବିଜ୍ଞାନ(ଜୁଲୋଜି) ରେ ତିନି ଜଣ ପ୍ରଜ୍ଞା ମେହେର, ସିଜଲ ପଣ୍ଡା ଏବଂ ନିଶିକା ସାହୁ ୧୦୦ ରୁ ୧୦୦ ନମ୍ବର ରଖିଥିବାବେଳେ ବିଜ୍ଞାନରେ ସମୁଦାୟ ଛାତ୍ରଛାତ୍ରୀର ୩୪.୪%, ୮୦%ରୁ ଉର୍ଦ୍ଧ୍ୱ ଏବଂ ୮୦% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରି ବିକାଶକୁ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିପାରିଛି ବୋଲି ଅଧ୍ୟକ୍ଷ ନାରାୟଣ ରଥ ସିଏଚ୍ଏସ୍ଇ ଫଳାଫଳ ବିଷୟରେ ସୂଚନା ଦେଇଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ଶ୍ରେଷ୍ଠ ଫଳାଫଳ ପାଇଁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ୍ ଦାଶରୀ ମୁରଲୀ କ୍ରୀଷ୍ଣା, ସଫଳ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ନିଟ୍ ଏବଂ ଜେ.ଇ.ଇ ପ୍ରବେଶିକା ପରିକ୍ଷା ନିମନ୍ତେ ଏଠାରେ ଦିଆଯାଉଥିବା ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍‌ର ଭୂୟସୀ ପ୍ରଶଂସା କରିଛନ୍ତି। ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଏହି ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ୍ ବିଷୟରେ ସୂଚନା ଦେବାକୁ ଯାଇ କହିଛନ୍ତି - ଚଳିତବର୍ଷ ପ୍ରକାଶିତ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ ପ୍ରବେଶିକା ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ଛାତ୍ର ପ୍ରତ୍ୟୁଷ କୁମାର ସାହୁ ୯୯.୩୯ ପ୍ରତିଶତ ରଖିଥିବାବେଳ ୪ ଜଣ ଛାତ୍ରଛାତ୍ରୀ ୯୮ପ୍ରତିଶତ ଉର୍ଦ୍ଧ୍ୱରେ, ୧୪ ଜଣ ଛାତ୍ରଛାତ୍ରୀ ୯୭ ପ୍ରତିଶତ ଉର୍ଦ୍ଧ୍ୱରେ, ୨୧ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱରେ ଏବଂ ୮୭ ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏନଟିଏ-ନିଟ (ୟୁଜି) ମେଡିକାଲ ପ୍ରବେଶିକା ପରୀକ୍ଷା ୨୦୨୫ରେ ବିକାଶ ଆବାସିକ ବିଦ୍ୟାଳୟ ବରଗଡ଼ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ୪୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସରକାରୀ ମେଡିକାଲ କଲେଜ୍‌ରେ ସିଟ ପାଇବା ପାଇଁ କଟଅଫ୍ ମାର୍କ ଉର୍ଦ୍ଧ୍ୱରେ ରଖିବେ ବୋଲି ଆଶା ପ୍ରକାଶ କରାଯାଉଛି । ସେହିପରି ସିୟୁଇଟି (ୟୁଜି), ସିଏ, ନେଷ୍ଟ ଏବଂ ଆଇଜର୍ ପ୍ରବେଶିକା ପରୀକ୍ଷାରେ ମଧ୍ୟ ସ୍କୁଲର ଛାତ୍ରଛାତ୍ରୀ ଶ୍ରେଷ୍ଠ ଫଳାଫଳ ହାସଲ କରିବେ ବୋଲି ଆଶା କରାଯାଉଛି। ଚଳିତବର୍ଷର ଫଳାଫଳକୁ ନେଇ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ପରିଚାଳନା ନିର୍ଦ୍ଦେଶକ ବିବେକ ଦାଶରୀ, ନିର୍ଦ୍ଦେଶକ ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍.କାନ୍ତାରାଓ, କ୍ରୀଷ୍ଣା ବିକାଶ ଗ୍ରୁପର ଏଚ୍ଆର୍ ହେଡ୍ ଅଶ୍ୱିନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ତାଙ୍କର ମଙ୍ଗଳମୟ ତଥା ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ।

## ମିଳୁନି ବାଲି, ଉନ୍ନୟନ କାମ ଠପ୍

# ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଟ୍ରାକ୍ଟର ମାଲିକ ସଂଘ

ଗୁଣୁପୁର (ଭାସ୍କର ନ୍ୟୁଜ) : ଗୁଣୁପୁର ଅଞ୍ଚଳରେ ଦିର୍ଘଦିନ ହେଲା ଉକ୍ଟ ରୂପ ନେଇଛି ବାଲି ସମସ୍ୟା। ବଂଶଧାରା ନଦୀ ଅବବାହିକାରେ ଗୁଣୁପୁର ସହର ରହିଥିଲେ ମଧ ଅଞ୍ଚଳରେ ବାଲି ମିଳୁନି ଯାହା ଫଳରେ ସରକାରୀ ଓ ବେସରକାରୀ ଉନ୍ନୟନ କାମ ଠପ୍ ହୋଇପଡିଛି। ବଂଶଧାରା ନଦୀର ବାଲି ଶଯ୍ୟାର ଲିଜ୍ ରହିଥିଲେ ମଧ ବାଲି ପାଇବାରୁ ବଞ୍ଚିତ ରହୁଛନ୍ତି ଗୁଣୁପୁରବାସୀ। ବାଲି ନମିଳିବାରୁ ଗୁଣୁପୁର ଅଞ୍ଚଳରେ ରାଜମିସ୍ତ୍ରୀ, ଶ୍ରମିକ, ଟ୍ରାକ୍ଟର ମାଲିକ, ଗାଡି ଚାଳକ ସମସ୍ତେ କାମ ନପାଇ ହାତବାନ୍ଧି ବସିଛନ୍ତି। ଏପରିକି ଘର ନିର୍ମାଣ କାମ, ସରକାରି କଳର ବିଭିନ୍ନ ଉନ୍ନୟନ ମୂଳକ ମଧ ବନ୍ଦ ହୋଇପଡିଛି। ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜିଲ୍ଲା ଖଣି ବିଭାଗ ଓ ଲିଜଧାରି ମଧ୍ୟରେ ତାଳମେଳ ରହୁନଥିବା ବେଳେ ଅଡୁଆରେ ପଡିଛନ୍ତି ଜନସାଧାରଣ। ଏହାର ପ୍ରତିବାଦରେ ଅଞ୍ଚଳର ଟ୍ରାକ୍ଟର ମାଲିକ ମାନେ ଏକତ୍ରିତ ହୋଇ ଗୁଣୁପୁର ଉପଜିଲ୍ଲାପାଳ କିରଣ ଦୀପ୍ କୌର ସାହୋତାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ କରିବା ପାଇଁ ଟ୍ରାକ୍ଟର ମାଲିକ ମାନେ ନିବେଦନ କରିବା ପରେ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଗୁଣୁପୁର ଉପଜିଲ୍ଲାପାଳ। ଆଗକୁ ଯଦି ଏହାର ସମାଧାନ ନହେଲେ ଟ୍ରାକ୍ଟର ମାଲିକ, ଶ୍ରମିକ, ଗାଡି ଚାଳକ, ରାଜମେସ୍ତ୍ରୀ ରାଜରାସ୍ତା କୁ ଆସିବେ ସେତେବେଳେ ପ୍ରଶାସନ ଦାୟି ରହିବେ ବୋଲି ଚେତାବନୀ ଦେଇଛନ୍ତି ଟ୍ରାକ୍ଟର ମାଲିକ। ସ୍ମାରକ ପତ୍ର ପ୍ରଦାନ ବେଳେ ଟ୍ରାକ୍ଟର ମାଲିକ ପୂର୍ଣ୍ଣ ବାଉରୀ, ଜିତେନ୍ଦ୍ର ନାୟକ, ଶିବ ଗଡ, କେଶବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍ ) : ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସହିଦ ଦିବସ ଓ ପହଲଗ୍ରାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିବା ପର୍ଯ୍ୟଟକ ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ଯୁବ କଂଗ୍ରେସ ପକ୍ଷରୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବଡଚଣା ସ୍ଥିତ ବିଦ୍ୟା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନଗୃହ ଆମଘର ପିଲା ମାନଙ୍କୁ ଫଳ ବଣ୍ଟନ କରଯାଇଥିଲା। ଯାଜପୁର ଜିଲ୍ଲା ଯୁବ କଂଗ୍ରେସର ପ୍ରାକ୍ତନ ସାଧାରଣ ସଂପାଦକ ଚର୍ଚ୍ଚିତ ମାହାଲାଙ୍କ ନେତୃତ୍ୱରେ ବଡଚଣା ଯୁବ କଂଗ୍ରେସର ପୂର୍ବତନ ସଭାପତି ଜୟ ପ୍ରକାଶ ବିଶ୍ୱାଳ, ଆବାସ ଜେନା, ସତ୍ୟଜିତ ସେଠୀ, ଚିକୁ ଦାସ, ସନକ ନାୟକ, ହରପ୍ରସାଦ ବିଶ୍ୱାଳ, ଉଦିତ ପ୍ରଧାନ, ଦିଗମ୍ବର ପ୍ରମୁଖ ଉପସ୍ଥିତ ରହି ଫଳବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଅସୀମା ଯୁକ୍ତ୨ ଜିଲ୍ଲା ଟପ୍ପର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଛାତ୍ରୀ ଅସୀମା ଦାସ ମୋଟ ୫୭୨ ମାର୍କ



ଅର୍ଥାତ ୯୫.୩ପ୍ରତିଶତ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଅସୀମା ହେଉଛନ୍ତି ମାର୍ଶାଘାଇ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ଦୀପକ କୁମାର ଦାସ ଓ ଅନ୍ନପୂର୍ଣ୍ଣା ଦାସଙ୍କ କନିଷ୍ଠା କନ୍ୟା। ଅସୀମା ମୂଳରୁ ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ସେ ମାଟ୍ରିକ ପରୀକ୍ଷାରେ ମଧ ମୋଟ ୫୮୭ ଅର୍ଥାତ ୯୭.୮୩ ପ୍ରତିଶତ ମାର୍କ ରଖି ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ଅସୀମା ଭବିଷ୍ୟତରେ ଜଣେ ଭାରତୀୟ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ଫ୍ଲାଟ୍ ଛାତ ଭୁଶୁଡି ୩ ମହିଳା ମୃତ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ମୁମ୍ବାଇ ସହରର ଥାନେ ଅଞ୍ଚଳରେ ଏକ ବିରାଟ କୋଠାର ଛାତ ଭୁଷୁଡି ପଡିବାରୁ ଗୋଟିଏ ପରିବାରର ୩ ସଦସ୍ୟ ଚାପି ହୋଇ ମୃତ୍ୟୁବରଣ କରିଥିବା ଖବର ଅଞ୍ଚଳରେ ଶୋକର ଛାୟା ଖେଳାଇ ଯାଇଛି। ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସି. ହେଚ୍. ନୂଆଗାଁର ପ୍ରମିଳା ସାହୁ (୫୭) ସ୍ୱାମୀ - ମୃତ କାଲୁଚରଣ ସାହୁ ଦିର୍ଘ ବର୍ଷ ଧରି ମୁମ୍ବାଇ ଅଞ୍ଚଳରେ ଏକ ଘୋରୋଇ କମ୍ପାନୀରେ ଚାକିରି କରି ରହି ଆସୁଥିଲେ। ତାଙ୍କ ବିବାହିତ ଦୁଇ ଝିଅ ମଧ ମୁମ୍ବାଇ ସହରରେ ରହୁଥିଲେ। ବଡ଼ ଝିଅ ସୁନୀତା ସାହୁଙ୍କୁ ଅମାବାସ୍ୟା ଯୋଗାଡ ଦେବାକୁ ମାଆ ପ୍ରମିଳା ଆସିଥିଲେ। ସାନ ଝିଅ ସୁଜାତା ପାଢ଼ୀ ମାଆକୁ ଦେଖା କରିବା ପାଇଁ ବଡ ଦିଦି ସୁନିତାଙ୍କ ଘରକୁ ଆସିଥିଲେ। ପରିବାର ସମସ୍ତେ ହସଖୁସିରେ ସକାଳ ଭୋଜନ କଲା ପରେ ଘରର ମୁରବୀ କର୍ମ କ୍ଷେତ୍ରକୁ ଚାଲି ଯାଇଥିଲେ ଓ ପିଲା ଛୁଆ ମାନେ ପାଠ



ପଢିବା ପାଇଁ ସ୍କୁଲ୍‌କୁ ପଳାଇଥିଲେ। ଫ୍ଲାଟ୍‌ରେ ମା ଓ ଦୁଇ ଝିଅ ଥିଲେ ହଠାତ୍ ଫ୍ଲାଟ୍ ସ୍ଲାବ ଭୁଷୁଡି ପଡ଼ିଥିଲା। ଫ୍ଲାଟ୍ ମଧ୍ୟରେ ୬ ଜଣ ଚାପି ହୋଇ ମୃତ୍ୟୁବରଣ କରିଥିଲେ । ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲାର ମା ପ୍ରମିଳା ଓ ଦୁଇ ଝିଅ ସୁନୀତା ଓ ସୁଜାତା ଗୋଟାଏ ପରିବାରର ୩ ସଦସ୍ୟ ମୃତ୍ୟୁ ବରଣ କରିଛନ୍ତି। ଖବର ପ୍ରଚାରିତ ହେବା ମାତ୍ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମା ପ୍ରମିଳା କିଛି ଦିନ ତଳେ ନିଜ ଗ୍ରାମ ନୂଆଗାଁ ଆସି ଘରେ ବିଦ୍ୟୁତ ସଂଯୋଗ ପାଇଁ ସମସ୍ତ ସୁବିଧା କରି ମୁମ୍ବାଇ ଫେରିଥିଲା। ଗତକାଲି ଦୁର୍ଘଟଣାରେ ଜୀବନ ଚାଲି ଯିବା ସମସ୍ତଙ୍କୁ ମର୍ମାହତ କରିଛି।

# ରେଡକ୍ରସ ସୋସାଇଟିର ସାଧାରଣ ବୈଠକ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଜିଲ୍ଲାସ୍ତରୀୟ ରେଡ଼କ୍ରସ ସୋସାଇଟିର ସାଧାରଣ ବୈଠକ ଭାରତୀୟ ରେଡ଼କ୍ରସ ସୋସାଇଟି, ଜିଲ୍ଲା ଶାଖା ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ନବରଙ୍ଗପୁର ଡ଼ଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ରେଡ଼କ୍ରସର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମାନବ ସେବାହିଁ ମାଧବ ସେବା, ସେବା ହିଁ ରେଡ଼କ୍ରସର ଆଦ୍ୟ ଆଦର୍ଶ ସମାଜରେ ଦୁଃଖୀ ଓ ଦରିଦ୍ରଙ୍କର ସେବା ପାଇଁ ରେଡ଼କ୍ରସ ସର୍ବଦା ହାତ ବଢ଼ାଇ ଥାଏ। ଏହା ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ବିଶ୍ୱାସ କରିବା ସହ ସମାଜରେ ମାନବିକତା ପ୍ରତିଷ୍ଠା ପାଇଁ ପାରିପାର୍ଶ୍ୱିକ ବୁଝାବଣା, ସହଯୋଗ ଓ ବନ୍ଧୁତ୍ୱ ବୃଦ୍ଧି କରିଥାଏ। ସ୍ୱେଚ୍ଛାକୃତ ସେବା ନିଜ ଜୀବନକୁ



ଇଚ୍ଛାକୃତ ଭାବେ ସମାଜର ସ୍ୱାର୍ଥ ଓ ସେବା ପାଇଁ ନିୟୋଜନ କରିଥିବା ଦରଦୀ ମଣିଷର ଅନୁଷ୍ଠାନ ହେଉଛି ରେଡ଼କ୍ରସ। ଏଠି ବାଧ ବାଧକତା ନାହିଁ,ବରଂ ରହିଛି ମଣିଷ ହୃଦୟରୁ ଉତୁରି ଆସୁଥିବା ସ୍ୱେଚ୍ଛାକୃତ ସେବାର ମହାନ ପ୍ଲାବନ। ଦ୍ୱିତୀୟତଃ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ୨୦୨୪-୨୦୨୫ ମସିହାର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ। ତାହା ସର୍ବ ସହମତିରେ ଗୃହରେ ପାରିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ ମାନଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଆଶାନୁରୂପ ଶତପ୍ରତିଶତ ରେଡକ୍ରସ ପାଣ୍ଠି ପ୍ରଦାନ କରି ଥିବାରୁ ଜିଲ୍ଲାପାଳ ଡଃ ମହାପାତ୍ର ଖୁସି ବ୍ୟକ୍ତ କରିଥିଲେ। ଯେଉଁ ଅଧିକାରୀ ମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ଼କ୍ରସ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରୀ କାଳୀନ ବିଭାଗରେ ପାଣ୍ଠି ପଇଠ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜୀବନ ରେଡକ୍ରସ ସଭ୍ୟ ସଂଖ୍ୟା ଆଶାନୁରୂପକ ଭାବେ ବୃଦ୍ଧି ହୋଇ ନ ଥିବାରୁ ଜିଲ୍ଲାପାଳ ଗୃହରେ କ୍ଷୋଭ ପ୍ରକାଶ କରିଥିଲେ। ରେଡ଼କ୍ରସ ପାଣ୍ଠିର ଆୟ ବୃଦ୍ଧି କରିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ନବରଙ୍ଗପୁର ଆଦିତ୍ୟ ସେନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜରୁରୀକାଳୀନ ବିଭାଗ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ପ୍ରକଳ୍ପ ପ୍ରଶାସକ ପିଏଆଇଟିଡିଏ ରାଜୀବ କୁମାର ସାହୁ, ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ରାଧାଶ୍ୟାମ ଲାଇକ, ଅବକାରୀ ଅଧିକ୍ଷକ ନବରଙ୍ଗପୁର ପ୍ରତାପ କୁମାର ଦାସ, ନିର୍ବାହୀ ଅଧିକାରୀ ପୌର ପରିଷଦ ନବରଙ୍ଗପୁର ସମରେଶ ମହାନ୍ତି, ନିର୍ବାହୀ ଅଧିକାରୀ ପୌର ପରିଷଦ ଉମରକୋଟ ଆଲୋକ କୁମାର ଅନୁଗୁଳିଆ, ନବରଙ୍ଗପୁର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସହ ଜିଲ୍ଲାର ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କର ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷ୍ୟା, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲାର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଜରୁରୀକାଳୀନ ଉପ ବିଭାଗ ର ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଇଂ.ଚନ୍ଦନା ମଲ୍ଲିକ ଏହି ବୈଠକକୁ ପରିଚାଳନା କରିଥିଲେ।



ଜଳେଶ୍ୱର (ଭାସ୍କର ନ୍ୟୁଜ): ବସୁଧା ଯୋଜନାରେ ନିମ୍ନମାନର ପାନୀୟ ଜଳ ଯୋଗାଇ ଦିଆ ଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣା ଦେଖା ଦେଇଛି ଜଳେଶ୍ୱର ବ୍ଲକ ନେତୁଆ ପଞ୍ଚାୟତ ୧୧ ନମ୍ବର ୱାର୍ଡ କପାସୁଦା ଗ୍ରାମରେ। ଘର ସଂଖ୍ୟା ୭୪ ଓ ୬୦୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଏକ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରି ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଉକ୍ତ ପାଣିରେ ବହୁଳ ମାତ୍ରାରେ ଆଇରନ ରହୁଥିବା ବେଳେ ଅନେକ ସମୟରେ ପାଣିରୁ ପୋକ ଓ ଜିଆ ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି ମେନ ହୋଲ୍ ଗୁଡିକରେ ଲାଗିଥିବା ଭାଲ୍‌ବରୁ ପାଣି ଲିକ୍ କରିବା ସହିତ ଉପଯୁକ୍ତ ଭାବେ ଢାଙ୍କୁଣୀ ଦିଆଯାଇ ନଥିବାରୁ ତା'ମଧ୍ୟରେ ପାଣି ଜମି ରହି ସାପ, ବେଙ୍ଗ, ପୋକଜୋକ ଓ ଜିଆ ଆଦି ବସା ବାନ୍ଧି ରହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗ୍ରାମବାସୀ ଆପତ୍ତି କରିଛନ୍ତି। ତେଣୁ ଯଥାଶୀଘ୍ର ଉକ୍ତ ସମସ୍ୟାର ସମାଧାନ କରି ଗ୍ରାମବାସୀଙ୍କୁ ସ୍ୱଚ୍ଛ ଓ ସ୍ୱାସ୍ଥ୍ୟକର ପାନୀୟ ଜଳ ଯୋଗାଇ ଦେବାକୁ ସରୋଜ ପାତ୍ର, ପ୍ରଶାନ୍ତ ପାତ୍ର, ଭୁବନ ପାତ୍ର, ନନୀଗୋପାଳ ଦତ୍ତ, ସୁନୀଲ ପାତ୍ର ଓ କମଳ ଲୋଚନ ପାତ୍ର ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଅପର ପକ୍ଷରେ ଏ ସଂକ୍ରାନ୍ତରେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଦୁଇଦିନ ମଧ୍ୟରେ ଉକ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କରଞ୍ଜିଆ ଡାକ୍ତରଖାନାରେ କାମରେ ଲାଗୁନି ଆମ ଶୌଚାଳୟ




କରଞ୍ଜିଆ (ଭାସ୍କର ନ୍ୟୁଜ୍) : କାମରେ ଲାଗୁନି କରଞ୍ଜିଆ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଥିବା ଆମ ଶୌଚାଳୟ। ସରକାର ପଲ୍ଲୀରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ପରିବେଶ ସୁରକ୍ଷା ନିମନ୍ତେ ବହୁତ ଯୋଜନା କରିଛନ୍ତି ଯେପରି ବାହ୍ୟ ମଳତ୍ୟାଗ ନିମନ୍ତେ ଗ୍ରାମାଞ୍ଚଳରେ ପ୍ରତି ଘରେ ଶୌଚାଳୟ ନିର୍ମାଣ କରିଛନ୍ତି ସେହିପରି ସହରାଞ୍ଚଳରେ ପ୍ରତି ବସ୍ତିରେ ଗୋଷ୍ଠୀ ଶୌଚାଳୟ ମଧ୍ୟ ନିର୍ମାଣ କରିଛନ୍ତି। ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ବସ୍‌ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ଓ ଡାକ୍ତରଖାନାରେ ରୋଗୀ ଓ ରୋଗୀଙ୍କ ସହଯୋଗୀଙ୍କ ନିମନ୍ତେ ଡାକ୍ତରଖାନା ପରିସରରେ ଆମ ଶୌଚାଳୟ ନିର୍ମାଣ କରିଛନ୍ତି । ସେହି ଆଧାରରେ କରଞ୍ଜିଆ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ମଧ୍ୟ ଆମ ଶୌଚାଳୟ ନିର୍ମାଣ କରିଛନ୍ତି ଓ ଏକ ସଂସ୍ଥା ମଧ୍ୟମରେ କାର୍ଯ୍ୟକାରୀ କରୁଥିଲେ। ସୁରୁଖୁରୁରେ ଚାଲୁଥିଲା ହେଲେ ଏଇ କିଛି ମାସ ହେଲା ଆମ ଶୌଚାଳୟ ଫାଟକରେ ତାଲା ଲାଗିଛି। ଯାହାଫଳରେ ରୋଗୀଙ୍କ ସହାୟକ ମାନେ ନାହିଁନଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। କିଛି ରୋଗୀଙ୍କ ସହାୟକମାନେ ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଅଭିଯୋଗ ପାଇ ଆମେ ତତ୍କାଳୀନ ଡାକ୍ତରଖାନା ପରିଚାଳକ ଆଲୋକ କୁମାର ଗୋଛାୟତଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଲୋକେ ଶୌଚାଳୟକୁ ଅପରିଷ୍କାର କରୁଥିବାରୁ ବନ୍ଦ ଅଛି, ତେବେ ଖୋଲିଦେବା। ହେଲେ ସେ ଏଠାରୁ ଅନ୍ୟତ୍ର ଯିବାର ଦୀର୍ଘଦିନ ହେଲା ହେଲେ ଖୋଲିଲା ନାହିଁ । ଶୌଚାଳୟ ଲାଗିଲା ନାହିଁ କାମରେ। ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମା' ଦକ୍ଷିଣକାଳୀଙ୍କ ପୀଠରେ ଯଜ୍ଞୋତ୍ସବ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ଅଧିନସ୍ଥ ଗୁଆଲିପୁର ପଞ୍ଚାୟତର ଅରଙ୍ଗ ସ୍ଥିତ ମାଆ ଦକ୍ଷିଣ କାଳୀଙ୍କ ଜନ୍ମୋତ୍ସବାର୍ଷିକ ଉତ୍ସବ ଓ ମହାଯଜ୍ଞ ମହାସମାରୋହରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମାଆ ନିକଟରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା ଯଥା ବିଧି ନିର୍ଦ୍ଦିଷ୍ଟ ସମୟ ଅନୁଯାୟୀ କରାଯାଇଥିଲା। ଶେଷରେ ରାତ୍ର ୯ଘଟିକା ସମୟରେ ପୂର୍ଣ୍ଣାହୂତି କରଯାଇଥିଲା। ଏହି ଅଞ୍ଚଳରେ ଏକମାତ୍ର ଦକ୍ଷିଣକାଳୀ ଭାବେ ମାଆ ପୂଜା ପାଉଥିବା ବେଳେ ମାଆଙ୍କ ମହିମା ଅଞ୍ଚଳରେ ବିଶେଷ ଖ୍ୟାତ ରହିଛି। ବହୁ ଦୂର ଦୁରାନ୍ତରୁ ଭକ୍ତମାନେ ମନୋସ୍କାମନା ନେଇ ପୂଜାର୍ଚ୍ଚନା କରିବା ନିମନ୍ତେ ଆସିଥାନ୍ତି। ମାଆ ଦକ୍ଷିଣକାଳୀଙ୍କର ଏକ ଆଶ୍ରମ ମଧ୍ୟ ରହିଅଛି, ବାବା ଅନାମ ଦାସ ଓ ସ୍ୱାଧ୍ୱୀ ମନା ଦାସ ଆଶ୍ରମରେ ନିୟମିତ ମା'ଙ୍କ ପୂଜାର୍ଚ୍ଚନା କରିଥାନ୍ତି। ଏହି ମହାଯଜ୍ଞରେ ନିକଟସ୍ଥ ଅରଙ୍ଗ, କୁଳସାହି ପାଟେଣୀଗାଁ, ରାଧାନଗର, ନେହୁଲିଆ, ଅନନ୍ତପୁର, ଗୁଆଲିପୁର ଅଞ୍ଚଳର ଶହ ଶହ ଭକ୍ତ ଯୋଗ ଦେଇ ମାତୃକୃପା ଲାଭ କରିଥିଲେ।

## ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ସମ୍ମୁଖରେ ଗଣଧାରଣା ତୃତୀୟ ଦିନ

# ମନ୍ତ୍ରୀ ନା ଯନ୍ତ୍ରୀ କେହି ଶୁଣୁନାହାନ୍ତି !



ବଡ଼ଚଣା (ଭାସ୍କର ନ୍ୟୁଜ) : ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ସମ୍ମୁଖରେ ସଂଘ କର୍ମକର୍ତ୍ତାଙ୍କ ଶାନ୍ତି ପୂର୍ଣ୍ଣ ଗଣଧାରଣା ତୃତୀୟ ଦିନରେ ପହଞ୍ଚିଛି। ଅବିସ୍ମୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପ୍ରଚଣ୍ଡ ଗୁଳୁଗୁଳିକି ଭ୍ରୁକ୍ଷେପ ନକରି ଧାରଣାରେ ବସିଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସାମାନ୍ୟ ବଦଳି ପାଇଁ ଅହଂକାର ମନୋଭାବ ଯୋଗୁଁ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲ୍ଲାର ଥିବା ମନ୍ତ୍ରୀଙ୍କୁ ଜଣାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଧାରଣା ସ୍ଥଳକୁ ନା ମନ୍ତ୍ରୀ ନା ଯନ୍ତ୍ରୀ କେହି ବି କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳିଛି। ଅସହାୟ ଧାରଣାକାରୀଙ୍କ ଗଣତାନ୍ତ୍ରିକ ହକ୍ ହତ୍ୟା ନକରାଯାଉ, ଧୈର୍ଯ୍ୟର ଶେଷ ସୀମା ନଟପୁ ଆଗାମୀ ଦିନରେ, ଉଗ୍ରରୂପ ନନେଉ ବୋଲି କର୍ମକର୍ତ୍ତାଙ୍କ ଠାରୁ ପ୍ରକାଶ। ଆଜି ଦିନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ଥିଲା। ଧାରଣାରେ ଥିବା ସମସ୍ତ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ନିର୍ବାହ କରି ମୁଖ୍ୟମନ୍ତ୍ରୀଙ୍କ ସଭା ସରିବା ପରେ ସେମାନେ ଧାରଣାସ୍ଥଳକୁ ଆସିଥିଲେ। ଏହି ଗୁଳୁଗୁଳିରେ ଗତ କାଲିଠାରୁ କାର୍ଯ୍ୟାଳୟ ତରଫରୁ ଦୁଇଦିନ ହେବ ପିଇବାକୁ ପାଣି ବନ୍ଦ, ଲାଇନ କାଟିଲେ ତା' ସଙ୍ଗେ ତମ୍ବୁ ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ସଂଘର କର୍ମକର୍ତ୍ତା ଆମ ପ୍ରତିନିଧିଙ୍କୁ ଜଣାଇଥିବା ଜଣାପଡିଛି। ସଂଘର ଦାବିଗୁଡ଼ିକ ମଧ୍ୟରେ ରହିଛି-ଅନ୍ୟାୟ ବଦଳି, ଆଦେଶ ବାତିଲ୍ ଓ କର୍ମଚାରୀ ସମସ୍ୟା ସମାଧାନରେ ଖଣ୍ଡ କର୍ତ୍ତୃପକ୍ଷଙ୍କର ଅସହଯୋଗ। ଏହାର ପ୍ରତିବାଦରେ ତା- ୨୦/୦୫/୨୦୨୫ ଏବଂ ୨୨.୦୫.୨୦୨୫ ରିଖରେ ଗ୍ରାମ୍ୟ ଜଳଯୋଗାଣ ଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁଅଛି। ପାଞ୍ଚ ଦଫା ଦାବି ନେଇ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ତିନିଦିନ ହେବ ଧାରଣାରେ ବସିଛନ୍ତି। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ରାଜ୍ୟ କର୍ମକର୍ତ୍ତା ସୁଧାଂଶୁ ରାୟ, ସୁଧୀର ପାଣିଗ୍ରହୀ ଓ ଯାଜପୁର ଜିଲ୍ଲା ଉପଦେଷ୍ଟା ଭିକାରୀ ଚରଣ ଜେନା, ପୂର୍ବତନ ଖଣ୍ଡ ସମ୍ପାଦକ ଲକ୍ଷ୍ମୀଧର ଜେନା, ଜିଲ୍ଲା ସଭାପତି ବିଜୟ କୁମାର ବାରିକ, ଉପଖଣ୍ଡ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ନନ୍ଦ, ଦୁଃଖବନ୍ଧୁ ପୁହାଣ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଜିଲ୍ଲାର ଦଶଗୋଟି ଶାଖା ସଂଘର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଗଣଧାରଣା କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି। ଅଧିକ୍ଷଣ ଯନ୍ତ୍ରୀଙ୍କ ଅସହଯୋଗ ଓ କୌଣସି ଆଲୋଚନା କରିବା ପାଇଁ ନଡାକିବାରୁଏହି ଗଣଧାରଣା ୪ଥ ଦିବସକୁ ଚାଲୁ ରହିବ ବୋଲି ଜଣାପଡିଛି।

## ପୋଡାପଦରରେ ନୂତନ ପଞ୍ଚାୟତ ଗୃହ ଉଦ୍‌ଘାଟିତ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ଏଫ୍‌ସି, ସିଏଫ୍‌ସି ଓ ପଞ୍ଚାୟତ ସମିତି ପାଣ୍ଠିରୁ ମୋଟ ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପଞ୍ଚାୟତ ଗୃହ ନିର୍ମାଣ ହୋଇଛି। ସରପଞ୍ଚ ସୁଜାତା ଦାସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ସମିତିସଭ୍ୟ ଶଶୀ ଦାସ, ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡକ୍ଟର ସେଠି, କନିଷ୍ଠ ଯନ୍ତ୍ରୀ ରଶ୍ମି ତାରକ୍ଷଣୀ ସାହୁ, ସମସ୍ତ ୱାର୍ଡସଭ୍ୟ/ସଭ୍ୟାଙ୍କ ସମେତ ବହୁ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ବିଜେଡି କର୍ମୀଙ୍କୁ ଆକ୍ରମଣ ଓ ଅପହରଣ ପ୍ରତିବାଦରେ ଖଣି ଅଞ୍ଚଳ ବନ୍ଦ, ପରିବହନ ଠପ୍

କାଳିଆପାଣି (ଭାସ୍କର ନ୍ୟୁଜ୍) : ସୁକିନ୍ଦା ନିର୍ବାଚନ ମଣ୍ଡଳୀ କାଳିଆପାଣି ଖଣିରେ ଅତ୍ୟାଚାର, ନାରୀ ନିର୍ଯ୍ୟାତନା, ଅନ୍ୟାୟ ବୃଦ୍ଧି ପାଇବା, ବିଜେଡି କର୍ମୀଙ୍କୁ ମରଣାତ୍ମକ ଆକ୍ରମଣ ଓ ଅପହରଣ ବିରୋଧରେ ବିଜେଡି ପକ୍ଷରୁ ଖଣି ଅଞ୍ଚଳ ବନ୍ଦ ଡାକରାରେ ପରିବହନ ଓ ଦୋକାନ ବଜାର ବନ୍ଦ ଥିବାବେଳେ କିଛି ଦୋକାନ ବଜାର ଖୋଲା ରହିଥିଲା। ସୂଚନାଯୋଗ୍ୟ ଯେ ବିଜେଡି କର୍ମୀ ରୋହିତ ଖୁଣ୍ଟିଙ୍କୁ ଦିନ ଦ୍ୱିପ୍ରହରରେ ମରଣାତ୍ମକ ଆକ୍ରମଣ ଓ ଅପହରଣ କରିନେଇ କଳିଙ୍ଗନଗର ଥାନା ନିକଟରେ ଫୋପାଡ଼ି ଦେଇଥିଲେ। କଳିଙ୍ଗନଗର ପୋଲିସ ଉଦ୍ଧାର କରି ଦାନଗଦି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୂର୍ବରୁ କାଳିଆପାଣି ଖଣି ଅଞ୍ଚଳରେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରିଥିବା ବେଳେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ପ୍ରତିବାଦରେ ବିଜେଡି କାଳିଆପାଣି ତରଫରୁ ଏକ ପ୍ରେସ୍‌ମିଟ୍ କରି ବନ୍ଦ ଡାକରା ଦିଆଯାଇଥିଲା। ସକାଳୁ ବିଜେଡି ପକ୍ଷରୁ ଟାଟା ମାର୍କେଟ ଠାରେ ଥିବା ଦୋକାନ ବଜାର ବନ୍ଦ ଥିଲା ଏବଂ କିଛି ଦୋକାନ ବଜାର ଖୋଲାଥିବାରୁ ବିଜେଡି କର୍ମୀମାନେ ଆସି ଦୋକାନ ବନ୍ଦ କରିବାକୁ ବୁଝାସୁଝା କରୁଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ସମସ୍ତ ଖଣିରୁ ପରିବହନକୁ ବନ୍ଦ କରାଯାଇଥିବା ବେଳେ ଅପରାହ୍ନରେ ପରିବହନ ଚାଲିଥିବା ଦେଖିବାକୁ ମିଳିଥିଲା। ଟାଟା ଉପର ବଜାର ଓ ଖଣି ନିଗମ ଟାଉନସିପ୍ ବଜାର ସମ୍ପୂର୍ଣ୍ଣ ବନ୍ଦ ଥିଲା।



## ବିବିଏମ୍‌ଏସ୍‌ର ବାର୍ଷିକ ସମ୍ମିଳନୀ

# ରାକେଶ-ସଭାପତି, ଶ୍ରୀକାନ୍ତ- ସାଧାରଣ ସମ୍ପାଦକ




ପାରାଦୀପ (ଭାସ୍କର ନ୍ୟୁଜ୍) : ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମ୍‌ଏସ୍)ର ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ସଙ୍ଘ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ସମାରୋହରେ ପାଳିତ ହୋଇଯାଇଛି। ସଂଘର ସଭାପତି ରାକେଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଏଏସ୍‌ର ସର୍ବ ଭାରତୀୟ ସଭାପତି, ପାରାଦୀପ ବିବିଏମ୍‌ଏସ୍‌ର ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ଓ ଏହାର ସମାଧାନ ଦିଗରେ ନିଜର ବକ୍ତବ୍ୟ ରଖିଥିଲେ। ପାରାଦ୍ୱୀପ ବନ୍ଦରରେ ଶ୍ରମିକମାନଙ୍କ ଠାରୁ ୟୁନିୟନ ସଂଖ୍ୟା ଏତେ ମାତ୍ରାରେ ଥିଲାବେଳେ ଅନ୍ୟ କୌଣସି ବନ୍ଦରରେ ଦେଖିବାକୁ ମିଳେନାହିଁ । ଅନ୍ୟ କୌଣସି ବନ୍ଦରରେ କଣ୍ଟ୍ରାକ୍ଟ ୱାର୍କର୍ସମାନଙ୍କୁ ସୁବିଧା ସୁଯୋଗ ମିଳି ନଥିଲାବେଳେ କେବଳ ଦୁଇଟି ବନ୍ଦରରେ କଣ୍ଟ୍ରାକ୍ଟ ୱାର୍କର୍ସମାନଙ୍କୁ ସୁବିଧା ସୁଯୋଗ ମିଳିଛି ବୋଲି ଶ୍ରୀ ରାୟ କହିବା ସହ ଖାଲି ପାରାଦ୍ୱୀପ ବନ୍ଦର ଶ୍ରମିକମାନଙ୍କ ସମସ୍ୟା ନୁହଁ ବରଂ ସର୍ବଭାରତୀୟ ସ୍ତରରେ ଶ୍ରମିକମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ନିଜ ବିବୃତିରେ ଶ୍ରୀ ରାୟ କହିଥିଲେ। ଯେଉଁମାନେ ଶ୍ରମିକମାନଙ୍କୁ ଆଗକୁ ଆଣି ଶ୍ରମିକ ନେତା ବୋଲାଉଛନ୍ତି ସେମାନଙ୍କୁ ସେ ଘୃଣା ଚକ୍ଷୁରେ ଦେଖନ୍ତି ବୋଲି କହି ଶ୍ରମିକମାନଙ୍କ ସମସ୍ୟାର ସମାଧାନ ପାଇଁ ହେଉଥିବା ଆନ୍ଦୋଳନରେ ୟୁନିୟନର ସମ୍ପାଦକ ଏବଂ ସଭାପତି ଯଦି ଧାରଣାରେ ବସିବେ ତେବେ ତାଙ୍କ ସଙ୍ଘ ସମର୍ଥନ ଜଣାଇବ ନଚେତ ମୁହଁ ଫେରାଇ ନେବେ ବୋଲି ଶ୍ରୀ ରାୟ କହିଥିଲେ। ତେବେ ଏହି ସମ୍ମିଳନୀରେ ଚଳିତ ଦୁଇବର୍ଷ ପାଇଁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଭାବେ ରାକେଶ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଭାବେ ଶ୍ରୀକାନ୍ତ ରାୟ ପୁନର୍ବାର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ହଟ କିଶୋର ସେଠୀ, ଉପସଭାପତି ଭାବେ ଦେବୀପ୍ରସନ୍ନ ମାଝୀ, ସଞ୍ଜୟିତା ରାଉତରାୟ, ରଞ୍ଜିତ କୁମାର ମଲ୍ଲିକ, ରମାକାନ୍ତ ନାୟକ, ସହ ସାଧାରଣ ସମ୍ପାଦକ ଭାବେ ସାରଦା ପ୍ରସନ୍ନ ଦାସ, ମହେନ୍ଦ୍ର କୁମାର ନାୟକ, ସଂଗଠନ ସମ୍ପାଦକ ଭାବେ ଭବେନ୍ଦ୍ର ଦାଶ, ସୋମନାଥ ସ୍ୱାଇଁ, ସମ୍ପାଦକ ଭାବେ ବିଶ୍ୱଜିତ ମହାପାତ୍ର, ବାବର ବେହେରା, ପବିତ୍ର ପ୍ରସାଦ ସିଂହ, ବିରଞ୍ଚି ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଭାବେ କୀର୍ତ୍ତି ଚନ୍ଦ୍ର ଦାଶ, ସ୍ମୃତି ରଞ୍ଜନ ତ୍ରିପାଠୀ ଭାବେ ମନୋନୀତ ହୋଇଥିବା ବେଳେ ବିକ୍ରମ ପରିଡା, ପି.କେ. ଜେନା, ମିତନ ତରାଇ, ପଲୁ ସୋରେନ, ପ୍ରଦୀପ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ପ୍ରଧାନ, ମୁରଲୀଧର ବେହେରା, ସୁକାନ୍ତ କୁମାର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଟି.କେ. ମହାପାତ୍ର, ଜ୍ୟୋତି ରଞ୍ଜନ ସ୍ୱାଇଁ, ଅବକାଶ ନାୟକ, ଦୁର୍ମୁଲ୍ୟ ମହାରାଜା, ଉଗ୍ରସେନ ନାୟକ, ବନମାଳୀ ସ୍ୱାଇଁ ପ୍ରମୁଖ ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

# ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପାସ୍‌ହାର ବିଜ୍ଞାନରେ ୯୯, ବାଣିଜ୍ୟ ୯୦ ଓ କଳାରେ ୯୫ ପ୍ରତିଶତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷା ଫଳ ପ୍ରକାଶ ପାଇଛି। ଯୁକ୍ତ ଦୁଇ ପରୀକ୍ଷାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ପାସ୍‌ହାର ୯୯ ପ୍ରତିଶତ, ବାଣିଜ୍ୟ ୯୦ ପ୍ରତିଶତ ଓ କଳାରେ ୯୫ପ୍ରତିଶତ ଚଳିତ ବର୍ଷ ଫଳାଫଳ ହୋଇଛି । ଖବର ମୁତାବକ ବୁଧବାର ଯୁକ୍ତ ଦୁଇ ପରିକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୫୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧ଜଣ ପାସ୍ ହୋଇଥିବା ବେଳେ ବିଜ୍ଞାନ ପାସ୍‌ହାର ୯୯ ପ୍ରତିଶତ ରହିଛି। ସେହିପରି ଯୁକ୍ତ ଦୁଇ ବାଣିଜ୍ୟରେ ୪୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୦ଜଣ ହୋଇଥିବା ବେଳେ ବାଣିଜ୍ୟ ପାସ ହାର ୯୦ ପ୍ରତିଶତ ରହିଛି। ଯୁକ୍ତ ଦୁଇ କଳାରେ ୧୧୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୨ଜଣ ହୋଇଥିବା ବେଳେ କଳାରେ ୯୫ ପ୍ରତିଶତ ରହିଛି। ସମସ୍ତ କୃତି ପ୍ରତିଭାମାନଙ୍କୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ହରିଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ କଲେଜ କର୍ତ୍ତୃପକ୍ଷ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା, ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ପରାମର୍ଶ ଯୋଗୁଁ ପ୍ରତିବର୍ଷ ବିଦ୍ୟାଳୟରେ ସଫଳତା ମିଳୁଛି। ଅଭିଭାବକମାନେ ଏଥିପାଇଁ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସୂଚନା ଅଧିକାର ଆଇନ ସହିତ ଖେଳଖେଳୁଥିଲେ ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧିକାରୀ ମାନେ

ବାଙ୍କୀ (ଭାସ୍କର ନ୍ୟୁଜ୍) : ପ୍ରତ୍ୟେକ ସ୍ତରରେ କାର୍ଯ୍ୟରତ ସରକାରୀ ଅଧିକାରୀମାନଙ୍କ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ପ୍ରତିପାଦନ କରିବା ସକାଶେ ଦେଶ ଓ ରାଜ୍ୟରେ ସୂଚନା ଆୟୋଗ ଗଠନ କରାଯାଇଛି। ଶିକ୍ଷାର ଏନ୍ତୁଡିଶାଳ ହେଉଛି ବିଦ୍ୟାଳୟ। ସେଥିପାଇଁ ଲୋକ ସୂଚନା ଅଧିକାର ଅଧିନିୟମ ସଫଳ ରୂପାୟନ ପାଇଁ ଓଡ଼ିଶାର ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଇଛନ୍ତି ସରକାର। ତାଲିମରେ ଖର୍ଚ୍ଚ କରିଛନ୍ତି କୋଟି କୋଟି ଟଙ୍କା। ଯାହାଫଳରେ ଶିକ୍ଷା ଅନୁଷ୍ଠାନଗୁଡିକ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ସ୍ୱାଧୀନ ଭାରତର ନାଗରିକଙ୍କୁ ସହଜରେ ତଥ୍ୟ ପ୍ରଦାନ କରି ନିଜର ଅଙ୍ଗୀକାରବଦ୍ଧତାକୁ ସୁଦୃଢ କରିପାରିବେ। କିନ୍ତୁ କିଛି ଅଧିକାରୀ ସ୍ୱଚ୍ଛତା ପରିବର୍ତ୍ତେ ଆପଣାଉଛନ୍ତି ଅସତ୍ ଉପାୟ। ନିଜର କଳାକାରନାମା ପଦାରେ ପଡିବା ଭୟରେ ଜାଣିଶୁଣି ତଥ୍ୟ ପ୍ରଦାନ ପରିବର୍ତ୍ତେ ତଥ୍ୟ ଲୁଚାଉଛନ୍ତି। ବିଭିନ୍ନ ମିଥ୍ୟା ଆଳ ଦେଖାଇ ତଥ୍ୟ ପ୍ରଦାନ କରୁନାହାନ୍ତି। ଏପରି ଏକ ଘଟଣା ଘଟିଛି କଟକ ଜିଲ୍ଲାର ବାଙ୍କୀ ଏନ.ଏ.ସି ଅନ୍ତର୍ଗତ ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ବିଦ୍ୟାଳୟର ବିଭିନ୍ନ ଅନିୟମିତତା ସମ୍ପର୍କରେ ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଏହାର ପ୍ରକୃତ ସତ୍ୟାସତ୍ୟ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ବସନ୍ତ କୁମାର ରାଉତ ତା୨୮/୦୫/ ୨୦୨୪ ରିଖରେ ଏହି ବିଦ୍ୟାଳୟର କିଛି ତଥ୍ୟ ସୂଚନା ଆଇନ ଅନୁଯାୟୀ ମାଗିଥିଲେ। ହେଲେ ଲୋକ ସୂଚନା ଅଧିକାରୀ ମାନସ ରଞ୍ଜନ ଦାସ ପତ୍ର ସଂଖ୍ୟା-୨୦, ତା୨୪/୦୬/୨୦୨୪ ରିଖରେ ଆବେଦନକାରୀଙ୍କ ପରିଚୟ ଅସ୍ପଷ୍ଟ, ଦସ୍ତଖତ ସ୍ଥାନରେ ଛୋଟ ଛକି ଚିହ୍ନ କାହିଁକି ପଡିଲା ଇତ୍ୟାଦି ଆଳ ଦେଖାଇ ତଥ୍ୟ ପ୍ରଦାନ କରିଲେ ନାହିଁ। ତେଣୁ ଶ୍ରୀ ରାଉତ ବାଧ୍ୟ ହୋଇ ଉକ୍ତ ବିଦ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ପ୍ରଧାନଶିକ୍ଷୟିତ୍ରୀ ନମିତା ଦାସଙ୍କ ନିକଟରେ ତା୧୨/୦୭/୨୦୨୪ ରିଖରେ ପ୍ରଥମ ଅପିଲ କଲେ। ଶ୍ରୀମତୀ ଦାସ ମଧ୍ୟ ତାଙ୍କର ପ୍ରଥମ ଅପିଲ ନଂ.-୦୧/୨୦୨୪ରେ ନାକଚ କରି ପତ୍ର ସଂଖ୍ୟା - ୩୨/୨୦୨୪ , ତା ୦୯/୦୮/ ୨୦୨୪ ରିଖରେ ଜଣାଇବା ସହିତ ରାଜ୍ୟ ସୂଚନା ଆୟୋଗଙ୍କ ଦ୍ୱାରସ୍ଥ ହେବା ପାଇଁ ନିର୍ଦ୍ଦେଶ ଦେଲେ। ଏହା ପରେ ଅନ୍ୟ ଉପାୟ ନପାଇ ଆବେଦନକାରୀ ତା ୨୯/୧୦/୨୦୨୪ ରିଖରେ ବାଧ୍ୟ ହୋଇ ଉକ୍ତ ତଥ୍ୟ ପାଇଁ ଡମପଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଜୟନ୍ତୀ ବିଶ୍ୱାଳଙ୍କ ନିକଟରେ ଆବେଦନ କଲେ। ସମ୍ପୃକ୍ତ ବିଦ୍ୟାଳୟରୁ ତଥ୍ୟ ସଂଗ୍ରହ କରିବାର ସୂଚନାକୁ ପତ୍ର ମାଧ୍ୟମରେ ଶ୍ରୀମତୀ ବିଶ୍ୱାଳ ଆବେଦନକାରୀଙ୍କୁ ଜଣାଇଲେ ନାହିଁ। କିନ୍ତୁ ଉକ୍ତ ବିଦ୍ୟାଳୟର ଲୋକ ସୂଚନା ଅଧିକାରୀ ମାନସ ରଞ୍ଜନ ଦାସ ପତ୍ର ସଂଖ୍ୟା -୫୮/୨୦୨୪,ତା୨୯/୧୧/ ୨୦୨୪ ରିଖରେ କାହିଁକି ଗଣମାଧ୍ୟମ ପ୍ରତିନିଧିମାନେ ଏ ସମ୍ବନ୍ଧରେ ପ୍ରକାଶିତ କଲେ କହି ତଥ୍ୟ ନଦେବା ପାଇଁ ସିଧାସିଧା ମନା କରିଦେଲେ। ଦରଖାସ୍ତକାରୀ ବାଧ ହୋଇ ତା୧୩/୧୨/୨୦୨୪ ରିଖରେ ଡମପଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ବି.ଇ.ଓଙ୍କ ନିକଟରେ ଅପିଲ ସଂଖ୍ୟା-୦୧/୨୦୨୫ରେ ପ୍ରଥମ ଅପିଲ କଲେ। ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ବି.ଇ.ଓ ସନ୍ତୋଷ କୁମାର ସେଠୀ ତା୦୪/୦୧/୨୦୨୫ରେ ଅପିଲର ଶୁଣାଣି କରି ସହୃଦୟତାର ସହ ବିଚାର ସହିତ ଯଥାଶୀଘ୍ର ତଥ୍ୟ ପ୍ରଦାନ କରିବା ପାଇଁ ପତ୍ର ସଂଖ୍ୟା -୫୨, ତା୦୬/୦୧/୨୦୨୫ ରିଖରେ ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲୋକ ସୂଚନା ଅଧିକାରୀ ମାନସ ରଞ୍ଜନ ଦାସଙ୍କୁ ନିର୍ଦ୍ଦେଶ ଦେଲେ। ଉକ୍ତ ବିଦ୍ୟାଳୟର ନୂତନ ପି.ଆଇ.ଓ ନିବେଦିତା ପ୍ରଧାନ ତଥ୍ୟ ପ୍ରଦାନ କରିବା ପାଇଁ ଜେରକ୍ସ ଖର୍ଚ୍ଚ ବାବଦକୁ ଟ.୪୪-୦୦ଙ୍କା ପୈଠ ପାଇଁ ପତ୍ର ସଂଖ୍ୟା - ୧୧, ତା୧୧/୦୧/୨୦୨୫ ରିଖରେ ଜଣାଇଲେ। ଆବେଦନକାରୀ ତା୨୫/୦୧/୨୦୨୫ ରିଖରେ ରସିଦ ବହି ସଂଖ୍ୟା-୦୧, ରସିଦ ନମ୍ବର- ୦୦୧ରେ ଟ.୪୪-୦୦ଙ୍କା ଜମା ଦେବା ପରେ ଶ୍ରୀମତୀ ପ୍ରଧାନ ପତ୍ର ସଂଖ୍ୟା-୧୭, ତା୨୭/୦୧/ ୨୦୨୫ରିଖରେ ଆବଶ୍ୟକ ସମସ୍ତ ତଥ୍ୟ ଯୋଗାଇ ଦେଇଥିଲେ। ସୂଚନା ଅଧିକାର ଅଧିନିୟମରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତଥ୍ୟ ଯୋଗାଇ ନପାରିଲେ ଆବେଦନକାରୀଙ୍କୁ ବିନା ମୂଲ୍ୟରେ ସମସ୍ତ ତଥ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିଛି। ହେଲେ ଏଠି ପ୍ରଶ୍ନ ଉଠୁଛି ପି.ଆଇ.ଓ ନିବେଦିତା ପ୍ରଧାନ ଉକ୍ତ ଅର୍ଥକୁ ନେଲେ କେଉଁ ଆଇନ ବଳରେ। ଆଉ ଗୋଟିଏ ବଡ ପ୍ରଶ୍ନ ଉଠୁଛି ଯେ, ଯଦି ଏହି ତଥ୍ୟ ନଦେବା ଆଇନରେ ଅଛି, ତା'ହେଲେ ବି.ଇ.ଓ ସାରେ ତଥ୍ୟ ପ୍ରଦାନ କରିବା ପାଇଁ ଆଦେଶ ଦେଲେ କାହିଁକି। ଯଦି ତଥ୍ୟ ଦେବା ଆଇନ ସମ୍ମତ, ତା'ହେଲେ ଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପି.ଆଇ.ଓ ମାନସ ରଞ୍ଜନ ଦାସ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ତଥା ପ୍ରଧାନଶିକ୍ଷୟିତ୍ରୀ ନମିତା ଦାସ ଉଭୟେ ମିଥ୍ୟା ଆଳ ଦେଖାଇ କାହିଁକି ତଥ୍ୟ ପ୍ରଦାନ କରିନଥିଲେ। ସରକାରୀ କର୍ମଚାରୀ ହୋଇ ଅଯଥାରେ ବିଦ୍ୟାଳୟର ସମୟ ଅପଚୟ କରିବା ସହିତ ଆବେଦନକାରୀଙ୍କ ସମୟକୁ ମଧ୍ୟ ଅପଚୟ କରି ଅଯଥା ଖର୍ଚ୍ଚାନ୍ତ କରାଇ ଆର୍ଥିକ ଓ ମାନସିକ ଯନ୍ତ୍ରଣା ପ୍ରଦାନ କରିଛନ୍ତି। ବେଆଇନ ଭାବେ ପି.ଆଇ.ଓ ତାଙ୍କ ଠାରୁ ଅର୍ଥ ନେବା ଓ ତାଙ୍କୁ ଅଯଥାରେ ଶାରୀରିକ, ମାନସିକ ଓ ଆର୍ଥିକ ଚାପ ଦେଇଥିବାରୁ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବି.ଇ.ଓ ଙ୍କ ଦ୍ୱାରସ୍ଥ ହେବେ। ଯଦି ନ୍ୟାୟ ନମିଳେ ବାଧ୍ୟ ହୋଇ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ସୂଚନା ଅଧିକାର କର୍ମୀ ବସନ୍ତ ରାଉତ କହିଛନ୍ତି।


# ବ୍ରହ୍ମଗିରି ବିଧାୟିକାଙ୍କ ମାରାଥନ୍ ଶିଳାନ୍ୟାସ




କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ମାରାଥନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଶିଳାନ୍ୟାସ। ବିକାଶର ଶୀର୍ଷରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଅହରହ କାର୍ଯ୍ୟାଧାରା ଜାରି ରଖିଛନ୍ତି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର। ସରକାରଙ୍କୁ ବର୍ଷେ ନପୂରୁଣୁ କୋଟି କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରି ମାରାଥନ ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି। ଜନସାଧାରଣଙ୍କ ନିମନ୍ତେ ରାସ୍ତା, ସ୍ୱାସ୍ଥ, ଶିକ୍ଷା ପ୍ରତି ଗୁରୁତ୍ୱ ଦେଇଛନ୍ତି। ମାଲୁଦ ଠାରୁ ମୋରଡା ରାସ୍ତାର ସଂଯୋଗୀକରଣ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତି କରଣ ନିମନ୍ତେ। ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ମହାପାତ୍ର ମାଲୁଦ ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା ବିପଦ ସଂକୁଳ ଅବସ୍ଥାରେ ଥିଲା ଖାଲଖମା ଯୋଗୁ ଜାତାୟତରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଜନସାଧାରଣଙ୍କ ଅନୁରୋଧ କ୍ରମେ ବିଧାୟିକା ମାଲୁଦ ଠାରୁ ମୋରଡା ୧୨କିଲୋମିଟର ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ନିମନ୍ତେ ୧୨କୋଟି ଟଙ୍କା ଅର୍ଥ ମଞ୍ଜୁର କରି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ରାସ୍ତା କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ୮ମାସ ମଧ୍ୟରେ ଉନ୍ନତିକରଣ ଓ ପ୍ରଶସ୍ତିକରଣ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ଗିରି କହିଛନ୍ତି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟରେ ସାମ୍ମାନିତ ଅତିଥିଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ ପ୍ରଶାନ୍ତ ମାନସିଂ ରମେଶ ଚନ୍ଦ୍ର ସିଂହ ସାମାମନ୍ତ ବଡ ଅଇଁ ସରପଞ୍ଚ ବୀଣାପାଣି ପ୍ରଧାନ ସମିତ ସଭ୍ୟ ଭୀମସେନ ସେଠି ପ୍ରମୁଖ ଉପସ୍ଥିତ ଥିବାବେଳେ ହଜାର ହଜାର ମହିଳା ପୁରୁଷ ଉପସ୍ଥିତ ରହି ବିଧାୟିକାଙ୍କୁ କୃତଜ୍ଞତା ଜଣାଇଥିଲେ।

# ରାଶିଫଳ


**ଶୁକ୍ରବାର, ୨୩ ମଇ ୨୦୨୫**



**ମେଷ:** ଚାକିରୀ କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ। ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ। ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ। ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ। କାର୍ଯ୍ୟରେ ଅଳ୍ପ ସମୟ ରହିପାରେ।




**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।




**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ। ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ। ପରିବାର ସହିତ ଏକ ଖୁସିର ଦିନ ବିତାଇବ। ପିକନିକ୍ କିମ୍ବା ଅନ୍ୟ କୌଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ। ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ। ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ। ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ। ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ।




**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ। ବ୍ୟବସାୟରେ ଲାଭଜନକ କାରବାର ହେବ। ନୂତନ ବିନିଯୋଗ ସୁଯୋଗ ମିଳିବ। ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଇଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ। ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ। ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ। ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ସୌଜନ୍ୟରେ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ (ଭାସ୍କର ନ୍ୟୁଜ୍): ପ୍ରବାଦ ପୁରୁଷ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୪ ତମ ଶ୍ରାଦ୍ଧବାର୍ଷିକୀ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତିଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଅଛି । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା କଂଗ୍ରେସର ଉପସ୍ଥିତ ସମସ୍ତ ସଭ୍ୟ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଭାରତ ଓ ଭାରତୀୟଙ୍କ ପ୍ରତି ନିଷ୍ଠା ର ସହ କର୍ତ୍ତବ୍ୟ ସମ୍ପାଦନ ସମ୍ପର୍କରେ ଆଲୋଚନା କରିଥିଲେ । ନିଜର ମାଆଙ୍କ ପରି ଦେଶପାଇଁ ବଳିଦାନ ଦେଇଥିବା ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ଯେ କୌଣସି ଭାରତୀୟ କେବେବି ଭୁଲିପାରିବେ ନାହିଁ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ନିଜ ନିଜର ମତପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର , ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ରାଜୀବ ଗାନ୍ଧୀ ସଂଗଠନର ରାଜ୍ୟ ସମ୍ପାଦକ ଉଦୟନାଥ ଶର୍ମା, ଜିଲ୍ଲା ସଂଯୋଜକ ସମରେନ୍ଦ୍ର ମହାକୁଡ଼, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କୁମାର କର୍ଣ୍ଣ, ବୃନ୍ଦାବନ ପ୍ରଧାନ, ରୋହିତାଶ୍ୱ ବେହେରା, ଅଭିଳାଷ ସ୍ୱାଇଁ, ଜୟନ୍ତ ପାଣିଗ୍ରାହୀ,ରିଙ୍କୁ ପ୍ରଧାନ, ପ୍ରମିଳ କୁମାର ସେଠୀ, ବିଭୁ ପ୍ରସାଦ ବେହେରା, ବଟକୃଷ୍ଣ ସ୍ୱାଇଁ, ପୋଲିଷ୍ଟି ପ୍ରଧାନ, ପଙ୍କଜ ମେହେର ପ୍ରମୁଖ ଯୋଗ ଦେଇଥିଲେ ।



# ବିଦାହେବେ ୬୬୩ ବାଂଲାଦେଶୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଓଡ଼ିଶାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ବିଦା କରିବାକୁ ପ୍ରକ୍ରିୟା ତ୍ୱରାନ୍ୱିତ ପରେ ସବୁ ଜିଲ୍ଲାରେ ତତ୍ପରତା ପ୍ରକାଶ ପାଇଛି । ଏହି ପ୍ରକ୍ରିୟାରେ ମାଲକାନଗିରି ଜିଲାର ଦଣ୍ଡକାରଣ୍ୟ ପ୍ରକଳ୍ପ ଅଞ୍ଚଳରେ ଥଇଥାନ ହୋଇଥିବା ଶରଣାର୍ଥୀ ଶିବିରରେ ବେଆଇନ ଭାବେ ବିଭିନ୍ନ ସମୟରେ ଆସି ରହିଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ଚିହ୍ନଟ ପ୍ରକ୍ରିୟାରେ ୬୬୩ ଜଣ ଅନୁପ୍ରବେଶକାରୀ ତଡିପାର ହେବା ସମ୍ଭାବନା ରହିଛି । ୧୯୬୪ ମସିହାରୁ କଂଗ୍ରେସ ସରକାର ଅମଳରେ ଭାରତର ପଡୋଶୀ ଦେଶ ବଙ୍ଗଳାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ମାଲକାନଗିରି ଜିଲ୍ଲାର ଦଣ୍ଡକାରଣ୍ୟ ପ୍ରକଳ୍ପ ଅଞ୍ଚଳରେ ଥଇଥାନ କରାଯାଇଥିଲା । ଏହି ଅଞ୍ଚଳର ଏମ୍‌ପିଭି ଓ ଏମ୍‌ଭି ସଂଖ୍ୟାଯୁକ୍ତ ପ୍ରାୟ ୨୧୩ଟି ଗ୍ରାମ ସ୍ଥାପନ କରି ଶରଣାର୍ଥୀଙ୍କୁ ଜମି ଓ ଅନ୍ୟାନ୍ୟ ସୁବିଧା ଦେଇ ଥଇଥାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କୁ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିଥିଲା । ଇତିମଧ୍ୟରେ ବହୁ ବାଂଲାଦେଶୀ ଅନୁପ୍ରବେଶକାରୀ ମାଲକାନଗିରି ଜିଲ୍ଲାକୁ ପ୍ରବେଶ କରି ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରିଛନ୍ତି । ସେମାନଙ୍କର ନିକଟରେ କୌଣସି ଭାରତୀୟ ପ୍ରମାଣପତ୍ର ନଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ଏବେ ସେମାନଙ୍କୁ ଚିହ୍ନଟ କରାଯାଉଛି । ୨୦୦୧ରେ ୪୬୮ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଥିବା ବେଳେ ୨୦୨୪ ସର୍ଭେରେ ୬୬୩ ଜଣ ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲା ପୋଲିସ ଓ ରାଜସ୍ୱ ବିଭାଗ ଭାଗ ମିଳିତ ସର୍ଭେ କରି ବର୍ତ୍ତମାନ ସୁଦ୍ଧା ୬୬୩ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିଛନ୍ତି । ଏ ସଂକ୍ରାନ୍ତ ରିପୋର୍ଟ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ବାସ୍ତବରେ ଜିଲ୍ଲାରେ ୨୦୦୦ରୁ ଅଧିକ ଅନୁପ୍ରବେଶକାରୀ ରହୁଥିବା ଏକ ଆକଳନରୁ ଜଣାପଡ଼ୁଥିଲେ ହେଁ ପୋଲିସ ପ୍ରଶାସନ ନିକଟରେ ଏନେଇ କୌଣସି ଠୋସ୍ ପ୍ରମାଣ ନାହିଁ ।

# ପୋଖରୀ ସଫାକଲା ଏସ୍‌ଏଚ୍‌ଜି



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମ ପୋଖରୀକୁ ଗାଁର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସଫା କରିଛନ୍ତି । ସୂଚନାଯୋଗ୍ୟଯେ ଗ୍ରାମ ପୋଖରୀର ଭିତର ପାର୍ଶ୍ୱ ଚାରିପଟେ ଅମରୀ ଗଛ ଲଟାବୁଦାରେ ପରିପୂର୍ଣ୍ଣ ଥିଲା । ଫଳରେ ପୋଖରୀରେ ଗାଧୁଆ ପାଧୁଆ ଓ ଶୌଚ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଆଜି ସକାଳ ୫ ଟାରୁ ୧୦ ଟା ପର୍ଯ୍ୟନ୍ତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଓ ଗ୍ରାମବାସୀ ଜେସିବି ସାହାଯ୍ୟରେ ସଫା କରିଛନ୍ତି । ଏହି ସଫେଇ କାର୍ଯ୍ୟକ୍ରମରେ ପିତାବଳି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୁମିତ୍ରା ଭୋକ୍ତା, ସମ୍ପାଦିକା ପଙ୍କଜିନୀ ମହାକୁଡ଼, କୋଷାଧ୍ୟକ୍ଷ ସଂଯୁକ୍ତା ରାଜ, ମା ସନ୍ତୋଷିନୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଦୀପ୍ତିରାଣୀ ପ୍ରଧାନ, ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନ, କୋଷାଧ୍ୟକ୍ଷ ସୁଷମା ଭୋକ୍ତା,ମା ମାହେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ମିତାଞ୍ଜଳି ପ୍ରଧାନ, ସମ୍ପାଦିକା ପଦ୍ମିନୀ ମହାକୁଡ଼, କୋଷାଧ୍ୟକ୍ଷ ଯଶୋବନ୍ତି ପ୍ରଧାନ, ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୌଦାମିନୀ ମହାକୁଡ଼, ସମ୍ପାଦିକା ପ୍ରମୋଦିନୀ ଭୋକ୍ତା, କୋଷାଧ୍ୟକ୍ଷ ସବିତା ଡାଙ୍ଗଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ଗ୍ରାମ ସୁରକ୍ଷା କମିଟି ଏଥିରେ ସହଯୋଗ କରିଥିଲେ ।

# ଡିଭାଇଡର ଉପରକୁ ଚଢ଼ିଗଲା ବସ୍

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ରାମେଶ୍ୱର ବିହାର ନିକଟରେ ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ଚଢ଼ି ସରକାରୀ ବସ ଦୁର୍ଘଟଣା ହୋଇଥିବା ଦେଖିବାକୁ ମିଳିଛି । ବସରେ ଥିବା ୪୦ ଯାତ୍ରୀ ବର୍ତ୍ତି ଯାଇଥିବା ବେଳେ ବସର ଆଗ ଅଂଶ କ୍ଷତିଗ୍ରସ୍ତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ରାଉରକେଲାରୁ ଆସ୍କା ଅଭିମୁଖେ ଯାଉଥିବା ଓଡିଶା ରାଜ୍ୟ ପରିବହନ ନିଗମର ଏକ ବସ ମଙ୍ଗଳବାର ବିଳମ୍ବିତ ରାତି

**ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ**

୧ ଘଣ୍ଟା ସମୟରେ ଜାତୀୟ ରାଜପଥ ନଂ ୫୭ ର ବୌଦ୍ଧ ସହର ରାମେଶ୍ୱର ବିହାର ନିକଟରେ ରାସ୍ତା ମଝିରେ ଥିବା କଂକ୍ରିଟ ନିର୍ମିତ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା । ଯାତ୍ରୀମାନେ କେହି ଆହତ ହୋଇନଥିବା ସୂଚନା ମିଳିଛି । ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ବସକୁ କ୍ରେନ୍ ସାହାଯ୍ୟରେ ଉଦ୍ଧାର କରାଯିବ ବୋଲି ସୂଚନା ମିଳିଛି ।




# ୯୩% ମାର୍କ ରଖି ସୌରଭ ସମ୍ବର୍ଦ୍ଧିତ



କଲ୍ୟାଣ ସିଂହପୁର (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ଦଶମଶ୍ରେଣୀ ପରୀକ୍ଷାରେ ୯୩ ଶତକଡା ରଖି କୃତ କାର୍ଯ୍ୟ ହାସଲ କରିଥିବାରୁ ହନୁମାନ କ୍ଲବ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । କଲ୍ୟାଣ ସିଂହପୁର ବ୍ଲକ ଏକ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବିନା କୋଚିଂରେ ନିଜର ପରିଶ୍ରମ ବଳରେ ଗୌଡ଼ସାହି ନିବାସୀ ଦାମୋଦର ସାହୁ ଓ ପ୍ରସାଦିନୀ ସାହୁଙ୍କ ପୁଅ ସୌରଭ ସାହୁ ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଅଂଚଳରେ ଶୁଭେଚ୍ଛାର ଛୁଟିବାରେ ଲାଗିଛି । ସୌରଭ ସାହୁଙ୍କ ବକ୍ତବ୍ୟ ନେବାରୁ ସେ କହିଛନ୍ତି ଯେ ବାପା ମା'ଙ୍କ ସ୍ନେହବଳରେ ମୁଁ ନିଜେ ପରିଶ୍ରମ କରି ଆଜି ନିଜ ବ୍ଲକର ଗୌରବ ରଖିବା ସହ ପିତା, ମାତା,ବିଦ୍ୟାଳୟ ଓ ଜିଲ୍ଲାର ମାନରଖି ଭବିଷ୍ୟତରେ ଉଚ୍ଚକୋଟିର ପରିଶ୍ରମ କରି ଗୋଟେ ଭଲ ଡାକ୍ତର ହୋଇ ଆମ ଅଞ୍ଚଳର ସେବା କରିବା ପାଇଁ ସେ ମନସ୍ଥ କରିଛି । ଏହି କାର୍ଯ୍ୟକ୍ରମରେ ସମାଜ ସେବୀ କୃଷ୍ଣ ସାମଲ, କ୍ଲବର ଉପସଭାପତି ଡୁବା ପାଢ଼ୀ, ବୁନା ପାଢ଼ୀ, କିରଣ କୁମାର ଏବଂ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

# ଜମିପଟ୍ଟା ପ୍ରଦାନକୁ ବିରୋଧ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ବ୍ଲକ ରାଜପୁର ପଂଚାୟତ ଅନ୍ତର୍ଗତ ବଘରାଚକା ଗ୍ରାମ ରୋହିଦାସ ପଡ଼ାର ଏକ ସରକାରୀ ପ୍ଲଟକୁ ଗ୍ରାମବାସୀମାନେ ଦୀର୍ଘ ବର୍ଷ ଧରି ବିବାହ, ପୂଜା ପର୍ବାଣୀ, ସାଂସ୍କୃତିକ, ନାମଯଜ୍ଞ ଭଳି ସାର୍ବଜନୀକ କାମ ପାଇଁ ବ୍ୟବହାର କରୁଛନ୍ତି । ତେବେ ହୀରାକୁଦ ବିସ୍ଥାପିତ ଜଣେ ବ୍ୟକ୍ତିଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନକୁ ନେଇ ଗ୍ରାମବାସୀ ମାନେ ଦୀର୍ଘ ଦିନ ହେଲା ବିରୋଧ କରି ଆସୁଛନ୍ତି । ଗତବର୍ଷ ଅଗଷ୍ଟ ମାସରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ସମେତ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ଘଟଣାର ସରଜମିନ ତଦନ୍ତ କରିବା ସହିତ ଉକ୍ତ ଲୋକଙ୍କ ମାଲିକାନାରୁ ପଟ୍ଟାକୁ ଖାରିଜ କରିବା ଲାଗି ଅନୁରୋଧ କରିଥିଲେ । ହେଲେ ଏହି ବିବାଦ ଥମିବା ବଦଳରେ ବଢ଼ିବାକୁ ଲାଗିଛି । ଏନେଇ ଆଜି ତହସିଲଦାର ସଦାକାର କୁମ୍ଭାର ଉଭୟ ପକ୍ଷ ସହିତ ଆଲୋଚନା କରିଥିଲେ । ତେବେ ହୀରାକୁଦ ବିସ୍ଥାପିତ ବ୍ୟକ୍ତିଙ୍କୁ ଏହି ଜମି ବଦଳରେ ଅନ୍ୟତ୍ର ଜମି ପ୍ରଦାନ କରିବାକୁ ଗ୍ରାମବାସୀମାନେ ଅନୁରୋଧ କରିଥିଲେ । ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ସମିତି ସଭ୍ୟ ସସ୍ମିତା ତନ୍ତୀ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ, ପରାଧୀନ ତନ୍ତୀ, ଅତିରିକ୍ତ ତହସିଲଦାର ଜ୍ୟୋତି ସାହୁ, ସୁପରଭାଇଜର ସରୋଜ ସା, ରାଜସ୍ୱ ନିରୀକ୍ଷକ ଜ୍ୟୋତ୍ସ୍ନା ଭରାସାଗର, ଜିତୁ ରାଏ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଉକ୍ତ ସରକାରୀ ଜମିରେ ଗ୍ରାମବାସୀମାନଙ୍କ ସୁବିଧା ପାଇଁ ରାଜପୁର ସରପଞ୍ଚ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ଲାଗି ଗତ ୨୬.୦୧.୨୦୨୧ରେ ଅନୁଷ୍ଠିତ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ କରିବା ସହିତ ଭୂମି ପୂଜା ମଧ୍ୟ କରିଥିଲେ ।

# ପାନୀୟଜଳ ସମସ୍ୟା ନେଇ ଧାରଣା




ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଂଚାୟତ ମାଉସୀମା ମନ୍ଦିର କଲୋନୀବାସୀ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ଜଳ ଯୋଗାଇବା ପାଇଁ ଦାବି କଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାନ୍ତି । କଲୋନୀବାସୀ ଙ୍କୁ ମେଗା ପାନୀୟଜଳ ପ୍ରକଳ୍ପ ପାଣି ଏଯାବତ ମିଳିପାରିନାହିଁ । ତେଣୁ ଏହାକୁ ନେଇ ଉକ୍ତ କଲୋନୀ ମହିଳାମାନେ ଲମତାଗୁଡା ସ୍ଥିତ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟ ଫାଟକ ଅବରୋଧ କରିବା ସହ ଧାରଣା ଦେଇଥିଲେ । ଖବର ପାଇଁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଏବଂ ବିଭାଗୀୟ ଯନ୍ତ୍ରୀଙ୍କୁ ବୁଝାସୁଝା ପାଇଁ ଘଟଣା ସ୍ଥଳ କୁ ପଠାଇଥିଲେ ।ମହିଳା ମାନେ ଦୀର୍ଘ ୪ ଘଣ୍ଟା ଧରି ଧାରଣା ଦେଇଥିଲେ । ତେବେ ଜୁନ ଶେଷ ସୁଦ୍ଧା ପାଣି ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଧାରଣା ରୁ ଓହରି ଥିଲେ । ମହିଳା ମାନେ ଉକ୍ତସ୍ଥାନରୁ ଫେରିଥିବା ବେଳେ ପ୍ରତିଶ୍ରୁତି ଦେଇଥିବା ଉକ୍ତ ସମୟସୀମା ମଧ୍ୟରେ ମେଗା ପ୍ରକଳ୍ପ ଜଳ ନ ପହଁଚିଲେ ଇନ୍ଦ୍ରାବତୀ ମୁଖ୍ୟ ରାସ୍ତାରେ ଧାରଣା ଦେବା ପାଇଁ ଚେତାବନୀ ଦେବାସହ ତୁରନ୍ତ ପନୀୟଜଳ ଯୋଗାଇଦେବା ପାଇଁ ଦାବି କରିଛନ୍ତି । ସରକାର ପ୍ରତି ପରିବାର ପାଖରେ ପାଣି ପହଞ୍ଚାଇବା ପାଇଁ ମେଗା ପ୍ରକଳ୍ପ କରିଛନ୍ତି । କିନ୍ତୁ ସେଥିରୁ ଆମ୍ଭକୁ ବଞ୍ଚିତ କରାଯାଇଛି କହି ଅସନ୍ତୋଷ ପ୍ରକାଶ କରିଛନ୍ତି ମହିଳାମାନେ । ପାଣି ସମସ୍ୟା ନେଇ ବିଭିନ୍ନ ଗଣମାଧ୍ୟମରେ ବିଭିନ୍ନ ସମୟରେ ଖବର ପ୍ରକାଶ ହେଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସମାଧାନ କରାଯାଇନାହିଁ ।

# ରୋଜଗାରର ମାଧ୍ୟମ ପାଲଟିଛି ମନରେଗା ରାସ୍ତା

## ବିନା ଫଳକରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ

ଉମରକୋଟ:(ଭାସ୍କର ନ୍ୟୁଜ୍): ମିଛ ବିକାଶର ମୂକ ସାକ୍ଷୀ ହେଉଛି ଏହି ପଂଚାୟତ ବକୋଦା । କହିବାକୁ ଗଲେ କିଛି ଜନ ପ୍ରତିନିଧି ଓ କନିଷ୍ଠ ଯନ୍ତ୍ରୀଙ୍କ ରୋଜଗାରର ମାଧ୍ୟମ ହୋଇ ରହିଯାଇଛି ଏହି ପଂଚାୟତ । ଏଠି ଗାଁ ମୁଣ୍ଡରୁ ହିଁ ବିକାଶ ମୁଁହ ମାଡ଼ିପଡିଯାଇଥିବା ଦେଖିବାକୁ ମିଳିଛି । ଏହି ପଂଚାୟତର ଚନ୍ଦ୍ରପୁରୀ ଠାରୁ ଦୁଗଲାହାଣ୍ଡି ଗାଁ କୁ ଯାତାୟାତ ନିମନ୍ତେ ପକ୍କା ରାସ୍ତା ନାହିଁ । ଯେଉଁ ରାସ୍ତା ରହିଛି ସେଥିରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଓ କନିଷ୍ଠ ଯନ୍ତ୍ରୀଙ୍କ ମିଳିତ ମଧୁଚନ୍ଦ୍ରିକାରେ ଲୋକଙ୍କୁ ଭୁଆଁ ବୁଲେଇ ନିଜ ପକେଟ ଗରମ ଜାରିବାରେ ଲାଗିଛନ୍ତି । ମନରେଗା ଯୋଜନାରେ ମାଟି ମୁରୁମ ପକେଇ ବିନା ଫଳକରେ ଲକ୍ଷ ଲକ୍ଷ ଟଙ୍କା ବିଲ କରି ଆତ୍ମସାତ କରିବାକୁ ବସିଲେଣି । ଏହି ଦୃଶ୍ୟ ହେଉଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବକୋଦା ପଂଚାୟତର ଚନ୍ଦ୍ରପୁରୀ ଠାରୁ ଦୁଗଲାହାଣ୍ଡିକୁ ସଂଯୋଗ କରୁଥିବା ରାସ୍ତାର ।ଏହି ରାସ୍ତାରେ ପ୍ରତି ବର୍ଷ କେବଳ ମାଟି ମୁରୁମ ପକେଇ ବିନା ଫଳକ ଲଗେଇ ଜିଲ୍ଲା ପରିଷଦ ଠିକାଦାର ସାଜି କନିଷ୍ଠ ଯନ୍ତ୍ରୀଙ୍କ ସହ ମଧୁଚନ୍ଦ୍ରିକା କରି ଗରିବ ନିରୀହ ଲୋକଙ୍କ ପାଇଁ ନିର୍ମାଣ ହେବାକୁ ଥିବା ରାସ୍ତା ଖାଇ ଗଲେଣି । ବର୍ଷା ଦିନର କଥା ତେଣିକି ଥାଉ ଶୁଖିଲା ରାସ୍ତାରେ ମଧ୍ୟ ଗାଡିଟିଏ ଧରି ଯିବା କଷ୍ଟସାଧ୍ୟ, ଏବିଷୟରେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେର ତଦନ୍ତ କରି ଯାଞ୍ଚ କରାଯିବ ଏବଂ କାର୍ଯ୍ୟରେ ଯଦି କିଛି ଦୁର୍ନୀତି ଦେଖାଦିଏ ତାହାହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।ବର୍ତ୍ତମାନ ଦେଖିବାକୁ ବାକି ରହିଲା ଜଣେ ଜନ ପ୍ରତିନିଧି ଓ କନିଷ୍ଠ ଯନ୍ତ୍ରୀଙ୍କ କାରନାମା ଉପରେ ପ୍ରଶାସନ କଣ ପଦକ୍ଷେପ ନେଉଛି !



# ଯୁକ୍ତ ୨ ଦୁଇ ବାଣିଜ୍ୟରେ ବି. ଅରବିନ୍ଦ ଜିଲ୍ଲା ଟପ୍ପର



ଗୁଣପୁର(ଭାସ୍କର ନ୍ୟୁଜ୍): ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ଫଳାଫଳରେ ମହର୍ଷି ଗୁରୁକୁଳର ଛାତ୍ର ବି.ଅରବିନ୍ଦ ୫୫୪ /୬୦୦ (୯୨.୩୩%) ନମ୍ବର ରଖି ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟରେ ୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥି ମଧ୍ୟରୁ ୧୧ ଜଣ ପ୍ରଥମ ଶ୍ରେଣୀରେ ଓ ୭ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ ହେଇଛନ୍ତି । ସେହିପରି ବିଜ୍ଞାନ ଫଳାଫଳରେ ମହର୍ଷି ଗୁରୁକୁଳର ଛାତ୍ରଛାତ୍ରୀ ମାନେ ପୂର୍ବ ବର୍ଷ ପରି ସଫଳତା ଦୋହରାଇଛନ୍ତି । ଅନୁଷ୍ଠାନରୁ ଜିଲ୍ଲାରେ ତିନି ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖି ଜିଲ୍ଲାରେ ଅନୁଷ୍ଠାନର ଟେକ ବଜାୟ ରଖିଛନ୍ତି । ସେଥିମଧ୍ୟରୁ ରାହୁଲ ନାୟକ ୫୫୪ (୯୨.୩୩%),ଦେବାଶିଷ ଦାସ ୫୪୮ (୯୧.୩୩%), ପ୍ରଜ୍ଞା ପରମିତା ମାରଥା ୫୪୩(୯୦.୫୦%) ରଖି ଅନୁଷ୍ଠାନର ଗୌରବକୁ ଶୀର୍ଷ ସ୍ଥାନରେ ପହଞ୍ଚେଇଛନ୍ତି । ସେହିପରି ଅନୁଷ୍ଠାନରୁ ୨୮ ଜଣ ଛାତ୍ରଛାତ୍ରୀ ୫୦୦ମାର୍କ ରୁ ଅଧିକ ଏବଂ ୪୩ ଜଣ ଛାତ୍ରଛାତ୍ରୀ ୮୦% ରୁ ଅଧିକ ରଖିଛନ୍ତି । ବିଜ୍ଞାନରେ ୨୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ୧୭୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି ।୬୬ଜଣ ଦ୍ୱିତୀୟ ଶ୍ରେଣୀରେ , ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି । ରାୟଗଡା ଜିଲ୍ଲାରେ ସର୍ବମୋଟ ୬ ଛାତ୍ର ଛାତ୍ରୀ ୯୦% ହୋଇଥିଲା ବେଳେ ୩ଜଣ ଛାତ୍ରଛାତ୍ରୀ ମହର୍ଷି ଗୁରୁକୁଳର । ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ନିର୍ଦ୍ଦେଶକ ଲୋକନାଥ ମିଶ୍ର, ଡିନ ପ୍ରିୟବ୍ରତ ବିଷୋୟୀ, ପ୍ରିନ୍ସପାଲ ରାମ ରଥ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# +୨ ପରୀକ୍ଷାରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଉମରକୋଟ(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ନବରଙ୍ଗପୁର ଜିଲ୍ଲାର ରାଇଘର ଠାରେ ଥିବା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର+୨ ପରୀକ୍ଷା ରେ କଳା ଓ ବାଣିଜ୍ୟ ବିଭାଗ ପରୀକ୍ଷା ଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କଳାରେ ପାସ ହାର ୭୫.୮୮ ଥିବା ବେଳେ ବାଣିଜ୍ୟରେ ୬୯.୨୩ ପ୍ରତିଶତ ପାସ ହାର ରହିଛି । ଚଳିତ ବର୍ଷ କଳାରେ ମୋଟ ୨୮୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୭ ଜଣ ଓ ତୃତୀୟ ଶ୍ରେଣୀରେ ୧୭୧ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହେଇଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ମୋଟ ୫୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୬ ଜଣ ଓ ତୃତୀୟ ଶ୍ରେଣୀରେ ୨୮ ଜଣ ଉତ୍ତୀର୍ଣ୍ଣ ହେଇଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟ ।ନନ୍ଦ ଗଣ୍ଡ, ଉପଜିଲ୍ଲାପ ।ଳ ତଥା ପରିଚାଳନା କମିଟି ସଭାପତି । ମିଶ୍ର, ଅଧ୍ୟକ୍ଷ ପରୀକ୍ଷିତ ସାହୁ, ଇଂରାଜୀ ବିଭାଗର ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ, ଅର୍ଥନୀତି ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ରାଜନୀତି ବିଜ୍ଞାନ ର ଅଧ୍ୟାପକ କିଶୋର କୁମାର ପାଲ, ବାଣିଜ୍ୟ ବିଭାଗ ର ଅଧ୍ୟାପକ ଦିବାକର ଚନ୍ଦ୍ର ଦେ ଓ ଜଗଦୀଶ ପଟ୍ଟନାୟକ ପ୍ରମୁଖ ଖୁସି ପ୍ରକଟ କରିବା ସହ ଛାତ୍ର ଛାତ୍ରୀଙ୍କୁ ପରୀକ୍ଷାର ସଫଳତା ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ଭେଣ୍ଡିଂଜୋନ୍‌କୁ ଆମିଷ ଦୋକାନ ସ୍ଥାନାନ୍ତର ଦାବି



ବେଲପାହାଡ଼ ( ଭାସ୍କର ନ୍ୟୁଜ ): ବେଲପାହାଡ ସ୍ଥିତ ଭେଣ୍ଡିଂ ଜୋନକୁ ମାଛ ମାଂସ ଦୋକାନ ସ୍ଥାନାନ୍ତର କରିବା ପାଇଁ ବେଲପାହାଡ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ବେଲପାହାଡ ଏବଂ ଆଖପାଖ ଅଂଚଳର ଯୁବକମାନେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଟା ୩୦ ରେ ବେଲପାହାଡ ପୌରକାର୍ଯ୍ୟାଳୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରି ମୁଖ୍ୟତ ମିଳନ ଛକରୁ ଗୁମାଡେରା ପର୍ଯ୍ୟନ୍ତ ଥିବା ଚିକେନ, ମଟନ, ମାଛ ଦୋକାନ ଗୁଡିକୁ ପୌର ଭେଣ୍ଡିଙ୍ଗ ଜୋନକୁ ସ୍ଥାନାନ୍ତର କରାଯାଉ ବୋଲି ଦାବି କରିଛନ୍ତି । ବର୍ତ୍ତମାନ ଜନ ଗହଳି ପୂର୍ଣ୍ଣ ଅଂଚଳରେ ମାଛ ମାଂସ ଦୋକାନ ରହିଥିବାରୁ ହାଡ଼ ଗୋଡ଼, ପର, ନଖ, ରକ୍ତ ପଡି ଅଂଚଳ ପ୍ରଦୂଷିତ ହେବା ସହ ବେଳେବେଳେ ଅସାମାଜିକ ଲୋକଙ୍କ ଏହା ଆଡ୍ଡାସ୍ଥଳୀ ପାଲଟୁଛି । ଫଳରେ ଧାର୍ମିକ ସ୍ଥଳ ଗୁଡିକ ର ପବିତ୍ରତା ଉପରେ ପ୍ରଭାବ ପଡିବା ସହ ମହିଳା ଏବଂ ଛୋଟ ପିଲାମାନଙ୍କ ପାଇଁ ସ୍ଥାନଟି ସୁରକ୍ଷିତ ରହୁନାହିଁ । ତେଣୁ ଏହି ସ୍ଥାନଗୁଡିକରୁ ମାଛ ମାଂସ ଦୋକାନ ଗୁଡିକୁ ପୌରାଞ୍ଚଳ ସ୍ଥିତ ଭେଣ୍ଡିଂ ଜୋନମାନଙ୍କୁ ସ୍ଥାନାନ୍ତର କରାଯାଉ ବୋଲି ଦାବି କରାଯାଇଛି ।

# ଯୁକ୍ତଦୁଇ ବିଜ୍ଞାନରେ ୧୨୫ ଓ ବାଣିଜ୍ୟରେ ୭୨ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସୂଚନା ଅନୁଯାୟୀ ବନ୍ଧୁଗାଁ ବ୍ଲକରେ ଥିବା ଦୁଇଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ୧୨୫ ଜଣ ଓ ବାଣିଜ୍ୟରେ ୭୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସରକାରୀ ଉଚ୍ଚ (ଏସଏସଡି) ବାଳକ ମାଧ୍ୟମିକ ବିଦ୍ୟାଳୟ କୁମ୍ଭାରିପୁଟରେ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ୪ ଜଣ, ଦ୍ବିତୀୟ ୨୯ ଜଣ ଓ ୩ୟ ୬୪ ଜଣ ଏବଂ ବାଣିଜ୍ୟରେ ପ୍ରଥମ ୨ ଜଣ, ୨ୟ ୧୯ ଜଣ ଓ ୩ ୟ ରେ ୫୧ ଜଣ, ବନ୍ଧୁଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୨ୟ ୨ ଜଣ ଓ ୩ୟ ରେ ୨୬ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ବିଭିନ୍ନ ସମସ୍ୟା ନେଇ ନାଗରିକ ମଞ୍ଚର ବୈଠକ

ସଇଁତଳା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକର ସଇଁତଳା ସହର ଏକ ପ୍ରମୁଖ ସହର ଅଟେ । ପ୍ରାୟ ୧୫୦୦୦ ଜନବସତି କୁ ଏହି ସହରରେ ଏବେ ବିଭିନ୍ନ ଜରୁରୀକାଳୀନ ସମସ୍ୟା ର ସ୍ଥାୟୀ ସମାଧାନ ପାଇଁ ଦଳ, ବଳ, ଜାତି ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ପୂର୍ବତନ ସରପଞ୍ଚ ଭୀମ ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ଚଣ୍ଡୀ ମନ୍ଦିର ସମ୍ମୁଖରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଗାଁରୁ ଏବେ ଏନଏସି ମୁହାଁ ସଇଁତଳା, ହେଲେ ସରକାରଙ୍କ ଦୃଷ୍ଟିହୀନତା ଯୋଗୁଁ ଏବେ ସଇଁତଳା ବହୁ ପଛରେ । ବିଭିନ୍ନ ସମସ୍ୟା ଯଥା ପିଇବା ପାଣି, ବନ୍ଧ ସଫା, ଆଲୋକୀକରଣ, ଆବର୍ଜନା ସଫା, ନାଳି ନର୍ଦ୍ଦମା ସଫା ଇତ୍ୟାଦି ବିଭିନ୍ନ ଜରୁରୀକାଳୀନ ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ବେଶ ଚିନ୍ତିତ ଅଛନ୍ତି । କରୋନା ମହାମାରୀ ପୂର୍ବରୁ ରହୁଥିବା ଦୁର୍ଗ – ପୁରୀ ଇଣ୍ଟରସିଟି ଟ୍ରେନ ରହୁଥିଲା ଏବଂ ଲୋକଙ୍କୁ ନିଜ ବ୍ୟବସାୟ କାର୍ଯ୍ୟ ପାଇଁ ରାଇପୁର ଓ ସରକାରୀ ତଥା ବିଭିନ୍ନ ଅଫିସ କାର୍ଯ୍ୟ ପାଇଁ କଟକ ତଥା ଭୁବନେଶ୍ୱର ଯିବା ଓ ଶ୍ରୀ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ପୁରୀ ଯିବା ପାଇଁ ବେଶ ଉପଯୋଗୀ ହୋଇଥିଲା । କରୋନା ପରେ ତାହାର ରହଣି ସଇଁତଳାରେ ବନ୍ଦ ହେବା ଯୋଗୁଁ ଲୋକେ ନାନାଦି ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ସଇଁତଳା ବାସିନ୍ଦା ରେଲୱେର ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇ ଦେଇଛନ୍ତି ଯେ ଆଗାମୀ ଜୁନ ୨୧ ତାରିଖ ଦିନ ପର୍ଯ୍ୟନ୍ତ ଯଦି ଉକ୍ତ ଟ୍ରେନର ରହଣି ନ ହୁଏ, ତା ହେଲେ ଜୁନ ୨୨ ତାରିଖ ଦିନ ସମସ୍ତ ସଇଁତଳା ବାସିନ୍ଦା ମିଶି ରେଳ ରୋକ କରିବେ ଓ ଏଥି ପାଇଁ କେବଳ ସରକାର ଦାୟି ରହିବେ ବୋଲି ଓକିଲ ସଂଘ ସଭାପତି ସୁବୋଧ ମିଶ୍ର ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଆଇନଜୀବୀ ସୁବୋଧ ମିଶ୍ର, ଆଇନଜୀବୀ ମାନ ପାଣିଗ୍ରାହୀ, ଆଇନଜୀବୀ ସତ୍ୟ ସାହୁ, ସୁବାସ ରଥ, ପ୍ରଶାନ୍ତ ବର୍ଗତି, ପ୍ରମୋଦ ବୈଠାରୁ, ସରୋଜ ବୈଠାରୁ, ଅମିତ ରଥ, ସତ୍ୟ ସାହୁ, ଭୀମ ପ୍ରଧାନ, ସୌରଭ ଅଗ୍ରୱାଲ, ଯୁବରାଜ ରଣା, ମହେନ୍ଦ୍ର ଭୋଇ, ସନ୍ଦୀପ ଅଗ୍ରୱାଲ, କୁନା ପାଣିଗ୍ରାହୀ, ମୁରାରୀଲାଲ ଅଗ୍ରୱାଲ, ଗୋବିନ୍ଦ ପଶାୟତ, ରାକେଶ ସାହୁ, ଦୁର୍ଗେଶ ସାହୁ, ମନୋଜ ସାହୁ, ସରୋଜ ସାହୁ,ରାଜୁ ଅଗ୍ରୱାଲ, ନିରୁ ଗୁପ୍ତା ଙ୍କ ସମେତ ସଇଁତଳା ସହର ର ସମସ୍ତ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।

# ଜିଲ୍ଲା ଉନ୍ନୟନ ସମିତି ଓ ଗ୍ରାମୋଦୟ ବୈଠକ

ନୂଆପଡ଼ା(ଭାସ୍କର ନ୍ୟୁଜ୍):ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାବନା ସଭା ଗୃହରେ ଜିଲ୍ଲା ଉନ୍ନୟନ ସମିତି ବୈଠକ ସହିତ ଗ୍ରାମୋଦୟ ସଭା ଅନୁଷ୍ଠିତ ହୋଇ ଯାଇଅଛି । ଜିଲ୍ଲାର ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରତି ମାସ ଏହି ବୈଠକ ଅନୁଷ୍ଠିତ ହେଉଛି । ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର ରେଡ୍ଡୀ, ବନଖଣ୍ଡ ଅଧିକାରୀ ଖରିଆର ଅଜିଜ ଖାନ୍, ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯୋଗେଶ୍ୱର ଭୋଇ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ,ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡଃ ଉମାକାନ୍ତ ମେହେରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଅଧିକ୍ଷଣ ଯନ୍ତ୍ରୀ,ନିର୍ବାହୀ ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାର ଦ୍ରୁତ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପନିର୍ଦ୍ଦେଶକ ପ୍ଲାନିଂ, ପରିମଳ ସାମଲ ବିଗତ ମାସର ବୈଠକର ବିବରଣୀ ଓ ଏହା ଉପରେ ବିଭିନ୍ନ ବିଭାଗ ନେଇଥିବା ପଦକ୍ଷେପ ଗୃହରେ ପଠନ କରିଥିଲେ । ଏହାର ପ୍ରତି ବିନ୍ଦୁ ଉପରେ ବିଶଦ ଆଲୋଚନା ପର୍ଯ୍ୟାଲୋଚନା ହୋଇଥଲା । ବିଗତ ମାସରେ ଉନ୍ନୟନ କାମରେ ଯେଉଁ ସବୁ ବାଧା ରହିଥିଲା ସେସବୁର କେତେ ସମାଧାନ ହେଇଛି ଏବଂ ପ୍ରତି ବିଭାଗର କିପରି ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ । ଅନ୍ତ ବିଭାଗୀୟ ବିସଂଗତି ଉପରେ ଆଲୋଚନା କରି ସେସବୁର ସମାଧାନର ରାସ୍ତା ବାହାର କରାଗଲା । ବୈଠକରେ ଜଳସେଚନ ,ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ , ରାସ୍ତା ଓ ଗୃହନିର୍ମାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ,ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ , ପ୍ରାଣୀ ସମ୍ପଦ, ପରିବହନ ,ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ , ଖଣି , ଟୁରିଜମ ଇତ୍ୟାଦି ସମସ୍ତ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା । ଜିଲ୍ଲାପାଳ କହିଲେଯେ ନୂଆପଡ଼ା ଜିଲ୍ଲାରେ ଟୁରିଜିମ୍ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେଭରା ପତୋରା ଡ୍ୟାମ୍, ତିଖାଲି ଡ୍ୟାମ୍ ରେ ବୋଟିଂ ଓ ପିକ୍ନିକ୍ ସହିତ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ । ଏହାସହିତ ଋଷିପିଠ, ସୁନାବେଡା ଅଭୟାରଣ୍ୟରେ ଏବଂ ଜିଲ୍ଲାର ସୁନ୍ଦର ଜଳପ୍ରପାତ ମାନଙ୍କରେ ଫଟୋଗ୍ରାଫି ଭିଡିଓଗ୍ରାଫି ସେବା ପ୍ରଦାନ କରିବା ସହିତ ଟୁରିଷ୍ଟମାନଙ୍କୁ ଆଦିବାସୀଙ୍କ ପାରମ୍ପାରିକ ପୋଷାକ ପରିଧାନ କରିବା ସୁଯୋଗ ଯୋଗାଇଦେବା ପାଇଁ ଆଗ୍ରହୀ ଏଜେନ୍ସି ମାନଙ୍କୁ ନିୟୋଜିତ କରାଯିବ । ଏସବୁ ସ୍ଥାନକୁ ଗମନା ଗମନ ସୁବିଧା କରାଯିବ । ସମସ୍ତ ଟୁରିଷ୍ଟ ସ୍ଥାନ ସଫା ସୁତରା ରହିବା ସହିତ ପ୍ଲାଷ୍ଟିକ ଓ ଜରିମୁକ୍ତ ହେବ ।ଜିଲ୍ଲାକୁ ଏକ ଟୁରିଷ୍ଟ ହବ୍ ରେ ପରିଣତ କରିବା ପାଇଁ ସମ୍ପୃକ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ନିଜ ନିଜ ବିଭାଗର କାମ ଠିକ୍ ଭାବରେ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।



# ଓଡ଼ିଆପେଣ୍ଠରେ ପରାକ୍ରମ ଶୋଭାଯାତ୍ରା




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଆମ ଦେଶ ଓ ପାକିସ୍ତାନ ସହ ଚାଲିଥିବା 'ଅପରେସନ୍ ସିନ୍ଦୂର'ର ସଫଳତା ପରେ ଭାରତୀୟ ଯବାନମାନଙ୍କୁ ସମ୍ମାନ ଜଣାଇ ଲକ୍ଷ୍ମୀପୁର ବ୍ଲକର ଓଡ଼ିଆପେଣ୍ଠ ପଞ୍ଚାୟତ ରେ ଆଜି 'ପରାକ୍ରମ' ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।ପଞ୍ଚାୟତ ସଭାପତି ସହଦେବ ବିଡ଼ିକାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା ଯୋଗ ଦେଇଥିବା ବେଳେ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ରାଜନ ପଣସଗୁଡ଼ାରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ରେ ପହଞ୍ଚି ଥିଲେ ।ସେଠାରେ ବୀର ଯବାନଙ୍କୁ ସମ୍ମାନ ଜଣାଇ ଅଭିଭାଷଣ ପ୍ରଦାନ କରାଯିବା ସହ ପାକିସ୍ତାନୀ ବିରୋଧୀ ନାରା ଦେଇଥିଲେ । ଫଳରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା । ପରେ ତିନି ବାହିନୀର ବୀର ଜବନାଙ୍କ ସଫଳତାକୁ ନେଇ ଭାରତ ମାତାକି ଜୟ ନାରା ଦିଆଯାଇ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା । ଏଥିରେ ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା,ସୀତାରାମ ଖରା ମାନସ ହିକକା ପ୍ରଭୃତି ଉପସ୍ଥିତ ରହି ସହଯୋଗ କରିଥିବା ଦେଖିବାକୁ ମିଳିଥିଲା ।

# ପରାକ୍ରମ ଶୋଭାଯାତ୍ରା

ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ଆତଙ୍କବାଦୀ ଆକ୍ରମଣର ଭାରତୀୟ ସେନାର କଡ଼ା ଜବାବକୁ ସମର୍ଥନ ଓ ପ୍ରଶଂସା କରି ପରାକ୍ରମ ଶୋଭାଯାତ୍ରା କାର୍ଯ୍ୟକ୍ରମ କରାଯାଇଥିଲା । ଡଙ୍ଗରଭେଜାସ୍ଥିତ ବ୍ଲକ କାର୍ଯ୍ୟାଳୟ ଠାରୁ ବୁଧବାର ପରାକ୍ରମ ବାଇକ୍ ଶୋଭାଯାତ୍ରା ବାହାରିଥିଲା । ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ରାଲି ରେ ସାମିଲ ହୋଇଥିଲେ । ଡଙ୍ଗରଭେଜା, ସାଗରମୁଣ୍ଡା, ସରୁଗୁଡ଼ା, ସିନ୍ଧିଗୁଡ଼ା, ମାଳୀଗୁଡ଼ା ଓ ଦହଣା ଦେଇ ବ୍ଲକ କାର୍ଯ୍ୟାଳୟକୁ ଫେରିଥିଲେ । ବାଇକ୍ ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବ୍ଲକ ଅଧକ୍ଷା ରଶ୍ମିତା ମାଝୀ, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ , ସିଡିପିଓ ସସ୍ମିତା ମହାନ୍ତି , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟ ଚାନ୍ଦ ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ଜିତ୍ ମଣ୍ଡଳ ଓ ବ୍ଲକର ସମସ୍ତ ବିଭାଗର କର୍ମଚାରୀ ସମେତ ବିଜେପିର ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ଓ ଲକ୍ଷ୍ମଣ ନାୟକ ଏବଂ ବିଜେପିର କର୍ମୀ ମାନେ ବହୁ ଆଗ୍ରହ ସହକାରେ ସାମିଲ ହୋଇଥିଲେ । ପୋଲିସ ବିଭାଗ କର୍ମଚାରୀମାନେ ମଧ ସାମିଲ ହୋଇ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।





ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ମକଡ୍ରିଲ୍। ରଥଯାତ୍ରା ସମୟରେ ଭିଡ ଭିତରୁ ଅସୁସ୍ଥ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସପିଟାଲ ନିଆଯାଇ କିଭଳି ତ୍ୱରିତ ସେବା ଦିଆଯିବ ସେନେଇ କରାଯାଇଛି ମକଡ୍ରିଲ୍। ଚାରୋଟି ଜାଗା ଯଥା ମାଳତୀପାଟପୁର ବସଷ୍ଟାଣ୍ଡ, ଗାଣ୍ଡୁଆଚଉରା,ବେଳାଭୂମି ଏବଂ ବଡଦାଣ୍ଡରୁ ଚାରୋଟି ଆମ୍ବୁଲାନ୍ସ ଯୋଗେ ରୋଗୀ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ମେଡିକାଲରେ ହୋଇଥିବା ସ୍ୱତନ୍ତ୍ର ୱାର୍ଡରେ ତାଙ୍କୁ କିଭଳି ପ୍ରାଥମିକ ଚିକିତ୍ସା କରାଯିବ ସେନେଇ ମକଡ୍ରିଲ୍ କରାଯାଇଥିଲା। ଗତ ସପ୍ତାହରେ ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱସ୍ତି ମଧ ସଦର ମୁଖ୍ୟ ଚିକିତ୍ସାଳୟ ଆସି ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଆଜିର ଏହା ମକଡ୍ରିଲ୍ ସମୟରେ ସଦର ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ କିଭଳି ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ଏବଂ ଆବଶ୍ୟକ ପଡିଲେ ସେମାନଙ୍କୁ ସ୍ଥାନାନ୍ତର କରାଯାଇପାରିବ ତାହା ମକଡ୍ରିଲ୍ ର ଉଦେଶ୍ୟ ବୋଲି ମତ ପ୍ରକାଶ ପାଇଛି। ସେପଟେ ରଥଯାତ୍ରା ସମୟରେ ଭିଡ ଭିତରେ କୌଣସି ଭକ୍ତ ଗୁରୁତର ଆହତ ହେଲେ ସେମାନଙ୍କୁ କିଭଳି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରାଯାଇ ଚିକିତ୍ସା ଯୋଗାଯାଇପାରିବ,ବେଳାଭୂମିରେ ସ୍ନାନ ସମୟରେ ବୁଡି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇବା,ନିଆଁରେ ଜଳିପୋଡି ଯାଇଥିବା ଭକ୍ତ ମାନଙ୍କୁ କିଭଳି ଚିକିତ୍ସା ଯୋଗାଯାଇପାରିବ ଓ ଦୁର୍ଘଟଣା ହେଲେ କିଭଳି ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଦିଆଯାଇପାରିବ ସେନେଇ ଏହି ମକଡ୍ରିଲ୍ କରାଯାଉଛି ବୋଲି ମତ ପ୍ରକାଶ ପାଇଛି।

# ଜ୍ୟୋତି ବୁଲିଥିଲେ କୋଣାର୍କ ମନ୍ଦିର ଓ ଚିଲିକା



ପୁରୀ (ଭାସ୍କର ନ୍ୟୁଜ) : ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ ଗୁମର ଫିଟୁଛି । କେବଳ ପୁରୀ ନୁହେଁ ଜ୍ୟୋତି ବୁଲିଥିଲେ ବିଶ୍ୱ ଐତିହ୍ୟ କୋଣାର୍କ ମନ୍ଦିର ଓ ଚିଲିକା । ଏନେଇ ଜ୍ୟୋତିଙ୍କ ପୁରୀ ସାଥୀ ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କୁ ପଚରାଉଚରା ବେଳେ ସୂଚନା ପାଇଛି ପୁରୀ ପୋଲିସ। ପ୍ରିୟଙ୍କାଙ୍କ ଦ୍ୱାରା ସୁଟ କରାଯାଇଥିବା ଭିଡିଓ ଆଧାରକରି ପୁରୀ ପୋଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ ସାଇବର ସେଲ ଟିମ୍। ଏନେଇ କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡଙ୍ଗୀ କହିଛନ୍ତି ଯେ ଏହି ଘଟଣାରେ ହରିୟାଣା ପୋଲିସ ଦ୍ୱାରା ସେଠାରେ କେସ ହୋଇଛି। ତେଣୁ ତାଙ୍କ ସହ ବୁଲାବୁଲି କରିଥିବା ପୁରୀର ଝିଅଙ୍କୁ ତଦନ୍ତ କରୁଛି ପୁରୀ ପୋଲିସ। ଏନେଇ କ୍ରାଇମବ୍ରାଞ୍ଚ ସାଇବର ସେଲ ଟିମ୍ ଦୁଇ ଏସପିଙ୍କ ସହ ଯୋଗାଯୋଗରେ ରହି ଏହି କେସକୁ ମନିଟରିଂ କରାଯାଇଛି। ଏନେଇ ପ୍ରିୟଙ୍କାଙ୍କୁ ପଚରାଉଚରା ବେଳେ ସେ ଜ୍ୟୋତି ମାଲହୋତ୍ରା ଓଡ଼ିଶା ଆସିବା ସମୟରେ ତାଙ୍କୁ ନେଇ ପୁରୀ ସହ ଚିଲିକା ଓ କୋଣାର୍କ ଯାଇ ବୁଲିଥିବା ସେ ପୋଲିସ ଆଗରେ ମାନିଛନ୍ତି ।ସେମାନଙ୍କ ଦ୍ୱାରା ସୁଟ କରାଯାଇଥିବା ଭିଡିଓ ଫୁଟେଜକୁ ଆଧାରକରି ତଦନ୍ତ କରାଯାଉଛି। ଏପରିକି ଉଭୟ ମିଶି ରାଜ୍ୟ ବାହାର ପହଲଗାମ ଓ କେରଳ ମଧ୍ୟ ଯାଇଥିବା ଜଣାପଡିଛି। ଜ୍ୟୋଜି ଓ ପ୍ରିୟଙ୍କାଙ୍କ ସହ କିପରି ସମ୍ପର୍କ ଥିଲା ଓ ଜ୍ୟୋତି ମାଲହୋତ୍ରା ଠାରୁ ପ୍ରିୟଙ୍କା କିଛି ମନିଟାରି ବେନଫିଟ ପାଇଛନ୍ତି କି ନାହିଁ ? ସେନେଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଟ୍ରାଞ୍ଜାକ୍ସନ ନେଇ ମଧ ତର୍ଜମା ଚାଲିଛି। ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରି ଓ କେମିତି ଟିକେଟ ପରଚେଜ କରୁଥିଲେ, ସେମାନଙ୍କ ଆଉ କାହା ସହ ଯୋଗାଯୋଗ ବା ଲିଙ୍କ ଥିଲେ କି ନାହିଁ, ପୁରୀ ପୋଲିସ ସେନେଇ ମଧ ତଦନ୍ତ କରୁଛି । କ୍ରାଇମବ୍ରାଞ୍ଚର ସାଇବର ସେଲ ଟିମ୍ ମଧ ପୁରୀ ପୋଲିସକୁ ତଦନ୍ତରେ ସହଯୋଗ ସହ ମନିଟର ମଧ କରୁଛନ୍ତି । ତେବେ ପୋଲିସ ରାଡ୍ଡାରରେ ଥିବା ପ୍ରିୟଙ୍କା ସେନାପତି ପୁରୀ ନ ଛାଡ଼ିବାକୁ କୁହାଯାଇଥିବା ବେଳେ ଏବେ ଯଦି ବାହାରକୁ ଯିବାକୁ ଚେଷ୍ଟା କରନ୍ତି ତେବେ ପୋଲିସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି । ପ୍ରିୟଙ୍କା ପୋଲିସକୁ ଦେଇଥିବା ପ୍ରତ୍ୟେକ ତଥ୍ୟ ସତ କି ମିଛ ସେନେଇ ଯେଉଁ ସବୁ ସ୍ଥାନକୁ ସେମାନେ ବୁଲିବାକୁ ଯାଇଥିଲେ ସେଠାରେ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା ସହ ସେଠାକାର ବ୍ୟାକପଥିବା ସିସିଟିଭି ଫୁଟେଜକୁ ମଧ ଯାଞ୍ଚ କରାଯିବ । ସେମାନେ କିଛି ସେନସିଟିଭ ଅଞ୍ଚଳ ବୁଲିବା ବା ସେଭଳି କିଛି ତଥ୍ୟ ସଂଗ୍ରହ କରିବା ବା ସେଭଳି କିଛି ଫୁଟେଜ ଯାହା ଅନୁମତି ନାହିଁ ସେସବୁ ନେଇଛନ୍ତି କି ନାହିଁ ସେନେଇ ତର୍ଜମା କରାଯାଉଛି। ପ୍ରିୟଙ୍କାଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ମନିଟରିଂ କରାଯାଉଛି । ଯେଉଁ ସବୁ ୟୁଟ୍ୟୁବ ଭିଡିଓ ଅପଲୋଡ କରିଥିଲେ ସେସବୁକୁ ମଧ ମନିଟରିଂ କରାଯାଉଛି । ତା ସହିତ ସେମାନଙ୍କ ଭିଡିଓରେ ଥିବା କମେଣ୍ଟ ଓ ସୋସିଆଲ ମିଡିଆ ଆକାଉଣ୍ଟର ଥିବା ଫ୍ରେଣ୍ଡ୍ ଲିଷ୍ଟ ମଧ ଯାଞ୍ଚ କରାଯାଉଛି । ଯେଉଁଠି ସେମାନେ ରହିଥିଲେ ଓ ଯେଉଁ ଗାଡିରେ ଯାଇଥିଲେ, ସେସବୁ ଗାଡ଼ିର ତଥ୍ୟ ବା ଟାକ୍ସି ର ତଥ୍ୟ ସହ ଯେଉଁ ହୋଟେଲ ରେ ବା ଯେଉଁଠି ରେଷ୍ଟୋରାଁରେ ଖାଇଥିଲେ ସେମାନଙ୍କୁ ମଧ ପୋଲିସ ଯାଇ ଖୁବଶୀଘ୍ର ଯୋଗାଯୋଗ କରି ପଚରାଉଚରା କରିବ। ଏନେଇ ଇଣ୍ଟେଲିଜେନ୍ସ ଟିମ୍ ମଧ ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏଥି ସହ ପ୍ରିୟଙ୍କାଙ୍କ ପରିବାର ଆଉ କାହା ନାଁରେ କେତୋଟି ଆକାଉଣ୍ଟ ଅଛି ସେସବୁ ମଧ ପୋଲିସ ରାଡାରରେ ରହିଛି। ସେସବୁ ବ୍ୟାଙ୍କ ଆକାଉଣ୍ଟରେ ସେଭଳି କିଛି ମନିଟାରି ଟ୍ରାଞ୍ଜାକସନ ହୋଇଛି କି ନାହିଁ ସେନେଇ ମଧ ପୁରୀ ପୋଲିସ ଟିମ ମଧ ତଦନ୍ତ ଘେରରେ ରହିଛି। କେବେ, କେତେ ତାରିଖରେ, କେଉଁଠିକୁ ଯାଇଛନ୍ତି ଜ୍ୟୋତି, ଶ୍ରୀମନ୍ଦିରର କେଉଁ ସବୁ ସ୍ଥାନକୁ ନେଇ ଜ୍ୟୋତିଙ୍କୁ ବୁଲାଇଥିଲେ ପ୍ରିୟଙ୍କା ସେନେଇ ମଧ ଏକ ଟିମ୍ ସ୍ପଟ୍ ଭେରିଫିକେସନ କରିପାରେ ପୋଲିସ। କେଉଁ କେଉଁ ଦ୍ୱାର ପାଖରେ ଯାଇ ସେ ଫଟୋ ନେଇଛନ୍ତି, ଶ୍ରୀମନ୍ଦିରର କେଉଁ ସବୁ ଫଟୋ ଜ୍ୟୋତି ମାଲହୋତ୍ରା ପାଖରେ ରହିଛି, କେଉଁ ସବୁ ପୋଜିସନକୁ ଯାଇ ଫଟୋ ବା ଭିଡିଓ କରିଥିଲେ, ମନ୍ଦିର ଭିତରକୁ ଯାଇଥିଲେ କି ନାହିଁ, ସେ ନେଇ ମଧ ପୋଲିସ ତର୍ଜମା କରୁଛି। ଯଦି ଯାଇଥିଲେ କିଏ କିଏ ଯାଇଥିଲେ, ଭିତରେ କେଉଁଠି କେଉଁଠି ବୁଲିଛନ୍ତି, ଯଦି ଯାଇନଥିଲେ କେଉଁଆଡେ ମନ୍ଦିର ଯାଇଥିଲେ । ସେନେଇ ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି ପୁରି ପୋଲିସ।ଏନେଇ ଖୁବଶୀଘ୍ର ସ୍ପଟ୍ ଭେରିଫିକେସନ ହେବ ବୋଲି ପୁରୀ ପୋଲିସର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ପାଣିପାଗ ବିଭାଗର ଚେତାବନୀ
# ୬ ଦିନ ବଜ୍ରପାତ ସହ ପ୍ରବଳ ବର୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରବଳ ଗରମ ଓ ଗୁଳୁଗୁଳିରୁ ମିଳିବ ଆଶ୍ୱସ୍ତି। ଆଗାମୀ ୬ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷାର ଚେତାବନୀ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ବିଭାଗ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ନ ହେଲେ ମଧ୍ୟ ପରବର୍ତ୍ତୀ ୪ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ। ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲା ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି। ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଓ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ କହିଛି ଯେ ପୂର୍ବ କେନ୍ଦ୍ରୀୟ ଆରବସାଗର ଓ ସଂଲଗ୍ନ ଉତ୍ତର କର୍ଣ୍ଣାଟକ ଗୋଆ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଉତ୍ତର ଦିଗକୁ ଗତିକରି ଡିପ୍ରେସନରେ ପରିଣତ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଆସନ୍ତା ୩୬ ଘଣ୍ଟା ମଧ୍ୟରେ ଏହି ଲଘୁଚାପ ଅଧିକ ଘନୀଭୂତ ହେବ। ଅନ୍ୟପକ୍ଷରେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବ। ଏ ନେଇ ପାଗ ଅନୁକୂଳ ରହିଛି। ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଗୁଜରାଟ, ଗୋଆ, କର୍ଣ୍ଣାଟକ ଏବଂ କେରଳ ସମେତ ପଶ୍ଚିମାଞ୍ଚଳ ଉପକୂଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

# ରାଷ୍ଟ୍ରପତି ପ୍ରଦାନ କଲେ କୀର୍ତ୍ତି ଚକ୍ର ଓ ଶୌର୍ଯ୍ୟଚକ୍ର

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ପ୍ରତିରକ୍ଷା ଅନୁସନ୍ଧାନ ସମାରୋହର ପ୍ରଥମ ପର୍ଯ୍ୟାୟରେ ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପୋଲିସ କର୍ମଚାରୀଙ୍କୁ ୪ଟି ମରଣୋତ୍ତର ସମେତ ୬ଟି କୀର୍ତ୍ତି ଚକ୍ର ଏବଂ ୭ଟି ମରଣୋତ୍ତର ସମେତ ୩୩ଟି ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି। ରାଇଫଲ ମ୍ୟାନ ରବି କୁମାର, କଲୋନେଲ ମନପ୍ରୀତ ସିଂହ, ଡିଏସପି ହିମାୟୁନ ମୁଜାମ୍ମିଲ ଭଟ୍ଟ ଓ ନାୟକ ଦିଲୱାର ଖାନଙ୍କୁ ମରଣୋତ୍ତର ଭାବେ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଛି। ମରାଠା ଲାଇଟ୍ ଇନଫାଣ୍ଟ୍ରିର ମେଜର ମଲ୍ଲ ରାମ ଗୋପାଳ ନାଇଡୁ ଏବଂ ପଞ୍ଜାବ ରେଜିମେଣ୍ଟର ମେଜର ମନଜିତଙ୍କୁ କୀର୍ତ୍ତି ଚକ୍ରରେ ସମ୍ମାନିତ କରାଯାଇଛି। ମେଜର ଆଶିଷ ଧୋଞ୍ଚକ୍, ସିପାହୀ ପ୍ରଦୀପ ସିଂ, ହାବିଲଦାର ରୋହିତ କୁମାର, ପୁଲିସ ଅଧିକାରୀ ପୱନ କୁମାର, କନଷ୍ଟେବଳ ଦେବାନ ସି, ବିଜୟନ କୁଟ୍ଟି ଜି ଏବଂ କ୍ୟାପଟେନ ଦୀପକ ସିଂଙ୍କ ସମେତ ସାତ ଜଣ ବୀରଙ୍କୁ ଅସାଧାରଣ ସାହସ ଏବଂ ବଳିଦାନ ପାଇଁ ମରଣୋତ୍ତର ଭାବେ ଶୌର୍ଯ୍ୟ ଚକ୍ର ପ୍ରଦାନ କରାଯାଇଛି।

## LOST

ମୁ ଶ୍ରୀ ସୁବ୍ରତ କୁମାର ଶତପଥି ପିତା -ସୁଧୀର କୁମାର ଶତପଥି, ସା. ଗଜପତି ନଗର, ପୋ -ଗଜପତି ନଗର, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା, ଓଡିଶା -୭୫୧୦୦୫ ଘୋଷଣା କରୁଅଛି କି ମୋ ନିଜ ଦ୍ୱାରା କିଣାଯାଇଥିବା ଜାଗା ଖାତା ନମ୍ବର ୭୦୩/୧୭୧୫ ଏବଂ ୭୦୩/୩୪୯୦ ପ୍ଲଟ ନମ୍ବର ୩୯୧/୨୪୯୩ ଏବଂ ୩୯୧/୨୯୮୦ ଏରିଆ ୧୬୨ ଡେସିମିଲ ମୌଜା- ପାତ୍ରପଡା, ଭୁବନେଶ୍ୱର କବଲା ନମ୍ବର ୭୮୯୫ ତା ୧୧.୦୯.୨୦୦୭ ରିଖ ଏବଂ କବଲା ନମ୍ବର -୧୧୧୩୧୩୦୬୦୩୪ ତା ୧୦.୦୪.୨୦୧୩ ରିଖରେ କିଣିଅଛି। ହାଉସିଂ ଲୋନ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ହୋମ ଲୋନ ଶାଖା ଭୁବନେଶ୍ୱର (ଶାଖା କୋଡ୍ -୦୪୪୮୫) ରେ ଆବେଦନ କରିଛି। ମୋ ଜାଗାର ପୁରୁଣା ପଟ୍ଟା ଓ କବଲା କ୍ରମିକ ନମ୍ବର ୩୨୫୪ ତା ୧୮.୦୩.୧୯୮୯ ରିଖ ବିକ୍ରେତା ଶ୍ରୀମତୀ ସଚିତ୍ରା ଚମ୍ପତି ଏବଂ କ୍ରେତା ରବୀନ୍ଦ୍ର କୁମାର ରାୟ ଏବଂ କ୍ଷମତାପ୍ରାପ୍ୟ ନମ୍ବର ୩୫୨୬ ତା ୨୫.୦୪.୨୦୦୭ରିଖ ଶ୍ରୀ ରବୀନ୍ଦ୍ର କୁମାର ରାୟ ଏବଂ ହରିହର ରଥ ତାରିଖ ଏବଂ କ୍ଷମତାପ୍ରାପ୍ୟ ନମ୍ବର ୫୧୮ ତା ୦୬.୦୬.୨୦୦୧ ରିଖ ହାରାଷଲତା ସାହୁ ଏବଂ ଲକ୍ଷ୍ମୀଧର ପ୍ରଧାନ ଏବଂ କବଲା ନମ୍ବର ୩୨୫୭ ତା ୧୮.୦୩.୧୯୮୯ ରିଖ ସୁଚିତ୍ରା ଚମ୍ପତି ଓ ଶ୍ରୀମତୀ ହାରାଶଲତା ସାହୁ ଏବଂ କବଲା ନମ୍ବର ୭୭୦୭ ତା ୧୮. ୧୧.୧୯୯୧ ରିଖ କାର୍ତ୍ତିକ କୁମାର ବାରିକ ମଧରେ ଶ୍ରୀମତୀ ହାରାଶଲତା ସାହୁ ଏ ସବୁ ଅସଲି କାଗଜ ତା ୧୬.୦୫.୨୦୨୫ ରିଖରେ ସହିଦ ନଗର ଭୁବନେଶ୍ୱର ମଧରେ ହଜିଯାଇଛି। ମୁଁ ତା ୨୦.୦୫.୨୦୨୫ ରିଖରେ ସହିଦ ନଗର ଥାନା ଭୁବନେଶ୍ୱରରେ କ୍ରମିକ ନମ୍ବର ୦୧୫ ରେ ମୂଳ ଲିଙ୍କ କବଲା ଓ କାଗଜ ହଜିଯାଇଛି ବୋଲି ଏତଲା ଦେଇଛି।

**ଯୋଗାଯୋଗ ନମ୍ବର - ୯୪୩୭୦୭୨୯୮୪**

## AFFIDAVIT

By virtue of an affidavit sworn before the Executive Magistrate, Darpan, Dhanmandal dated 09/04/2025, I Pramila Jena, Address/ village-Padmalavapur, Po-Sipura, Ps-Balichandrapur, Dist-Jajpur, Odisha, Pin-754205, declare that I have changed my name from Mamata Jena to Pramila Jena. Henceforth, I shall be known as Pramila Jena for all purposes.

**Sd/- Pramila Jena**

## AFFIDAVIT

By virtue of an affidavit sworn before the notary public Nabarangpur, dated. 20.05.2025, I VEER SWAMY RANGALA 43 y, S/o- R CHANDRASEKHER Vill / Po /p/s khatiguda ,Dist-Nabarangpur, Odisha, declare that. I have changed my doughter's name from R SHRABANI to RANGALA SHRABANI Henceforth, he shall be known as RANGALA SHRABANI for all purposes.

**Sd/- veer swamy rangala**

## AFFIDAVIT

By virtue of an affidavit sworn before the Executive Magistrate, Polasara, Ganjam dated 19.05.2025, I Prasana Nahak, Address: At-Khadal sahi, Po-Mandar, Ps- Polasara, Dist-Ganjam, Odisha, Pin-761117, declare that I have changed my son's name from Purna Nahak to Purna chandra Nahak. Henceforth, he shall be known as Purna Chandra Nahak for all purposes.

**Sd/- Prasana Nahak**

## AFFIDAVIT

By virtue of an affidavit sworn before the Executive Magistrate, Kantamal, dated: 08.05.2025, I Sushant Jal, Address: village-Kantamal, Po- Kantamal, Ps- Kantamal, Dist-Boudh, Odisha, PIN-762017, declare that I have changed my son's name from Wasmin Jalo to Asmin Jal. Henceforth, he shall be known as Asmin Jal for all purposes.

**Sd/- Sushant Jal**

# ୭ ମାଓବାଦୀ ଗିରଫ



ମାଲକାନଗିରି (ଭାସ୍କର ନ୍ୟୁଜ): ଆଇଇଡି ବିସ୍ଫୋରଣରେ ଜଡିତ ଥିବା ୭ଜଣେ ମାଓବାଦୀକୁ ଗିରଫ କରିଛନ୍ତି ସୁରକ୍ଷାକର୍ମୀ । ସୂଚନା ଅନୁଯାଇ ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ସୁକମା ଜିଲ୍ଲା ଅନ୍ତର୍ଗତ ଜଗରଗୁଣ୍ଡା ଥାନା ଅନ୍ତର୍ଗତ ଗୋଂଦପାଲି ଏବଂ ଓରସାଙ୍ଗଲରେ ସିଆରପିଏଫ, ଡିଆରଜିର ଏକ ମିଳିତ ଦଳ ତଲାସୀ ଅଭିଯାନ କରିଥିବା ସମୟରେ ମାଓବାଦୀମାନେ ଏକ ଆଇଇଡି ବିସ୍ଫୋରଣ କରିଥିଲେ ଏହି ଆଇଇଡି ଖଞ୍ଜିଥିବା ମାଓବାଦୀମାନଂକୁ ଘେରବନ୍ଦୀ କରି ସୁରକ୍ଷାକର୍ମୀମାନେ ଗିରଫ କରିବା ସହ ସେମାନଙ୍କ ଠାରୁ ବିସ୍ଫୋଟକ ସାମଗ୍ରୀ ଜବତ କରି ଜଗରଗୁଣ୍ଡା ଥାନାକୁ ଆଣି ପଚାରାଉଚାରା କରିବା ପରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେହିପରି ସୁକମା ଜିଲ୍ଲା ର ଚିନ୍ତାଗୁଫା ଥାନା ଅନ୍ତର୍ଗତ ଦୁଲେଡ଼ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ମାର୍ଗରେ ଗାତ ଖୋଳିବା ସମୟରେ ସୁରକ୍ଷାକର୍ମୀ ଧରି ତାଲାସି କରିବା ବେଳେ ଆଇଇଡିରେ ବ୍ୟବହୃତ ସାମଗ୍ରୀ ତା ଠାରୁ ମିଳିବା ପରେ ତାକୁ ଗିରଫ କରିଥିଲେ। ଗିରଫ ମାଓବାଦୀମାନେ ହେଲେ ୨ଲକ୍ଷ ଇନାମୀ ମାଓବାଦୀ ସୋଡି ଲିଙ୍ଗା(୩୫)ବର୍ଷ କିଷ୍ଟରାମ ଏରିଆ କମିଟିର ଡେପୁଟି କମାଣ୍ଡର, ତାମୁ ନାନ୍ଦା(୨୦)ବର୍ଷ, ପୁନେମ ଭିମା(୩୪)ପୁନେମ ଆୟୁତୁ(୨୩), ତାମୁ ସନ୍ନୁ(୩୮)ବର୍ଷ, ମିଡିୟମ ଛୋଟୁ(୩୫)ବର୍ଷ, ପୁନେମ ଲାଲୁ(୨୫)ବର୍ଷ। ସମସ୍ତ ମାଓବାଦୀଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜଧାନୀରେ ଆକ୍ରାନ୍ତ...

ଅଶ୍ୱଥ ଏସ୍ ଗଣମାଧ୍ୟମକୁ କହିଛନ୍ତି ଯେ ଚିନ୍ତା କରିବାର କୌଣସି କାରଣ ନାହିଁ। ସ୍ଥିତି ଉପରେ ଆମେ କଡ଼ା ନଜର ରଖିଛୁ। ମିଳିଥିବା ତଥ୍ୟ ଅନୁଯାୟୀ ପ୍ରଚଳିତ ଷ୍ଟ୍ରେନ୍ ଖୁବ୍ ହାଲୁକା ଓ ଏହାର ତୀବ୍ରତା କମ୍। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ମାର୍ଗଦର୍ଶିକା ଜାରି କରାଯାଇନାହିଁ। ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହେବାପରେ ଆମେ ସେହି ଅନୁସାରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବୁ। ଆକ୍ରାନ୍ତ ହେଉଥିବା ରୋଗୀ ସୁସ୍ଥ ହେଉଛନ୍ତି। ସେ ଆହୁରି କହିଥିଲେ, ବର୍ତ୍ତମାନ ପରିସ୍ଥିତିରେ କୌଣସି କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ । ସେ ଏହା ମଧ୍ୟ ନିଶ୍ଚିତ କରିଥିଲେ ଯେ ଯଦି ଅଧିକ ମାମଲା ସାମ୍ନାକୁ ଆସେ କିମ୍ବା ନୂତନ ନିର୍ଦ୍ଦେଶନାମା ଜାରି ହୁଏ ତେବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ବର୍ତ୍ତମାନ କେବଳ ଗୋଟିଏ ମାମଲା ନେଇ ରିପୋର୍ଟ ହୋଇଛି।

### ସିନ୍ଦୂର ଶକ୍ତିଶାଳୀ...

ଏହା ଭାରତର ସଂକଳ୍ପ। ଦୁନିଆର କୌଣସି ଶକ୍ତି ଆମ ସଂକଳ୍ପରୁ ଆମକୁ ଓହରାଇ ପାରିବନି ବୋଲି ମୋଦୀ ଦୃଢ଼ୋକ୍ତି ବାଢିଥିଲେ। ସେ କହିଥିଲେ, ଭାରତ ଆଉ ଆତଙ୍କବାଦର ମାଲିକ ଏବଂ ଆତଙ୍କୀଙ୍କୁ ଆଶ୍ରୟ ଦେଉଥିବା ଲୋକଙ୍କୁ ପୃଥକ ଭାବେ ଦେଖିହେବ ନାହିଁ। ଆମେ ଉଭୟଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ମୋଦୀ ତାଙ୍କ ଅଭିଭାଷଣରେ ପାକିସ୍ତାନ ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରର ନାମ ନେଇ ନଥିଲେ ମଧ୍ୟ ପରୋକ୍ଷରେ ଚୀନ୍ ଓ ତୁର୍କୀକୁ ଟାର୍ଗେଟ କରିଥିଲେ। ଭାରତ-ପାକ୍ ଉତ୍ତେଜନା ସମୟରେ ଚୀନ୍ ଓ ତୁର୍କୀ ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ସମର୍ଥନ ଦେଇଥିଲେ। ସେ କହିଥିଲେ, ପାକିସ୍ତାନ ଆତଙ୍କବାଦକୁ ଭାରତ ବିରୋଧରେ ଅସ୍ତ୍ର କରିଛି। ସ୍ୱାଧୀନତା ପରଠାରୁ ଏହା ହୋଇଆସୁଛି। ଏହି ଅବସରରେ ମୋଦୀ ଏଠାରେ ୨୬ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ବିକାନେରରେ ରେଲୱେ, ସଡ଼କ, ବିଜୁଳି, ଜଳ, ନବୀକରଣ, ଉର୍ଜା କ୍ଷେତ୍ରରେ ବହୁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲ୍ଲାରେ ୧୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ୧୦୩ଟି ପୁନର୍ବିକଶିତ ଅମୃତ ଷ୍ଟେସନର ମଧ୍ୟ ଉଦ୍‌ଘାଟନ କରିଥିଲେ।

### ଓଡ଼ିଶା ସୀମାହୀନ...

ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି । ଆଜି ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ଏହି ସମସ୍ତ ପ୍ରକଳ୍ପର ମେକ୍-ଇନ୍-ଓଡିଶା କନ୍‌କ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ। ଏହା କେବଳ ଚାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡ଼ିଶାର ନୂଆ ପରିଚୟ। ଏହା ସମୃଦ୍ଧ ଓଡିଶାର ଅୟମାରମ୍ଭ। ସେ ପୁଣି କହିଥିଲେ, ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର । ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଂଚଳ ଏକ ଦୃଷ୍ଟାନ୍ତ ପାଲଟିଛି । ମେକ୍ ଇନ୍ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ। ଆଉ ଆଜି, ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମ ପ୍ରଥମ ଉଦ୍ଦେଶ୍ୟ ଥିଲା ଆଉ ସେହି ଉଦ୍ଦେଶ୍ୟ କୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତି ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

---

**IndusInd Bank**

**ଆଞ୍ଚଳିକ କାର୍ଯ୍ୟାଳୟ:**
**ସାବିତ୍ରୀ ଟାୱାର, ୩ଏ, ଉପର ଉଡ୍ ଷ୍ଟ୍ରିଟ୍, କୋଲକାତା-୭୦୦୦୧୭**

**ପରିଶିଷ୍ଟ -୪**
**ପଜେସନ୍ ନୋଟିସ୍ (ରୁଲ୍ ୮ (୧) ଦେଖନ୍ତୁ)**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେତେବେଳେ ଆର୍ଥିକ ସମ୍ପତ୍ତିର ସିକ୍ୟୁରିଟାଇଜେସନ୍ ଏବଂ ପୁନଃନିର୍ମାଣ ଏବଂ ସିକ୍ୟୁରିଟି ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ ୨୦୦୨ର ନିୟମ ୩ ସହିତ ପଠିତ ଧାରା ୧୩ (୧୨)ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ନିମ୍ନ ସ୍ୱାକ୍ଷରିତ ଇଣ୍ଡୁସିଣ୍ଡ ବ୍ୟାଙ୍କ୍ ଲିମିଟେଡର ଅଧିକୃତ ଅଧିକାରୀ ଭାବରେ ୧୭-୧୦-୨୦୨୪ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ, ଯାହା ୨୫/୧୦/୨୦୨୪ରେ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ଯଥା ବ୍ୟବସାୟ ମାନକ (ଇଂରାଜୀରେ) ଏବଂ ଓଡ଼ିଶା ଭାସ୍କର (ଓଡ଼ିଆରେ), ମେସର୍ସ ସୂର୍ଯ୍ୟକାନ୍ତ ବାରିକ (ଋଣଗ୍ରହୀତା, ଏହାର ମାଲିକ - ଶ୍ରୀ ସୂର୍ଯ୍ୟକାନ୍ତ ବାରିକଙ୍କ ଦ୍ୱାରା ପ୍ରତିନିଧିତ୍ୱ କରୁଛନ୍ତି), ଶ୍ରୀ ସୂର୍ଯ୍ୟକାନ୍ତ ବାରିକଙ୍କୁ ଡାକିଥିଲେ। ସୂର୍ଯ୍ୟକାନ୍ତ ବାରିକ (ଗ୍ୟାରେଣ୍ଟର), ଶ୍ରୀମତୀ ରାଜଶ୍ରୀ ବାରିକ (ଗ୍ୟାରେଣ୍ଟର) ଏବଂ ଶ୍ରୀଯୁକ୍ତ ପ୍ରସାନ୍ତ କୁମାର ବାରିକ (ଗ୍ୟାରେଣ୍ଟର ଏବଂ ବନ୍ଧକ) ଉକ୍ତ ନୋଟିସରେ ଉଲ୍ଲେଖିତ ଟଙ୍କା ୯୨,୫୦,୨୫୯.୦୦/- (ବୟାନବେ ଲକ୍ଷ ପଚାଶ ହଜାର ଦୁଇଶହ ଉଣେଇଶ ଟଙ୍କା କେବଳ) ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାର ହିସାବ ଡକ୍ୟୁମେଣ୍ଟେଡ୍ ହାରରେ ଏବଂ ଉପରୋକ୍ତ ଦାବି ନୋଟିସରେ ଦିଆଯାଇଥିବା ତାରିଖରୁ ପ୍ରତ୍ୟେକ ଆର୍ଥିକ ସହାୟତା ପାଇଁ ଉକ୍ତ ନୋଟିସ ପ୍ରାପ୍ତ ହେବାର ୬୦ଦିନ ମଧରେ କରାଯିବ।

ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତା ଏବଂ ସାଧାରଣ ଜନତାଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରକାରୀ ୨୦୨୫ମସିହା ମେ ମାସର ୨୧ତାରିଖରେ ସିକ୍ୟୁରିଟି ସ୍ୱାର୍ଥ (ପ୍ରବର୍ତ୍ତନ)ନିୟମ, ୨୦୦୨ର ନିୟମ ୮ସହିତ ପଠିତ ଆଇନର ଧାରା ୧୩ ର ଉପ-ଧାରା (୪) ଅନୁଯାୟୀ ତାଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ନେଇଛନ୍ତି। କ୍ଷମତାପ୍ରାପ୍ତ ବ୍ୟକ୍ତି ଏବଂ ସାଧାରଣ ଜନତାଙ୍କୁ ଏହି ସମ୍ପତ୍ତି ସହିତ କାରବାର ନକରିବାକୁ ସତର୍କ କରାଯାଇଛି ଏବଂ ସମ୍ପତ୍ତି ସହିତ ଯେକୌଣସି କାରବାର ପାଇଁ ଇଣ୍ଡୁସିଣ୍ଡ ବ୍ୟାଙ୍କ୍ ଲିମିଟେଡ୍‌ରୁ ୯୨,୫୦,୨୫୯.୦୦/- ଟଙ୍କା (ବୟାନବେ ଲକ୍ଷ ପଚାଶ ହଜାର ଦୁଇଶହ ଅଣଚାଳିଶ ଟଙ୍କା କେବଳ)ର ଦେୟ ନିଆଯିବ, ଯାହା ସହିତ ଦଲିଲକୃତ ହାରରେ ଏବଂ ପ୍ରତ୍ୟେକ ଆର୍ଥିକ ସହାୟତା ସମ୍ପର୍କରେ ଉପରୋକ୍ତ ଦାବି ନୋଟିସରେ ଦିଆଯାଇଥିବା ତାରିଖରୁ ଅଧିକ ସୁଧ ଗଣନା କରାଯିବ।

ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ଯେ ଆଇନର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥା ଅନୁଯାୟୀ, ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ଅନୁଯାୟୀ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଖୋର୍ଦ୍ଧା ଜିଲ୍ଲା, ତହସିଲଦାର-ଭୁବନେଶ୍ୱର, ଏସଆରଓ - ଖୋର୍ଦ୍ଧା (ଭୁବନେଶ୍ୱର), ମୌଜା - ମଞ୍ଚେଶ୍ୱର, ପି.ଏସ୍. - ନୂତନ ରାଜଧାନୀ, ଥାନା ନମ୍ବର ୨୬, ପିନ୍-୭୫୧୦୧୭, ମ୍ୟୁଟେସନ୍ ଖାତା ନମ୍ବର ୫୪୦/୨୯୬୩, ପ୍ଲଟ୍ ନମ୍ବର ୨୦୬୨/୫୬୧୭, କ୍ଷେତ୍ର - ଆଇନ ୦.୦୨୮ ଡିସେମ୍ବର, ଖାତା ନମ୍ବର ୫୪୦/୨୯୯, ପ୍ଲଟ୍ ନମ୍ବର ସହିତ ସମ୍ପର୍କିତ। ୨୦୬୨/୫୬୧୭, କ୍ଷେତ୍ର-ଏକ.୦.୨୮ ଡିସେମ୍ବର, ଖଟା ନଂ. ୫୪୦/୨୯୯, ପ୍ଲଟ ନଂ. ୨୦୬୨, କ୍ଷେତ୍ର - ଏକ.୦.୦୨୮ ଡିସେମ୍ବର ସହିତ ଅଧିକ ସମ୍ପର୍କିତ। ଡିସେମ୍ବର ୦.୧୧୯ ରୁ, କିସମ - ସାରଦା ଡୋଫାସଲା, ସ୍ଥିତି-ସ୍ଥିତିବନ, ବଟ ଏବଂ ସୀମାବଦ୍ଧ ଉତ୍ତରରେ ରାସ୍ତା ଏବଂ ପ୍ଲଟର ବାକି ଅଂଶ ଦ୍ୱାରା, ଦକ୍ଷିଣରେ ରାଜସ୍ୱ ପ୍ଲଟ ନଂ. ୨୧୦୯ ଏବଂ ୨୧୦୮ ପୂର୍ବରେ ରାଜସ୍ୱ ପ୍ଲଟ ନଂ. ୨୦୬୬, ପଶ୍ଚିମରେ ରାଜସ୍ୱ ପ୍ଲଟ ନଂ. ୨୦୬୧ *** ସମ୍ପତ୍ତିର ବିବରଣୀ / ବର୍ଣ୍ଣନା ଜିଲ୍ଲା ସବ-ରେଜିଷ୍ଟ୍ରାର ଖୋର୍ଦ୍ଧା (ଭୁବନେଶ୍ୱର)ଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ବିକ୍ରୟ ଡିଡ୍‌ରେ ଅଧିକ ଉଲ୍ଲେଖ କରାଯାଇଛି, ଯାହା ୨୦୧୫ ତାରିଖ ୨୫.୧୧.୨୦୧୯ ପାଇଁ ପୁସ୍ତକ ନମ୍ବର ୧ ଭଲ୍ୟୁମ୍ ନମ୍ବର ୨୫୭, ଡକ୍ୟୁମେଣ୍ଟ ନମ୍ବର ୧୧୦୮୧୯୧୩୦୪୧ରେ ପଞ୍ଜୀକୃତ ହୋଇଥିଲା, ଯାହା ଶ୍ରୀଯୁକ୍ତ ପ୍ରସନ୍ନ କୁମାର ବାରିକ (ପୁତ୍ର ଶିବପ୍ରସାଦ ବାରିକ)ଙ୍କ ନାମରେ ପଞ୍ଜୀକୃତ ହୋଇଥିଲା।

**ତାରିଖ: ୨୧/୦୫/୨୦୨୫,**
**ସ୍ଥାନ: ଭୁବନେଶ୍ୱର**

**ପ୍ରାଧିକୃତ ଅଧିକାରୀ,**
**ଇଣ୍ଡସଇଣ୍ଡ ବ୍ୟାଙ୍କ ଲିମିଟେଡ୍**

---

**CAD-524**

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

**No.CHEP/TW-326/1924** **Date: 22.05.2025**

**'e'-Procurement Notice**
**TENDER CALL NOTICE NO.CHEP-13/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'C' & 'B' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Roof Treatment with water proofing felt on Blocks of NF Colony, CHEP, Chiplima. | Rs.21,80,446.00 / EMD = Rs.21,810.00 | Rs.7,080.00 (Rs.6,000.00 + GST@18%) | 60 Days |

1. Availability of bids **ONLINE**: **from 11:00 AM of dtd.26.05.2025 up to 05:00 PM of dtd.09.06.2025.**
2. The date & time of opening of tender: **At 11:30 AM of dtd.10.06.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**

**OIPR 04006/11/0083/2526**

---

**O-191**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
**Email ID-eerw1_kjr@yahoo.com**
***

**OFFICE ORDER FOR CANCELATION OF TENDER**
**e-Procurement Notice for Road Works**
**Identification No. Online NCB - 02 of 2025-26.**

1. The work at SL No- 01 in NCB-02 of 2025-26 of this office is hereby Cancelled may as follows:

| Sl No | Name of the work | Remarks |
|---|---|---|
| 1 | Construction of Auditorium-cum-Examination Hall for Padampur Anchalika Higher Secondary School, Padampur in the District of Keonjhar for the year 2024-25. | Due to Administrative Reason. |

Sd/- Executive Engineer
R.W. Division-I, Keonjhar

**OIPR 25110/11/0016/2526**

---

**T-25**

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୬.୦୫.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୨୩.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ , ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**OIPR 09014/11/0125/2526**

---

**A-209**

e-mail: srgeologistbolangir@gmail.com

**GOVERNMENT OF ODISHA**
**OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BOLANGIR**
Jyotinagar, Laltikra, P.O Rajendra College, Dist- Bolangir, PIN -767002

Letter No- 433 Date- 20.05.2025

**NATIONAL COMPETITIVE BIDDING THROUGH e-Procurement**
**Identification No.02/GWDBLGR/2025-26 of 2025-26 Dt. 23-05-25**
**e-Procurement Notice**

| | | |
|---|---|---|
| 01. | Name of the Work | 08 nos Work. |
| 02. | Type of Bid. | Single System |
| 03. | Estimated Cost | Rs. 7.20 Lakh to 15.56 Lakhs |
| 04. | Period of Completion | 02 Calendar Months |
| 05. | Date & Time of availability of bid document in the portal | From 11.00 AM of dt.23.05.2025 to 5.00 PM of 05-06-2025 |
| 06. | Last date / time of receipt of bids in the portal | 5.00 PM of 05.06.2025. |
| 07. | Date & Time of opening of technical bids | At 11.30 AM of 06.06.2025. |
| 08. | Name and Address of the Officer Inviting Bid | Deputy Director, Geology, Ground Water Development Division, Jyotinagar, Laltikra, Po- Rajendra College 767002, Bolangir Dist- Bolangir |

Further details can be seen from the web site http://tenders.ori.nic.in or www.tendersorissa.gov.in

Sd/-
Deputy Director, Geology,
G.W.D. Division, Bolangir

**OIPR 32471/11/0007/2526**

---

**A-212**

**GOVERNMENT OF ODISHA**
**DEPARTMENT OF WATER RESOURCES**

**e-Procurement Notice No. e-CHID-03/2025-26**

| | | | |
|---|---|---|---|
| 1. | Name of work | : | Procurement of 45 KVA Diesel Generator |
| 2. | Total No. of work | : | 01 (One) No of work |
| 3. | Estimated cost | : | 7.49 lakh |
| 4. | Period of completion | : | 30 Days |
| 5. | Date & time of availability of Bid Document in the portal | : | 10.00 hours of 23.05.2025 to 17.00 hours 05.06.2025 |
| 6. | Last date/ Time for receipt of Bids in the Portal | : | 05.06.2025 up to 17.00 hours |
| 7. | Date and place of opening of Bid | : | Dt. 06.06.2025 at 11.00 Hours in the office of the Superintending Engineer, Chikiti Irrigation Division, Berhampur. |
| 8. | Bid Identification No. | : | SE-CHID-31/2025-26 |
| 9. | Name and address of the O.I.T (Officer Inviting Tender) | : | Superintending Engineer, Chikiti Irrigation Division, Berhampur |

Further details can be seen from the e-Procurement Portal "https://tendersodisha.gov.in"

Sd/-Superintending Engineer
Chikiti Irrigation Division
Berhampur

**OIPR 32115/11/0013/2526**



ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜାମ୍ମୁ ଓ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଳ ମଲିକ ଏବଂ ଅନ୍ୟ ପାଞ୍ଚ ଜଣଙ୍କ ବିରୋଧରେ କିରୁ ଜଳବିଦ୍ୟୁତ ପ୍ରକଳ୍ପରେ ୨,୨୦୦ କୋଟି ଟଙ୍କାର ନାଗରିକ କାର୍ଯ୍ୟ ଠିକା ପ୍ରଦାନରେ ଅଭିଯୁକ୍ତ ଦୁର୍ନୀତି ମାମଲାରେ ଏକ ଚାର୍ଜସିଟ ଦାଖଲ କରିଛି। ଏହି ଚାର୍ଜସିଟ ତିନି ବର୍ଷର ତଦନ୍ତ ପରେ ଏକ ବିଶେଷ ଅଦାଲତରେ ଦାଖଲ କରାଯାଇଛି। ଅନ୍ୟପଟେ, ଏହି ଘୋଷଣା ପରେ ସତ୍ୟପାଳ ମଲିକ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ଥିବା ସୂଚନା ମିଳିଛି। ସତ୍ୟପାଳ ମଲିକ, ଯିଏ ୨୦୧୮ ଅଗଷ୍ଟ ୨୩ରୁ ୨୦୧୯ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଜାମ୍ମୁ ଓ କାଶ୍ମୀରର ରାଜ୍ୟପାଳ ଥିଲେ, ଦାବି କରିଥିଲେ ଯେ ତାଙ୍କୁ ଏହି ପ୍ରକଳ୍ପ ସହ ଜଡ଼ିତ ଦୁଇଟି ଫାଇଲ ମଞ୍ଜୁର କରିବା ପାଇଁ ୩୦୦ କୋଟି ଟଙ୍କାର ଲାଞ୍ଚ ଅଫର କରାଯାଇଥିଲା। ସେ ଏହି ଅଭିଯୋଗକୁ ସାର୍ବଜନୀନ କରିଥିଲେ ଏବଂ କହିଥିଲେ ଯେ ସେ ଏହି ଅନୁଚିତ ଚୁକ୍ତିକୁ ବାତିଲ କରିଥିଲେ। ତେବେ, ସିବିଆଇ ୨୦୨୨ରେ ଏହି ମାମଲାରେ ଏକ ଏଫଆଇଆର ଦାଖଲ କରି ତଦନ୍ତ ଆରମ୍ଭ କରିଥିଲା।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ରାଜସ୍ଥାନର ବିକାନେରରେ ୨୬,୦୦୦ କୋଟି ଟଙ୍କାର ବହୁବିଧ ବିକାଶ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ ଏବଂ ଦେଶକୁ ସମର୍ପିତ କରିଛନ୍ତି। ଏହି ଅବସରରେ ସମ୍ବୋଧିତ କରି ସେ କାର୍ଯ୍ୟକ୍ରମରେ ବିଶାଳ ସମାବେଶକୁ ସ୍ୱାଗତ କରିଥିବା ସହ ୧୮ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଅନଲାଇନରେ ଯୋଗ ଦେଇଥିବା ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସେ ଅନେକ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପରାଜ୍ୟପାଳ ଏବଂ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତି ଉପରେ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ ଦେଶ ସାରା ସଂଯୁକ୍ତ ସମସ୍ତ ସମ୍ମାନିତ ବ୍ୟକ୍ତି ଏବଂ ନାଗରିକଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ମୋଦୀ କରଣୀ ମାତାଙ୍କ ଆଶୀର୍ବାଦ ନେବା ପରେ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ଏହି ଆଶୀର୍ବାଦ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଦେଶର ସଂକଳ୍ପକୁ ଆହୁରି ମଜବୁତ କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ୨୬,୦୦୦ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସକୁ ଉଲ୍ଲେଖ କରି, ସେ ଦେଶର ଅଭିବୃଦ୍ଧିକୁ ଆଗକୁ ବଢ଼ାଇବାରେ ଏହାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଳ ନେଟୱର୍କକୁ ଆଧୁନିକୀକରଣ କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ଗୁରୁତ୍ୱ ଦେଇ ଶ୍ରୀ ମୋଦୀ ଦେଶର ନୂତନ ଅଗ୍ରଗତି ଏବଂ ପ୍ରଗତିର ପ୍ରତୀକ ଭାବରେ ବନ୍ଦେ ଭାରତ, ଅମୃତ ଭାରତ ଏବଂ ନମୋ ଭାରତ ଟ୍ରେନ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦି ଚାଲୁଥିବା ଭିତ୍ତିଭୂମି ବିକାଶରୁ ରାଜସ୍ଥାନକୁ ମିଳୁଥିବା ଯଥେଷ୍ଟ ଲାଭ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ରାଜସ୍ଥାନରେ ତ୍ୱରାନ୍ୱିତ ଶିଳ୍ପ ବିକାଶକୁ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନଲାଲ ଶର୍ମାଙ୍କ ପ୍ରଶାସନ ବିଭିନ୍ନ କ୍ଷେତ୍ରରେ ନୂତନ ଶିଳ୍ପ ନୀତି ପ୍ରଚଳନ କରିଛି ଯାହା ବିକାନେର ଭଳି ଅଞ୍ଚଳକୁ ଲାଭଦାୟକ କରିବ। ରାଜସ୍ଥାନର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ମରୁଭୂମିକୁ ଉର୍ବର ଭୂଦୃଶ୍ୟରେ ପରିଣତ କରିବାରେ ମହାରାଜା ଗଙ୍ଗା ସିଂହଙ୍କ ଦୂରଦୃଷ୍ଟିପୂର୍ଣ୍ଣ ପ୍ରୟାସକୁ ସ୍ମରଣ କରିଥିଲେ। ସେ ଏହି ଅଞ୍ଚଳ ପାଇଁ ଜଳର ଗୁରୁତ୍ୱପୂର୍ଣ୍ଣ ଏବଂ ବିକାନେର, ଶ୍ରୀ ଗଙ୍ଗାନଗର, ହନୁମାନଗଡ଼ ଏବଂ ପଶ୍ଚିମ ରାଜସ୍ଥାନ ଭଳି ଅଞ୍ଚଳର ବିକାଶକୁ ଆଗକୁ ନେବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜସ୍ଥାନର ଅଟଳ ଆତ୍ମାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ଏବଂ ଏହାର ଲୋକଙ୍କ ଅପେକ୍ଷା ଆଉ କିଛି ବଡ଼ ନୁହେଁ। ପ୍ରଧାନମନ୍ତ୍ରୀ ଏପ୍ରିଲ ୨୨ ରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ ଯେଉଁଠାରେ ଆକ୍ରମଣକାରୀମାନେ ସେମାନଙ୍କ ବିଶ୍ୱାସ ଉପରେ ଆଧାରିତ ନିରୀହ ଜୀବନକୁ ଟାର୍ଗେଟ କରିଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ ପହଲଗାମରେ ଗୁଳି ଚାଳନା କରାଯିବା ସମୟରେ ଏହା ୧୪୦ କୋଟି ଭାରତୀୟଙ୍କ ହୃଦୟକୁ ଆଘାତ କରିଥିଲା ଏବଂ ଆତଙ୍କବାଦ ବିରୁଦ୍ଧରେ ସଂକଳ୍ପ ଦେଶକୁ ଏକତ୍ର କରିଥିଲା। ସେହିପରି, ସମ୍ପ୍ରତି ଅପରେସନ ସିନ୍ଦୂର ପରେ ତାଙ୍କର ପ୍ରଥମ ରାଲି ପୁଣିଥରେ ରାଜସ୍ଥାନରେ, ବିକାନେରରେ, ଭୂମିର ଗଭୀର ଶୌର୍ଯ୍ୟ ଏବଂ ଦେଶପ୍ରେମକୁ ପୁନଃନିର୍ଦ୍ଦିଷ୍ଟ କରୁଛି। ରାଜସ୍ଥାନର ରାଜ୍ୟପାଳ ହରିଭାଉ କିଷାନରାଓ ବାଗାଡେ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଅର୍ଜୁନ ରାମ ମେଘୱାଲ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉପସ୍ଥିତ ଥିଲେ।

## ଟୋକିଓ ଗସ୍ତରେ ସାଂସଦ ଅପରାଜିତା ଷଡଙ୍ଗୀ

# ଜାପାନରୁ ପ୍ରଥମ ଅଭିଯାନ ଆରମ୍ଭ



ନୂଆଦିଲ୍ଲୀ: ଅପରେସନ 'ସିନ୍ଦୁର'ର ସର୍ବଦଳୀୟ ସାଂସଦ ଟିମ୍ ଗୁରୁବାର ତା'ର ପ୍ରଥମ ଦିନ ଟୋକିଓ ଏଡୋଗାୱାଠାରେ ଥିବା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏହି ଅଭିଯାନକୁ ଆରମ୍ଭ କରାଯାଇଛି। ପରେ ଜାପାନର ବୈଦେଶିକ ମନ୍ତ୍ରୀ ତାକେଶୀ ଇୱାୟାଙ୍କୁ ଏହି ପ୍ରତିନିଧିଦଳ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଆତଙ୍କବାଦ, ବାଣିଜ୍ୟକୁ କଦାପି ଏକାଠି କରାଯାଇପାରିବ ନାହିଁ। ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇ ପାରିବ ନାହିଁ ବୋଲି ପ୍ରତିନିଧି ଦଳର ସାଂସଦ ଅପରାଜିତ ଷଡଙ୍ଗୀ କହିଛନ୍ତି। ଏହି ପ୍ରତିନିଧିଦଳ ଆତଙ୍କବାଦ ବିରୋଧରେ ଆମର ଯୁଦ୍ଧରେ ଜାପାନର ସମର୍ଥନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଏହି ସହରର ବୁଦ୍ଧିଜୀବୀ, ପେଷାଜୀବୀ ଓ ବୟୋଜ୍ୟେଷ୍ଠଙ୍କ ସହ ବାର୍ତ୍ତାଳାପ କରିଥିଲି। ପହଲଗାମରେ ପାକିସ୍ତାନ ଦ୍ୱାରା ଘଟିଥିବା ହିଂସା ଏକ କୁକୃତ୍ୟ, ଏକ ଘୃଣିତ ଅପରାଧ ବୋଲି ସେ ଆଲୋଚନା କରିଥିଲେ। ଏହା ଶୁଣି ସେମାନେ ସମସ୍ତେ ନିର୍ବାକ ହୋଇଯାଇଥିଲେ। ପରେ ଅନ୍ତିମ ସନ୍ଧ୍ୟାରେ ଯାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ଉପସଭାପତି ଯୋଶୀହିଦେ ସୁଗା ଓ ଯାପାନର ହାଉସ୍ ଅଫ୍ ରିପ୍ରେଜେଣ୍ଟିଭ୍ ରାଷ୍ଟ୍ରୀୟ ସୁରକ୍ଷା ସମିତିର ସଦସ୍ୟ ଟାକାଶି ଏଣ୍ଡୋଙ୍କ ସହିତ ଆଲୋଚନା କରିଥିଲେ। ପାକିସ୍ତାନ ଦ୍ୱାରା ଭାରତ ବିରୁଦ୍ଧରେ କରାଯାଉଥିବା ମିଥ୍ୟା ଓ ସଂଗଠିତ ଭାବରେ ଆତଙ୍କବାଦକୁ ବୃଦ୍ଧି ଦେବା ସଂପର୍କରେ ଏହି ପ୍ରତିନିଧି ଦଳ ସେମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସେମାନେ ମଧ୍ୟ ଆତଙ୍କୀବାଦୀଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସମର୍ଥନ ଲୋଡ଼ିଥିଲେ। ଏଠାରେ ସୂଚନାଯୋଗ୍ୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହି ୭ଜଣିଆ ପ୍ରତିନିଧି ଦଳରେ ସାମିଲ ହୋଇଥିବା ବେଳେ ଜେଡିୟୁ ସାଂସଦ ମନୋଜ ଝା ଏହାର ନେତୃତ୍ୱ ନେଉଛନ୍ତି। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ୟୁସୁଫ୍ ପଠାନ୍, ବିଜେପି ସାଂସଦ ବ୍ରିଜ ଲାଲ, ସିପିଆଇ (ଏମ୍) ସାଂସଦ ଜନ୍ ବ୍ରିଟାଜ୍, ବିଜେପି ସାଂସଦ ଡ. ପ୍ରଧାନ ବରୁଆ, ଡ. ହେମାଙ୍ଗ ଯୋଶୀ, ସଲମାନ ଖୁର୍ସିଦ ଓ ମୋହନ କୁମାର ସାମିଲ ହୋଇଛନ୍ତି।

# ବାନୁ ମୁସ୍ତାକଙ୍କୁ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର




ନୂଆଦିଲ୍ଲୀ: ଭାରତୀୟ ଲେଖକ, ଓକିଲ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ବାନୁ ମୁସ୍ତାକ ତାଙ୍କ କ୍ଷୁଦ୍ର ଗଳ୍ପ ସଂଗ୍ରହ 'ହାର୍ଟ ଲ୍ୟାମ୍ପ' ପାଇଁ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ଜିତିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ପାଇବାରେ କନ୍ନଡ ଭାଷାରେ ଲିଖିତ ଏହା ହେଉଛି ପ୍ରଥମ ପୁସ୍ତକ। 'ହାର୍ଟ ଲ୍ୟାମ୍ପ'ର କାହାଣୀଗୁଡ଼ିକୁ ଦୀପା ଭସ୍ତି ଇଂରାଜୀରେ ଅନୁବାଦ କରିଛନ୍ତି। ୧୯୯୦ରୁ ୨୦୨୩ ମଧ୍ୟରେ ଲିଖିତ ୧୨ଟି କ୍ଷୁଦ୍ର କାହାଣୀକୁ ନେଇ ମୁସ୍ତାକଙ୍କ ପୁସ୍ତକ ହାର୍ଟ ଲ୍ୟାମ୍ପରେ, ଦକ୍ଷିଣ ଭାରତରେ ମୁସଲମାନ ମହିଳାଙ୍କ ଦୁର୍ଦ୍ଦଶା ବିଷୟରେ ଅତ୍ୟନ୍ତ ମର୍ମସ୍ପର୍ଶୀ ବର୍ଣ୍ଣନା କରାଯାଇଛି। ପୂର୍ବରୁ ୨୦୨୨ ମସିହାରେ ଗୀତାଞ୍ଜଳି ଶ୍ରୀଙ୍କ ପୁସ୍ତକ 'ଟମ୍ବ ଅଫ୍ ସ୍ୟାଣ୍ଡ'କୁ ଏହି ପୁରସ୍କାର ମିଳିଥିଲା। ଡେଜି ରକ୍ୱେଲ୍ 'ଟମ୍ବ ଅଫ୍ ସ୍ୟାଣ୍ଡ'କୁ ହିନ୍ଦୀରୁ ଇଂରାଜୀକୁ ଅନୁବାଦ କରିଥିଲେ। ବାନୁ ମୁସ୍ତାକଙ୍କ ଲେଖା ପୁସ୍ତକ ପ୍ରେମୀଙ୍କ ମଧ୍ୟରେ ବେଶ୍ ଜଣାଶୁଣା, କିନ୍ତୁ ଅନ୍ତର୍ଜାତୀୟ ବୁକର୍ ପୁରସ୍କାର ତାଙ୍କ ଜୀବନ ଏବଂ ସାହିତ୍ୟକୁ ବିଶ୍ୱ ସମ୍ମୁଖରେ ଉନ୍ମୁକ୍ତ କରିଛି। ତାଙ୍କ ସାହିତ୍ୟରେ ଧାର୍ମିକ ସଂକୀର୍ଣ୍ଣତା ଏବଂ ପିତୃପୁରୁଷ ସମାଜରୁ ଜନ୍ମ ହୋଇଥିବା ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ଏକ ଝଲକ ପ୍ରଦାନ କରେ। ମୁସ୍ତାକ କର୍ଣ୍ଣାଟକର ଏକ ଛୋଟ ସହରର ଏକ ମୁସଲମାନ ବସ୍ତିରେ ବଢ଼ିଥିଲେ ଏବଂ ତାଙ୍କ ଆଖପାଖର ଅଧିକାଂଶ ଝିଅଙ୍କ ପରି ଉର୍ଦ୍ଦୁ ଏବଂ କୁରାନ ଅଧ୍ୟୟନ କରିଥିଲେ। କିନ୍ତୁ ତାଙ୍କ ବାପା ଜଣେ ସରକାରୀ କର୍ମଚାରୀ ଥିଲେ ଓ ସେ ଚାହୁଁଥିଲେ ଯେ ସେ ବାନୁ ମୁସ୍ତାକ ସାଧାରଣ ସ୍କୁଲରେ ପଢ଼ନ୍ତୁ। ଯେତେବେଳେ ତାଙ୍କୁ ଆଠ ବର୍ଷ ହୋଇଥିଲା, ତାଙ୍କ ପିତା ତାଙ୍କୁ ଏକ କନଭେଣ୍ଟ ସ୍କୁଲରେ ନାମ ଲେଖାଇଥିଲେ ଯେଉଁଠାରେ କନ୍ନଡ ଶିକ୍ଷା ଦିଆଯାଉଥିଲା।

# ଦୁଇ ଇସ୍ରାଏଲୀ କୂଟନୀତିଜ୍ଞଙ୍କୁ ହତ୍ୟା

ତେଲ ଅଭିଭ୍ : ୱାଶିଂଟନର ଯିହୂଦୀ ସଂଗ୍ରହାଳୟ ବାହାରେ ଦୁଇ ଜଣ ଇସ୍ରାଏଲୀ କୂଟନୀତିଜ୍ଞଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି ଘଟଣାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିନ୍ଦା କରିଛନ୍ତି। ଏହି ଆକ୍ରମଣ ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଶ୍ୱବ୍ୟାପୀ ଇସ୍ରାଏଲୀ ଦୂତାବାସ ଏବଂ ନାଗରିକଙ୍କ ସୁରକ୍ଷା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ସ୍ପଷ୍ଟ ଶବ୍ଦରେ କହିଛନ୍ତି, ଯେ ଏହାର ପ୍ରତିଶୋଧ ନିଆଯିବ।' ଏହି ଆକ୍ରମଣ ସେହି ମାନସିକତାକୁ ପ୍ରତିଫଳିତ କରେ ଯିଏ ହିଂସା ମାଧ୍ୟମରେ ନିଜର ଏଜେଣ୍ଡାକୁ ଆଗକୁ ବଢାଇବାକୁ ଚାହୁଁଛି। ଏହି ଘଟଣା ଘଟାଇଥିବା ଆକ୍ରମଣକାରୀ ଗୁଳି ଚଳାଇବା ପରେ ପାଲେଷ୍ଟାଇନର ସ୍ୱାଧୀନତା ସହିତ ଜଡିତ ସ୍ଲୋଗାନ ଦେଉଥିଲେ। ଯାହା ଏହି ଆକ୍ରମଣ ପଛରେ ଥିବା ଆତଙ୍କବାଦୀ ଚିନ୍ତାଧାରାକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରେ। ଆମେରିକା ମଧ୍ୟ ଏହି ଘଟଣାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି କହିଛି। ଯାହା ଏହାର ଗମ୍ଭୀରତାକୁ ଦର୍ଶାଉଛି।

# ଉତ୍ତମ ପ୍ରଦର୍ଶନ କରୁଥିବା ଜିଲ୍ଲାଗୁଡିକୁ କରାଯିବ ପୁରସ୍କୃତ: ବିଷ୍ଣୁଦେବ




ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଗୁରୁବାର ସୁଶାସନ ତିହାର ଅନ୍ତର୍ଗତ ଅମ୍ବିକାପୁରର ସରଭୁଜା, ବଳରାମପୁର-ରାମନୁଜଗଞ୍ଜ ଏବଂ ଯଶପୁର ଜିଲ୍ଲାରେ ବିଭିନ୍ନ ଜିଲ୍ଲାର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଅଧିକାରୀମାନଙ୍କୁ ସ୍ପଷ୍ଟ କହିଥିଲେ। ଜନହିତକର ଯୋଜନାଗୁଡିକ ଉଚିତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଉଥିବା ତଥା ଉତ୍ତମ କାର୍ଯ୍ୟ କରୁଥିବା ଜିଲ୍ଲାଗୁଡିକୁପୁରସ୍କାର ପ୍ରଦାନ କରାଯିବ। ଶ୍ରୀ ସାଏ ଏନେଇ ଅଧିକାରୀମାନଙ୍କ ସହ ବିସ୍ତୃତଭାବେ ଆଲୋଚନା କରିଥିଲେ। ସେ କହିଥିଲେ ୨୦୪୭ ସୁଦ୍ଧା ବିକଶିତ ଛତିଶଗଡରେ ଆପଣମାନଙ୍କ ଯୋଗଦାନ ଅତିବ ମହତ୍ୱପୂର୍ଣ୍ଣ। ସୁଶାସନ ତିହାର ଅନ୍ତର୍ଗତ ପ୍ରାଥମିକ ଭାବେ ୪୦ଲକ୍ଷ ଆବେଦନ ପତ୍ର ମିଳିଥିଲା। ଯାହାର ସମାଧାନ ପରବର୍ତ୍ତୀ କାର୍ଯ୍ୟକ୍ରମରେ ନିଆଯାଇଥିଲା। ତେବେ ତୃତୀୟ ପର୍ଯ୍ୟାୟରେ ଜିଲ୍ଲାରେ ଜନତାଙ୍କ ସମସ୍ୟାର ସମାଧାନ କରାଯାଉଥିବାର ସେ କହିଥିଲେ। ଜିଲ୍ଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ସେ କହିଥିଲେ ଯେ, ଆପଣମାନେ ହେଉଛନ୍ତି ଜନତାଙ୍କ ସେବକ। ସେମାନଙ୍କର କୌଣସି ସମସ୍ୟା ଆପଣଙ୍କ ଦୃଷ୍ଟିକୁ ଆସିଲେ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଏଗୁଡିକର ଯେପରି ସମାଧାନ ହୋଇପାରିବ ସେ ନେଇ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ଏଥିସହ ସେ କହିଥିଲେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ ଏବଂ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟାର ନିରାକରଣ କରନ୍ତୁ।

## ବାଣିଜ୍ୟ



ମୁମ୍ବାଇ: ମହାରାଷ୍ଟ୍ରର ପାଇକାରୀ ଓ ଖୁଚୁରା ବଜାରରେ ବମ୍ପର ଫସଲ ଓ ହଠାତ୍ ଅତ୍ୟଧିକ ଯୋଗାଣ ଯୋଗୁଁ ପିଆଜର ଦର ତୀବ୍ର ଭାବେ ହ୍ରାସ ପାଇଛି, ଯାହା ଗ୍ରାହକଙ୍କୁ ଆଶ୍ୱସ୍ତି ଦେଇଥିବା ବେଳେ ଚାଷୀମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ମୁମ୍ବାଇ ମେଟ୍ରୋପଲିଟାନ ଅଞ୍ଚଳର ମୁଖ୍ୟ ପିଆଜ ଯୋଗାଣକାରୀ ନବୀ ମୁମ୍ବାଇର ଭାଶି ଏପିଏମସିରେ ପାଇକାରୀ ଦର ଫେବୃଆରୀରେ ପ୍ରତି କିଲୋଗ୍ରାମ ୩୫-୪୦ ଟଙ୍କାରୁ ମେ'ରେ ମାତ୍ର ୭-୧୭ ଟଙ୍କାକୁ ଖସିଛି। ଖୁଚୁରା ବଜାରରେ ମଧ୍ୟ ସମାନ ପ୍ରବୃତ୍ତି ଦେଖାଯାଉଛି, ଦର ୪୫ ଟଙ୍କା/କିଲୋଗ୍ରାମରୁ ୨୫-୩୦ ଟଙ୍କା/କିଲୋଗ୍ରାମକୁ ହ୍ରାସ ପାଇଛି। କେତେକ ଅଞ୍ଚଳରେ ଗ୍ରାହକମାନେ ମାତ୍ର ୭ ଟଙ୍କା/କିଲୋଗ୍ରାମରେ ପିଆଜ କିଣୁଛନ୍ତି। ତେବେ, ବ୍ୟବସାୟୀମାନେ କହିଛନ୍ତି ଯେ କେତେକ ଅଞ୍ଚଳରେ ଛୋଟ ଖୁଚୁରା ବ୍ୟବସାୟୀମାନେ ଦରର ଅସ୍ପଷ୍ଟତାର ସୁଯୋଗ ନେଇ ଅଧିକ ମୂଲ୍ୟ ନେଉଛନ୍ତି। ଖୁଚୁରା ବ୍ୟବସାୟୀ ମନୋହର ଟୋଟଲାନୀଙ୍କ ମତରେ, ଦର ଆହୁରି ହ୍ରାସ ପାଇପାରେ। ଯୋଗାଣ ନିରନ୍ତର ଜାରି ରହିଛି, କିନ୍ତୁ ଚାହିଦା ଏହା ସହ ତାଲ ମିଳାଇ ପାରିନାହିଁ ବୋଲି ସେ କହିଛନ୍ତି।

# ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମାପ୍ତି ଉପରେ ନାଲ୍‌କୋ ସିଏମ୍‌ଡିଙ୍କ ଗୁରୁତ୍ୱ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ବ୍ୟବସାୟ କ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଅଛି। ଗତକାଲି ଘୋଷିତ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲକୋ ସର୍ବକାଳୀନ ସର୍ବାଧିକ ୫,୩୨୫କୋଟି ଟଙ୍କାର ନିଟ ଲାଭ ରେକର୍ଡ କରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮ପ୍ରତିଶତ ଅଭିବୃଦ୍ଧି ଅଟେ। କମ୍ପାନୀ ଆର୍ଥିକବର୍ଷ ୨୦୨୪-୨୫ ଆରଇ ମଧ୍ୟ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି। କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ, ସିଏମଡି ବ୍ରିଜେନ୍ଦ୍ର ପ୍ରତାପସିଂହ ସଭିଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲକୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ। ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲକୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣିମନ୍ତ୍ରଣାଳୟ ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ସଂପ୍ରସାରଣ କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ ରିଫାଇନେରୀ ସଂପ୍ରସାରଣ, ପୋଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ତଥା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ର ପ୍ରସ୍ତାବିତ ସଂପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଦର୍ଶାଇଥିଲେ। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲକୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପିଆଣ୍ଡଟି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ନିଜ ଅଭିଭାଷଣରେ କମ୍ପାନୀର କାର୍ଯ୍ୟ ଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତାମୂଳକ ଧାରା ବଜାୟ ରଖିବା ପାଇଁ ନାଲକୋ ପରିବାରକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ।

# ପୁଣି ଖସିଲା ସେୟାର ମାର୍କେଟ

ନୂଆଦିଲ୍ଲୀ: ଗତ କିଛି ଦିନ ହେବ ଭାରତୀୟ ସେୟାର ବଜାର ଉପର ମୁହାଁ ହୋଇଥିବା ବେଳେ ଗତ ଦୁଇ ଦିନ ହେବ ପୁଣି ନିମ୍ନଗାମୀ ହୋଇଛି। ବୁଧବାର ଦିନ ଘରୋଇ ଷ୍ଟକ୍ ବଜାର ଗଭୀର ନାଲି ରଙ୍ଗରେ ଖୋଲିଥିଲା। ମଙ୍ଗଳବାରର ଲାଭ ପରେ ଏହା ଏକ ତୀବ୍ର ପରିବର୍ତ୍ତନକୁ ସୂଚିତ କରିଛି। ଗୁରୁବାର ଦିନ ମଧ୍ୟ ଭାରତୀୟ ସେୟାର ବଜାର ନିମ୍ନଗାମୀ ରହିଛି। ଗୁରୁବାର ଦିନ ପ୍ରାୟ ୧.୦୦ଟାରେ ବିଏସ୍‌ଇ ସେନସେକ୍ସ ୯୭୭.୫୦ ପଏଣ୍ଟ ହ୍ରାସ ପାଇ ୮୦,୬୧୯.୧୩ରେ ପହଞ୍ଚିଛି। ଯେତେବେଳେ କି ଏନ୍‌ଏସ୍‌ଇନିଫ୍ଟି ୫୦ ୨୯୫ ପଏଣ୍ଟ ହ୍ରାସ ପାଇ ୨୪, ୫୧୮.୪୫ରେ ପହଞ୍ଚିଛି। ବଜାରର ଅସ୍ଥିରତା କ୍ଷୁଦ୍ର ଏବଂ ମଧ-କ୍ୟାପ୍ ଷ୍ଟକ୍ ଉପରେ ଅଧିକ ଚାପ ସୃଷ୍ଟି କରିଛି। ଏନ୍‌ଏସ୍‌ଇରେ ସମସ୍ତ ୧୩ଟି ଯାକ କ୍ଷେତ୍ରୀୟ ସୂଚକାଙ୍କ ନକାରାତ୍ମକ ରହିଛି। ଏଫ୍‌ଏମ୍‌ସିଜି, ଫାର୍ମା, ବ୍ୟାଙ୍କିଂ ଆଦି କ୍ଷେତ୍ରରେ ମଧ୍ୟ କ୍ଷତି ଦେଖିବାକୁ ମିଳିଛି। ସର୍ବାଧିକ କ୍ଷତି ହୋଇଥିବା କମ୍ପାନୀଗୁଡ଼ିକ ହେଲେ ଏମ୍‌ଆଣ୍ଡ୍‌ଏମ୍, ପାୱାର ଗ୍ରୀଡ୍, କୋଲ୍ ଇଣ୍ଡିଆ, ଟେକ୍ ମହିନ୍ଦ୍ରା ଏବଂ ୱିପ୍ରୋ।

# ଏମ୍‌ଏସ୍‌ଏମ୍‌ଇ ବାଣିଜ୍ୟିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି




ନୂଆଦିଲ୍ଲୀ: ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମଇ) କ୍ଷେତ୍ରର ବାଣିଜ୍ୟିକ ଋଣ ପୋର୍ଟଫୋଲିଓ ବାର୍ଷିକ ୧୩ ପ୍ରତିଶତ ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ତାହା ୩୫.୨ ଲକ୍ଷ କୋଟି ଟଙ୍କା ରହିଛି। ସାମଗ୍ରିକ ଋଣ ପୋର୍ଟଫୋଲିଓରେ ବୃଦ୍ଧି ଘଟିଥିବା ବେଳେ ତ୍ରୁଟି ପରିମାଣ ପାଂଚ ବର୍ଷର ନିମ୍ନ ସ୍ତର ୧.୮ ପ୍ରତିଶତକୁ ହ୍ରାସ ପାଇଛି। ୫୦ ଲକ୍ଷ ଟଙ୍କାରୁ ଆରମ୍ଭ କରି ୫୦ କୋଟି ଟଙ୍କା ପର୍ଯ୍ୟନ୍ତର ଗ୍ରାହକ ବର୍ଗରେ ତ୍ରୁଟି ହ୍ରାସରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିନ୍ତୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟ' ଋଣ ନେଇଥିବା ଗ୍ରାହକ ବର୍ଗରେ ଏହି ହାରରେ ସାମନ୍ୟ ଅବନତି ଘଟିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ ତ୍ରୈମାସିକରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକ ୬୦ ପ୍ରତିଶତ ନୂଆ ଋଣ ପ୍ରଦାନ କରିଥିଲେ। ବାଣିଜ୍ୟ କ୍ଷେତ୍ରକୁ ସର୍ବାଧିକ ୫୩ ପ୍ରତିଶତ ଋଣ ଦିଆଯାଇଥିବା ବେଳେ ଏହା ପଛକୁ ମାନୁଫାକ୍‌ଚରିଂ ରହିଥିଲା, ଯେଉଁଥିରେ ଋଣ ପରିମାଣ ୭୦ ପ୍ରତିଶତ ବୃଦ୍ଧି ପାଇଛି। ମୋଟ ଋଣରେ ମାନୁଫାକଚରିଂ କ୍ଷେତ୍ରର ଭାଗ ୨୩ ପ୍ରତିଶତ ରହିଛି ଏବଂ ପେସା ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ଋଣ ପରିମାଣ ବଢୁଛି ଯାହାର ଅବଦାନ ନୂଆ ଋଣ ପ୍ରତି ୩୬ ପ୍ରତିଶତ ରହିଛି। ବାଣିଜ୍ୟିକ ଋଣରେ ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, ଉତରପ୍ରଦେଶ ଓ ଦିଲ୍ଲୀ ଆଗରେ ରହିଛି। ଏହି ରାଜ୍ୟଗୁଡ଼ିକର ଅବଦାନ ୪୮ ପ୍ରତିଶତ ରହିଛି। ମାନୁଫାକ୍‌ଚରିଂ ଋଣରେ ମହାରାଷ୍ଟ୍ର, ଗୁଜରାଟ, ତାମିଲନାଡୁ, ଦିଲ୍ଲୀ ଓ ଉତରପ୍ରଦେଶର ଭାଗ ଅଧିକ ରହିଛି। ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମନୋଜ ମିତଲ କହିଛନ୍ତି ଯେ, 'ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଓ ରପ୍ତାନି ଅଭିବୃଦ୍ଧି ପ୍ରତି ଯୋଗଦାନ ଦେବାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଗତ ବର୍ଷଗୁଡ଼ିକରେ ଏହି କ୍ଷେତ୍ରକୁ ଋଣ ପରିମାଣ ବଢ଼ିଥିବା ବେଳେ ଏବେବି ଏହି କ୍ଷେତ୍ରରେ ଋଣ ଅନ୍ତର ରହିଛି। ଏମ୍‌ଏସଏମ୍‌ଇ କ୍ଷେତ୍ରକୁ ସହଯୋଗ ଏହି କ୍ଷେତ୍ରର ବିକାଶରେ ସହାୟକ ହେବ ଏବଂ ଦେଶର ସାମଗ୍ରିକ ଅର୍ଥନୈତିକ ବିକାଶ ପ୍ରତି ଯୋଗଦାନ ଦେବ। ନବସୃଜନକୁ ସୁଦୃଢ଼ କରିବା, ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉନ୍ନତି ଆଣି ଏବଂ ଆର୍ଥିକ ସମ୍ବଳ ନିକଟରେ ପହଂଚାଇବାରେ ଉନ୍ନତି ଆଣି ଆମେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ବିଶ୍ୱସ୍ତରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବାରେ ସେମାନଙ୍କୁ ସଶକ୍ତ କରିପାରିବା। ପ୍ରତିବଦଳରେ ଏହା ଏହି କ୍ଷେତ୍ରକୁ ସୁଦୃଢ଼ କରିବ ଏବଂ ସ୍ଥାୟୀ ଅର୍ଥନୈତିକ ବିକାଶ ଏବଂ ଦେଶର ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବ। ଟ୍ରାନ୍ସୟୁନିୟନ୍ ସିବିଲ୍‌ର ଏମ୍‌ଡି ଓ ସିଇଓ ଭବେଶ ଜୈନ କହିଛନ୍ତି ଯେ, 'ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବା ପାଇଁ ସେମାନଙ୍କ ପାଖରେ ସଂଗଠିତ ଋଣ ଓ ଋଣ ପରିଚାଳନା ପାଇଁ ମାର୍ଗଦର୍ଶନ ପହଂଚିବା ଜରୁରୀ।

# ଆକ୍ସିସବ୍ୟାଙ୍କ ଓ ସୁପର.ମନି ପକ୍ଷରୁ ରୁପେ କ୍ୟାସ ବ୍ୟାକ କ୍ରେଡିଟ କାର୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ଆକ୍ସିସବ୍ୟାଙ୍କ ଓ ଫ୍ଲିପ କାର୍ଟର କ୍ରେଡିଟ ପ୍ରଥମ ୟୁପିଆଇ ପ୍ଲାଟଫର୍ମ ସୁପର.ମନି ପକ୍ଷରୁ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ 'ଆକ୍ସିସସୁପର.ମନିରୁପେ କ୍ରେଡିଟକାର୍ଡ'କୁ ଉନ୍ମୋଚନ କରାଯାଇଛି। ଭାରତର ବିଶ୍ୱସ୍ତରୀୟ କାର୍ଡ ପେମେଂଟ ନେଟୱର୍କରୁପେରେ ଉପଲବ୍ଧ ଏହି କ୍ରେଡିଟ କାର୍ଡଗ୍ରାହକମାନଙ୍କୁ ଶ୍ରେଷ୍ଠ ରିୱାର୍ଡ ଓ ସୁବିଧା ପ୍ରଦାନ କରିବ। ନୂଆ ରୁପେ କ୍ରେଡିଟକାର୍ଡ ଉଭୟ ଡିଜିଟାଲ ଓ ପ୍ରତ୍ୟକ୍ଷଭାବେ ଉପଲବ୍ଧ ହୋଇଥିବା ବେଳେ ୟୁପିଆଇ, କାର୍ଡ ପିଓଏସ ଟର୍ମିନାଲ, ଅନଲାଇନ ପ୍ଲାଟଫର୍ମ ଓ ଏଟିଏମରେ ନିରବଚ୍ଛିନ୍ନ କାରବାରରେ ସହାୟକହେବ। ସୁପର.ମନି ଆପରେ କ୍ରେଡିଟ କାର୍ଡ କାରବାର ଜରିଆରେ ସ୍କାନ ଆଣ୍ଡ ପେ'ରେ ଏହି କାର୍ଡରେ ୩ ପ୍ରତିଶତ କ୍ୟାସବ୍ୟାକ ମିଳିବ ଏବଂ ଅନ୍ୟ ସମସ୍ତ ଖର୍ଚ୍ଚ ବର୍ଗରେ ଏହା ୧ ପ୍ରତିଶତ କ୍ୟାସବ୍ୟାକ ପ୍ରଦାନ କରୁଥିବାରୁ, ତାହା ଭାରତରେ ଅନ୍ୟତମ ଶ୍ରେଷ୍ଠ ରୁପେ କ୍ରେଡିଟ କାର୍ଡ ହୋଇ ପାରିଛି। ଏହି ସହଯୋଗିତା ଭାରତର ଅଗ୍ରଣୀ କାର୍ଡ ଜାରି କରୁଥିବା ସଂସ୍ଥାଭାବେ ଆକ୍ସିସବ୍ୟାଙ୍କର ବିଶେଷତା ଓ ସୁପର.ମନିର ଦୃଢ଼ବିବିଧ ଚ୍ୟାନେଲ୍ ଉପସ୍ଥିତିକୁ ମିଶ୍ରଣକରି ଏକ ସ୍ୱତନ୍ତ୍ର ଗ୍ରାହକ ଅନୁଭୂତି ପ୍ରଦାନ କରୁଛି। ପ୍ରତି ଷ୍ଟେଟମେଂଟ ଚକ୍ରରେ ଗ୍ରାହକମାନେ ୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ପାଇପାରିବେ। ୪୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଇନ୍ଧନ କାରବାର ଉପରେ ଏହି କାର୍ଡରେ ୧ ପ୍ରତିଶତ ଇନ୍ଧନ ସରଚାର୍ଜ ଛାଡ଼ ମିଳିବ ଓ ଷ୍ଟେଟମେଟ ଚକ୍ର ପିଛା ସର୍ବାଧିକ ଛାଡ଼ ୪୦୦ ଟଙ୍କା ରହିବ। ଆକ୍ସିସ ବ୍ୟାଙ୍କର ସଭାପତି ଓ କାର୍ଡ, ପେମେଂଟସ ଓ ସଂପତି ପରିଚାଳନା ମୁଖ୍ୟ ଆର୍ନିକା ଦିକ୍ଷୀତ କହିଛନ୍ତି ଯେ, 'ଆକ୍ସିସ ବ୍ୟାଙ୍କରେ ଆମ ପାଖରେ କ୍ରେଡିଟକାର୍ଡର ପୂର୍ଣ୍ଣବର୍ଗ ମାଳା ରହିଛି ଏବଂ ଆମ ମୂଲ୍ୟ ଉପସ୍ଥାପନା ସହିତ ଆମେ ନିରନ୍ତର ନବସୃଜନ କରୁଛୁ। ନୂଆ ଗାହକବର୍ଗଙ୍କ ପାଖରେ ପହଂଚିବା ଏବଂ ସେମାନଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବା ଲାଗି ଆମେ ସହଯୋଗିତା ଗଢ଼ିବା ଜାରି ରଖିଛୁ। ସୁପର.ମନିର ପ୍ରତିଷ୍ଠାତା ଓ ସିଇଓ ପ୍ରକାଶ ସିକାରିଆ କହିଛନ୍ତି ଯେ, ଏହି କ୍ରେଡିଟ୍ କାର୍ଡର ଶୁଭାରମ୍ଭ ଆଜି ଭାରତର ସବୁଠାରୁ ରିୱାର୍ଡ ଆଧାରିତ କ୍ରେଡିଟ୍ ସମାଧାନ ଗୁଡ଼ିକମଧ୍ୟରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। କାର୍ଡରେ ଫ୍ଲାଟ ୩ ପ୍ରତିଶତ କ୍ୟାସବ୍ୟାକ୍ ସହିତ ଅତୁଳନୀୟ ସୁବିଧା ରହିଛି, ଯାହା କୌଣସି କାରବାରରୁ ସର୍ବାଧିକ ମୂଲ୍ୟ ଖୋଜୁଥିବା ଉପଭୋକ୍ତାଙ୍କ ପାଇଁ ବେଶ ଆକର୍ଷଣୀୟ। ଏହି କାର୍ଡ୍ ସମସ୍ତଙ୍କ ପାଇଁ ସୁରକ୍ଷିତ, ରିୱାର୍ଡଯୁକ୍ତ ଏବଂ ସୁଗମ କାରବାର ସୁଲଭ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଆମେ ଅକ୍ସିସ୍ ବ୍ୟାଙ୍କ ସହିତ ସହଯୋଗିତା ସ୍ଥାପନ କରି ଗର୍ବିତ ଯେ ଲୋକମାନଙ୍କୁ ନୂତନ ଉପକରଣ ପ୍ରଦାନ କରାଯାଇଛି ଯାହା ଆର୍ଥିକ ପରିଚାଳନାକୁ ସରଳ କରିବ ଏବଂ ଦାୟିତ୍ୱପୂର୍ଣ୍ଣ କ୍ରେଡିଟ୍ ଆଚରଣକୁ ପ୍ରୋତ୍ସାହିତ କରିବ। ଏହି ସହଯୋଗିତା ସମସ୍ତଙ୍କ ପାଇଁ ଏକ ଅଧିକସ ମାନ ଏବଂ ସୁଲଭ କ୍ରେଡିଟ୍ ବ୍ୟବସ୍ଥା ଗଠନ ଦିଗରେ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଏନପିସିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ-ଗ୍ରୋଥ୍ ସୋହିନୀ ରାଜୋଲା କହିଛନ୍ତି ଯେ, ଆମେ ଅକ୍ସିସ୍‌ବ୍ୟାଙ୍କ ଏବଂ ସୁପର.ମନି ସହିତ ସହଯୋଗରେ ଏହି ରୁପେ କ୍ରେଡିଟ୍ କାର୍ଡ ଶୁଭାରମ୍ଭ କରିଥିବାରୁ ବହୁତ ଖୁସି।

# ଗ୍ରାମାଞ୍ଚଳରେ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ଉପଲବ୍ଧତାରେ ବିପ୍ଳବ ଆଣିଛି ଜିଓ ୫ଜି

ନୂଆଦିଲ୍ଲୀ: ଭାରତର ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣ ଦୀର୍ଘ ଦିନରୁ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ଇଣ୍ଟରନେଟର ଲାଭରୁ ବଞ୍ଚିତ ରହିଛନ୍ତି। ତେବେ ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳରେ ବ୍ୟାପକ ଭାବରେ ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ସେବା ଉପଲବ୍ଧ ହେବା ଦ୍ୱାରା ଏହି ଧାରାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇଛି। ତଥ୍ୟ ଅନୁଯାୟୀ ୨୦୨୦୫ ମାର୍ଚ୍ଚ ଶେଷ ସୁଦ୍ଧା ଜିଓର ୫ଜି ଏଫଡବ୍ଲୁଏ ସେବା, ଜିଓଏୟାରଫାଇବର, ସାରା ଦେଶରେ ସର୍ବାଧିକ ୨୫ ଲକ୍ଷରୁ ଅଧିକ ଗ୍ରାମୀଣ ୫ଜି ଏଫଡବ୍ଲୁଏ ଗ୍ରାହକ ହାସଲ କରିଛି। ଓଡ଼ିଶାର କୋଣ ଅନୁକୋଣରେ ଜିଓର ସର୍ବବୃହତ ଏବଂ ସର୍ବାଧୁନିକ ଜିଓ ଟ୍ରୁ୫ଜି ଷ୍ଟାଣ୍ଡଆଲୋନ୍ ନେଟୱାର୍କ ବଳରେ ଏହା ରାଜ୍ୟରେ ୫ଜି ଏଫଡବ୍ଲୁଏ କ୍ଷେତ୍ରରେ ଦବଦବା ବଜାୟ ରଖିଛି ଏବଂ ଉଭୟ ସହର ଓ ଗ୍ରାମାଞ୍ଚଳରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା ଓଡ଼ିଶାରେ ଜିଓର ୫ଜି ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ଦେଢ଼ ଲକ୍ଷରୁ ଅଧିକ ଉପଭୋକ୍ତା ହାସଲ କରିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳନାରେ ପାଞ୍ଚ ଗୁଣ ଅଧିକ। ଜିଓଏୟାରଫାଇବର ବାସ୍ତବରେ ଅନ୍ତର୍ଭୁକ୍ତିକରଣର ଉଦାହରଣ କାରଣ ଏହା ଶେଷ ମାଇଲ୍ ସଂଯୋଗର ସମସ୍ୟାଗୁଡ଼ିକୁ ଦୂର କରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ସଂଯୋଗ କରୁଛି ଯାହା ପୂର୍ବରୁ ସେମାନଙ୍କ ପରିସରରେ ଅପ୍ଟିକାଲ୍-ଫାଇବର ବିସ୍ତାର କରିବାରେ ରହିଥିବା ଜଟିଳତା ଯୋଗୁଁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ଓ ଗୃହ ମନୋରନ (ହୋମ ଏଣ୍ଟରଟେନମେଣ୍ଟ) ରୁ ବଞ୍ଚିତ ରହିଥିଲା। ଏହା ଅନେକ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସଶକ୍ତ କରିଛି ଯେଉଁମାନେ ଏବେ ନିରବଚ୍ଛିନ୍ନ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍, ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପାଉଛନ୍ତି। ଜିଓଏୟାରଫାଇବର ଓଡ଼ିଶାର ଶହ ଶହ ଛୋଟ ବଡ଼ ସହର ଏବଂ ହଜାର ହଜାର ଗାଁରେ ଡିଜିଟାଲ୍ ଲାଇଫ୍‌ଲାଇନ୍ ତଥା ସବୁଠାରୁ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ଓ ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନକାରୀ ପାଲଟିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଆଗାମୀ ଏସୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ପୂର୍ବରୁ ଭାରତର ଉଭୟ ବରିଷ୍ଠ ଓ କନିଷ୍ଠ (ପୁରୁଷ, ମହିଳା) ଖେଳାଳିଙ୍କୁ ନେଇ ଭୁବନେଶ୍ୱରରେ ଚାଲିଛି ଜାତୀୟ ପ୍ରଶିକ୍ଷଣ ଶିବିର। ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ନିକଟରେ ଖେଳ ଜୀବନରୁ ଅବସର ନେଇ ଜାତୀୟ ପ୍ରଶିକ୍ଷକ ହୋଇଥିବା ଓଡ଼ିଆ ପୁଅ ରାକେଶ ପାତ୍ରଙ୍କ ନେତୃତ୍ୱରେ ଚାଲିଛି। ଏକାଧିକ ଅନ୍ତର୍ଜାତୀୟ ପଦକ ଜିତିବାର ଅଭିଜ୍ଞତା ରଖିଥିବା ରାକେଶଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଏସୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ଆଶାରେ ମଧ ରହିଛି। ତାଙ୍କ ନେତୃତ୍ୱରେ ପ୍ରଶିକ୍ଷକ ମଣ୍ଡଳିରେ ରହିଛନ୍ତି ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିବା ଦୀପା କର୍ମକାରଙ୍କ ପ୍ରଶିକ୍ଷକ ବିଶ୍ୱେଶ୍ୱର ନନ୍ଦିଙ୍କ ସହ ପ୍ରବୀଣ ଶର୍ମା, ପାୟଲ ଭଟ୍ଟାଚାର୍ଯ୍ୟ, ହରିଶ ଚନ୍ଦେରା, ଜିମି ଅଞ୍ଜନ, ଅଭିଷେକ ମୋର ଓ ରାଜା ବାବୁ ଯାଦବ। ଏହି ପ୍ରଶିକ୍ଷଣ ଶିବିରରେ ବରିଷ୍ଠ (୮ ଲେଖାଏଁ ପୁରୁଷ ଓ ମହିଳା) ଏବଂ କନିଷ୍ଠ (୬ ଲେଖାଏଁ ପୁରୁଷ ଓ ମହିଳା)ରେ ମୋଟ ୨୮ ଖେଳାଳି ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଏସୀୟ ପ୍ରତିଯୋଗିତା ଲାଗି ଘୋଷିତ ଦଳରେ ରହିଛନ୍ତି। ଘୋଷିତ ଦଳରେ ଥିବା ଓଡ଼ିଶାରୁ ୪ ଜଣ ପ୍ରଣତି ନାୟକ, ତପନ ମହାନ୍ତି (ବରିଷ୍ଠ), ପ୍ରୀତି ଝାଙ୍କର ଓ ବୀରୁ ଚନ୍ଦ୍ର ରାଓ (କନିଷ୍ଠ) ମଧ ଏହି ଶିବିରରେ ନିଜକୁ ଶାଣିତ କରୁଛନ୍ତି। ତପନ ଓ ପ୍ରଣତି ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଭାଗନେବାକୁ ଥିଲା ବେଳେ ପ୍ରୀତି କନିଷ୍ଠ ମହିଳାରେ ଅଂଶଗ୍ରହଣ କରିବେ। ହେଲେ ବୀରୁ କନିଷ୍ଠ ପୁରୁଷ ରିଜର୍ଭ ଦଳରେ ଅଛନ୍ତି। ଏସୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଦକ୍ଷିଣ କୋରିଆରେ ଅନୁଷ୍ଠିତ ହେବ। ପୁରୁଷ ଓ ମହିଳାଙ୍କ ପ୍ରତିଯୋଗିତା ଯଥାକ୍ରମେ ଜୁନ୍ ୫ରୁ ୮ ଏବଂ ୧୨ରୁ ୧୫ ପର୍ଯ୍ୟନ୍ତ ଖେଳାଯିବ।

୬୪ତମ

ଗୁଜରାଟ ଟାଇଟାନ୍ସ ବନାମ ଲକ୍ଷ୍ନୌ ସୁପରଜିଆଣ୍ଟସ

## ଲକ୍ଷ୍ନୌ ସୁପରଜିଆଣ୍ଟସ ୩୩ରନ୍‌ରେ ବିଜୟୀ

ଅହମ୍ମଦାବାଦ : ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଆଇପିଏଲ ୨୦୨୫ର ୬୪ତମ ମ୍ୟାଚ ଲକ୍ଷ୍ନୌ ସୁପରଜିଆଣ୍ଟସ ଓ ଗୁରୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଲକ୍ଷ୍ନୌ ସୁପରଜିଆଣ୍ଟ ୩୩ରନ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଗୁଜରାଟ ପ୍ରଥମେ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌର ଦୁଇ ଓପନର ମିଚେଲ ମାର୍ସ ଓ ଆଇଡେନ ମାର୍କରାମ ଆରମ୍ଭରୁ ହିଁ ଦ୍ରୁତ ଗତିରେ ବ୍ୟାଟିଂ କରିଥିଲେ । ମାର୍କରାମ ୩୬ ରନ କରି ସାଇ କିଶୋରଙ୍କ ବଲରେ ଶାହରୁଖ ଖାଁଙ୍କ ହାତରେ ଧରା ପଡ଼ିଥିଲେ । ଅନ୍ୟପଟେ ମାର୍ସଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରହିଥିଲା । ସେ ୬୪ଟି



ବଲ ଖେଳି ୧୧୭ ରନ କରିଥିଲେ । ନିଜର ଏହି ଇନିଂସରେ ସେ ୮ଟି ଛକା ଓ ୧୦ଟି ଚୌକା ମାରିଥିଲେ । ସେହିପରି ନିକୋଲାସ ପୁରନ ମଧ ଲଢୁଆ ବ୍ୟାଟିଂ କରି ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ସେ ଅପରାଜିତ ୫୬ ରନ କରିଥିଲେ । ଅଧିନାୟକ ଋଷଭ ପନ୍ତ ୧୬ ରନ କରିଥିଲେ । ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨ ଓ୍ୱିକେଟ ହରାଇ ୨୩୫ ରନ କରିଥିଲେ । ଗୁଜରାଟ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱୀନ ଓ ଅର୍ସାଦ ଖାଁ ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିଲେ। ୨୩୬ରନ୍‌ର ଟାର୍ଗେଟ ନେଇ ଗୁଜରାଟ ଟାଇଟନ୍ସ ମୈଦାନକୁ ଓହ୍ଲାଇଥିଲା। ଦଳ ନିର୍ଦ୍ଧାରିତ ୨୦ଓଭରରେ ୯ଓ୍ୱିକେଟ ହରାଇ ୨୦୨ରନ୍ କରି ମ୍ୟାଚ୍ ହାରି ଯାଇଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୨୧, ଶୁଭମନ ଗିଲ୍ ୩୫, ଜୋସ ବଟଲର ୩୩, ସର୍ଫାନ୍ ରଦରଫୋର୍ଡ ୩୮, ସାରୁଖ ଖାନ୍ ୫୭, ରାହୁଲ ତିଓ୍ୱାତିଆ ୨, ଅର୍ସଦ ଖାନ୍ ୧, ରସିଦ୍ ଖାନ୍ ୪, ରାବଡା ୨, ସାଇ କିଶୋର ୧ରନ୍ କରିଥିଲେ। ଲକ୍ଷ୍ନୌ ସୁପରଜିଆଣ୍ଟସ ପକ୍ଷରୁ ଆକାଶ ମହାରାଜା ସିଂ ୧ଓ୍ୱିକେଟ, ଓ୍ୱିଲିୟମ୍ ଅରୋକି ୩, ଅଭେଷ ଖାନ୍ ୨, ସାହାବାଜ ଅହମ୍ମଦ ୧ ଓ ଆୟୁଷ ବଦାନି ୨ ଓ୍ୱିକେଟ ଅକ୍ତିଆର କରିଥିଲେ।

## ୧୯ ବର୍ଷରୁ କମ କ୍ରିକେଟ୍: ଭାରତୀୟ ଦଳ ଘୋଷଣା

ନୂଆଦିଲ୍ଲୀ: ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଆୟୂଷ ମାହାତ୍ରେଙ୍କ ନେତୃତ୍ୱରେ ଭାରତର ୧୯ ବର୍ଷରୁ କମ କ୍ରିକେଟ ଟିମର ଘୋଷଣା କରାଯାଇଛି । ଏହି ଗସ୍ତରେ ଟିମ ଇଣ୍ଡିଆ ଗୋଟିଏ ଓ୍ୱାର୍ମ ଅପ ମ୍ୟାଚ, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ । ୨୪ଜୁନରୁ ଏହି ସିରିଜ ଆରମ୍ଭ ହେବ । ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ ଏହି ଦଳରେ ସ୍ଥାନ ମିଳିଛି । ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ ଏହି ଘୋଷଣା କରିଛନ୍ତି। ଏହା ପୂର୍ବରୁ ଭାରତ ଏ ଟିମର ଘୋଷଣା ମଧ ବୋର୍ଡ ପକ୍ଷରୁ କରାଯାଇଛି । ସିନିୟର ଟିମ ଚୟନ ପୂର୍ବରୁ ଚୟନ କମିଟି ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ମଧ ନଜର ରଖିବ। ଆୟୁଷ ଏବଂ ବୈଭବ ଉଭୟ କେବଳ ଆଇପିଏଲ୍ ୨୦୨୫ ରେ ଖେଳି ନାହାନ୍ତି ବରଂ ନିଜର ପ୍ରତିଭା ଦେଖାଇଛନ୍ତି। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ, ସେ ଏବେ ଇଂଲଣ୍ଡରେ ଭାରତ ପାଇଁ ୧୯ ବର୍ଷରୁ କମ କ୍ରିକେଟ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ବୈଭବ



ପ୍ରକାଶ କରିସାରିଛନ୍ତି। ୨୦୨୫ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସର ଯାତ୍ରା ଶେଷ ହେବା ପରେ, ବୈଭବ ସୂର୍ଯ୍ୟବଂଶୀ ରାହୁଲ ଦ୍ରାବିଡଙ୍କ ସହ ଏକ କଥାବାର୍ତ୍ତା କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ସେହି କଥାବାର୍ତ୍ତା ସମୟରେ, ବୈଭବ ସୂର୍ଯ୍ୟବଂଶୀ ଦ୍ରାବିଡଙ୍କୁ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିଥିଲେ। ସେ କହିଛନ୍ତି ଯେ ଏବେ ତାଙ୍କୁ ଭାରତ ୧୯ ବର୍ଷରୁ କମ କ୍ୟାମ୍ପରେ ଯୋଗ ଦେବାକୁ ପଡିବ ଏବଂ ସେମାନଙ୍କୁ ବିଜୟୀ କରାଇବା ପାଇଁ ପ୍ରସ୍ତୁତ ହେବାକୁ ପଡିବ। ୧୯ ବର୍ଷରୁ କମ ଦଳର ସିରିଜ ଜୁନ ୨୪ ରୁ ଆରମ୍ଭ ହୋଇ ୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ, ଇଂଲଣ୍ଡର ଅଣ୍ଡର ୧୯ ଦଳ ସହିତ ଏକ ୫୦ ଓଭରର ଅଭ୍ୟାସ ମ୍ୟାଚ ଖେଳିବା ବ୍ୟତୀତ, ଭାରତର ଅଣ୍ଡର ୧୯ ଦଳ ୫ ଦିନିକିଆ ଏବଂ ୨ବହୁ-ଦିବସୀୟ ମ୍ୟାଚର ସିରିଜ ମଧ ଖେଳିବ। ୧୯ ବର୍ଷରୁ କମ ଭାରତୀୟ ଦଳ: ଆୟୂଷ ମାହାତ୍ରେ(ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ମୌଲ୍ୟରାଜାସିଂ ଚୌହ୍ୱାନ, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ, ହରବଂଶ ସିଂ, ଆରଏସ ଅମ୍ବରୀଶ, କନିଷ୍କ ଚୌହ୍ୱାନ, ଖିଲାନ ପଟେଲ, ଯୁଦ୍ଧଜିତ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ, ଆଦିତ୍ୟ ରାଣା, ଅନମୋଲଜିତ ସିଂ। ଷ୍ଟାଣ୍ଡବାଇ: ନମନ ପୁଷ୍ପକ, ଡି,ଦୀପେଶ, ବେଦାନ୍ତ ତ୍ରିବେଦୀ, ବିକଳ୍ପ ତିଓ୍ୱାରୀ, ଅଳଙ୍କୃତ ରାପୋଲ।

**Govt. of Jharkhand**
**ROAD CONSTRUCTION DEPARTMENT**
**Road Divison , Seraikella-Kharsawan**

**e-Procurement Notice**

**Tender Reference No.RCD/SERAIKELLA/04 Date :- 21.05.2025**

| | | |
|---|---|---|
| 1. | Name of the work | Improvement of Riding Quality work of Kharsawan-Chakradharpur Road from Km 16.196 to Km 28.525 (Total Length : 12.33 Km) for the year 2025-26 |
| 2. | Estimated Cost (Rs.) | Rs. 12,28,89,465.00 (Rupees Twelve Crore Twenty Eight lakh Eighty Nine thousand Four Hundred Sixty Five only) |
| 3. | Cost of BoQ (Rs.) | Rs. 10,000.00 (Rupees Ten Thousand Only) |
| 4. | Earnest Money (Rs.) | Rs. 12,29,000.00 (Rupees Twelve Lakh Twenty Nine Thousand Only) |
| 5. | Time of Completion | 05 (Five) Months |
| 6. | Last Date /Time for receipt of bids | 18.06.2025 (12.00 Noon) |
| 7. | Date of Publication of Tender on website | 29.05.2025 (10.30 AM) |
| 8. | Name & Address of office Inviting tender | Ashok Kumar Rajak O/o Executive Engineer , Road Construction Department , Road Division , Seraikella-Kharsawan |
| 9. | Contact no. of Procurement Officer | 9199867872 |
| 10. | Helpline number of e-Procurement cell | 0651-2401010 |

Estimated Cost and Earnest Money can be increase or decrease
Further details can be seen on website http://jharkhandtenders.gov.in

Executive Engineer
RCD , Road Division
Seraikella-harsawan

PR 353255 Road(25-26).D

ଏଫ୍‌ଆଇଏଚ୍ ହକି ଇଣ୍ଡିଆ ପ୍ରୋ ଲିଗ୍

## ଭାରତୀୟ ଦଳ ଘୋଷିତ



### ଓଡିଶାରୁ ୩ ଖେଳାଳି

ନୂଆଦିଲ୍ଲୀ: ଏଫଆଇଏଚ ହକି ପ୍ରୋ ଲିଗ ୨୦୨୪-୨୫ର ୟୁରୋପିଆନ ଲିଗ ପାଇଁ ଗୁରୁବାର ହରମନପ୍ରୀତ ସିଂଙ୍କ ନେତୃତ୍ୱରେ ୨୪ ଜଣିଆ ଭାରତୀୟ ଦଳର ଘୋଷଣା କରାଯାଇଛି । ଏହି ଦଳରେ ଓଡିଶାର ଅମିତ ରୋହୀଦାସ, ନୀଲମ ସଞ୍ଜୀପ ଖେସ ଓ ଶୀଲାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି । ଜୁନ ୭ ଓ ୯ରେ ନେଦରଲାଣ୍ଡ ବିପକ୍ଷରେ ତାର ଅଭିଯାନ ଆରମ୍ଭ କରିବ । ଏହା ପରେ ଦଳ ଆଟେଓ୍ୱର୍ପ ଗସ୍ତରେ ଯିବ ଏବଂ ସେଠାରେ ୧୪ ଓ ୧୫ରେ ଅଷ୍ଟ୍ରେଲିଆକୁ ଏବଂ ୨୧ ଓ ୨୨ରେ ବେଲଜିୟମକୁ ଭେଟିବ । ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ ହକି ପ୍ରୋ ଲିଗରେ ଭାରତ ୧୫ ପଂଏଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ୮ ମ୍ୟାଚରୁ ଭାରତ ୫ରେ ବିଜୟୀ ହୋଇଥିଲା । ଦଳର ମୁଖ୍ୟ କୋଚ କ୍ରେଗ ଫୁଲଟନ ଏହି ଲେଗରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଭାରତୀୟ ଦଳ: ଗୋଲକିପର: କ୍ରିଷ୍ଣା ବାହାଦୂର ପାଠକ। ଡିଫେଣ୍ଡର: ସୁମିତ, ଅମିତ ରୋହୀଦାସ, ଯୁଗରାଜ ସିଂ, ନୀଲମ ସଞ୍ଜୀପ ଖେସ, ହରମନପ୍ରୀତ ସିଂ (ଅଧିନାୟକ), ଯରମନପ୍ରୀତ ସିଂ, ସଞ୍ଜୟ, ଯଶଦୀପ ସିଓ୍ୱାଚ। ମିଡଫିଲ୍ଡର: ରାଜକୁମାର ପାଲ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ(ଉପ ଅଧିନାୟକ), ରାଜିନ୍ଦର ସିଂ, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ଶମଶେର ସିଂ । ଫରଓ୍ୱାର୍ଡ: ଗୁରଜନ୍ତ ସିଂ, ଅଭିଷେକ, ଶୀଲାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ।

## ଆଇପିଏଲ୍: ପ୍ଲେ ଅଫ୍‌ରେ ୪ଟି ଟିମ୍

ମୁମ୍ବାଇ: ଆଇପିଏଲ ୨୦୨୫ରେ ୪ଟି ଟିମ ଟିମ ପ୍ଲେ ଅଫରେ ପ୍ରବେଶ କରିଛନ୍ତି । ଏହି ଟିମଗୁଡିକ ହେଲା ଗୁଜରାଟ ଟାଇଟାନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର, ପଞ୍ଜାବ କିଙ୍ଗସ ଓ ମୁମ୍ବାଇ ଇଣ୍ଡିଆନ୍ସ । ୫ ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗସ ଏଥର ପଂଏଟ ଟେବୁଲର ଶେଷ ସ୍ଥାନରେ ରହିଛି । ଗୁଜରାଟ ୪ଟି ସିଜନରେ ୩ଥର ପ୍ଲେ ଅଫରେ ପ୍ରବେଶ କରିଛି । ସେହିପରି ୧୧ ବର୍ଷ ପରେ ପଞ୍ଜାବ ପ୍ଲେ ଅଫକୁ ଉନ୍ନୀତ ହୋଇଛି । ଶ୍ରେୟାଶ ଆୟାର ଆଇପିଏଲର ପ୍ରଥମ ଅଧିନାୟକ ଭାବେ ୩ଟି ଟିମକୁ ପ୍ଲେ ଅଫରେ ପ୍ରବେଶ କରାଇବାରେ ମୂଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ୨୦୧୯ ଓ ୨୦୨୨ରେ ଦିଲ୍ଲୀକୁ ଏବଂ ୨୦୨୪ରେ କୋଲକାତାକୁ ସେ ପ୍ଲେ ଅଫକୁ ଉନ୍ନୀତ କରାଇଥିଲେ ।

## ଆନ୍ତଃ ସ୍କୁଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ : କିଡ଼ସ୍ ପବ୍ଲିକ ସ୍କୁଲ ବିଜୟୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ଆଜିର ଚତୁର୍ଥ ଦିବସ ତଥା ଗ୍ରୁପ ବିର ପ୍ରଥମ ଲିଗ ପର୍ଯ୍ୟାୟ ଖେଳରେ କିଡ଼ସ ପବ୍ଲିକ ସ୍କୁଲ (ମିଳିତ) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ମିଳିତ) ବିପକ୍ଷରେ ୧୩୮ ରନରେ ଏକ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଖେଳରେ କିଡ଼ସ ପବ୍ଲିକ ସ୍କୁଲ ଟସରେ ଜିଣି ଏକ ନିର୍ଜୀବ ଓ୍ୱିକେଟରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ନିର୍ଦ୍ଧାରିତ ୩୫ ଓଭରରେ ୪ଟି ଓ୍ୱିକେଟ ହରାଇ ୨୭୯ ରନ ସଂଗ୍ରହ କରିବା ସହ ନିଜର ସ୍ଥିତିକୁ ମଜବୁତ କରିଥିଲା। ଦଳ ପକ୍ଷରୁ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ସୋହମ କୁମାର ଜେନା ୭୪ଟି ବଲର ସମ୍ମୁଖୀନ ହୋଇ ୧୪ଟି ଚୌକା ଏବଂ ୨ଟି ଛକା ସହାୟତାରେ ଅପରାଜିତ ୧୦୨ ରନ ସଂଗ୍ରହ କରି ପ୍ରତିଯୋଗିତାର ପ୍ରଥମ ଶତକ ହାସଲ କରିଥିବା ବେଳେ ରାହୁଲଦେବ ନାୟକ ୪୭ଟି ବଲର ସମ୍ମୁଖୀନ ହୋଇ ୯ଟି ଚୌକା ଓ ୨ଟି ଛକା ସହାୟତାରେ ୬୭ ରନ ସଂଗ୍ରହ କରି ପ୍ରତିଯୋଗିତାର



ତୃତୀୟ ଅର୍ଦ୍ଧ ଶତକ ହାସଲ କରିଥିଲେ। ପ୍ରତିପକ୍ଷ ଦଳର ଏକମାତ୍ର ସଫଳ ବୋଲର ଭାବେ ଉମା ମହେଶ ୭ ଓଭର ବୋଲିଂ କରି ୪୪ ରନ ବିନିମୟରେ ୩ଟି ଉଇକେଟ ହାସଲ କରିଥିଲେ। ଏହାର ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମ୍ୟାଚ ଜିତିବା ପାଇଁ ଓଭର ପିଛା ୮ ରନ ଲେଖାଏଁ ରନ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିଲେ ଏବଂ ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ କରିବା ସହ ପରାଜୟ ସ୍ୱୀକାର କରିଥିଲେ। ଦଳ ପକ୍ଷରୁ କ୍ରିଷ୍ଣାଜିତ ସାହୁ ୪୧ଟି ବଲର ସମ୍ମୁଖୀନ ହୋଇ ୯ଟି ଚୌକା ସହାୟତାରେ ୫୧ ରନ ସଂଗ୍ରହ କରିବା ସହ ପ୍ରତିଯୋଗିତାର ଚତୁର୍ଥ ଅର୍ଦ୍ଧ ଶତକ ହାସଲ କରିଥିଲେ। ପ୍ରତିପକ୍ଷ ଦଳର ସୋହମ କୁମାର ଜେନା ୭ ଓଭର ବୋଲିଂରେ ଗୋଟିଏ ମେଡନ ସହ ୧୮ ରନ ଦେଇ ୫ଟି ଉଇକେଟ ହାସଲ କରିଥିବା ବେଳେ ରାହୁଲଦେବ ନାୟକ ୭ ଓଭର ବୋଲିଂରେ ଗୋଟିଏ ମେଡନ ସହ ୨୬ ରନ ଦେଇ ୩ଟି ଉଇକେଟ ହାସଲ କରିଥିଲେ। ଉଭୟ ବ୍ୟାଟିଂ ଏବଂ ନିଜର ଯାଦୁକରୀ ବୋଲିଂରେ ଦର୍ଶକଙ୍କୁ ବିମୋହିତ କରିଥିବା ସୋହନ କୁମାର ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग,**
**देवघर, झारखण्ड**
सर्कुलर रोड, नियर उपायुक्त आवास,
देवघर, झारखण्ड (814112)

**शुद्धि पत्र**

इस कार्यालय द्वारा आमंत्रित ई–निविदा प्रसंग संख्या NH/Deoghar/JHR/F2/03/2025-26 [PR No. 353142 Deoghar (25-26).D] के **निविदा खोलने की तिथि एवं समय 02.06.2025 (12:30 बजे अपराह्न) के स्थान पर 03.06.2025 (12:30 बजे अपराह्न) पढ़ा जाय।**
शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर।

PR.NO.353249 Deoghar(25-26):D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल,**
**पथ निर्माण विभाग, देवघर, झारखण्ड**
**सर्कुलर रोड, नियर उपायुक्त आवास,**
**देवघर, झारखण्ड (814112)**

**शुद्धि पत्र**

इस कार्यालय द्वारा आमंत्रित ई–निविदा प्रसंग संख्या NH/Deoghar/JHR/F2/07/2025-26 [PR No. 353154 (Deoghar)25-26(D)] के **निविदा खोलने की तिथि एवं समय 02.06.2025 (12:30 बजे अपराह्न) के स्थान पर 03.06.2025 (12:30 बजे अपराह्न) पढ़ा जाय।**
शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल,देवघर

PR 353262 Deoghar(25-26).D

**कार्यपालक अभियंता का कार्यालय**
**राष्ट्रीय उच्च पथ प्रमंडल, पथ निर्माण विभाग,**
**देवघर, झारखण्ड, सर्कुलर रोड, नियर उपायुक्त**
**आवास, देवघर, झारखण्ड (814112)**

**शुद्धि पत्र**

इस कार्यालय द्वारा आमंत्रित ई–निविदा प्रसंग संख्या NH/Deoghar/JHR/F2/06/2025-26 [PR No. 353153 Deoghar(25-26).D] के **निविदा खोलने की तिथि एवं समय 02.06.2025 (12:30 बजे अपराह्न) के स्थान पर 03.06.2025 (12:30 बजे अपराह्न) पढ़ा जाय।**
शेष शर्तें यथावत रहेंगी।

ह0/–
कार्यपालक अभियंता
रा0 उ0 पथ प्रमंडल, देवघर

PR 353259 Deoghar(25-26)#D

**कार्यालय, जिला परिषद्, कोडरमा।**
**अल्पकालीन ई–निविदा**
**आमंत्रण सूचना संख्या – 04/2025–26**

वित्तीय वर्ष 2024–25 में पंचायती राज विभाग द्वारा जिला परिषद कोडरमा अंतर्गत विभिन्न भवनों, परिसम्पत्तियों का निर्माण, मरम्मति एवं नवीनीकरण मद से स्वीकृति प्रदत्त क्रमांक 01 में वर्णित कार्य हेतु ई–निविदा आमंत्रित की जाती है। विवरणी निम्नवत् है:–

| क्र0 सं0 | प्रखण्ड का नाम | कार्य का नाम | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|---|---|
| 01 | कोडरमा | Construction of Zila Parishad Koderma Office Building | 80812524.00 | 1616500.00 | 10000.00 | 24 माह |

1. वेबसाईट में निविदा प्रकाशन की तिथि :– 30.05.2025
2. ई–निविदा प्राप्ति की तिथि एवं समय :– 31.05.2025 से 06.06.2025, अपराह्न 05:00 बजे तक।
3. निविदा खोलने की तिथि एवं समय :– 09.06.2025 पूर्वाह्न 11:00 बजे।
4. निविदा आमंत्रित करने वाले पदाधिकारी का नाम एवं पता:– जिला अभियंता, जिला परिशद कोडरमा।
5. ई–निविदा प्रकोश्ठ का दूरभाश सं0 7280967608 एवं ई–मेल ddczpkoderma@gmail.com
6. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित निविदादाता/संवेदक की होगी।
8. निविदा की शर्तें कार्यालय के सूचना पट्ट पर या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद्, कोडरमा।

PR 353276 Panchayati Raj (25-26)D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchary Road,
Ranchi-834001, Jharkhand.Ph No.: +91-651-2225878,
CIN: U45200JH2013SGC001752,
e-mail ld-juidcolimited@gmail.com

NIT No.: JUIDCO/NIT/OB Garhwa/654 Date- 22.05.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Construction of New Nagar Parishad Office Building at Garhwa under Garhwa Nagar Parishad |
| 2 | Mode of Bid Submission | e-tendering (http://jharkhandtenders.gov.in ) |
| 3 | Estimated Cost (Rs.) | Rs. 11,73,74,780/- (Rupees Eleven Crore Seventy-Three Lakh Seventy-Four Thousand Seven Hundred and Eighty) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 11,73,750/- (Rupees Eleven Lakh Seventy Three Thousand Seven Hundred and Fifty) only |
| 6 | Date/Time of Publication of Tender on Website | 23.05.2025 17:00 Hrs |
| 7 | Last Date/Time of Bid Submission | 13.06.2025 17:00 Hrs |
| 8 | Date/Time of opening of Bid | 14.06.2025 17:30 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 353202 Urban Development and Housing(25-26)#D

**झारखण्ड सरकार**
**पथ निर्माण विभाग, पथ प्रमण्डल, गिरिडीह।**

ई–प्रोक्योरमेंट सूचना
(प्रथम निविदा आमंत्रण सूचना)
ई–निविदा प्रसंग सं० :– RCD/GIRIDIH/523/2025-26
दिनांक :– 22.05.2025

| | | |
|---|---|---|
| 1. | कार्य का नाम | बड़कीटांड–तीनपतली–डोकीडीह–गिरनिया मोड़ पथ (कुल लंबाई 11.065 कि0मी0) पुनर्निर्माण कार्य (भू–अर्जन एवं Plantation सहित) वर्श 2025–26 |
| 2. | प्राक्कलित राशि (रूपये में) | रू0 32,24,20,626.00 (बत्तीस करोड़ चौबीस लाख बीस हजार छ: सौ छब्बीस रूपये मात्र) |
| 3. | कार्य समाप्ति की अवधि | 8 (आठ) माह |
| 4. | निविदा प्राप्ति की अंतिम तिथि एवं समय | 17.06.2025 12:00 बजे दिन तक |
| 5. | वेबसाईट पर निविदा प्रकाशित होने की तिथि एवं समय | 28.05.2025 10:30 बजे पूर्वाह्न |
| 6. | प्रीबीड बैठक | 03.06.2025 12:00 बजे |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, गिरिडीह। |
| 8. | प्रोक्योरमेंट पदाधिकारी का सम्पर्क नं० | 06532 – 227054 |
| 9. | ई–प्रोक्योरमेट सेल का हेल्प लाईन नं० | 0651 – 2401010 |

नोट :– प्राक्कलित राशि घट–बढ़ सकती है।
अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

ह०/–
कार्यपालक अभियंता,
पथ निर्माण विभाग, पथ प्रमण्डल, गिरिडीह।

PR.NO.353264 Road(25-26):D

**Government of Jharkhand**
**Urban Development And Housing Department**
**Dhanbad Municipal Corporation, Dhanbad**

**e-Procurement Short Tender Notice No. DMC/10/2025-26**
**Reference No. : DMC/10/2025-26 Date : 22.05.2025**

| क्रम सं0 | Group No. | योजना का नाम | प्राक्कलित राशि | अग्रधन राशि | परिमाण विपत्र का मूल्य | कार्य समाप्ति का अवधि |
|---|---|---|---|---|---|---|
| 1 | DMC/ 10/2025-26/01 | Supply, Installation, Testing and commissioning of LED Steet Light with 7 meter octagonal pole from Polytechnic college via Bharat Chowk to Aara More Overbridge under DMC Dhanbad (Appx Length: 3000 mtr) | 99,23,500.00 | 2 % of BOQ | 10000.00 | 90 दिन |
| 2 | DMC/ 10/2025-26/02 | Supply, Installation, Testing and commissioning of LED Steet Light with 7 meter octagonal pole from Aara More to Bhuli-D block under DMC Dhanbad (Appx Length: 3000 mtr) | 99,23,500.00 | 2 % of BOQ | 10000.00 | 90 दिन |
| 3 | DMC/ 10/2025-26/03 | Supply, Installation, Testing and commissioning of LED Steet Light with 7 meter octagonal pole from Chatabad More to Bhatmurna Chowk under DMC Dhanbad (Appx Length: 2400 mtr) | 78,91,500.00 | 2 % of BOQ | 10000.00 | 90 दिन |
| 4 | DMC/ 10/2025-26/04 | Supply, Installation, Testing and commissioning of LED Steet Light with 7 meter octagonal pole from Gol Building via Manaitand Chatt talab via singhara talab to Gopal Mahto house under DMC Dhanbad (Appx Length: 2000 mtr) | 65,71,500.00 | 2 % of BOQ | 10000.00 | 90 दिन |
| 5 | DMC/ 10/2025-26/05 | Supply, Installation, Testing and commissioning of LED Steet Light with 7 meter octagonal pole from Katras More to Kendua Bazaar under DMC Dhanbad (Appx Length: 5000 mtr) | 1,63,85,100.00 | 2 % of BOQ | 10000.00 | 90 दिन |
| 6 | DMC/ 10/2025-26/06 | Supply, Installation, Testing and commissioning of LED Steet Light with 7 meter octagonal pole from Bartad Bus Stand to Bisunpur chowk under DMC Dhanbad (Appx Length: 3100 mtr) | 99,56,400.00 | 2 % of BOQ | 10000.00 | 90 दिन |
| 7 | DMC/ 10/2025-26/07 | Supply, Installation, Testing and commissioning of LED Steet Light with 7 meter octagonal pole from 8 Lane entry point to shakti Nagar via children hospital, Temple road Dhanbad Intitute of Technology and Community Hall under DMC Dhanbad (Appx Length: 4000 mtr) | 1,31,34,300.00 | 2 % of BOQ | 10000.00 | 90 दिन |

Date of Publication of Tender on website :- **26.05.2025 At 03.00 PM**
Online Last Date / Time for receiving of bids :- **10.06.2025 (Online) till 03:00 PM**
Date of Bid Opening :- From **11.06.2025 at 03:00 PM** (Online)
**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in appropriate class as per NIT
(iii) Estimated Cost / Quantity May Vary
(iv) Municipal Commissioner, Dhanbad reserves the right to reject any or all the tender(s) received without assigning any reasons thereof.

S/d-
Executive Engineer,
Dhanbad Municipal Corporation, Dhanbad

PR 353279 Urban Development and Housing(25-26).D



ନିୟମିତ ଚା'ସହ ବିସ୍କୁଟ ସେବନ କରୁଥିଲେ, ଏହା କର୍କଟ ରୋଗର ସମ୍ଭାବନା ସୃଷ୍ଟି କରିଥାଏ। ଏହା ବ୍ୟତୀତ ଚା' ସହିତ କୌଣସି ପ୍ରକାରର ବିସ୍କୁଟ ସେବନ କରିବା ଉଚିତ ନୁହେଁ। ଏକ ରିପୋର୍ଟ ଅନୁସାରେ ପ୍ରାୟ ୨ ଲକ୍ଷ ଲୋକଙ୍କ ଉପରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଏଭଳି ଖାଦ୍ୟର ଲଗାତାର ସେବନ କର୍କଟର ସମ୍ଭାବନାକୁ ବୃଦ୍ଧି କରେ। ନିୟମିତ ଜଳଖିଆରେ ପାଉଁରୁଟି ସେବନ କରିବା ମଧ୍ୟ କ୍ଷତିକାରକ। ଏହାଦ୍ୱାରା ପେଟରେ କର୍କଟ ରୋଗ ହେବାର ସମ୍ଭାବନା ଥାଏ। ଜଳଖିଆରେ ପାଉଁରୁଟି, ଆଇସକ୍ରିମ, ବର୍ଗର ଆଦି ନିୟମିତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନିଜେ ଘରେ ପପକର୍ନ ପ୍ରସ୍ତୁତ କରି ମାସକୁ ଥରେ କିମ୍ବା ୨ଥର ଖାଇପାରିବେ। ମାତ୍ର ବଜାରରେ ବିକ୍ରି ହେଉଥିବା ଛଣା ପପକର୍ଣ୍ଣକୁ ନିୟମିତ ରୂପେ ଜଳଖିଆରେ ଖାଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପାଇଁ ଆଦୌ ଉପକାରୀ ନୁହେଁ। କିଛି ଲୋକେ ଜଳଖିଆରେ ଚା' ସହ ଚିପ୍ସର ମଧ୍ୟ ସେବନ କରିଥାଆନ୍ତି। ବିଭିନ୍ନ ପ୍ରକାର ଚିପ୍ସରେ ଅତ୍ୟଧିକ ମାତ୍ରାରେ ସୋଡିୟମ ଓ ଫ୍ୟାଟ୍ ଯୁକ୍ତ ବିଭିନ୍ନ ପ୍ରକାର ଜିନିଷର ବ୍ୟବହାର ହେଉଛି। ଏହାକୁ ସକାଳେ ନିୟମିତ ଜଳଖିଆରେ ସେବନ କଲେ କର୍କଟ ରୋଗ ହେବାର ସମ୍ଭାବନା ଥାଏ। ବଜାରରେ ମାଂସ ବ୍ୟବହାର ହୋଇ ଅନେକ ଖାଦ୍ୟ ଜିନିଷ ମିଳୁଛି। ଏହାକୁ ସକାଳେ ଜଳଖିଆରେ ଆଦୌ ଖାଆନ୍ତୁ ନାହିଁ। ଏହା ମଧ୍ୟ ଶରୀରରେ ମାରାତ୍ମକ ରୋଗ ସୃଷ୍ଟି କରିଥାଏ।

## କାନ୍ସରେ ଦେଶୀ ଲୁକ୍‌ରେ ଐଶ୍ୱର୍ଯ୍ୟା



ପହଲଗାମ୍ ଆକ୍ରମଣକୁ ମାସେ ପୂରିଛି। ପହଲଗାମ ଆକ୍ରମଣରେ ୨୬ ଜଣ ନୀରିହ ଭାରତୀୟଙ୍କ ଜୀବନ ଯିବା ପରେ ତା'ର ପ୍ରତିଶୋଧ ଭାବରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଛି ଭାରତୀୟ ସେନା। ନିକଟରେ ହୋଇଥିବା କାନ୍ସ ରେଡ୍ କାର୍ପେଟରେ ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ତାଙ୍କ ସିନ୍ଥିରେ ସିନ୍ଥିଏ ସିନ୍ଦୂର ପିନ୍ଧି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଐଶ୍ୱର୍ଯ୍ୟାଙ୍କୁ ପାରମ୍ପରିକ ଭାରତୀୟ ଶାଢ଼ିରେ ଦେଖିବାକୁ ମିଳିଛି। ପ୍ରସିଦ୍ଧ ଭାରତୀୟ ପୋଷାକ ଡିଜାଇନର ମନୀଷ ମାଲହୋତ୍ରାଙ୍କ ଡିଜାଇନ୍‌ର ଶାଢ଼ି ପିନ୍ଧି ବେଶ୍ ଆକର୍ଷଣୀୟ ଦିଶୁଥିଲେ ଐଶ୍ୱର୍ଯ୍ୟା। ହାତବୁଣା ପୋଷାକ ସହ ଧଳା ଟିସୁ ହାତବୁଣା ଦୁପଟ୍ଟା ପକାଇଥିଲେ ଐଶ୍ୱର୍ଯ୍ୟା। ଐଶ୍ୱର୍ଯ୍ୟାଙ୍କ ବହୁ-ପ୍ରତୀକ୍ଷିତ କାନ୍ସ ୨୦୨୫ ରେଡ କାର୍ପେଟ୍ ଲୁକ୍ ସଭିଙ୍କୁ ବେଶ୍ ପସନ୍ଦ ଆସିଛି। ତାଙ୍କ ମଥାର ସିନ୍ଦୂର 'ଅପରେସନ୍ ସିନ୍ଦୂର'କୁ ସମର୍ଥନ ଜଣାଇବା ସହ ଦୀର୍ଘ ଦିନ ଧରି ଚାଲିଥିବା ତାଙ୍କ ଛାଡ଼ପତ୍ର ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛି। ଏହା ପ୍ରଥମ ଥର ନୁହେଁ ଯେ ଐଶ୍ୱର୍ଯ୍ୟା କାନ୍ସରେ ଶାଢ଼ି ପିନ୍ଧିଛନ୍ତି। ୨୦୦୨ ଏବଂ ୨୦୦୩ରେ ମଧ୍ୟ ସେ ଅନ୍ତର୍ଜାତୀୟ ସ୍ତରରେ ସୁନ୍ଦରତା ସହ ଫ୍ୟାଶନ୍ ମୁହୂର୍ତ୍ତ ସୃଷ୍ଟି କରିଥିଲେ। ଗତ କିଛି ବର୍ଷ ମଧ୍ୟରେ କାନ୍ସରେ ତାଙ୍କ ପ୍ରଶଂସକମାନଙ୍କ ଦ୍ୱାରା ସମାଲୋଚନା କରାଯିବା ପରେ ଏହି ସୁନ୍ଦର ମନୀଷ ମଲୋହୋତ୍ରା ଶାଢ଼ିରେ ତାଙ୍କର ପ୍ରବେଶ ସଭିଙ୍କୁ ଚକିତ କରିଛି।



## ଆମ୍ବ କେଜିର ଦାମ ୨.୭ ଲକ୍ଷ

ଆମ୍ବକୁ ଫଳମାନଙ୍କର ରାଜା ବୋଲି କୁହାଯାଏ। ଦୁନିଆରେ ବିଭିନ୍ନ ପ୍ରକାର ଆମ୍ବ ମିଳିଥାଏ। ଭିନ୍ନ ଭିନ୍ନ ଦେଶରେ କିଛି ସ୍ୱତନ୍ତ୍ର ଆମ୍ବ ମିଳିଥାଏ। ଦଶହରୀ, ଚୌସା ଓ ଲେଙ୍ଗଡା ଆମ୍ବର ନାଁ ତ ଶୁଣିଥିବେ। ତେବେ ଏମିତି ଏକ ଆମ୍ବ ବିଷୟରେ ଜାଣିଛନ୍ତି କି, ଯାହାର ଦାମ୍ ନିଶ୍ଚୟ ହୋସ୍ ଉଡାଇବ। ଏହି ଖାସ୍ ଆମ୍ବ ଜାପାନରେ ମିଳିଥାଏ। ଭାରତରେ ମଧ୍ୟ ଏହି ଆମ୍ବ ମିଳିଥାଏ। ଜାପାନରେ ମିଳୁଥିବା ଦୁନିଆର ସବୁଠାରୁ ମହଙ୍ଗା ଆମ୍ବର ନାମ ତଇୟୋ ନୋ ତମାଙ୍ଗୋ। ଏହା ଜାପାନର ମିୟାଜାକିରେ ଓ ବିହାରର ପୁଣିଆ ଓ ମଧ୍ୟପ୍ରଦେଶର ଜବଲପୁରରେ ମଧ୍ୟ ମିଳିଥାଏ। ଏହି ଆମ୍ବକୁ ମିଆଜାକି ଆମ୍ବ ମଧ୍ୟ କୁହାଯାଏ। ଜାଣନ୍ତୁ କ'ଣ ପାଇଁ ଖାସ୍ ଏହି ଆମ୍ବ, କାହିଁକି ଏହାର ଦାମ୍ ଆକାଶ ଛୁଆଁ..। ସାଧାରଣତଃ ଏହି ଆମ୍ବର ଆନ୍ତର୍ଜାତୀୟ ବଜାରରେ ଦାମ୍ ୨.୭ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମ୍‌କୁ । ଭାରତରେ ତାଇୟୋ ନୋ ତମାଙ୍ଗୋ ପ୍ରଜାତିର ଗୋଟିଏ ଆମ୍ବର ମୂଲ୍ୟ ୨୧ ହଜାର ଟଙ୍କା । ଏହି ଆମ୍ବ କେବଳ ଖାଇବାକୁ ମିଠା ନୁହେଁ ବରଂ ଏଥିରେ ନଡିଆ ଓ ସପୁରୀର ହାଲୁକା ସ୍ୱାଦ ମଧ୍ୟ ମିଳିଥାଏ । ଏହି ଆମ୍ବକୁ ବିଶେଷ ଉପାୟରେ ଚାଷ କରାଯାଏ । ଆମ୍ବ ଗଛରେ ଫଳ ଆସିବା ପରେ ଗୋଟିଏ ଗୋଟିଏ ଫଳକୁ ଜାଲି କପଡାରେ ବନ୍ଧାଯାଏ । ଏହି କାରଣରୁ ଏହି ଆମ୍ବର ରଙ୍ଗ ଭିନ୍ନ ହୋଇଥାଏ। ବାଇଗଣୀ ରଙ୍ଗ ଭଳି ଦେଖାଯାଉଥିବା ଏହି ଆମ୍ବ ଦେଖିବାକୁ ମଧ୍ୟ ସୁନ୍ଦର ଲାଗିଥାଏ ।

ଭାରତର ସବୁଠାରୁ ମହଙ୍ଗା ଆମ୍ବ ଆଲଫୋନ୍ସୋ କିମ୍ବା ହାପୁସ୍ ଆମ୍ବ ସବୁଠାରୁ ଅଧିକ ମୂଲ୍ୟରେ ବିକ୍ରି ହୁଏ। ଏହି ଆମ୍ବ ଏତେ ସ୍ୱାଦିଷ୍ଟ ଯେ ଏହାକୁ ସ୍ୱର୍ଗୀୟ ଉଦ୍ଭିଦ ମଧ୍ୟ କୁହାଯାଏ। ଏହି ଆମ୍ବ ଏହାର ମିଠା ଏବଂ ସୁଗନ୍ଧ ପାଇଁ ଜଣାଶୁଣା। ଭାରତରେ ମିଳୁଥିବା ଏହି ଆମ୍ବକୁ ଜିଆଇ ଟ୍ୟାଗ୍ ମିଳିଛି। ଆନ୍ତର୍ଜାତୀୟ ବଜାରରେ ଆଲଫୋନସୋର ବିପୁଳ ଚାହିଦା ଅଛି। ୟୁରୋପ ଏବଂ ଜାପାନ ବ୍ୟତୀତ ଆମେରିକା ଏବଂ ଅଷ୍ଟ୍ରେଲିଆରେ ମଧ୍ୟ ଆଲଫୋନ୍ସୋର ଚାହିଦା ବୃଦ୍ଧି ପାଇଛି। ଜାପାନରେ ତାଇୟୋ ନୋ ତାମାଙ୍ଗୋ ଆମ୍ବ ଚାଷ ୭୦ ଏବଂ ୮୦ ଦଶକରେ ଆରମ୍ଭ ହୋଇଥିଲା। ଗରମ ପାଗ, ଦୀର୍ଘ ସମୟ ସୂର୍ଯ୍ୟକିରଣ ଏବଂ ବର୍ଷା ପରେ ବିଶ୍ୱର ସବୁଠାରୁ ମହଙ୍ଗା ଆମ୍ବ ପାଚିଥାଏ।


## ବଦ୍ରିନାଥରେ ଅସରପାଙ୍କୁ ଲାଗି ହୁଏ ଭୋଗ



*ଉତ୍ତରାଖଣ୍ଡର ଚାରିଧାମ ଯାତ୍ରାରେ ବଦ୍ରିନାଥ ସାମିଲ ଅଛି। ଏହା ଏକ ପ୍ରାଚୀନ ମନ୍ଦିର । ଏହି ମନ୍ଦିରକୁ ନେଇ ଅନେକ ମାନ୍ୟତା ଓ ପରମ୍ପରା ରହିଛି। ତେବେ ବଦ୍ରିନାଥ ମନ୍ଦିରରେ ଭୋଗ ଲାଗି କରାଯିବା ପୂର୍ବରୁ ଅନେକଜୀବଜନ୍ତୁଙ୍କୁ ଭୋଗ ଲାଗି କରାଯାଏ । ଏଥିରେ ଅସରପା ବି ସାମିଲ ଅଛି ।*

ପ୍ରତିଦିନ ଭଗବାନ ବଦ୍ରିନାଥଙ୍କୁ ରାଜଭୋଗ ଲାଗି କରାଯାଏ। ହେଲେ ଏହା ପୂର୍ବରୁ ଅସରପାଙ୍କୁ ଭୋଗ ଲାଗି କରାଯାଏ। କୁହାଯାଏ, ବଦ୍ରୀନାଥ ରାଜଭୋଗ ଗ୍ରହଣ କରିବା ପୂର୍ବରୁ ସମସ୍ତ ଜୀବଜନ୍ତୁଙ୍କୁ ତୃପ୍ତ କରାଯାଏ ଓ ଏହି ମାନ୍ୟତାକୁ ଦେଖି ପଶୁ ପକ୍ଷୀଙ୍କ ସହିତ ଅସରପାଙ୍କୁ ବି ଭୋଗ ଲାଗି କରାଯାଏ । ଏଠାରେ ପ୍ରତିଦିନ ଦ୍ୱିପହରରେ ଅସରପାଙ୍କୁ ଅନ୍ନ ଭୋଗ ଲାଗି କରାଯିବାର ପରମ୍ପରା ଅଛି। ଏହାକୁ ତପ୍ତକୁଣ୍ଡ ନିକଟବର୍ତ୍ତୀ ଗରୁଡ଼ କୁଟିରେ ରଖାଯାଏ । ଏହାପରେ ହିଁ ଭଗବାନଙ୍କୁ ଭୋଗ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏଠାରେ ଅସରପାଙ୍କ ସମେତ ଗାଈ ଏବଂ ପକ୍ଷୀଙ୍କୁ ମଧ୍ୟ ଭୋଗ ଦିଆଯାଏ । ଏହି ପରମ୍ପରାର ଆରମ୍ଭ ଅଷ୍ଟମ ଶତାବ୍ଦୀରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ କରିଥିବା କୁହାଯାଏ।

## ଅତ୍ୟଧିକ ପ୍ରୋଟିନ୍ ପିଉଥିଲେ ଜାଣିନିଅନ୍ତୁ...



କୌଣସି ଜିନିଷର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ତେଣୁ ସବୁବେଳେ ଶରୀରର ଆବଶ୍ୟକତା ଅନୁଯାୟୀ ନିଜର ଡାଏଟ୍ ପ୍ଲାନ ପ୍ରସ୍ତୁତ କରିବା ଉଚିତ୍ । ଅଧିକ ମାତ୍ରାରେ ପ୍ରୋଟିନ୍ ଆପଣଙ୍କ ହୃଦୟର ସ୍ୱାସ୍ଥ୍ୟକୁ ଖରାପ କରିପାରେ । ତେଣୁ, ଆପଣ ସଠିକ୍ ସମୟରେ ସଠିକ୍ ମାତ୍ରାରେ ପ୍ରୋଟିନ୍ ଖାଇବା ଉଚିତ୍ । ଏହା ବ୍ୟତୀତ, ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅତ୍ୟଧିକ ପ୍ରୋଟିନ୍ ବ୍ୟବହାର କ୍ୟାନ୍ସର ଭଳି ସାଂଘାତିକ ରୋଗର ଆଶଙ୍କା ମଧ୍ୟ ବଢାଇପାରେ । ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ଶରୀରରେ କ୍ୟାଲସିୟମ୍ ଅଭାବ ସୃଷ୍ଟି କରିପାରେ । କ୍ୟାଲସିୟମ ଅଭାବ ଆପଣଙ୍କ ବୋନ୍ ହେଲ୍ଥ ଉପରେ ଖରାପ ପ୍ରଭାବ ପକାଇପାରେ । ଏହାର ଅର୍ଥ ହେଉଛି ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟାର ମୁଖ୍ୟ କାରଣ ହୋଇପାରେ । ଯଦି ଆପଣ ନିଜର ହାଡକୁ ଦୁର୍ବଳ କରିବାକୁ ଚାହୁଁନାହାଁନ୍ତି, ତେବେ ଆପଣଙ୍କ ଖାଦ୍ୟରେ ସଠିକ୍ ପରିମାଣର ପ୍ରୋଟିନର ଅତ୍ୟଧିକ ସେବନ କିଡନୀ ସମ୍ବନ୍ଧୀୟ ରୋଗକୁ ମଧ୍ୟ ନିମନ୍ତ୍ରଣ କରିପାରେ । ଏହାଦ୍ୱାରା ଆପଣଙ୍କୁ ଷ୍ଟୋନ୍ ପରି ବିପଜ୍ଜନକ ରୋଗରେ ପୀଡିତ ହେବାକୁ ପଡିପାରେ । ଆପଣ ଜାଣନ୍ତି କି ଗୋଟିଏ ଦିନରେ ଆପଣ କେତେ ପ୍ରୋଟିନ୍ ଖାଇବା ଉଚିତ୍ ? ପ୍ରକୃତରେ ଏକ୍ସପର୍ଟଙ୍କ ଅନୁଯାୟୀ, ସଠିକ୍ ପରିମାଣର ପ୍ରୋଟିନ୍ ଗ୍ରହଣ ବ୍ୟକ୍ତିର ଓଜନ ଉପରେ ନିର୍ଭର କରେ । ଏହା ବ୍ୟତୀତ ବୟସ ଏବଂ ଶାରୀରିକ କାର୍ଯ୍ୟକଳାପ ମଧ୍ୟ ପ୍ରୋଟିନ୍ ଗ୍ରହଣ ପରିମାଣ ଉପରେ ପ୍ରଭାବ ପକାଇଥାଏ ।









## ଏହି ଅଭିନେତ୍ରୀଙ୍କ ପାଖରେ ଅଛି ବ୍ରିଟିଶ ପାସ୍‌ପୋର୍ଟ



ବଲିଉଡର ଏହି ଅଭିନେତ୍ରୀଙ୍କ ପାଖରେ ଅଛି ବ୍ରିଟିଶ ପାସ୍‌ପୋର୍ଟ। ଆସନ୍ତୁ ଜାଣିବା ଏଥିରେ କେଉଁ ଅଭିନେତ୍ରୀ ଅଛନ୍ତି। ବଲିଉଡର ଶ୍ରେଷ୍ଠ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଆଲିଆ ଭଟ୍ଟ । ସେ ଫିଲ୍ମ ନିର୍ମାତା ମହେଶ ଭଟ୍ଟ ଏବଂ ସୋନି ରାଜଦାନଙ୍କ ଝିଅ। ତାଙ୍କ ମାଆ ସୋନି ବ୍ରିଟିଶ ବଂଶୋଦ୍ଭବ ଏବଂ ତାଙ୍କ ପାଖରେ ବ୍ରିଟିଶ ପାସପୋର୍ଟ ଅଛି । ଆଲିଆଙ୍କ ଜନ୍ମ ମୁମ୍ବାଇରେ ହୋଇଥିଲା । କିନ୍ତୁ ତାଙ୍କ ମାଆଙ୍କ ଯୋଗୁଁ ତାଙ୍କ ପାଖରେ ବ୍ରିଟିଶ ପାସପୋର୍ଟ ଅଛି। ଆମେରିକୀୟ-କାନାଡିଆନ ଅଭିନେତ୍ରୀ ସନ୍ନି ଲିଓନି । ସେ ଭାରତରେ ଜନ୍ମ ହୋଇଥାଇପାରନ୍ତି । କିନ୍ତୁ ସନ୍ନି ଲିଓନିଙ୍କ ପାଖରେ କାନାଡା ଏବଂ ଆମେରିକାର ଦ୍ୱୈତ ନାଗରିକତା ଏବଂ ପାସପୋର୍ଟ ଅଛି। ବଲିଉଡ୍ କୁଇନ୍ କାଟ୍ରିନା କୈଫ୍ । ତାଙ୍କର ଜନ୍ମ ହଂକଂରେ ହୋଇଥିଲା । ତାଙ୍କା ମାତା ପିତା କାଶ୍ମୀରୀ ଏବଂ ବ୍ରିଟିଶ । ଅଭିନେତ୍ରୀଙ୍କ ମାଆଙ୍କ କାରଣରୁ କ୍ୟାଟଙ୍କ ପାଖରେ ରହିଛି ବ୍ରିଟିଶ ନାଗରିକତା । ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ । ବଲିଉଡରେ ଅନେକ ପ୍ରସିଦ୍ଧ ପ୍ରୋଜେକ୍ଟରେ କାମ କରିଛନ୍ତି । ତାଙ୍କ ପାଖରେ ଶ୍ରୀଲଙ୍କାର ପାସପୋର୍ଟ ଅଛି। ଅମୀର ଖାନଙ୍କ ଭଣଜା ଏବଂ ଜାନେ ତୁ ୟା ଜାନେ ନା ଅଭିନେତା ଇମ୍ରାନ ଖାନ । ସେ ଭାରତରେ ନୁହେଁ ବରଂ ଆମେରିକାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପାଖରେ ଆମେରିକୀୟ ନାଗରିକତା ଅଛି। ନର୍ଗିସ ଫଖରୀ ଅନେକ ବଲିଉଡ ଫିଲ୍ମରେ କାମ କରିଛନ୍ତି । ଅଭିନେତ୍ରୀ ଆମେରିକାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପାଖରେ ଆମେରିକୀୟ ନାଗରିକତା ଅଛି।

ବଲିଉଡର ଡ୍ୟାନ୍ସିଂ ଡିଭା ନୋରା ଫତେହୀ । ଅଭିନେତ୍ରୀ କାନାଡାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପାଖରେ କାନାଡା ନାଗରିକତା ଅଛି। କାଲ୍କି କୋଚଲିନ୍ । ନିଜର ଦମ୍‌ଦାର ଅଭିନୟ ବଳରେ ବଲିଉଡରେ ସୃଷ୍ଟି କରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ଅଭିନେତ୍ରୀଙ୍କ ପାଖରେ ରହିଛି ଫରାସୀ ନାଗରିକତା । ଲିଷ୍ଟରେ ସାମିଲ ଅଛନ୍ତି ବଲିଉଡର ଟପ୍ ଅଭିନେତ୍ରୀ ଦୀପିକା ପାଦୁକୋନ । ଅଭିନେତ୍ରୀଙ୍କ ଜନ୍ମ ଭାରତରେ ନୁହେଁ, ଡେନମାର୍କରେ ହୋଇଥିଲା । ତେଣୁ ତାଙ୍କ ପାଖରେ ଡେନମାର୍କ ପାସପୋର୍ଟ ଅଛି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ମ୍ୟୁନିସିପାଲଟି ର ଜଣେ କାଉନସିଲର ମୁରଲୀ କ୍ରୀଷ୍ଣା ନିଜର ତିନିବର୍ଷର ପ୍ରାପ୍ୟ ଦଶହଜାର ଟଙ୍କା ରେଡକ୍ରସ ଓଡିଶା ପାଣ୍ଠିକୁ ଦାନ କରିଛନ୍ତି । ମାନବିକତା ହେଉଛି ଶ୍ରେଷ୍ଠ ଧର୍ମ ଏହା ପ୍ରମାଣ କରି ଦେଖେଇଛନ୍ତି ମୁରଲୀ କ୍ରୀଷ୍ଣା । ବିଗତ ତିନିବର୍ଷ ମଧ୍ୟରେ ନବରଙ୍ଗପୁର ମ୍ୟୁନୁସିପାଲିଟି ଦ୍ୱାରା ପାଇଥିବା ଦଶ ହଜାର ଟଙ୍କା ଜିଲ୍ଲା ରେଡ୍‌କ୍ରସ ପାଣ୍ଠିକୁ ଦାନ କରି ଉଦାହରଣ ପାଲଟିଛନ୍ତି । ଅନେକ ସମୟରେ ନିଜର ସମାଜସେବା ଦ୍ୱାରା ନବରଙ୍ଗପୁର ଜିଲ୍ଲାରେ ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିଥିବା ନବରଙ୍ଗପୁର ମ୍ୟୁନିସିପାଲିଟିର ୫ନମ୍ବର ୱାର୍ଡର କାଉନସିଲର ମୁରଲୀ କ୍ରିଷ୍ଣା । ନବରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଚେୟାରମ୍ୟାନ କୁନୁ ନାୟକ ଓ କାର୍ଯ୍ୟନିର୍ବାହୀ ସମରେଶ ମହାନ୍ତିଙ୍କୁ ଭେଟି ଦଶହଜାର ଟଙ୍କା ଜିଲ୍ଲା ରେଡ୍‌କ୍ରସ ପାଣ୍ଠିକୁ ଦାନ କରିଛନ୍ତି । ପ୍ରକାଶ ଥାଉକି ପୂର୍ବରୁ ମଧ ମୁରଲୀ କ୍ରିଷ୍ଣା ଅନେକ ସାମାଜିକ କାର୍ଯ୍ୟ କରିଆସୁଛନ୍ତି । ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ ଜନସାଧାରଣରେ ଭୁୟସୀ ପ୍ରଶଂସା କରାଯାଉଛି ।

# ସଫେଇ ହେଉନି ଡ୍ରେନ, ସହରବାସୀ ହେବେ ଜଳବନ୍ଦୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହରବାସୀ ଏବେ ଡ୍ରେନେଜ୍ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ବେଳେ ଅନେକ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି । କେନ୍ଦୁଝରଗଡ ପୌରପାଳିକାରେ ନା ପରିମଳ ବ୍ୟବସ୍ଥା ସୁଧୁରୁଛି ନା ସହରର ଡ୍ରେନେଜ ବ୍ୟବସ୍ଥା ସୁଧୁରୁଛି ନା ସହରର ଡ୍ରେନେଜ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହେଉଛି । ବର୍ଷାଦିନ ପୂର୍ବରୁ ସହର ଭିତରେ ଡ୍ରେନ ସଫା ହେଉନି । ବର୍ଷାହେଲେ ଡ୍ରେନ ଜାମ ହୋଇ ଅନେକ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟିକରୁଛି । ଫଳରେ ଏହାକୁ ନେଇ ଏବେଠାରୁ ଅନେକ ୱାର୍ଡର ଲୋକ ଛାନିଆ ହେଲେଣି । କେନ୍ଦୁଝରଗଡ ପୌର ପାଳିକାର ମାଷ୍ଟରପ୍ଲାନ ଏରିଆର ୨୭ଟି ମୌଜାରେ ଥିବା ମାହାରା, ପ୍ରାକୃତିକ ନାଳ ଅବରୋଧ ହୋଇ ରାସ୍ତା ଏବଂ ବେଆଇନଘର ନିର୍ମାଣ ହେଉଥିବାରୁ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଛି ଏବଂ ମଶାବଂଶ ବୃଦ୍ଧି ହେବାରେ ସହାୟକ ହେଉଛି । ଅଧିକାଂଶ ୱାର୍ଡରେ ଥିବା ପ୍ରାକୃତିକ ନାଳ, ମାହାରା ସଫା କରାଯାଉନି କି ଜବରଦଖଲ ମୁକ୍ତ କରାଯାଉ ନଥିବାରୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି କରୁଛି । କେନ୍ଦୁଝର ସହରରେ ତ୍ରୁଟିଯୁକ୍ତ ଡ୍ରେନ ନିର୍ମାଣ ଓ ପାର୍କିଂ ଯୋଗୁଁ ଏହା ମରଣଯନ୍ତାରେ ପରିଣତ ହୋଇଛି । ନୂଆ ନୂଆ କଲୋନୀ ଜନବସତି ଗଢି ଉଠୁଛି । କିନ୍ତୁ ଡ୍ରେନ ନ ଥାଇ ଘର ନିର୍ମାଣ ହେଉଛି । ବିଲ୍ଡିଂ ପ୍ଲାନ ମଞ୍ଜୁର ସମୟରେ ଏସବୁ ପ୍ରତି ଦୃଷ୍ଟି ଦିଆଯାଉ ନାହିଁ ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି । ସହରବାସୀଙ୍କ ଠାରୁ ୟୁଜର ଫି ବାବଦ ଟଙ୍କା ଆଦାୟ କରୁଥିବା ବେଳେ ଲୋକଙ୍କୁ ସେବା ଦେବାରେ ବିଫଳ ହୋଇଛି ବୋଲି ଆଇନଜୀବି ଅଶୋକ ଦାସ ପ୍ରକାଶ କରିଛନ୍ତି । ସଫେଇ ଠିକ୍ ଭାବରେ ଏବଂ ନିୟମିତ ହେଉନଥିବାରୁ ରାସ୍ତା କଡରେ କୁଢକୁଢ ଆବର୍ଜନା ପଡି ରହୁଛି । ସେହିପରି ଡମ୍ପିଂୟାର୍ଡ ନଥିବାରୁ ଜାତୀୟ ରାଜପଥ ୨୦ର ପାର୍ଶ୍ୱବର୍ତ୍ତୀ ସିହ୍ନମ ନିକଟରେ ଦିନେଦିନ ଅଳିଆ ଆବର୍ଜନା ପକାଯାଉଛି । ସେଠାରେ ଜମା ହୋଇଥିବା ବର୍ଜ୍ୟବସ୍ତୁରେ ନିଆଁ ଲଗାଇ ଦିଆଯାଉ ଥିବାରୁ ଚାରିଆଡେ ଉତ୍କଟ ଗନ୍ଧ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି । ଡ୍ରେନ ଜଳ ନିଷ୍କାସନ ବ୍ୟବସ୍ଥା ନ ଥାଇ ଅନେକ ୱାର୍ଡରେ ଡ୍ରେନ ନିର୍ମାଣ ହେଉଛି । ଫଳରେ ବର୍ଷା ସମୟରେ ଜଳ ନିଷ୍କାସନ ହୋଇ ନପାରି ଘରେ ଅଳିଆ ଆବର୍ଜନା ପାଣି ପଶୁଛି । ଅନେକ ସ୍ଥାନରେ ଡ୍ରେନ ଜବରଦଖଲ ସାଙ୍ଗକୁ କୁଢକୁଢ ଆବର୍ଜନା ପଡିଛି । ଯାହା ଆଗାମୀ ମୌସୁମୀ ବର୍ଷାରେ ସହର ବାସୀଙ୍କୁ କନ୍ଦାଇବ । ସଫେଇ ଠିକାଦାର କେବଳ ରାସ୍ତାରୁ ଅଳିଆ ଆବର୍ଜନା ସଫେଇ କରୁଥିବାବେଳେ ଡ୍ରେନ ସଫେଇ କରୁନାହାଁନ୍ତି । ଅନେକ ଡ୍ରେନ ପୋତି ହୋଇଯାଇଥିବା ବେଳେ ଡ୍ରେନରୁ ମାଟି, ପଙ୍କ ଏବଂ ଅଳିଆ ଆବର୍ଜନା ସଫେଇ ହୋଇନଥିବାରୁ ବର୍ଷାଦିନରେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେବ । କେନ୍ଦୁଝର ସହରରେ ଡ୍ରେନରେ ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ଦିନେ ଲୋକ ଜଳବନ୍ଦୀ ହୋଇ ରହୁଛନ୍ତି । ବର୍ଷା ଜଳ ନିଷ୍କାସନ ହୋଇ ନପାରି ରାସ୍ତାଘାଟ ରେ ଯାଉଥିବାବେଳେ ସାହିବସ୍ତିରେ ଲୋକଙ୍କ ଘରେ ପାଣି ପଶୁଛି । ଏହା ବ୍ୟତୀତ କେନ୍ଦୁଝର ସହର ମଧ୍ୟରେ ଥିବା ରଙ୍ଗା ଦଦରା ଅବସ୍ଥାରେ ଥିବା ଡ୍ରେନ-କେନ୍ଦୁଝର ସହର ବାସୀଙ୍କ ମୁଖ୍ୟ ସମସ୍ୟା ହୋଇଥିବା ବେଳେ ଆଗାମୀ ବର୍ଷାଦିନ ପୂର୍ବରୁ ଏହାର ସୁବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି । କେନ୍ଦୁଝର ଜିଲ୍ଲାର ଏହି କେନ୍ଦୁଝର ଗଡ ପୌରପାଳିକା ଜିଲ୍ଲାର ସର୍ବପୁରାତନ ଓ ବଡ ପୌରାଂଚଳ ହୋଇଥିବାବେଳେ ସହରକୁ ଲାଗି ଜନବସତି ବା କଲୋନୀ ବୃଦ୍ଧି ପାଉଛି । କେନ୍ଦୁଝର ସହରାଞ୍ଚଳର ମାଷ୍ଟର ପ୍ଲାନ ଏରିଆରେ ଏହି ନୂତନ ଜନବସତି ଗୁଡିକ ବ୍ୟାପିଥିବା ବେଳେ ଏହି ସ୍ଥାନଗୁଡିକରେ ରାସ୍ତା, ଡ୍ରେନ, ଆଲୋକ, ପାନୀୟଜଳ ପରି ସୁବିଧା ନଥିବା ଏକ ସ୍ୱାଭାବିକ କଥା, ମାତ୍ର ଏଗୁଡିକୁ ପୌରପାଳିକା ମଧ୍ୟରେ ଅନ୍ତର୍ଭୁକ୍ତ କରି ଏବେକାର ସହରବାସୀ ଓ ନୂତନ ସହରବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି । ସହରର ବର୍ଷା ଜଳ ନିଷ୍କାସନ ସମସ୍ୟାକୁ ସମାଧାନ କରିବାକୁ ହେଲେ ପୂର୍ବରୁ ଯେଉଁ ଜାଗା ଦେଇ ଜଳ ପ୍ରବାହିତ ହେଉଥିଲା ତାହା ଚିହ୍ନଟ କରି ଆବଶ୍ୟକ ସ୍ଥଳେ ଜବରଦଖଲ ଉଚ୍ଛେଦ କରି ଡ୍ରେନ ନିର୍ମାଣ କଲେ ସହରର ଡ୍ରେନେଜ ସମସ୍ୟା ଦୂର ହୋଇପାରିବ । ଓରେଠା ନିୟମ ଅନୁସାରେ ଜାଗା ବିକ୍ରି ସମୟରେ ୨୫ ଫୁଟର ରାସ୍ତା ଛାଡିବାର ନିୟମ ଥିଲେ ସହର ମଧ୍ୟରେ ଜମି ବିକ୍ରି ସମୟରେ ଏହି ନିୟମକୁ ଅଧିକାଂଶ କ୍ଷେତ୍ରରେ ଉଲ୍ଲଂଘନ କରାଯାଉଛି । କେନ୍ଦୁଝର ସହର ୭୪ବର୍ଷରୁ ଊର୍ଦ୍ଧ୍ୱ ସହର ହୋଇଥିବା ବେଳେ ଏହାର ବିକାଶ ହୋଇପାରି ନାହିଁ । ସରକାର ଏ ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

# ଅଚିହ୍ନା ବ୍ୟକ୍ତିର ମୃତଦେହ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ, ଚାନ୍ଦୁଆ ଥାନା ଅଧିନ ତିଳକା ଛକ ଖେଳ ପଡିଆ ପାର୍ଶ୍ୱରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ମୃତକଙ୍କ ପରିଚିତ ମିଳିନଥିବା ବେଳେ ମୃତକଙ୍କ ପାଖରୁ ଏକ ଲେଡିସ୍ ସାଇକେଲ ଉଦ୍ଧାର ହୋଇଛି ଓ ତାଙ୍କର ବୟସ ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ସୂଚନା ମୁତାବକ ସକାଳୁ ତିଳକା ଛକ ଖେଳପଡିଆ ପାର୍ଶ୍ୱରେ ସାଇକେଲ ସହିତ ଏକ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଚାନ୍ଦୁଆ ଥାନାକୁ ଖବର ଦେଇଥିଲେ । ଖବର ପାଇ ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତ ଓ ଜମ୍ବୀରା ଫାଣ୍ଡି ଅଧିକାରୀ ରମେଶ ମାଝୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଓ ସାଇକେଲ ଜବତ୍ କରିଥିଲେ । ମୃତକଙ୍କ ପରିଚୟ ମିଳି ପାରିନଥିବାରୁ ଶୁଳିଆପଦା ସହକାରୀ ତହସିଲଦାର ଭୁବନାନନ୍ଦ ନାଏକଙ୍କ ଉପସ୍ଥିତିରେ ପଞ୍ଚନାମା କରାଯିବା ପରେ ଫାଣ୍ଡି ଅଧିକାରୀ ମାଝୀ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି । ଏନେଇ ଚାନ୍ଦୁଆ ଥାନା କେସ୍ ନଂ.୧୯ରେ ମାମଲା ରୁଜୁ କରି ମୃତକଙ୍କ ପରିଚୟ ସ୍ପଷ୍ଟ କରିବାକୁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଉକ୍ତ ବ୍ୟକ୍ତି ଜଣଙ୍କର ମସ୍ତିଷ୍କ ବିକୃତ ଥାଇପାରେ ଓ ସେ ୨-୩ ଦିନ ଧରି ସେହି ଅଞ୍ଚଳରେ ଘୁରୁଥିଲା ।

# ପରଜଙ୍ଗ ଓ ବାରିହାପୁର କଲେଜର +୨ ପରୀକ୍ଷାଫଳ ପ୍ରକାଶିତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ କଲେଜରେ ବିଜ୍ଞାନ ବିଭାଗରେ ମୋଟ ୨୫୪ଜଣ +୨ରେ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨୮ଜଣ, ଦ୍ୱିତୀୟ ଶ୍ରେଣୀରେ ୫୨ଜଣ, ତୃତୀୟ ଶ୍ରେଣୀରେ ୧୭ଜଣ ପାସ କରିଥିବା ବେଳେ ୭ଜଣ ଫେଲ ହୋଇଛନ୍ତି । ବିଜ୍ଞାନରେ ଅର୍ପିତାମାନ ପ୍ରଧାନ ୫୫୧ନମ୍ବର କଲେଜରେ ସର୍ବୋଚ୍ଚ ନମ୍ବର ରଖିଛନ୍ତି । ବାଣିଜ୍ୟ ବିଭାଗରେ ମୋଟ ୧୧ଜଣ ପରୀକ୍ଷା ଦେଇଥିବା ବେଳେ, ଜଣେ ଫେଲ ହୋଇଛନ୍ତି । କଳା ବିଭାଗରେ ମୋଟ ୨୩୨ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୩୫ଜଣ, ଦ୍ୱିତୀୟ ଶ୍ରେଣୀରେ ୫୧ଜଣ, ତୃତୀୟ ଶ୍ରେଣୀରେ ୧୧୧ଜଣ ପାସ କରିଥିବା ବେଳେ ୩୫ଜଣ ଫେଲ ହୋଇଛନ୍ତି । ଜ୍ୟୋତିର୍ମୟୀ ପ୍ରଧାନ କଲେଜର ସର୍ବୋଚ୍ଚ ୪୭୬ନମ୍ବର ରଖିଥିବା କଲେଜ ପକ୍ଷରୁ ସୂଚନା ମିଳିଛି । ସେହିପରି ବାରିହାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର + ୨ ପରୀକ୍ଷାଫଳ ପ୍ରକାଶିତ ହୋଇଛି । ଉକ୍ତ କଲେଜରୁ ୬୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ଏମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ ଜଣ, ତୃତୀୟ ଶ୍ରେଣୀରେ ୨୪ ଜଣ ପରୀକ୍ଷାର୍ଥୀ ପାସ କରିଥିବା ବେଳେ ୪ ଜଣ ଫେଲ୍ ହୋଇଥିବା ଜଣାପଡିଛି । ଯାହାଫଳରେ କଲେଜରେ ପାସ ହାର ୯୪ ପ୍ରତିଶତ ରହିଛି ବୋଲି ନୂତନ ଭାବେ ଦାୟିତ୍ୱ ନିର୍ବାହ କରିଥିବା କଲେଜ ଅଧ୍ୟକ୍ଷ ଶାରଦା ପ୍ରସନ୍ନ କବି (ବାବି) ସୂଚନା ଦେଇଛନ୍ତି ।

# ଯୁକ୍ତ୨ ବିଜ୍ଞାନରେ ଜିଆଇଇଟିର ଅଭୂତପୂର୍ବ ସଫଳତା



ବଡ଼ଚଣା, (ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ +୨ବିଜ୍ଞାନ ପରୀକ୍ଷାରେ ଚଣ୍ଡିଖୋଲ ସ୍ଥିତ ଜିଆଇଇଟି ଆବାସିକ ବିଦ୍ୟାଳୟ ଅଭୁତ ପୂର୍ବ ସଫଳତା ହାସଲ କରିଛି । ମୋଟ ୨୧୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିମଧ୍ୟରୁ ୨୧୦ଛାତ୍ରଛାତ୍ରୀ କୃତ କାର୍ଯ୍ୟ ହୋଇଛନ୍ତି । ଛାତ୍ରୀ ସ୍ମୃତି ସ୍ମରଣିକା ସାମଲ ୫୫୬ ନମ୍ବର (୯୨.୬୭ଶତକଡ଼ା)ରଖି ବିଦ୍ୟାଳୟରେ ଟପ୍ପର ହୋଇଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ୯୦ଶତକଡ଼ା ନମ୍ବର ରଖି ଥିବା ବେଳେ ୧୭୦ଜଣ ଛାତ୍ର ଛାତ୍ରୀ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ୩୧ଜଣ ଛାତ୍ରଛାତ୍ରୀ ୫୦୦ ଶହରୁ ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟ ରଞ୍ଜନ ସେନାପତି ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଇକବାଲ, ଶିକ୍ଷା ନିର୍ଦ୍ଦେଶକ ସଚ୍ଚିତ୍ର ଦାସ, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଦହପାଣିଆ ହାଇସ୍କୁଲରେ ଏନ୍‌ସିସିର ପ୍ରଶିକ୍ଷଣ ଶିବିର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ବ୍ଲକ ବାରୋ ପଞ୍ଚାୟତ ସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲ ପରିସରରେ ୭ମ ଓଡ଼ିଶା ଏନସିସି ବାଟାଲିଆନର ଦ୍ୱିତୀୟ ପର୍ଯ୍ୟାୟ ଦଶଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ଏହାର ସପ୍ତମ ଦିବସରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଲେଫ୍ଟନାଣ୍ଟ ଆଶିଷ କୁମାର ପଣ୍ଡାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ରାଜ୍ୟ ଏନସିସି ପ୍ରମୁଖ ଡେପୁଟି ଡିରେକ୍ଟର ଜେନେରାଲ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାଡେଟମାନଙ୍କୁ କହିଥିଲେ ଯେ, କଠିନ ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଏ । ଛାତ୍ରଛାତ୍ରୀମାନେ ମୋବାଇଲ ଦେଖିବା ଉପରେ ଗୁରୁତ୍ୱ ନଦେଇ ସେହି ସମୟରେ କ୍ରୀଡ଼ା ପ୍ରତି ମନୋନିବେଶ କଲେ ଭବିଷ୍ୟତରେ ଜଣେ ଜଣେ ଭଲ ଖେଳାଳି ହୋଇପାରିବେ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ କ୍ୟାମ୍ପ କମାଣ୍ଡର ଲେଫ୍ଟନାଣ୍ଟ ଶୈଳେନ୍ଦ୍ର ସିଂ ରଘୁବଂଶୀ, ସୁବେଦାର ମେଜର ଯଶୋବନ୍ତ ସିଂ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନତ କୁମାର ବେହେରା, ସରପଞ୍ଚ ଉଦ୍ଧବ ଚରଣ ନାୟକ, ବିଜ୍ଞାନ ଶିକ୍ଷକ କାଳିପଦ ଦାସ ଉପସ୍ଥିତ ଥିଲେ । ଏହି ଅବସରରେ ଏନସିସିର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କ୍ୟାଡେଟ ମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ହାଇସ୍କୁଲର ପ୍ରଧାନ ଶିକ୍ଷକ ବେହେରାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ତାଲିମ ଶିବିରରେ ଭଦ୍ରକ-ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାର ଥିବା ବିଭିନ୍ନ ସ୍କୁଲ ଓ କଲେଜର ୫୫୦ଜଣ ଏନସିସି କ୍ୟାଡେଟ ମାନେ ଅଂଶଗ୍ରହଣ କରିଛନ୍ତି । ଏହି ତାଲିମ ଶିବିରର କ୍ୟାଡେଟମାନେ ଆରଡ଼ି ସ୍ଥିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର, ତାଳପଦା ସ୍ଥିତ କାନ୍ତକବି ସମାଧିପୀଠରେ ସଫେଇ କାର୍ଯ୍ୟ କରିଥିଲେ । ଡେପୁଟି କମାଣ୍ଡର ମେଜର ଡ. ପରେଶ କୁମାର ଦାସ, ଏମଡି କାଲାମୁଦ୍ଦୀନ, ଅଜୟ କୁମାର ସାହୁ, ମାନସ କୁମାର ସାହୁ, ପ୍ରଦୀପ କୁମାର ଜେନା, ରଶ୍ମିରଂଜନ ଦାସ, ସସ୍ମିତା ମଲ୍ଲିକ, ଜିସିଆଇ ଅଭିଲିପ୍ସା ପାଢ଼ୀ, ସିଟିଓ ଅଜିତ୍ ପରମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

# ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀମାନଙ୍କର ସଫଳତା

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଓଡିଶା ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷା-୨୦୨୪-୨୫ ଶିକ୍ଷା ବର୍ଷର ସଦ୍ୟତମ ପ୍ରକାଶିତ ଫଳାଫଳ ଅନୁସାରେ ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳାସ୍ରୋତର ପରୀକ୍ଷାର୍ଥୀନୀ ଗଣ ଆଶାନୁ ରୂପକ ୭୮% ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟକୁ ଗୌରବ ଆଣି ଦେଇଛନ୍ତି । ଏଥିପାଇଁ ବିଦ୍ୟାଳୟର ଅଧକ୍ଷା ମାମିରାଣୀ ମହାନ୍ତି କୃତିତ୍ୱ ହାସଲ କରିଥିବା ସମସ୍ତ ପରୀକ୍ଷାର୍ଥୀନୀଙ୍କୁ ବିଦ୍ୟାଳୟ ତରଫରୁ ଅଭିନନ୍ଦନ ଜଣାଇଛନ୍ତି । ସମୁଦାୟ ୯୧ ଜଣ ରେଗୁଲାର ଓ ଏକ୍ସରେଗୁଲାର ପ୍ରକ୍ରିୟାରେ ପରୀକ୍ଷା ଦେଇଥିବା ବେଳେ ୨୯ ଜଣ ପ୍ରଥମ ଶ୍ରେଣୀରେ, ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ ୨୦ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ତାପସୀ ମହାନ୍ତି ୫୧୬ (୮୬%), ଅଞ୍ଜନା ମହାନ୍ତି ୪୯୩ (୮୨%) ଓ ରାଜଲକ୍ଷ୍ମୀ ସାହୁ ୪୮୫ (୮୧%) ନମ୍ବର ରଖି ସମଗ୍ର ବିଦ୍ୟାଳୟରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏଭଳି ସଫଳତା ପାଇଁ ପରୀକ୍ଷାର୍ଥୀନୀଗଣ ବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ-ଅଧ୍ୟାପିକା,ଅଣଶିକ୍ଷକ କର୍ମଚାରୀ ଗଣ, ପିତାମାତା ଏବଂ ଶୁଭେଚ୍ଛୁମାନଙ୍କୁ ଶ୍ରେୟ ପ୍ରଦାନ କରିଅଛନ୍ତି ।

# ବକ୍ସ ସେଲ୍ କଲଭର୍ଟ ଓ ଅପ୍ରୋଚ ରୋଡ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର-କ୍ଷେଣ୍ଟପୁର ଭାୟା ଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ାଗଣ୍ଡ ନାଳ ଉପରେ ନିର୍ମାଣାଧୀନ କଲଭର୍ଟ ନିର୍ମାଣ ସହ ତା ଉପରେ କଂକ୍ରିଟରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି । କଲଭର୍ଟର ଫାଉଣ୍ଡେସନ କାମ ଅତି ନିମ୍ନମାନର ହେଉଥିଲା ବୋଲି ସେତେ ବେଳେ ଦୋବଲ ବାସିନ୍ଦା ଜିଲ୍ଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କିମ୍ବା କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ନିର୍ମାଣକାର୍ଯ୍ୟ କରିବା ଲାଗି ଲୋକେ ଦାବି ଜଣାଇଥିଲେ ମାତ୍ର ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଇନଥିଲେ । ଏବେ ଦୀର୍ଘଦିନ ପରେ ସେଠାରେ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି ଯାହାକି ନିମ୍ନମାନର କାମ ହେଉଛି । ପ୍ରକାଶ ଥାଉକି ଧାମନଗରରୁ କ୍ଷେଣ୍ଟପୁରକୁ ଲମ୍ବିଥିବା ଅନ୍ୟାନ୍ୟ ଜିଲ୍ଲା ସଡ଼କ (ଓଡିଆର)ର ଘୋଡ଼ାଗଣ୍ଡ ନାଳପାଖରେ ସାମାନ୍ୟ ବର୍ଷା ହେଲେ ପାଣି ଜମିଯାଇ ରାସ୍ତା ବୁଡ଼ି ଯାଉଥିଲା । ବର୍ଷା ଓ ବନ୍ୟା ସମୟରେ ଏଠାରେ ବନ୍ୟା ପାଣି ପ୍ରବାହିତ ହେଉଥିଲା । ବୈତରଣୀ ଓ ଗେଙ୍ଗୁଟିରେ ବଡ଼ ବନ୍ୟା ହେଲେ ନାଳବାଟେ ବନ୍ୟା ଜଳ ନିଷ୍କାସନ ହୋଇଥାଏ । ଦୀର୍ଘବର୍ଷ ହେଲା ଏ ସମସ୍ୟା ଥିବାରୁ ଘୋଡ଼ାଗଣ୍ଡ ନାଳ ଉପରେ ପୁରୁଣା ହୋମପାଇପ କଲଭର୍ଟକୁ ଭାଙ୍ଗି ନୂଆ କଲଭର୍ଟ କିମ୍ବା ପୋଲ କରିବାକୁ ଦାବି ହୋଇ ଆସୁଥିଲା । ବିଭାଗୀୟ ଅଧିକାରୀଙ୍କ ସର୍ବେକ୍ଷଣ ପରେ ଘୋଡ଼ାଗଣ୍ଡନାଳର ଅବସ୍ଥିତି ଦୃଷ୍ଟିରୁ ସେଠାରେ ବକ୍ସସେଲ କଲଭର୍ଟ କରିବାକୁ ସମ୍ପୂର୍ଣ୍ଣ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା । ରାଜ୍ୟ ସରକାର ଏହାକୁ ଗ୍ରହଣ କରି ଟେଣ୍ଡର ଆହ୍ୱାନ କରିଥିଲେ । କଲଭର୍ଟ ପାଇଁ ୧ କୋଟି ୮୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେଠାରେ ପୂର୍ବରୁ ଆଉ କିଛି ପୁରୁଣା ହ୍ୟୁମ୍ ପାଇପକୁ ନଉଠାଇ ତା' ଉପରେ ଫାଉଣ୍ଡେସନ ଲେୟାର କରାଯାଇଛି । ଖାଲି ଏତିକି ନୁହେଁ, ଯେଉଁ ସ୍ଥାନରେ ଫାଉଣ୍ଡେସନ ଲେୟାର କରାଯାଉଛି, ତାହା ମଧ୍ୟ ନିମ୍ନମାନର କରାଯାଇଛି । ଫାଉଣ୍ଡେସନ ଲେୟାର କାମ ଏମ୍-୧୫ ଗ୍ରେଡ୍ ବା ୧:୨:୪ ଅନୁପାତରେ କଂକ୍ରିଟ ହେବା କଥା । ହେଲେ ପେଟି ଠିକାଦାର ଏହାକୁ ୧:୪:୮ରେ କରିଥିଲେ । ଘୋଡ଼ାଗଣ୍ଡ ନାଳର ତଳଭାଗଟି ସମ୍ପୂର୍ଣ୍ଣ ଭାବେ କଳାମାଟି । ଏଣୁ ଏଠାରେ ଫାଉଣ୍ଡେସନ କାମ କରିବାବେଳେ କଂକ୍ରିଟ ଅନୁପାତକୁ ଅଧିକ ଗୁରୁତ୍ୱ ଦେବାକଥା । ତା' ଛଡ଼ା ବକ୍ସ ସେଲ୍ କଲଭର୍ଟ ନିର୍ମାଣ ଲାଗି ଆଇଆରସି: ୧୩-୨୦୦୪କୁ ଅନୁସରଣ କରିବା ଲାଗି କୁହାଯାଇଥିଲା ତାହାବି କରାଯାଇନାହିଁ । ହେଲେ ଠିକାଦାର ନିଜ ମନଇଚ୍ଛା କାମ କରୁଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି । ହେଲେ ସେହି କଲଭର୍ଟରେ ଏବେ ଅପ୍ରୋଜ ରୋଡ ନିର୍ମାଣ କରା ଯାଉଛି ଯାହାକି ଅତି ନିମ୍ନମାନର କାମ କରାଯାଉଛି । ସେଠାରେ ପ୍ରଖର ବନ୍ୟା ସ୍ରୋତ ହୁଏ ହେଲେ କଂକ୍ରିଟ କାମ୍ ବେଳେ ରଡ ବ୍ୟବହାର କରା ଯାଉନାହିଁ ରାସ୍ତା ମେଟାଲ ବି ଦିଆଯାଉନାହିଁ । ଏପରି କି ତଳେ ଡଷ୍ଟ ଦେଇ ର ଠ କି କାମ କରା ଯାଉଛି । ନିମ୍ନ ମାନର ସିମେଣ୍ଟ ସହ ଭାଗ ମାପ ବି ଠିକ ଦିଆଯାଉନାହିଁ । ସବୁଠାରୁ ବଡକଥାହେଲା କାମ ନିକଟରେ ସରକାରୀ ଅଧିକାରୀ ବି ଉପସ୍ଥିତ ରହୁ ନଥିବାରୁ ଠିକାଦାର ନିଜ ମର୍ଜିରେ କାମ କରୁଛନ୍ତି । ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ଦିଗରେ କନିଷ୍ଟ ଯନ୍ତ୍ରୀଙ୍କ ସହ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା ।

# ଦେବୀନଦୀ ଅଞ୍ଚଳରୁ କଙ୍କଡା ଚାଲାଣ ବୃଦ୍ଧି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଜଙ୍ଗଲ ଓ ଦେବୀ ନଦୀ ପଠାରେ ଗାତରେ ରହୁଥିବା କଙ୍କଡା ହୋଟେଲ ରେ ଗ୍ରାହକ ମାନଙ୍କର ପ୍ରଥମ ପସନ୍ଦ । ଏଥିପାଇଁ ବିଭିନ୍ନ ଉପାୟରେ କଙ୍କଡା ବ୍ୟବସାୟୀମାନେ ଗଳାବାଟ ଦେଇ ଜଙ୍ଗଲ ଓ ନଦୀପଠାରୁ କଙ୍କଡା ଧରୁଛନ୍ତି । ତେବେ କେତେକ ଲୋକ ବିନା ଅନୁମତିରେ କଙ୍କଡା ଗୁଡିକୁ ଧରିବା ପରେ ଡ଼ଙ୍ଗାରେ ଆଣି ବ୍ୟବସାୟୀଙ୍କୁ ଦେଉଛନ୍ତି । ଏହି ରାକେଟରେ ବଡ଼ବଡ଼ କଙ୍କଡା ବ୍ୟବସାୟୀ ରହିଛନ୍ତି । ସେମାନେ ସ୍ଥାନୀୟ ଗରିବ ଓ ଅବହେଳିତ ଶ୍ରେଣୀର ଲୋକମାନଙ୍କୁ ଦିନ ମଜୁରିଆ ହିସାବରେ ଡ଼ଙ୍ଗା ଦ୍ୱାରା ନିଷିଦ୍ଧାଞ୍ଚଳକୁ ପଠାଇଥାନ୍ତି । ସମ୍ପୃକ୍ତ ବ୍ୟକ୍ତି ମାନେ କଙ୍କଡା ଧରିବା ପରେ ସନ୍ଧ୍ୟାପୂର୍ବରୁ ପୁଣି କୂଳକୁ ଫେରି ଆସିଥାନ୍ତି । ସେଠାରେ କଙ୍କଡା ବ୍ୟବସାୟୀ ମାନେ ଅପେକ୍ଷା କରି ରହୁଥାନ୍ତି । ଏହା ପରେ ଏହି କଙ୍କଡା ଗୁଡିକୁ ଫିସାରୀ କୁ ନିଆଯାଇଥାଏ । ଏଠାରେ କଙ୍କଡା ଗୁଡିକର ଓଜନ ଓ ଗ୍ରେଡେସନ କରାଯିବା ପରେ ପ୍ୟାକିଂ କରି ସୁରକ୍ଷିତ ସ୍ଥାନରେ ରଖିଥାନ୍ତି । ପରେ ଅସ୍ତରଙ୍ଗରୁ ବସ ଯୋଗେ କଲିକତା, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି । ଏସବୁ ପ୍ରକ୍ରିୟା ଦୀର୍ଘବର୍ଷ ଧରି ଚାଲୁରହିଛି । ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଛୁରିଆନା, ନଗର, ଝାଡ଼ଲିଙ୍ଗ, ଶିଶୁଅ ଆଦି ପଂଚାୟତରେ ଅନେକ କଙ୍କଡା ବ୍ୟବସାୟୀ ବୃଦ୍ଧି ପାଇଚାଲିଛି । ଯାହା ଫଳରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ମଧ କଙ୍କଡା ଗୁଡିକ ବିକ୍ରୟ ହେଉଥିବାର ଦେଖିବାକୁ ମିଳିଛି । କଙ୍କଡା ଜଳରେ ବାସ କରୁଥିବା ବେଳେ ଆବର୍ଜନା ଖାଇ ସଫା କରିଦେଇଥାଏ । ଏପରିକି ତରଳ ଅପରିଷ୍କାର ଜିନିଷ ଗୁଡିକ ମଧ ଖାଇବା ଦ୍ୱାରା ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥାଏ । ଓଡିଶା ବାହାରେ ଅସ୍ତରଙ୍ଗ ଅଞ୍ଚଳ କଙ୍କଡା କିଲୋ ପିଛା ୧ହଜାର ରୁ ଦେଢ଼ ହଜାର ଟଙ୍କାରେ ବିକ୍ରୟ ହୋଇଥାଏ । ଦିନକୁ କୁଇଣ୍ଟାଲ କୁଇଣ୍ଟାଲ କଙ୍କଡା ବାହାର ରାଜ୍ୟ କୁ ଚାଲାଣ ହେଉଥିବା ବେଳେ ସମ୍ପୃକ୍ତ ମାଫିଆ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ପରିବେଶବିତି ନାମ ଗୋପନ ରଖି କହିଛନ୍ତି ଅସ୍ତରଙ୍ଗବ୍ଲକ ଅଞ୍ଚଳ କିଛି ଗୋଷ୍ଠୀ କଙ୍କଡା ବଂଶ ନିପାତ ପାଇ ସକ୍ରିୟ ହୋଇ ପଡିଛନ୍ତି । କଙ୍କଡା ବଂଶକୁ ସୁରକ୍ଷା ଦେବା ପାଇ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ବୋଲି କହିଛନ୍ତି ।

# ରବି ଖରିପ ଧାନମଣ୍ଡିର ଶୁଭାରମ୍ଭରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବଡ଼ ଆମ୍ବଡା ଠାରେ ରବି ଖରିପ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି । କୋଷାଗୁମୁଡା ବ୍ଲକ, ଡାବୁଗାଁ ବ୍ଲକ ଓ ପାପଡାହାଣ୍ଡି ବ୍ଲକର ପ୍ରାୟ ୩୫୫ଜଣ ପଞ୍ଜିକୃତ ଚାଷୀ ଏହି ରବି ଧାନ ମଣ୍ଡିରେ ଧାନ ବିକ୍ରି କରିବେ । ଏହି ରବି ଖରିପ ଧାନ ମଣ୍ଡି ବଡ଼ଆମ୍ବଡା ସ୍ଥିତ ଦୈନିକ ବଜାର ନିୟନ୍ତ୍ରଣ କମିଟି ପ୍ରାଙ୍ଗଣରେ ଚଳିତ ବର୍ଷ ଶୁଭାରମ୍ଭ କରିଛନ୍ତି । ମା ମଙ୍ଗଳା ପାଣିପଞ୍ଚାୟତ, ଉକିଆପାଲିକୁ ଚଳିତ ବର୍ଷ ରବି ଧାନମଣ୍ଡିରେ ୩ହଜାର କ୍ୱିଣ୍ଟାଲ କ୍ରୟ କରିବାକୁ ଥିବାବେଳେ ରାମା ରାଇସ ମିଲ-କୋଷାଗୁମୁଡା ଓ ଲିଙ୍ଗରାଜ ରାଇସମିଲ, ଦୁରାଗାଁ ଏହି ଧାନ କ୍ରୟ କରିବେ ବୋଲି ଜଣାପଡିଛି । ଆଗକୁ ଏହି ପରିମାଣ ପ୍ରାୟ ୧୦ହଜାର କ୍ୱିଣ୍ଟାଲରେ ପହଞ୍ଚିବ ବୋଲି ପାଣି ପଞ୍ଚାୟତ ଆକଳନ କରିଛି । ଜିଲ୍ଲାର ଆର୍‌ଏମ୍‌ସି, ସିଏସ୍‌ଓ, ଏଆର୍‌ସିଏସ୍ ବିଭାଗ ଦ୍ୱାରା ଏହି ମଣ୍ଡି ପରିଚାଳିତ ହେଉଥିବା ବେଳେ ମଙ୍ଗଳବାର ଦିନ ଏହି କାର୍ଯ୍ୟକ୍ରମରେ ବ୍ଲକର ଭାଇସ ଚେୟାର ମ୍ୟାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କ ସମେତ ସ୍ଥାନୀୟ ମାନ୍ୟଗଣ୍ୟ ଲୋକଙ୍କ ଉପସ୍ଥିତିରେ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା । ହେଲେ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି କି; ପ୍ରତ୍ୟେକଥର ସ୍ଥାନୀୟ ଚାଷୀ, ଭଦ୍ରବ୍ୟକ୍ତି, ଗଣମାଧ୍ୟମଙ୍କୁ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କିମ୍ବା ସୂଚନା ଦେଉଥିଲେ । ଯାହାଫଳରେ ଅଞ୍ଚଳର ଚାଷୀ ଏବଂ ଜନସାଧାରଣ ମଣ୍ଡିର ଶୁଭାରମ୍ଭ ବିଷୟରେ ସୂଚନା ପାଉଥିଲେ । ବର୍ତ୍ତମାନ ଅଞ୍ଚଳରେ ଥିବା ଚାଷୀମାନେ ଏହି ଧାନମଣ୍ଡିର ଶୁଭାରମ୍ଭ ବିଷୟରେ ଜାଣି ଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ କୁ ମଧ୍ୟ ସୂଚନା ବିଭାଗ ପକ୍ଷରୁ ଦିଆ ଯାଇ ନଥିବାରୁ ଅଞ୍ଚଳରେ ଏକ ଅସନ୍ତୋଷ ଦେଖାଦେଇଛି । ଅଞ୍ଚଳ ର ବୁଦ୍ଧିଜୀବୀ ମହଲରେ ଏକ ଚର୍ଚ୍ଚା ହେଉଛି କି;ବିଭାଗ କାହା ସ୍ୱାର୍ଥ ହାସଲ ପାଇଁ କାମ କରୁଛି, ଚାଷୀ ନା ଦଲାଲ ପାଇଁ ! ବର୍ତ୍ତମାନ ବୁଦ୍ଧିଜୀବୀ, ଚାଷୀ ଓ ଗଣମାଧ୍ୟମ ଏହି କାର୍ଯ୍ୟକ୍ରମ କୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସରକାର ଙ୍କ ଦ୍ୱାରା ହେଉଥିବା ଜନ ମଙ୍ଗଳ କାର୍ଯ୍ୟ ରେ କିଛି ବିଭାଗୀୟ ଅଧିକାରୀ ଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଭାଗ ନିନ୍ଦା ର ପାତ୍ର ହେଉଛି ବୋଲି ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଛି ।

# ଚୋରା ବାଲି ଟ୍ରାକ୍ଟର ଜବତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ଗୁରୁବାର ଏକ ନମ୍ବରବିହୀନ ଚୋରା ବାଲି ପରିବହନକାରୀ ଟ୍ରାକ୍ଟର ଜବତ କରିବା ସହ ଚାଳକକୁ ଅଟକ ରଖିଥିବା ଜଣାଯାଇଛି । ଫାଣ୍ଡି ଅଧିକାରୀ ଦେବରାଜ ଜେନାଙ୍କ ନିର୍ଦ୍ଦେଶ କ୍ରମେ କନେଷ୍ଟବଳ ବିଚିତ୍ରାନନ୍ଦ ବେହେରା ନାଆମୀ ଗ୍ରାମ ଛକରୁ ଜବତ କରିଥିଲେ । କାଳନ୍ଦି ଦାସଙ୍କ ଏହି ଟ୍ରାକ୍ଟରକୁ ଫାଣ୍ଡିକୁ ଅଣାଯିବା ସହ ଚାଳକକୁ ଅଟକ ରଖାଯାଇଥିବା ଜଣାଯାଇଛି ।

# ବିପଦରେ ଆଦିବାସୀ ଅସ୍ମିତା, ଆଦିବାସୀଙ୍କ ହକ୍ ପାଇଁ ମାରିସାର ବଡ ଲଢ଼େଇ



ବାରିପଦା, (ଭାସ୍କର ନ୍ୟୁଜ୍): ଖୁଣ୍ଟା ବ୍ଲକ ଡେଙ୍ଗାମ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଡିଦର ଗ୍ରାମ ଦୁର୍ଗମ ଅଞ୍ଚଳ ରୂପେ ପରିଚିତ । ଏବେବି ଏହି ଅଞ୍ଚଳ ବିକାଶଠାରୁ ବହୁ ଦୂରରେ ରହିଛି । ବଣ ପାହାଡ଼ ଘେରା ଏହି ଅଞ୍ଚଳର ଅନେକ ସାହିକୁ ଏଯାଏଁ ରାସ୍ତା ନିର୍ମାଣ ହୋଇପାରି ନାହିଁ । ସରକାରଙ୍କ ଯୋଜନା ତାଙ୍କ ପାଖରେ ପହଞ୍ଚି ପାରୁନାହିଁ । ଗ୍ରାମବାସୀ ମାନେ ଯେପରି ମୌଳିକ ସୁବିଧା ପାଇପାରିବେ ସେଥିପ୍ରତି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ରାତ୍ରିଯାପନ କରିବାସହ ୨୦୦ ଶାଢ଼ୀ ଏବଂ ୧୪୮ଟି ଧୋତି, ଗଞ୍ଜି ଅସହାୟ ଲୋକଙ୍କୁ ବଣ୍ଟନ କରି ଗରିବଙ୍କ ସାଥି ହୋଇପାରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଜଙ୍ଗଲ ପାହାଡରୁ ଉଚ୍ଛେଦ ହେବେ ଜଡିଦର ଗ୍ରାମର ପାଖାପାଖି ୬୦ ଆଦିବାସୀ ପରିବାର । ଆଦିବାସୀଙ୍କୁ ସେମାନଙ୍କର ପାରମ୍ପରିକ ଜଙ୍ଗଲ ଜମି ଉପରେ ଆଇନଗତ ସ୍ୱୀକୃତି ପ୍ରଦାନ ପାଇଁ ୨୦୦୬ ମସିହାରେ ଆସିଥିଲା ଜଙ୍ଗଲ ଅଧିକାର ଆଇନ । ଜଙ୍ଗଲ ଭିତରେ ସମ୍ମାନ ଓ ସ୍ୱାଭିମାନ ସହ ବଞ୍ଚିବାର ଅଧିକାରକୁ ସ୍ୱୀକୃତି ଦେବା ଥିଲା ଏହାର ମୂଳ ଆଭିମୁଖ୍ୟ । ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଓ ସଂଶୋଧିତ ନିୟମାବଳୀ-୨୦୧୨ କାର୍ଯ୍ୟକାରୀ ହୋଇ ଏହାରି ମଧ୍ୟରେ ୧୬ ବର୍ଷ ବିତିଯାଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ୮ ହଜାର ୭୨୯ ରୁ ଅଧିକ ଆଦିବାସୀ ଓ ପାରମ୍ପରିକ ଆଦିବାସୀ ପରିବାର ଜଙ୍ଗଲ ଜମିରେ ନିଜର ଅଧିକାର ପାଇବାରୁ ବଞ୍ଚିତ । କେବଳ ମୟୂରଭଞ୍ଜ ଜିଲ୍ଲାରେ ନୁହେଁ ସମଗ୍ର ରାଜ୍ୟରେ ଆଦିବାସୀ ଶୋଷିତ, ନିର୍ଯାତିତା ଆଦିବାସୀ ସମାଜକୁ ସମ୍ପୂର୍ଣ୍ଣ ଭାବେ ଭୂମିହୀନ ଓ ବିଲୀନ କରିଦିଆଯିବାକୁ ଉଦ୍ୟମ କରାଯାଉଛି । ଯାହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିଗତ ନିଷ୍ପତ୍ତି ଭବିଷ୍ୟତ କଥା କହୁଛି । ଫଳରେ ଆଦିବାସୀ ସମାଜ ଅସୁରକ୍ଷିତ ହୋଇପଡ଼ିଛନ୍ତି । ପ୍ରକାଶ ଯେ, ୨୦୧୧ରେ ସାମାଜିକ ଆର୍ଥିକ ଜନଗଣନା ତଥ୍ୟ ଅନୁଯାୟୀ ରାଜ୍ୟରେ ୪୬.୬ ଲକ୍ଷ (୫୪.୯ ପ୍ରତିଶତ) ପରିବାର ଭୂମିହୀନ । ଏହି ୧୪ ବର୍ଷ ମଧ୍ୟରେ ଭୂମିହୀନଙ୍କ ସଂଖ୍ୟା ଆହୁରି ବୃଦ୍ଧି ହୋଇଥିବା ଆଶଙ୍କା କରାଯାଉଛି । ୨୦୨୩ ଅଗଷ୍ଟ ୯ରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ରାଜ୍ୟ ସରକାର 'ମୋ ଜଙ୍ଗଲ ଜମି ଯୋଜନା'ର ଶୁଭାରମ୍ଭ କରିଥିଲେ । କିନ୍ତୁ ଦୁଇବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାରର ସ୍ୱୀକୃତି ମିଳିପାରି ନାହିଁ । ମୟୂରଭଞ୍ଜରେ ବିସ୍ଥାପିତ ଲୋକେ ସମ୍ମାନର ସହ ବଞ୍ଚିବାରୁ ବଞ୍ଚିତ ହୋଇଛନ୍ତି । ବିସ୍ଥାପିତ ହୋଇଥିବା ପରିବାରମାନଙ୍କୁ ଉଚିତ୍ କ୍ଷତିପୂରଣ, ଥଇଥାନ କରାଯାଇ ନାହିଁ । ହଳଦିଆ ଏବଂ ଜମ୍ବିରା ଡ୍ୟାମ ନିର୍ମାଣର ସମ୍ପୂର୍ଣ୍ଣ ବୁଡ଼ି ଗାଁ ପ୍ରାୟ ୭୦ଟି ଆଦିବାସୀ ପରିବାର ଦୟନୀୟ ଅବସ୍ଥାରେ ରହିଛନ୍ତି । ଶିକ୍ଷିତ ଆଦିବାସୀ ବେକାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ ଓ କୃଷି ଓ ଜଙ୍ଗଲରେ ବିନାଶଲୀଳା ଚାଲିବା ଦ୍ୱାରା ଲକ୍ଷଲକ୍ଷ କର୍ମହୀନ ଚାଷୀ, ଆଦିବାସୀ, ଦଳିତ ଦାଦନ ଖଟିବାକୁ ବାଧ ହେଉଛନ୍ତି । ବିସ୍ଥାପିତ ହେବା ଦ୍ୱାରା ଆଦିବାସୀ ଓ ପାରମ୍ପରିକ ଜଙ୍ଗଲବାସୀ ନିଜର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ସୁରକ୍ଷା ହରାଇବେ । ଏପରିକି ସମ୍ମାନର ସହ ବଞ୍ଚିବାର ବାଟ ହରାଇବେ । ଆଗାମୀ ଦିନରେ ବିସ୍ଥାପିତ ସମସ୍ୟା ଘୋର ସଙ୍କଟ ସୃଷ୍ଟି କରିବ । ଏହା ସହ ମାନବିକ ଅଧିକାର ଓ ସାମ୍ବିଧାନିକ ଅଧିକାର ଗୁଡ଼ିକୁ ମଧ୍ୟ ଅତିମାତ୍ରାରେ କ୍ଷୁର୍ଣ୍ଣ କରିବ ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ କହିଛନ୍ତି । ମାତ୍ର ଆଦିବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ସୁରକ୍ଷା ପ୍ରସଙ୍ଗରେ ସମସ୍ତେ ମୌନବ୍ରତ ଧାରଣ କରି ବସିଛନ୍ତି ।



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଅଟୋନମସ କଲେଜର ଛାତ୍ର ରତିକାନ୍ତ ନାୟକ +୨ ବିଜ୍ଞାନ ପରୀକ୍ଷାରେ ଜିଲ୍ଲା ଟପର ହୋଇଛନ୍ତି। ସେ ମୋଟ ୬୦୦ ନମ୍ବର ମଧ୍ୟରୁ ୫୬୨ ନମ୍ବର ରଖି ଟପର ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଂଜନ ବାରିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ, ବିଜେପି ଐଶାନ୍ୟଚଣ୍ଡି ମଣ୍ଡଳ ସଭାପତି ସାଇଶରଣ ବେହେରା ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁକାନ୍ତ କୁମାର ମିଶ୍ର, ସହକାରୀ ଯନ୍ତ୍ରୀ ତନୁଜା ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ସମୀର ରଂଜନ ରାଉତ, ଅଲେଖ ତାର୍କି, ଏପିଇଓ କାମିନିଲତା ଓଝା, ଏନଆରଇଜିଏସ ସହକାରୀ ସୁଧାଂଶୁ କୁମାର ନାୟକ, ସମାଜସେବୀ ରଘୁନାଥ ମଳିକ, ସମିତସଭ୍ୟଙ୍କ ପ୍ରତିନିଧି ଅନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଜିଲା ଟପର ରତିକାନ୍ତ ନାୟକ ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ କୁବେରା ଗ୍ରାମର ଲକ୍ଷ୍ମୀଧର ନାୟକ ଓ ସତ୍ୟଭାମା ନାୟକଙ୍କ ପୁତ୍ର ଅଟନ୍ତି। ସେ ଭବିଷ୍ୟତରେ ଜଣେ ସଫ୍ଟୱାର ଇଂଜିନିୟର ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ସେ ପିତା, ମାତା, କଲେଜ ଓ ହଷ୍ଟେଲ ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି।

# ନିମ୍ନମାନର ରାସ୍ତାକାମକୁ ବିରୋଧ କରି କାମ ବନ୍ଦକଲେ ଗ୍ରାମବାସୀ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୋଟ୍ରେଲ ଗ୍ରାମ ପଞ୍ଚାୟତ ପୁରୁଣା ଚିତାପାରି ଠାରୁ ଚିତାପରି-୪ ପର୍ଯ୍ୟନ୍ତ ୨.୫ କିମି ରାସ୍ତା କାମ ଦୀର୍ଘ ଦିନପରେ ଆରମ୍ଭ ହୋଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ନୂତନ ଭାବେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୪ ଲକ୍ଷ୍ୟ ୫୨ ହଜାର ଟଙ୍କା ବ୍ୟୟ ଅଟକଳରେ ବିଭାଗ ପକ୍ଷରୁକାମ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତାରେ ପିଚୁ ପଡୁଥିବା ବେଳେ ସେହି ପିଚୁକାମ ନିମ୍ନ ମାନର ହେଉଥିବା ସହିତ ବର୍ଷାହୋଇ ରାସ୍ତା ଭିଜିଯାଇଛି ଏବଂ କିଛିକିଛି ସ୍ଥାନରେ ବର୍ଷା ପାଣି ଜମି ରହିଥିଲେ ମଧ୍ୟ ରାସ୍ତାରେ ଅଧରାତିରେ ପିଚୁ ପକାଯାଇଥିବା ଦେଖି ଗ୍ରାମ ବାସି କାମକୁ ବିରୋଧ କରିବା ସହିତ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ ଖୋସାଲା, ସ୍ଥାନୀୟ ସରପଞ୍ଚ ଦଇମତି ପଡିଆମି ଏବଂ ଉକ୍ତ କାର୍ଯ୍ୟ ଦାଇତ୍ୟରେ ଥିବା କନିଷ୍ଠ ଯନ୍ତ୍ରିଙ୍କୁ ଅବଗତ କରାଇବା ସହିତ କାର୍ଯ୍ୟ ସ୍ଥଳକୁ ଆସି ଅନୁଧ୍ୟାନ କରିବାକୁ ଡାକିଥିଲେ ଏବଂ ଅଧିକାରୀଙ୍କ ଉପସ୍ଥିତ କାର୍ଯ୍ୟ ବନ୍ଦ କରିବା ସହ ଉନ୍ନତ ମାନର କାମ କରିବାକୁ ଅନୁରୋଧ କରିଥିଲେ। ଗ୍ରାମ ବାସୀଙ୍କ କହିବା ଅନୁଯାଇ ଯେଉଁ ପିଚୁ ରାସ୍ତା କମାରେ ବ୍ୟବହାର କରାଯାଉଛି ସେହି ପିଚୁ ଗରମ ରହିବା ବଦଳରେ ପୁରା ପୁରୀ ଥଣ୍ଡା ରହିଥିବା ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଦେଖାଇ ଥିଲେ ତା ସହିତ ଡ୍ରାଏଇଭରଙ୍କ ତଥ୍ୟ ଅନୁଯାଇ ଉକ୍ତ ରାସ୍ତା କାମରେ ବ୍ୟବହାର ନିମନ୍ତେ ଚିପ୍ସ ପିଚୁ ମିଶ୍ରିତ କରିପ୍ରାୟ ୧୦୦କିମି ଠାରୁ ଅଧିକ ଦୂର ଜୟପୁର ନିକଟ ଆମ୍ବାଗୁଡାରୁ ଅଣା ଯାଉଥିବା ନେଇ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଓ ଅଧିକାରୀ ମଧ୍ୟ ଏକାହୁ ମାନିଥିଲେ ମଧ୍ୟ। ସୂଚନା ଥାଉକି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିମନ୍ତେ ଗତ ୨୦୨୩ ମସିହାରେ ଟେଣ୍ଡର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ସରିବା ପରେ କୋରାପୁଟ ଜିଲ୍ଲା ସିମିଲିଗୁଡା ଅଞ୍ଚଳର ସସ୍ମିତା ବେହେରା ନାମକ ଜଣେ ମହିଳା ଠିକାଦାରଙ୍କୁ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପ୍ରଦାନ କରା ଯାଇଥିଲା। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଗତ ୧୯-୧୦-୨୦୨୩ ଆରମ୍ଭ କରି ଗତ ୧୮-୪-୨୦୨୪ରେ ଶେଷ କରିବାକୁ ବିଭାଗ ସହ ଚୁକ୍ତି ହୋଇଥିବା ଜଣାପଡିଛି। ତେବେ କାର୍ଯ୍ୟ ଶେଷ ହେବା ତାରିଖର ଅବଧି ଶେଷ ହୋଇ ପ୍ରାୟ ବର୍ଷେ ରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଠିକାଦାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଗଲା ନାହିଁ। ଏନେଇ ବିଭାଗ ପକ୍ଷରୁ ଠିକାଦାରଙ୍କ ନିକଟକୁ ବାରମ୍ବାର ଚିଠି ପଠାଯାଇଥିବା ଅଧିକାରୀ କହିଥିଲେ। ହେଲେ ବର୍ଷେ ପରେ କାମ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭରୁ ନିମ୍ନ ମାନର କାମ ଦେଖି ପୂର୍ବରୁ ମଧ୍ୟ ଗ୍ରାମ ବାସି ବିରୋଧ କରିବା ସହିତ ଭଲ ଭାବେ କାମ କରିବାକୁ କହିଥିଲେ। ଉକ୍ତ କାମକୁ ନେଇ ବାରମ୍ବାର ଅଭଯୋଗ ଆସୁଥିଲେ ମଧ୍ୟ ଅଧିକାରୀଙ୍କ ଅବହେଳା ନିମନ୍ତେ ଏପରି କାର୍ଯ୍ୟ ହେଉଥିବା ଗ୍ରାମର ସୋନୁ କବାସୀ, ବଦ୍ଧି ଦଳପତି, ରାମା ମାଢି, ଗଙ୍ଗାଧର ପଡିଆମି, ଶରତ ପଡିଆମି, ମାଲା ମାଢ଼ି, ଇର୍ମା ପଡିଆମି, ଦେବା ମାଢ଼ି, ଲକ୍ଷ୍ମଣ ଖିଲ, ସମା ପଡିଆମି, ଇର୍ମା କବାସୀ କହିଛନ୍ତି। ଏନେଇ ଆମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡ଼ିଓ ଭୋଲାନାଥ ସେଠିଙ୍କୁ ପଚାରିବାରୁ ସେ ଉକ୍ତ ରାସ୍ତା କାମ ନିମ୍ନ ମାନର ହେଉଥିବା କଥା ସ୍ୱୀକାର କରିବା ସହିତ ଉନ୍ନତ ମାନର କାମ କରିବାକୁ ଠିକାଦାରଙ୍କୁ ଅବଗତ କରାଇଥିଲେ ବୋଲି କହିଥିଲେ। ରାସ୍ତା କାମ ନିମନ୍ତେ ପିଚୁ ମିଶ୍ରିତ ଚିପ୍ସ କାର୍ଯ୍ୟ ସ୍ଥଳଠାରୁ କେତେ ଦୂରତା ରହିବା ନେଇ ପଚାରିବାରୁ ଶ୍ରୀ ସେଠି କହିଥିଲେ ୬୦କିମି ଦୂରତାରୁ ଅଣା ଗଲେ ତାର ଉତ୍ତାପ ଠିକ ରହିବ ଏବଂ ରାସ୍ତା ନିର୍ମାଣରେ ଉପଯୋଗୀ ହୋଇପାରିବ। ଏଣୁ ଆଗାମୀ କିଛିଦିନ ଉକ୍ତ ରାସ୍ତା କାମକୁ ଅନୁଧ୍ୟାନ କରିବା ପରେ ଯଦି କାମ ଖରାପ ହୋଇଥାଏ ତେବେ ପୁନର୍ବାର କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ନିମ୍ନ ମାନର କାମକୁ ନେଇ ଆସିଥିବା ଅଭିଯୋଗ ଅନୁଯାଇ ଆମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦିସାରିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେକି ଏସଡ଼ିଓ ଯାଇ ଅନୁଧ୍ୟାନ କରିଥିଲେ ଏବଂକିଛି ସ୍ଥାନରେ ଥୀକନେଷ କାମଥିବା କହିଥିଲେ ତାସହିତ ଜୟପୁର ନିକଟ ଆମ୍ବାଗୁଡାରୁ ପିଚୁ ଚିପ୍ସ ମିଶ୍ରଣ ଆଣି ରାସ୍ତା କାମରେ ବ୍ୟବହାର କରାଯାଉଛି ଯାହାକି ବ୍ୟବହାର ସମୟରେ ଉତ୍ତାପ ଥିବାକୁ ନେଇ ପଚାରିବାରୁ ସେ କହିଥିଲେକି, କାର୍ଯ୍ୟ ସ୍ଥଳରୁ ମାତ୍ର ୬୦କିମି ଦୂରରୁ ଆଣିବା କଥା ହେଲେ ଉକ୍ତ ଠିକାଦାର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏକା ସାଙ୍ଗରେ ୩ରୁ ଅଧିକ ରାସ୍ତା କାମ ପାଇଥିବା କାରଣରୁ ଏଠାରେ କେହି ପ୍ଲାଣ୍ଟ ଯୋଗାଇ ଦେଲେ ନାହିଁ ଏଣୁ ସେ ବାହାରରୁ ଆଣି ପକାଉଥିବା ପଡୁଛି ବୋଲି ଠିକାଦାର କହିଥିବା କଥା ଅଧିକାରୀଣି କହିଥିଲେ ଏବଂ ଆଗାମୀ ୩ରୁ ୪ଦିନ ପରେ ଉକ୍ତ କାର୍ଯ୍ୟ ଅନୁଧ୍ୟାନ କରିବା ପରେ ଯଦି କାମ ନିମ୍ନ ମାନର ହୋଇଥାଏ ତେବେ ପୁଣି ନୂତନ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ଶ୍ରୀମତୀ ଦିସାରୀ କହିଥିଲେ। ଆଗାମୀ ଦିନରେ ଦେଖିବାର ବାକି ରହିଲା ଅଧିକାରୀ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ସରକାରୀ ଅର୍ଥରେ ଠିକାଦାରଙ୍କୁ ଅନୁକମ୍ପା ଦେଖାଉଛନ୍ତି।

## ବେଆଇନ ଭାବେ ଡ୍ରାଇଭିଂ ଟ୍ରେନିଂ ଦେଉଥିବା କାର୍ ଜବତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍):ନରଣପୁର ହଳଦିଆ ଟାଙ୍ଗିରି ତଥା ନରଣପୁର ରେଲୱେ ଷ୍ଟେସନ ପଛ ରାସ୍ତାରେ ପାଣି ସହରର ଅନେକ ଲୋକଙ୍କୁ କାର ଚାଳନା ପ୍ରଶିକ୍ଷଣ ଦେଉଥିବା ଏକ କାରକୁ କେନ୍ଦୁଝର ପରିବହନ ବିଭାଗ ଜବତ କରିଛି। ଏବେ ଅନେକ ଗାଡି କେନ୍ଦୁଝର ଓ ଆଖପାଖରେ ବିନା ବୈଧ କାଗଜପତ୍ରରେ ଚାଲୁଥିବା ବେଳେ ଏବେ ପରିବହନ ବିଭାଗ ତରଫରୁ ସେଭଳି ଗାଡ଼ିକୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି। କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡ଼ିର ପତ୍ର ଯାଞ୍ଚ ବେଳେ ବେଆଇନ ଭାବରେ ଡ୍ରାଇଭିଂ ଟ୍ରେନିଂ ଦେଉଥିବା ଏହି କାରକୁ ଜୁନିଅର ଏମ୍‌ଭିଆଇ ରାକେଶ ସେଠୀ ଜବତ କରିଛନ୍ତି। ଏହି କାରଟି ବିନା ବୈଧ ଅନୁମତିରେ ଘରୋଇ ଗାଡ଼ି ଭାବେ ନମ୍ବର ପ୍ଲେଟ ଲଗାଇ ଟ୍ରେନିଂ ଦେଉଥିବା ବେଳେ ଏହାକୁ ଜବତ କରାଯାଇଛି। ... ଦାଶଙ୍କୁ ପଚାରିବାରୁ ବିନା ଅନୁମତି ରେ ଡ୍ରାଇଭିଂ ଟ୍ରେନିଂ ଗାଡ଼ି ଚାଲୁଥିବାରୁ ଜବତ କରାଯିବା ସହ ୨୨ହଜାର ଟଙ୍କା ଜୋରିମାନା କରାଯାଇଛି ବୋଲି ସେ କହିଥିଲେ। ଏହି କାର ଟି ଶୋଷୋ ଥାନା ଅନ୍ତର୍ଗତ ସ୍ୱର୍ଗତ ନିତ୍ୟାନନ୍ଦ ମହାପାତ୍ରଙ୍କ ନାମରେ ଥିବା ବେଳେ ସେ ମୃତ୍ୟୁ ପୂର୍ବରୁ ଏହାକୁ ବିକ୍ରି କରିଥିବା ସୂଚନା ମିଳିଛି।

## ୧୭୯ଲିଟରର ଦେଶୀ ମଦ ଜବତ,୪ ଗିରଫ



ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୁଲିସ ୪ ଟି ସ୍ଥାନରେ ଚଢାଉ କରି ୧୭୯ ଲିଟରର ଦେଶୀ ମଦ ଜବତ ସହ ୪ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ପୁଲିସ ଉପ ନୀରିକ୍ଷକ ରାଜେନ୍ଦ୍ର କୁମାର ଖେସଙ୍କ ସୂଚନା ଅନୁଯାୟୀ ତଣ୍ଡାଳ ଗ୍ରାମର ଆରତ ବେହେରାଙ୍କ ଠାରୁ ୩୦ ଲିଟରର ଜବତ ହୋଇଥିବା ବେଳେ ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମର ଅଶୋକ ନାୟକଙ୍କ ଠାରୁ ୬୫ ଲିଟର, ଅସରଳା ଗ୍ରାମର ସୌମ୍ୟ ରଞ୍ଜନ ବରାଡଙ୍କ ଠାରୁ ୬୫ ଲିଟର ଓ ବଡ଼କୁମାରୀ ଗ୍ରାମର ଧନେଶ୍ୱର ପରିଡ଼ାଙ୍କ ଠାରୁ ୧୯ ଲିଟର ଦେଶୀ ମଦ ଜବତ ହୋଇଛି।

## ଟ୍ରାକ୍ଟର ଧକ୍କାରେ ବାଇକ ଆରୋହୀ ମୃତ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କଣିହାଁ ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମିତୁ ବେଜ (୨୪)ର ମୃତ୍ୟୁ ହୋଇଛି। ଗୁରୁବାର ଦିନ ପରିବାର ଲୋକ କ୍ଷତିପୂରଣ ଦାବିରେ ମିତୁର ଶବକୁ ଟ୍ରାକ୍ଟର ମାଲିକ ଘର ସମ୍ମୁଖରେ ରଖି ଧାରଣା ଦେଇଥିଲେ। ଖବର ପାଇ କଣିହାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଓ ବାଇକ ଜବତ କରି ଥାନାକୁ ଆଣିଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୮ତାରିଖ ଦିନ ତାଳପଦା ଗ୍ରାମର ମିତୁ ଏକ ହୋଣ୍ଡା ୟୁନିକର୍ଣ୍ଣ ବାଇକ ଯୋଗେ ଘରୁ ମନ୍ଦିରଛକ ଆଡେ ଯାଉଥିବା ବେଳେ ଅପର ପାର୍ଶ୍ୱରୁ ଆସୁଥିବା ଏକ ଟ୍ରାକ୍ଟର ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ମୀତୁ ଗୁରୁତର ଅବସ୍ଥାରେ ପ୍ରଥମେ କଣିହାଁ ମେଡିକାଲ ଓ ସେଠାରେ ଗୁରୁତର ହେବାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରଯାଇଥିଲା। ମାତ୍ର ସେଠାରେ ତାର ମୃତ୍ୟୁ ହୋଇଥଲା। ପରେ ବୁଧବାର ଦିନ କଟକରେ ତାର ଶବ ବ୍ୟବଚ୍ଛେଦ କରାଯାଇ ନିଜ ଘର ତାଳପଦାକୁ ଅଣାଯାଇଥିଲା।

## ବିଜେପି ସୁବର୍ଣ୍ଣମୁଖୀ ମଣ୍ଡଳ ପକ୍ଷରୁ ସିନ୍ଦୁର ଶୋଭାଯାତ୍ରା




ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣମୁଖି ମଣ୍ଡଳ ପକ୍ଷରୁ ଗୁରୁବାର ଭାରତୀୟ ସେନାର 'ସିନ୍ଦୁର' ପରାକ୍ରମ ପ୍ରତି ସମ୍ମାନ ଜଣାଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁଙ୍କ ନେତୃତ୍ୱରେ ୧୬ ନଂ ଜାତୀୟ ରାଜପଥର ଛତାବର ଠାରୁ ଅନୁଷ୍ଠିତ ଶୋଭାଯାତ୍ରାରେ ଯୁବନେତା ସ୍ୱରାଜ ମହାପାତ୍ର, ପ୍ରଶାନ୍ତ ନାୟକ, ନବ ବିଶ୍ୱାଳ, ସୁଧିର ମିଶ୍ର, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ପ୍ରବୀଣ ରାଉତ, ଅନିଲ କର, ଅକ୍ଷୟ ରାଉତ, ଜ୍ୟୋତିପ୍ରକାଶ ଭାରତୀ, ସୁରେଶ ଦାସ, ଅଭିମନ୍ୟୁ ସାହୁ, ଗଣେଶ ଜେନା, ଆଶିଷ ଜେନା, ଶଶାଙ୍କ ଶେଖର ସାହୁ, ଅଶୋକ ଘଡେଇ, ଦିଲ୍ଲିପ ସାହୁ, ଅଶୋକ ସାହୁ, ବିଜୟ ବେହେରା, ମହେଶ୍ୱର ବେହେରା ପ୍ରମୁଖ ଶତାଧିକ ଛାମୁଆ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା କୁଲଣା, ମଞ୍ଜୁରୀରୋଡ, ଛଣ୍ଡଣା, ତେନ୍ତୁଲିଆ, ସାନଶାସନ, ଥଇଲା, ସାରୋ ଅତିକ୍ରମ କରି ଭାରତୀୟ ସେନା ସମର୍ଥନରେ ସ୍ଲୋଗାନ ଦେଇଥିଲେ। ଦଳର ଶତାଧିକ କର୍ମୀମାନେ ବାଇକ ଯୋଗେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଥିଲେ।

## ଆଳି ଗୋବିନ୍ଦପୁରରେ ତ୍ରିରଙ୍ଗା ଯାତ୍ରା

ଆଳି, (ଭାସ୍କର ନ୍ୟୁଜ୍): ପହଲଗାଁଓ ର ଅମାନବୀୟ ଘଟଣା ପରେ ସାରା ଦେଶରେ ପାକିସ୍ତାନୀ ବିରୋଧୀ ମନୋଭାବ ବୃଦ୍ଧି ପାଉଛି। ଯାହାଫଳରେ ପାକିସ୍ତାନର ଆତଙ୍କି ମନୋଭାବକୁ ପ୍ରତିହତ କରି ଆରମ୍ଭ ହୋଇଥିବା ଅପରେସନ ସିନ୍ଦୁରକୁ ସମର୍ଥନ ଜଣାଇ ବୁଧବାର ଦିନ ଅପରାହ୍ନରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆଳି ବ୍ଲକ ଗୋବିନ୍ଦପୁର ଛକ ଚନ୍ଦ୍ରଶିବ ମନ୍ଦିରରୁ ବାହାରି ଜୁଆଣିଆ ଛକ ଦେଇ ବାରମାଣିଆ ରାମମନ୍ଦିର ପାଖରେ ପହଁଚିଥିଲା। ଏହି ଶୋଭାଯାତ୍ରାକୁ ଆଳି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ପତକା ଦେଖାଇ ଆରମ୍ଭ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଗୋବିନ୍ଦପୁର ମଣ୍ଡଳ ସଭାପତି ସରୋଜ କର ସମ୍ପୂର୍ଣ୍ଣ ତ୍ରିରଙ୍ଗା ଯାତ୍ରାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି ଓମ ପ୍ରକାଶ ପତି, ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବରାହ ଚରଣ ପଣ୍ଡା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ସର୍ବେଶ୍ୱର ପରିଡାଙ୍କ ସମେତ ବହୁ ଯୁବକ ଓ ବୁଦ୍ଧିଜୀବୀମାନେ ହାତରେ ତ୍ରିରଙ୍ଗା ପତକା ଧରି ପାକିସ୍ତାନ ବିରୁଦ୍ଧରେ ସ୍ଲୋଗାନ ଦେବା ସହିତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ମିଥ୍ୟା ସତ୍ୟପାଠ ଯୋଗୁଁ ପଦ ହରାଇଲେ ସରପଞ୍ଚ ଅନୁସୟା

ପରଜଙ୍ଗ /କଙ୍କଡ଼ାହାଡ଼, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକରେ ୨୧ ଗୋଟି ପଞ୍ଚାୟତକୁ ନେଇ କଙ୍କଡ଼ାହାଡ଼ ବ୍ଲକ ରହିଥିବା ବେଳେ ଏଥି ମଧ୍ୟରେ ରହିଛି କଙ୍କଡ଼ାହାଡ଼ ଗ୍ରାମ ପଞ୍ଚାୟତ। ଗତ ୨୦୨୨ ମସିହାରେ ହୋଇଯାଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କଙ୍କଡ଼ାହାଡ଼ ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ୫ ଜଣ ନାମାଙ୍କନ ପତ୍ର ଦାଖଲ କରି ମୈଦାନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଅନୁସୟା ସାହୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଳକା ପଣ୍ଡାଙ୍କୁ ମାତ୍ର ୮୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ନିର୍ବାଚିତ ସରପଞ୍ଚ ଶ୍ରୀମତୀ ସାହୁ ଗତ ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରି ପଦବୀ ଅକ୍ତିଆର କରିଥିବା ସନ୍ଦେହରେ ତନାଘନା ଆରମ୍ଭ ହୋଇଯାଇଥିଲା। ସୂଚନାରୁ ଜଣାଯାଏ ସରପଞ୍ଚ ଶ୍ରୀମତୀ ସାହୁ କାମାକ୍ଷାନଗର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ଓ ତାଙ୍କ ସ୍ୱାମୀ ବିମଳ ଚନ୍ଦ୍ର ସାହୁ ଅନୁଗୋଳ ସେବା ସମବାୟ ସମିତି ଲିଃ ଋଣ ନେଇଥିବା ବେଳେ ନିର୍ବାଚନ ବେଳେ ଦାଖଲ କରିଥିବା ନାମାଙ୍କନ ପତ୍ରରେ ଋଣ ନେଇନଥିବା ଉଲ୍ଲେଖ କରିଥିଲେ। ଯାହାକୁ ନେଇ ସରପଞ୍ଚ ପଦବୀ ଅସିଦ୍ଧ ଘୋଷଣା କରିବା ପାଇଁ ସିଭିଲ ଜଜ୍ ଜୁନିଅର ଡିଭିଜନ କାମାକ୍ଷାନଗରଙ୍କ ଅଦାଲତରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅଳକା ପଣ୍ଡା ନିର୍ବାଚନ ମିସ୍ କେସ ନମ୍ବର ୭/୨୨ରେ ମୋକଦ୍ଦମା ଦାୟର କରିଥିଲେ। ଏହାକୁ ନେଇ ତଦନ୍ତ କରି ଅନୁସୟାଙ୍କ ସରପଞ୍ଚ ପଦବୀ ରଦ୍ଦ କରିଥିଲେ। ଏହି ରାୟ ବିରୋଧରେ ଅନୁସୟା ଅତିରିକ୍ତ ଜିଲ୍ଲାଜଜ୍ କାମାକ୍ଷାନଗର ଅଦାଲତରେ ଇଲେକ୍ସନ ଅପିଲ ନମ୍ବର ୧୬/୨୩ ରେ ଅବଗତ କରିଥିଲେ। ଗତବର୍ଷ ଫେବୃଆରୀ ୭ ତାରିଖରେ ହୋଇଥିବା ଅପିଲକୁ ଶୁଣାଣି କରି କାମାକ୍ଷାନଗର ଜିଲ୍ଲାଜଜ୍ ମଧୁସ୍ମିତା ମହାନ୍ତି ରାୟ ପ୍ରକାଶ କରି ନିମ୍ନ ଅଦାଲତ ଦେଇଥିବା ରାୟକୁ ବଳବତ୍ତର ରଖିଥିଲେ। ଅଳକା ପଣ୍ଡାଙ୍କ ପକ୍ଷରୁ ଆଇନଜୀବୀ ଗୌରିଶଙ୍କର ପାଲ୍ ମୋକଦ୍ଦମା ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ସିଭିଲ ଜଜ୍ ଜୁନିଅର ଡିଭିଜନ ଓ ଅତିରିକ୍ତ ଜିଲ୍ଲାଜଜ୍ କାମାକ୍ଷାନଗରଙ୍କ ଆଦେଶ ଅନୁଯାୟୀ ଅନୁସୟା ସାହୁଙ୍କ ନିର୍ବାଚନ ଫଳାଫଳ ଅସିଦ୍ଧ ଘୋଷଣା କରାଯାଇ ସରପଞ୍ଚ ପଦରୁ ଗାଦିଚ୍ୟୁତ ହୋଇଛନ୍ତି। ଏଥିନିମନ୍ତେ ଢ଼େଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ପତ୍ର ସଂଖ୍ୟା ୨୭୮ରେ କଙ୍କଡ଼ାହାଡ଼ ଗ୍ରାମ ପଞ୍ଚାୟତ ସରପଞ୍ଚ ପଦ ହରାଇଥିବା ନିର୍ଦ୍ଦେଶ ପ୍ରକାଶିତ ହୋଇଛି। ପଞ୍ଚାୟତ ନାଏବ ସରପଞ୍ଚ ସମୀର ସେଠୀ ସରପଞ୍ଚ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ମହିମା ଧର୍ମର ବାନା ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱ ଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ





ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା ଡ଼ାବୁଗାଁ ବ୍ଲକ ଅନ୍ତର୍ଗତ ମେଦନା ଗ୍ରାମ ସଦର ମହିମା ଟୁଙ୍ଗୀ ପରିସରରେ ନିର୍ମାଣ ଚାଲିଥିବା ନୂତନ ବାନା ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ବୁଧବାର ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହିତ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମରେ ବଲ୍କଳଧାରୀ ବ୍ରହ୍ମ ଅବଧୂତ ଅନାଦିବାବା, ବ୍ରହ୍ମ ଅବଧୂତ ଡମ୍ବରୁ ବାବା ଏବଂ ବ୍ରହ୍ମ ଅବଧୂତ ରାମଚ଼ନ୍ଦ୍ର ବାବାଙ୍କ ସମେତ ମେଦନା ଏବଂ ଆଖପାଖ ପଂଚାୟତ ଓ ବ୍ଲକର ଶତାଧିକ ସାଧୁ ସନ୍ଥ, ବୈରାଗୀ, ଭକ୍ତମାନଙ୍କ ଉପସ୍ଥିତିରେ ନୂତନ ବାନା ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ସମସ୍ତ ମହିମା ଧର୍ମାବଳମ୍ବି ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ନଦୀ କୂଳରୁ ଜଳ ସଂଗ୍ରହ କରି ମନ୍ଦିର ପିଠରେ ଶୁଭ ଅନୁକୂଳ କଳସ ସ୍ଥାପନ କରିଥିଲେ। ସଂଧ୍ୟାରୁ ଅହରାତ୍ର ବ୍ୟାପି ମହିମା ଧର୍ମାବଲମ୍ବିମାନଙ୍କ ନାମ ସଂକୀର୍ତ୍ତନ ସହିତ ଅଖଣ୍ଡ ଦୀପ, ଅଖଣ୍ଡ ବ୍ରହ୍ମ ଧୁନୀ ପ୍ରଜ୍ୱଳନ ସହ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଡ଼ାବୁଗାଁ ବ୍ଲକ ଚେୟାରମ୍ୟାନ ବଂଶିଧର ମାଝୀ, ପୂର୍ବତନ ମେଦନା ଗ୍ରାମ ପଞ୍ଚାୟତ ସରପଞ୍ଚ ହିରଣ୍ୟ ମାଝୀ, ମେଦନା ଗ୍ରାମବାସୀ ଓ ଭକ୍ତବୃନ୍ଦ ମାନଙ୍କ ସହଯୋଗ ରେ ବିଶ୍ୱଶାନ୍ତି ପାଇଁ ଅନୁଷ୍ଠିତ ହୋଇଥିବା ବୈଦିକ ସତ୍ୟସନାତନ ମହିମା ଧର୍ମର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଗନ୍ଧ




ବାରିପଦା, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବାରିପଦା ଗ୍ରାମ ଉନ୍ନୟନ ବିଭାଗ ନାମରେ ଅଭିଯୋଗ ଆଣିଛନ୍ତି ଶ୍ୟାମାଖୁଣ୍ଟା ବ୍ଲକର ଖୁଣ୍ଟାପାଳ ଗ୍ରାମବାସୀ। ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ମିଶି ଜିଲ୍ଲା ବିକାଶର କଣ୍ଠରୋଧ କରିଛନ୍ତି। ଗତ ଡିସେମ୍ବର ମାସରେ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଶ୍ୟାମାଖୁଣ୍ଟା ବ୍ଲକର ଖୁଣ୍ଟାପାଳ-ଦରଖୁଳି ରାସ୍ତା ଉପରେ ଥିବା ବୁଢାବଳଙ୍ଗ ନଦୀ ସେତୁ ମରାମତି ପାଇଁ ଏକ ଠିକାଦାର ସଂସ୍ଥାକୁ ୯.୨୭ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ବିଲ୍ କାଗଜରେ ଲେଖାଯାଇଛି ଯେ ଉକ୍ତ କାମ ଜାନୁଆରୀ ମାସରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ସତ୍ୟତା ହେଉଛି, ଏପର୍ଯ୍ୟନ୍ତ କୌଣସି କାମ ଆରମ୍ଭ ହୋଇନାହିଁ। ଏହି ମିଥ୍ୟା ବିଲ୍ ଓ କାର୍ଯ୍ୟ ନ ହେବା ନେଇ ବୁଧବାର ଖୁଣ୍ଟାପାଳ ଗ୍ରାମର ଲୋକେ ଅସନ୍ତୋଷ ପ୍ରକାଶ କରି ନିର୍ମାଣ କାମ ବନ୍ଦ କରିଦେଇଥିଲେ। ତେବେ ବିଳମ୍ବରେ ଠିକାଦାର ପକ୍ଷରୁ ତରବରିଆ ଭାବରେ କାମ ଆରମ୍ଭ ହେଉଥିଲା, ଯାହା ଗ୍ରାମବାସୀଙ୍କ ମନରେ ଆଉ ଅଧିକ ଆକ୍ରୋଶ ଓ ସନ୍ଦେହ ସୃଷ୍ଟି କରିଥିଲା। ଏହି ଘଟଣାରେ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି - ପାଞ୍ଚମାସ ପୂର୍ବରୁ ବିଲ୍ ପାସ୍ ସରିଛି କିନ୍ତୁ କାର୍ଯ୍ୟ ହୋଇପାରିନାହିଁ, ଏଥି ପାଇଁ ଦାୟୀ କିଏ? ଗୋଟିଏ ସେତୁ ମରାମତି ପାଇଁ ଦିଆଯାଇଥିବା ଟଙ୍କା ବିଲ୍ ହେଉଛି, କାମ ହେଉନାହିଁ, ଏହା ଦୁର୍ନୀତି ନୁହେଁ କି? ଏ ବିଷୟରେ ଯେତେବେଳେ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନଙ୍କୁ ପଚାରାଯାଇଥିଲା, ସେ ଘଟଣା ବାବଦରେ ଅଗୋଚର ଥିବା କହିଛନ୍ତି। ତଦନ୍ତ କରି ଆଗାମୀ ପଦକ୍ଷେପ ନିଆଯିବ ବୋଲି କହି ଦେଇ ଦାୟିତ୍ୱ ସାରି ଦେଇଛନ୍ତି। ଅଧିକାରୀମାନଙ୍କର ଏଭଳି 'ବାଡ଼ ହୋଇ କାକୁଡି ଖାଇବା ନିତୀ ଯୋଗୁଁ ସରକାରଙ୍କ ଉପରେ ଜନତାଙ୍କ ବିଶ୍ୱାସ ଭାଙ୍ଗି ଯାଉଛି? ବିଜେପି ନେତୃତ୍ୱାଧୀନ ସରକାର ଘୋଷଣା କରିଛି ଯେ ଦୁର୍ନୀତି ପ୍ରତି ଶୂନ୍ୟ ସହିଷ୍ଣୁତା ରହିବ, କିନ୍ତୁ ବାସ୍ତବରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଏପରି ଭାବେ ଠିକାଦାର ପୋଷଣ ଓ ମିଥ୍ୟା ବିଲ୍ ପାସ୍ କାର୍ଯ୍ୟକୁ ଜିଲ୍ଲା ବାସୀ ଘୋର ବିରୋଧ କରିଛନ୍ତି। ଏହି ଘଟଣା କେବଳ ଏକ ଅଞ୍ଚଳର ଦୁର୍ନୀତି ନୁହେଁ, ଗ୍ରାମ ଉନ୍ନୟନ ବିଭାଗରେ ଆହୁରି ବୃହତ୍ ଦୁର୍ନୀତି ଚକ୍ରର ଉଦାହରଣ ଲୁଚି ଥାଇ ପାରେ ତେଣୁ ବିଭାଗ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ ସହିତ କାର୍ଯ୍ୟରତ ଅଧିକାରୀ ମାନଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯିବା ଉଚିତ୍ ବୋଲି ମତ ପ୍ରକାଶ ପାଉଛି। କଣ୍ଟାମାଳ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏପରି ଅନ୍ୟାୟ ଉପରେ ତୁରନ୍ତ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀ ଓ ଆଇନ ଅନୁସାରେ କଡା ଦଣ୍ଡ ଦିଆଯିବା ସହିତ ଠିକାସଂସ୍ଥା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ବିହନ ଉତ୍ପାଦକମାନଙ୍କୁ ନେଇ ବୈଠକ

ନବରଙ୍ଗପୁର,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୃଷି ବିଭାଗ ତରଫରୁ ସ୍ୱୀକୃତି ପ୍ରାପ୍ତ ବିହନ ଉତ୍ପାଦନକାରୀ କମ୍ପାନୀ ମାନଙ୍କର ପ୍ରତିନିଧି ମାନଙ୍କୁ ନେଇ ଏକ ଜରୁରୀ ବୈଠକ ନବରଙ୍ଗପୁର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ବିହନ କମ୍ପାନୀ ମାନଙ୍କର ୩୫ ଜଣ ପ୍ରତିନିଧି ସହିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ, କୃଷି ଜିଲ୍ଲା ଅଧିକାରୀ ନବରଙ୍ଗପୁର ଓ ପାପଡାହାଣ୍ଡି, ଉମରକୋଟ ତଥା ଯୋଜନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚଳିତ ଖରିଫ ଋତୁ-୨୦୨୫ ନିମନ୍ତେ ଚାଷୀମାନଙ୍କୁ ସଠିକ ମାନର ବିହନ ଅଧିକୃତ ବିହନ କମ୍ପାନୀମାନଙ୍କ ଦ୍ୱାରା ଲେମ୍ପସ ଏବଂ ସ୍ୱୀକୃତି ପ୍ରାପ୍ତ ବିହନ ବ୍ୟବସାୟୀଙ୍କୁ ଠିକ ସମୟରେ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ଧାନ ଓ ମକାଚାଷ ମୁଖ୍ୟ ହୋଇଥିବାରୁ ଏବଂ ଚାଷୀମାନଙ୍କ ଦ୍ୱାରା ଶଙ୍କର ଜାତୀୟ ବିହନ ପ୍ରତି ଅଧିକ ଆଗ୍ରହ ଥିବାରୁ ଚାଷୀମାନଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ବିହନ ଯୋଗାଣ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଅଣସ୍ୱୀକୃତି ପ୍ରାପ୍ତ କମ୍ପାନୀ ମାନଙ୍କର ବିହନ କୌଣସି ପରିସ୍ଥିତି ରେ ବିକ୍ରୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ଅନିୟମିତତା ପରିଲକ୍ଷିତ ହୁଏ ତେବେ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲାରେ ଚଳିତ ଖରିଫ ଋତୁରେ ୬୯୦୦୦ ହେକ୍ଟର ଜମିରେ ଶଙ୍କର ଜାତୀୟ ମକା ଚାଷ ହେବ ଏବଂ ୪୫୦୦୦ ହେକ୍ଟର ଜମିରେ ଶଙ୍କର ଜାତୀୟ ଧାନ ଚାଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସ୍ୱୀକୃତି ପ୍ରାପ୍ତ କମ୍ପାନୀ ମାନଙ୍କର ତରଫରୁ ସଠିକ ବିହନ ଠିକ ସମୟରେ ସୁଲଭ ମୂଲ୍ୟରେ ଚାଷୀ ମାନଙ୍କ ପାଖରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ ଗଠନ କରାଯାଇଅଛି, ଯେଉଁ ମାନେ ଜିଲ୍ଲାରେ ବିକ୍ରୟ କରୁଥିବା ଯେ କୌଣସି ସାର, ବିହନ, କୀଟନାଶକର ଯେକୌଣସି ଅଧିକୃତ ବିକ୍ରେତାଙ୍କ ଦୋକାନରେ ବିନା ନୋଟିସରେ ଚଢାଉ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ତତକ୍ଷଣାତ୍ ନେଇପାରିବେ।

## +୨ ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ମଣିନାଥପୁର ନରେନ୍ଦ୍ର କୁମାର ପରିଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ (ଏକାଦଶ ଶ୍ରେଣୀ) ପରୀକ୍ଷାର ସଫଳ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ସରକାରଙ୍କ ପକ୍ଷରୁ ନରେନ୍ଦ୍ର କୁମାର ଉଚ୍ଚ ବିଦ୍ୟାପୀଠକୁ ୨୦୨୩ ମସିହାରେ ଅପଗ୍ରେଡ କରାଯାଇ +୨ କଳା ଷ୍ଟ୍ରିମରେ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା। ଅନୁମୋଦିତ ୧୨୮ ସିଟ୍ ମଧ୍ୟରୁ ୧୦୧ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ସେମାନଙ୍କ ମଧ୍ୟରୁ ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରି ପ୍ରଥମ ବ୍ୟାଚ ପରୀକ୍ଷା ଦେଇଥିଲେ। ଅତିଥି ଅଧ୍ୟାପକମାନଙ୍କ ଦ୍ୱାରା ଉଚ୍ଚ ବିଦ୍ୟାଳୟର କ୍ଷୁଦ୍ର ଶ୍ରେଣୀ କୋଠରୀରେ ଶିକ୍ଷାଦାନ ହୋଇଥିଲା। ଅବ୍ୟବସ୍ଥା ସତ୍ତ୍ୱେ ମୋଟ ୮୪ ଜଣ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୮୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନୁପମା ନାୟକ, ମୋନାଲିସା ନାଥ, ହରପ୍ରିୟା ସ୍ୱାଇଁ, ମନିଷା ଦତ୍ତ, ଗଣେଶ କୁମାର ରାଉତ, ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଦାସ, ଚିନ୍ମୟ ବଳ, ସୁଚିସ୍ମିତା ରାଉତ, ରେହାନ ରାଜା, ରଞ୍ଜନ କୁମାର ସେଠୀ, ସ୍ୱାଗତ ମହାନ୍ତି ଓ ଶୁଭସ୍ମିତା ନାୟକ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଭବିଷ୍ୟତ ଜୀବନ ପାଇଁ ପ୍ରେରଣା ଦିଆଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ସମୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନାରେ ଅତିଥି ଅଧ୍ୟାପକ ଅନାଦି ଚରଣ ସାହୁ, ଶ୍ୟାମାଶଙ୍କର ଦାଶ, ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, କଲମ ଆଦି ପ୍ରଦାନ କରି ଏକନିଷ୍ଠ ଭାବେ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

# କାମ ସରିବାର ମାସେ ନ ହେଉଣୁ ରାସ୍ତାରେ ପଡିଲା ପିଚୁ ପ୍ୟାଚ୍

ଗୋପ, (ଭାସ୍କର ନ୍ୟୁଜ୍): ୮ କୋଟି ଟଙ୍କାର କାର୍ଯ୍ୟ ୮ ଦିନରେ ଫାଟି ଆଁ କରିଗଲା। ରାସ୍ତାରେ ପଡ଼ିଲା ପ୍ୟାଚ। ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପୂର୍ତ୍ତ ବିବାଗ ତତ୍ୱାବଧାନରେ ହୋଇଥିବା ଗୋପ-ବାଲିଘାଇ ରାସ୍ତାରେ। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଥିବା ବେଳେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ଅନ୍ୟପକ୍ଷରେ ୮ କୋଟି ଟଙ୍କା ପାଣିରେ ପଡିବା ଆଶଙ୍କା ଦେଖାଦେଇଛି। ସୂଚନାମୁତାବକ ଗତ ମାସରେ କୋନାର୍କ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ୮ କୋଟି ଟଙ୍କା ବ୍ୟୟ ବରାଦରେ ଗୋପ ଠାରୁ ବାଲିଘାଇ ପ୍ରାୟ ୧୬ କିମି ରାସ୍ତା ପିଚୁ ଏବଂ ସିମେଣ୍ଟ, କଂକ୍ରିଟ କାର୍ଯ୍ୟ କରାଯାଇଥିଲା। ମାତ୍ର ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ଏଥିପ୍ରତି କେହି ଦୃଷ୍ଟି ନଦେବାରୁ ସମ୍ପୃକ୍ତ ଠିକାଦାର ତାର ମନଇଛା କାର୍ଯ୍ୟ କରି ଛୁ ମାରିଥିଲା। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଚୁକ୍ତି ଅନୁଯାୟୀ ହୋଇ ନଥିବା ଅଭିଯୋଗ ହୋଇଛି। ଯାହାର ଫଳ ସ୍ୱରୂପ ଏହି ରାସ୍ତାରେ ଏବେ ଦେଖା ଦେଇଥିବା ଦୁର୍ଦ୍ଦଶା ଗୋପ ଅଂଚଳବାସୀ ଭୋଗିବାକୁ ଯାଉଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଥିବା ବେଳେ ଫାଟି ଆଁ କରିଛି। ସେହିପରି କାର୍ଯ୍ୟର ୮ଦିନ ନପୁରୁଣୁ ଫାଟ ସୃଷ୍ଟି କରିଥିବା ଗୋପ ମାଟିଆଖାତ ନିକଟସ୍ଥ ରାସ୍ତାକୁ ନେଇ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଆଜି ଉକ୍ତ ସ୍ଥାନ ଖୋଳଯାଇ ପ୍ୟାଚ ହେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ରାସ୍ତାଟି କଟକରୁ ସିଧାସଳଖ ପୁରୀକୁ ସଂଯୋଗ କରୁଥିବା ବେଳେ ଏହା ଉପରେ ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ପ୍ରତ୍ୟହ ହଜାର ହଜାର ପର୍ଯ୍ୟଟକ ନିର୍ଭର କରୁଥିବା ବେଳେ ଯାତାୟତ ନିମନ୍ତେ ହଜାରହଜାର ସ୍ଥାନୀୟ ଜନସାଧାରଣ ମଧ୍ୟ ନିର୍ଭର କରିଥାନ୍ତି। ମାତ୍ର ୮ କୋଟି ଟଙ୍କା ବ୍ୟୟବରାଦରେ ହୋଇଥିବା ଏହି ନିମ୍ନମାନର କାର୍ଯ୍ୟକୁ ନେଇ ଜନସାଧାରଣ ସହଜରେ ହଜମ କରିପାରୁନାହାଁନ୍ତି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଲୋକଲୋଚନକୁ ଆସିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।





# ଆମ କଳାହାଣ୍ଡି



# ଅନ୍ତରାଷ୍ଟ୍ରୀୟ ଜୈବ ବିବିଧତା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିନରେ ଥିବା ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ ମାଲଗାଁ ଗ୍ରାମ ପଂଚାୟତର କନ୍ଧ ବାନ୍ଦୋପଲା ଠାରେ ଅନୁଷ୍ଠିତ ହୋଇଥିଲା ଅନ୍ତରାଷ୍ଟ୍ରୀୟ ଜୈବ ବିବିଧତା ଦିବସ-୨୦୨୫। କଳାହାଣ୍ଡି ଏଜେନସି ଫର୍ ଏନଭାରମେଣ୍ଟ ଏଣ୍ଡ୍ ୱାଇଲଡ ଲାଇଫ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଲଗାଁ ଗ୍ରାମପଂଚାୟତର ପୂର୍ବତନ ସରପଞ୍ଚ ଘାସିରାମ ରଣା, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ନାୟକ, ସମାଜସେବୀ ରଥ ଦୁରିଆ, ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଓ ସ୍ଥାନୀୟ ବରିଷ୍ଠ ନାଗରିକ ଦାମୋଦାର ମହାରଣା ପ୍ରମୁଖ ମଂଚାସୀନ ହୋଇ ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ଅନ୍ତଃରାଷ୍ଟ୍ରୀୟ ଜୈବ ବିବିଧତା ଦିବସର ବିଷୟ 'ପ୍ରକୃତି ସହିତ ସମନ୍ୱୟ ଓ ନିରନ୍ତର ବିକାଶ' ଶୀର୍ଷକ ଉପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣାର ଛାତ୍ରୀ କୁମାରୀ ତୃପ୍ତିମୟୀ ଦୁରିଆ ଜୈବ ବିବିଧତା ସମ୍ପର୍କିତ ଉଚ୍ଚକୋଟୀର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ନିମନ୍ତ୍ରିତ ଅତିଥିମାନେ ପ୍ରକୃତି ସହିତ କିଭଳି ସମନ୍ୱୟ ରକ୍ଷାକରି ଦେଶ ଓ ଜାତିର ନିରନ୍ତର ବିକାଶ କରିହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍ଭିଦ ଓ ପ୍ରାଣୀ ଜଗତର ବିଲୁପ୍ତ ପ୍ରାୟ ପ୍ରଜାତିକୁ କିପରି ସୁରକ୍ଷା ଦିଆଯାଇପାରିବ ତାହା ଉପରେ ବକ୍ତାମାନେ ଅଧିକ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଥିଲା। ବିଶେଷ ଭାବରେ ଆଜିର ଯୁବପୀଢ଼ିକୁ ସତର୍କ କରି ଆଗାମୀ ଦିନର ନୂତନ ପୀଢ଼ି ପାଇଁ କିଛି ସ୍ୱଚ୍ଛ ପରିବେଶକୁ ସାଇତି ରଖିବାକୁ ବକ୍ତାଗଣ ମତାମତ ରଖିଥିଲେ। ଅନ୍ତଃରାଷ୍ଟ୍ରୀୟ ଜୈବ ବିବିଧତା ଦିବସ ଅବସରରେ ଅନୁଷ୍ଠିତ ଜନ ସଚେତନତା ସଭାରେ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମା ମାନେ ଭାଗ ନେଇ ଯଥା ଶୀଘ୍ର ଏହି କାର୍ଯ୍ୟକ୍ରମକୁ ଲାଗୁକରିବା ଓ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ପ୍ରକୃତିବନ୍ଧୁ ଡୋଳାମଣୀ ସାହୁ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ରଶ୍ମିତା ବ୍ଲକ ଟପ୍ପର

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : ଯୁକ୍ତ ଦୁଇ କଳା ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ରଶ୍ମିତା ରଣା ବ୍ଲକ ଟପ୍ପର ହୋଇଛନ୍ତି। ବୁଧବାର ଖବର ପ୍ରକାଶ ପାଇବା ପରେ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ରଶ୍ମିତା ରିଷିଡା ଜେ. କେ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଅଟନ୍ତି। ସେ ୫୧୯ ମାର୍କ ରଖି ବ୍ଲକ ଟପ୍ପର ହୋଇଥିବା ଜଣାପଡିଛି। ରଶ୍ମିତା ରିଷିଡା ନିବାସୀ ରାମ ଚନ୍ଦ୍ର ରଣା ଓ ପଦ୍ମାବତୀ ରଣାଙ୍କ ଝିଅ ଅଟନ୍ତି। ତାଙ୍କର ସଫଳତା ପାଇଁ ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର ୨୩୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୩ ଜଣ ପ୍ରଥମ ଶ୍ରେଣୀ,୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

# ପିଲାଙ୍କ ଉତ୍ତମ ଭବିଷ୍ୟତ ପାଇଁ ଆଲୋଚନାଚକ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିବା ପରେ ସଂପ୍ରତି ଡଃ. ଦୀନକୃଷ୍ଣ ଯୋଷୀ ଯୋଗଦାନ କରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ ସମୟରେ ବିଦ୍ୟାଳୟରେ ଗାୟତ୍ରୀ ହୋମଯଜ୍ଞ କରାଯାଇଥିବା ଜଣାପଡିଛି। ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ ସମୟରେ ବିଦ୍ୟାଳୟ କାର୍ଯ୍ୟାଳୟରେ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ବିଦ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ମଶାଳାରେ ୫ଜଣ ମେଧାବୀ ଛାତ୍ରୀଙ୍କୁ ଆଗାମୀ ୨୦୨୬ ମସିହା ମାଟ୍ରିକ ବୋର୍ଡ ପରୀକ୍ଷାରେ ଗ୍ରେଡ ଏ ୱାନ ଯେପରି ପାଇ ପାରିବେ ସେ ନେଇ ଉପସ୍ଥିତ ବୁଦ୍ଧିଜିବୀଙ୍କ ମଧ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଟାଉନ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ଗୋରେଖ ନାଥ ସାହୁ, ମୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅମରେଶ ନେଗୀ, ପୋଲିସ ହାଇ ସ୍କୁଲ୍ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ପଣ୍ଡା, କର୍ଲାମୁଣ୍ଡା ବି ଇ ଓ ବାଞ୍ଛାନିଧି ପଣ୍ଡା, ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡ, ଅବସରପ୍ରାପ୍ତ ଆଇ.ପି. ମହେନ୍ଦ୍ର ପଣ୍ଡା, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଧୀରେନ୍ଦ୍ର ପଣ୍ଡା, ପ୍ରଧାନ ଶିକ୍ଷକ ମନୋଜ ବେହେରା, ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ସାମ୍ବାଦିକ ସନ୍ତୋଷ ପ୍ରଧାନ, ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଶ୍ରୀକାନ୍ତ ଦାଶ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ କର୍ମଶାଳାରେ ଉପସ୍ଥିତ ରହି ଆଗାମୀ ୨୦୨୬ ମସିହା ମାଟ୍ରିକ୍ ବୋର୍ଡ ପରୀକ୍ଷାରେ କିପରି ଅଧିକରୁ ଅଧିକ ଗ୍ରେଡ ଏ ୱାନ ପାଇ ପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ଡଃ. ଯୋଷୀ ଓ ବିଇଓ ଶ୍ରୀ ଶବର ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଶିକ୍ଷୟତ୍ରୀ ନିଳିମା ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

ଧର୍ମଗଡ (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲାରେ ରବି ଚାଷ ଧାନ କ୍ରୟ ପାଇଁ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନର ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଥିବା ବେଳେ ଧର୍ମଗଡ଼ ବ୍ଲକ ନନ୍ଦଗାଁ ମଣ୍ଡିର ଶୁଭ ଉଦ୍‌ଘାଟନ ଗୁରୁବାର ଦିନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ଭାବନୀ ଶଙ୍କର ବଣିଆ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନନ୍ଦଗାଁ କୃଷି ସେବା ସମବାୟ ସମିତିର ସଭାପତି ଖଗେଶ୍ୱର ବଣିଆ, ଫ୍ୟାକ୍ସ ନିର୍ବାହୀ ଅଧିକାରୀ ମନୋଜ ବଣିଆ, ନୋଡାଲ ଅଧିକାରୀ ସୁଶାନ୍ତ ପଣ୍ଡା, ଆର୍‌ଏମ୍‌ସି କର୍ମଚାରୀ ଅନନ୍ତ ଖଡିକାର ପ୍ରମୁଖ ଉପସ୍ଥିତ ରହିଥିଲେ। ନନ୍ଦଗାଁ ଫ୍ୟାକ୍ସରେ ମୋଟ ୯ଶହ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡିଛି। ଏହି ଉଦ୍‌ଘାଟନ ଉତ୍ସବରେ ଫ୍ୟାକ୍ସ ଅନ୍ତର୍ଗତ ଅନେକ ଚାଷୀ ଉପସ୍ଥିତ ରହିଥିଲେ। ଚଳିତ ରବି ଚାଷ ଧାନ ସଂଗ୍ରହକୁ ଶାନ୍ତି ଶୃଙ୍ଖଳିତ ଭାବେ ପରିଚାଳନା ହେବା ଆଶା ରଖିଥିବା ଫ୍ୟାକ୍ସ ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



---

ଜୁନାଗଡ଼ (ଭାସ୍କର ନ୍ୟୁଜ),କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରଭାଟି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶଙ୍କର ନାଏକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟା ଅହଲ୍ୟା ମଲ୍ଲିକ, ବରିଷ୍ଠ ଚାଷୀ ପ୍ରମୋଦ ନାଏକଙ୍କ ସହ ଚାଷୀ ଯୋଗେନ୍ଦ୍ର ପୁଝରୀ, ଧାନ କ୍ରୟ କରୁଥିବା ନବୋଦୟ ମହିଳା ସମିତିର ସଭାପତି ମମତା ନାଏକ, ସମ୍ପାଦିକା ସୁଶୀଳା ମାଝୀ ଓ ସମସ୍ତ ସଦସ୍ୟାଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନରେ ସାମିଲ ହୋଇଥିଲେ।



# ବିପଦକୁ ଆମନ୍ତ୍ରଣ କରୁଛି ରାସ୍ତା ମଝିରେ ଥିବା ବିଦ୍ୟୁତ ଖୁଣ୍ଟ

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ପୁଣି ବିଦ୍ୟୁତ ବିଭାଗର ଅଣଦେଖା ଲୋକଲୋଚନକୁ ଆସିଛି। ଏକ ବିଦ୍ୟୁତ ଖୁଣ୍ଟ ରାସ୍ତା ମଝିରେ ଥିବା ନେଇ ବିଭାଗ ପ୍ରତି ପ୍ରଶ୍ନ ଉଠିଛି। ବଦବସୁଲ-ଛୋରିଆଗଡ଼ ଯିବା ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଥିବା ଯୋଗୁଁ ବିପଦକୁ ଆମନ୍ତ୍ରଣ କରୁଥିବା ପରିଲକ୍ଷିତ ହେଉଛି। ଦୈନନ୍ଦିନ ଶହ ଶହ ଗାଡି ମଟର ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ। ଏହି ପିଚୁ ରାସ୍ତା ଦେଇ ଦ୍ରୁତବେଗରେ ଗାଡି ମଟର ଯାତାୟାତ କରୁଛି। କେତେବେଳେ ଯେ କିଛି ଅଘଟଣ ଘଟି ଯିବ ତାହା ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକ ବାରମ୍ବାର ବିଦ୍ୟୁତ ବିଭାଗକୁ ଅବଗତ କରାଇଥିଲେ ବି ବିଭାଗ ନିରବ ସାଜିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି। ଇତି ପୂର୍ବରେ ଅନେକ ମଟର ସାଇକେଲ ଆରୋହି ବିଦ୍ୟୁତ ଖୁଣ୍ଟ ଧକା ଖାଇ ଗୁରୁତର ହୋଇଥିବା ଜଣାପଡେ। ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ ଖୁଣ୍ଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି।



# ରୋଗୀ କଲ୍ୟାଣ ସମିତିର ବୈଠକ

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ପର୍ଲା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ରୋଗୀ କଲ୍ୟାଣ ସମିତିର ବର୍ଷ ବର୍ଷ ଧରି ବୈଠକ ହେଉ ନ ଥିବା ଖବର ଓଡିଶା ଭାସ୍କରରେ ପ୍ରସାରଣ ହୋଇଥିଲା। ଏହାର ପ୍ରଭାବରେ ଶେଷରେ ବୁଧବାର ଦିନ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟାଳୟ ଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ବିଧାୟକଙ୍କ ଉପସ୍ଥିତି ଅଧିକାରୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଗତ ବର୍ଷ ମାନଙ୍କରେ ହୋଇଥିବା ସରକାରୀ ଅର୍ଥର ବ୍ୟୟବରାଦ ବିବରଣୀ ଚିକିତ୍ସା ଅଧିକାରୀ ଉପସ୍ଥାପନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଉନ୍ନୟନ କାମ ଗୁଡିକର ସମୀକ୍ଷା କରାଯାଇଥିଲା। ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇ ଏହାର ଆବଶ୍ୟକ ମୁତାବକ କାର୍ଯ୍ୟ ସବୁ କରିବାକୁ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ନିର୍ଦ୍ଦେଶ ଦେଇଥିଲେ। ନିଜ ଫଣ୍ଡରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଭୋଲଟେଜ ଡିଜି ଯୋଗାଇ ଦେବାକୁ ବୈଠକରେ ପ୍ରକାଶ କରିଥିଲେ। ଏତତ ବ୍ୟତୀତ ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ସରକାରୀ ଅର୍ଥର ସଠିକ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନେକ ଭିତ୍ତିଭୂମିର ଆବଶ୍ୟକ ରହିଛି। ଏଥି ସହ ଡାକ୍ତର ଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଶୁନ୍ୟତାକୁ ନେଇ ସମାଲୋଚନା ହୋଇଆସୁଛି। ଅନ୍ୟପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେସିନ, ରକ୍ତ ଭଣ୍ଡାର ବ୍ୟତୀତ କର୍ମଚାରୀ ମାନଙ୍କ ବାସଗୃହ ଆଦିର ଆବଶ୍ୟକ ଥିବା ବୈଠକରେ ଆଲୋଚନା ହୋଇଥିଲା। ପର୍ଯ୍ୟାୟ କ୍ରମେ ସରକାରୀ ଅର୍ଥରେ ବିଭିନ୍ନ ଉନ୍ନୟନ କାମ କରିବାକୁ ସହମତି ପ୍ରକାଶ ପାଇଥିଲା। ବୈଠକରେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ସମେତ ଚିକିତ୍ସା ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଶିଶୁ ବିକାଶ ଯୋଜନା ଅଧିକାରୀ ଧରିତ୍ରୀ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ, ଏନ୍‌ଏସି ଅଧକ୍ଷ ଅଶୋକ ମହାନ୍ତି, ପର୍ଲା ଗ୍ରାମ ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ପ୍ରବୀଣ ଦାସ, ସ୍ୱାସ୍ଥ୍ୟ ଅଧିକାରୀ ଦେବଦତ୍ତ ପଣ୍ଡା, ବିଭୁତି ଭୂଷଣ ନାଏକ, ଜଳ ଯୋଗାଣ ଯନ୍ତ୍ରୀ ସରୋଜ ମାଝୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଦୀପକ ବେହେରା, ଜଣ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ନିଳାଞ୍ଚଳ ପଣ୍ଡା, ଫାର୍ମାସି ଅଧିକାରୀ ଯଶୋବନ୍ତ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।




# ଅପରେସନ 'ସିନ୍ଦୁର'ର ସମ୍ମାନ ପୂର୍ବକ ପରାକ୍ରମ ଶୋଭାଯାତ୍ରା

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଗତମାସ ଅପ୍ରେଲ ୨୨ ତାରିଖରେ ହୋଇଥିବା କାଶ୍ମୀରର ପହଲଗାମ୍ ଠାରେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାରେ ପାକିସ୍ତାନ ଉପରେ କଡା କାର୍ଯ୍ୟାନୁଷ୍ଠାନ ନେଇଥିଲା ଭାରତ। ଅପରେସନ 'ସିନ୍ଦୁର' ଜରିଆରେ ମେ ୭ରେ ଭାରତର ସୈନ୍ୟମାନେ ଆକ୍ରମଣ କରି ପାକିସ୍ତାନ ଭିତରେ ପଶି ୯ଟି ଆତଙ୍କବାଦୀ ଆଡଡାସ୍ଥଳୀ ଧ୍ୱଂସ କରିବା ସହ ୧୦୦ ଜଣ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ଏହାପରେ ୯ ଓ ୧୦ ତାରିଖରେ ସୈନ୍ୟମାନେ ପାକିସ୍ତାନର ବିଭିନ୍ନ ସହର ଭିତରେ ପଶି ୧୧ ଟି ଏୟାରବେସ୍ ଉପରେ ହମଲା କରି ଧ୍ୱଂସବିଧ୍ୱଂସ କରିବା ସହ କେତେକ ଲଞ୍ଚପ୍ୟାଡ ଗୁଡିକୁ ମାଟିରେ ମିଶାଇ ଦେଇଥିଲା। ଏଥିରେ ଭୟଭୀତ ହୋଇ ପାକିସ୍ତାନ ୪ ଦିନ ଭିତରେ ଆମେରିକାର ଶରଣରେ ପଶି ଅସ୍ତ୍ରବିରତି କରିଥିଲା। ତେଣୁ ସମଗ୍ର ଭାରତବର୍ଷ ସୈନ୍ୟବାହିନୀର ସଫଳତାରେ ଶତମୁଖର ହୋଇ ପାଳନ କରିଥିଲା ତ୍ରିରଙ୍ଗା ଶୋଭାଯାତ୍ରା। ଏହି ପରିପ୍ରେକ୍ଷୀରେ କେସିଙ୍ଗା ନଗର କମିଟୀ ସଭାପତି ପିଙ୍କୁ ପରିଡାଙ୍କ ଆବାହକତ୍ୱରେ ୨୨ତାରିଖ ସକାଳେ କେସିଙ୍ଗା ଏନଏସି ଅନ୍ତର୍ଗତ ବୋରିଙ୍ଗପଦର ଠାରୁ ନୂତନ ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଅନ୍ୟତମ ଅତିଥି ଭାବେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଏନଏସି ଅଧକ୍ଷ ନୃପରାଜ ଯାଦବ, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ଏସଡିପିଓ, ଆଇଆଇସି ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ ଦେଶପ୍ରେମୀମାନେ ଯୋଗ ଦେଇ ହାତରେ ତ୍ରୀରଙ୍ଗା ଧରି ଭାରତମାତାର ଜୟଗାନ କରିଥିଲେ।

# ନୂତନ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ ବ୍ଲକ ପାହାଡ଼ପଦର ପଞ୍ଚାୟତ କାର୍ଯ୍ୟାଳୟରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ପୂର୍ବତନ ବ୍ଲକ ଉପାଧକ୍ଷ ତଥା ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆ ପ୍ରମୁଖ ଯୋଗ ଦେଇଥିଲେ। ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଦିତ୍ୟ ନାରାୟଣ ସାହୁ, ନାଏବ ସରପଞ୍ଚ ବିଦୁଲତା ବିଭାର, ଯୋଗାଣ ସହାୟକ ଲିଙ୍ଗରାଜ ଦୁର୍ଗା ପ୍ରମୁଖ ପରିଚାଳନା କରିଥିଲେ। ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା, ମିଶନଶକ୍ତିର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପାହାଡ଼ପଦର ପରି ବ୍ଲକର ଉପାନ୍ତ ଅଞ୍ଚଳରେ ଏହି ନୂତନ ମାର୍କେଟ କମ୍ପ୍ଲେକ୍ସ ସ୍ଥାପନ ଦ୍ୱାରା ଅଞ୍ଚଳର ଛୋଟମୋଟ ବ୍ୟବସାୟୀ ଓ ଦୋକାନୀ ତଥା ଚାଷୀ ଉପକୃତ ହେବେ ଏବଂ ବଜାର ବ୍ୟବସ୍ଥା ପାଇଁ ପଥ ସୁଗମ ହେବ ବୋଲି ମତ ପ୍ରକାଶ ପାଇଛି। ସେହିପରି ପଞ୍ଚାୟତ ଅନୁଦାନ ଦ୍ୱାରା ନିର୍ମିତ ଏହି ମାର୍କେଟ କମ୍ପ୍ଲେକ୍ସ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପାଇଁ ସ୍ଥାୟୀ ଆୟର ଉତ୍ସ ଭାବେ ପରିଗଣିତ ହେବ ବୋଲି ସୂଚନା ମିଳିଛି।

## ବିଦ୍ୟୁତ ତାର ଛିଣ୍ଡି ୨ ବଳଦଙ୍କ ମୃତ୍ୟୁ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ବ୍ଲକ ବାତେଲିମା ପଞ୍ଚାୟତ ବୋରିଂପଦର ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବୋରିଂପଦର ଗାଁର କମଲୁ ମାଝୀ ଓ ଡମ୍ବ ମାଝୀଙ୍କ ଦୁଇଟି ବଳଦ ବୋରିଂପଦର ନିକଟସ୍ଥ ପିପଲପଡାର ଏକ ପଡିଆରେ ଚରୁଥିବାବେଳେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଘଟଣାସ୍ଥଳରେ ହିଁ ଦୁଇ ବଳଦଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଖବର ପାଇ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବାବେଳେ ପୋଲିସ ନିକଟରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଉଭୟ ବଳଦ ମାଲିକଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି।

## ଭାରତ ମାତା କି ଜୟ ଧ୍ୱନୀରେ କମ୍ପିଲା ସହର

ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ପ୍ରତିଷ୍ଠାକୁ ବଜାଇ ରଖିବା ପାଇଁ ଭାରତୀୟ ସେନାର ଅକ୍ଳାନ୍ତ ପରିଶ୍ରମ, ତ୍ୟାଗ, ବଳିଦାନ ଓ କର୍ତ୍ତବ୍ୟ ନିଷ୍ଠା ଅତୁଳନୀୟ। ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତର ବୀର ସୈନିକ ମାନଙ୍କ ସଫଳତା ଓ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ଧର୍ମଗଡ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଅପରେସନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ନେତୃତ୍ୱରେ କାଶିବାହାଲ ଠାରୁ ଆରମ୍ଭ ହୋଇ ପର୍ଲା -ଆମ୍ବଗୁଡା, ଘୁମର ବୋଡ଼େନ, ବଡ଼ ଫୁରଲା, ଖଇରପଦର ଦେଇ ଧର୍ମଗଡ଼ ସହର ମଧ୍ୟରେ ପରିସମାପ୍ତି ଘଟିଥିଲା। ପର୍ଲା ଠାରେ ସରପଞ୍ଚ ବ୍ରିଜଲାଲ ନାଏକ ଓ ଗ୍ରାମବାସୀ ତଥା ବିଜେପି ମଣ୍ଡଳ ସଭାପତି କାର୍ଯ୍ୟକ୍ରମକୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏଠାରେ ବିଧାୟକ ନିଜ ସମ୍ବୋଧନରେ ବୀର ସୈନିକଙ୍କ ପରାକ୍ରମ ଓ ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ସେହି ସଫଳତା ଓ ସୈନିକଙ୍କ ବିରତ୍ୱକୁ ସମ୍ମାନ ଦେବା ଉଦେଶ୍ୟରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଧର୍ମଗଡ ଏନ ଏ ସି-ଅଧକ୍ଷ ଅଶୋକ ମହାନ୍ତି, ଜନ୍ମେଜୟ ନାଏକ, ମନୀନ୍ଦ୍ର ପାତ୍ର, ଟିକେ ରାମ ସାହୁ, ମମତା କସାପ, ସୁକାନ୍ତି ସା, ହେମନ୍ତ ମାଝୀ, ହିମାଂଶୁ ପଣ୍ଡା, ରଂଜିତ ପଣ୍ଡା, ଝଷକେତନ ପାଢ଼ୀ, ସେତୁରାମ ଭକ୍ତ, ସୁଧୀର ଗୋପାଳ ପ୍ରମୁଖ ସମେତ ଶହ ଶହ କର୍ମକର୍ତ୍ତା ସାମିଲ ହୋଇ ପରାକ୍ରମ ବାଇକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ରାଶିଫଳ

**ଶୁକ୍ରବାର, ୨୩ ମଇ ୨୦୨୫**



**ମେଷ:** ଚାକିରୀ କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ। ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ, ଅନାବଶ୍ୟକ ଖର୍ଚ୍ଚ ବଢିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ। ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ। ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ। କାର୍ଯ୍ୟରେ ଅଳ୍ପ ସମୟ ରହିପାରେ।



**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ। ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ,, ଯାହା ଲାଭଦାୟକ ହେବ। ପରିବାର ସହିତ ଏକ ଖୁସିର ଦିନ ବିତାଇବ। ପିକନିକ୍ କିମ୍ବା ଅନ୍ୟ କୈଣସି କାର୍ଯ୍ୟକଳାପ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଗଠିତ ହୋଇପାରିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ। ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ। ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ। ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ କରିବ। ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ। ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ।



**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ। ବ୍ୟବସାୟରେ ଲାଭଜନକ କାରବାର ହେବ। ନୂତନ ବିନିଯୋଗ ସୁଯୋଗ ମିଳିବ। ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ।



**ମକର:** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ। ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ। ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ। ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯